

ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମଇ ୨୦୨୩

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-2 • Issue-3 • May 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

**ISSN : 2583-5270, RNI Regd. No. : ODIODI/2022/81590**

ଭାଗ-୨ • ସଂଖ୍ୟା-୩ • ମଇ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ପୁସ୍ତକ ଉନ୍ମୋଚନର ଋତୁ (ସଂପାଦକୀୟ) | ୦୩ |
| ଓଡ଼ିଆ ବର୍ଣ୍ଣମାଳା ଓ ବର୍ଣ୍ଣଜ୍ଞାନ (ପ୍ରବନ୍ଧ) : ଉଦୟନାଥ ସାହୁ | ୦୫ |
| ଶ୍ରଦ୍ଧାଞ୍ଜଳି (ଗଳ୍ପ) : ପରେଶ କୁମାର ପଟ୍ଟନାୟକ | ୧୦ |
| ପାଠକ କେଉଁଠି ମିଳିବେ ? (ରମ୍ୟରଚନା) : ଅଭୟ ଦାଶ | ୧୪ |
| କବି ଓ କବିତାର କଥା (ପ୍ରବନ୍ଧ) : ବ୍ରହ୍ମାନନ୍ଦ ବିଶ୍ୱାଳ | ୧୬ |
| ଏଣ୍ଟିବଡ଼ିଜ୍ (ଅନୁବାଦ ଗଳ୍ପ) : କନକ ମଂଜରୀ ପଟ୍ଟନାୟକ | ୨୨ |
| ଓଡ଼ିଆ ନବ ନାଟ୍ୟ ଆନ୍ଦୋଳନ (ପ୍ରବନ୍ଧ) : ରମାକାନ୍ତ ନାୟକ | ୨୫ |
| ବର୍ଷୀୟାନ୍ ଲେଖିକା ବନଜ ଦେବୀଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) | ୩୦ |
| ପଦ୍ମବନର କଇଁ (ଗଳ୍ପ) : ପ୍ରଫୁଲ୍ଲ ବାରିକ | ୩୪ |
| ମହା ସାବିତିରୀ ବରତ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୭ |
| ରସ ସର୍ଜନାର ବୈଜ୍ଞାନିକ ଦିଗ (ପ୍ରବନ୍ଧ) : ଦୁର୍ଯ୍ୟୋଧନ ଦାସ | ୪୧ |
| କଳିଙ୍ଗ ଷଣ୍ଢଙ୍କ ହାବୁଡରେ ଦିନେ (ଅନୁଭୂତି) : ଭାବଗ୍ରାହୀ ବଳ | ୪୪ |
| ମରମରେ ପ୍ରାସ, କଲମରେ ହସ (ପ୍ରବନ୍ଧ) : ନିଖିଳାନନ୍ଦ ପାଣିଗ୍ରାହୀ | ୪୬ |
| ଚଉପଦୀ : ନିଦାଘ (କବିତା) : ହରିଶ୍ଚନ୍ଦ୍ର ବେହେରା | ୫୦ |
| ପିଲାଙ୍କ ସାହିତ୍ୟ ଓ ଶିଶୁବୋଧ (ପ୍ରବନ୍ଧ) : ଦାଶ ବେନହୁର | ୫୧ |
| ଦୁଇଟି ମିନିଗପ (ଗଳ୍ପ) : ହରେକୃଷ୍ଣ ସାହୁ | ୫୫ |
| ପଦାବଳୀ ସାହିତ୍ୟରେ ଭାଷାର ସ୍ୱରୂପ (ପ୍ରବନ୍ଧ) : ହିମାଦ୍ରୀ ତନୟା ମିଶ୍ର | ୫୬ |
| ସ୍ମୃତି ତୁମେ (କବିତା) : ସ୍ୱୟଂଶ୍ରୀ ପଣ୍ଡା | ୬୦ |
| ସମୁଦ୍ର ତଳର ନିଆଁ (ଗଳ୍ପ) : ସାଗରିକା ପାଣିଗ୍ରାହୀ | ୬୧ |
| କୁନିବଣିର ବୁଦ୍ଧି (ଶିଶୁ ଗଳ୍ପ) : ପ୍ରେମାନନ୍ଦ ନାୟକ | ୬୪ |
| ରାତି ପାହିଲେ ସକାଳ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଅଭ୍ୟୁକ୍ରୋଶନ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |


# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ଏକ ସାହିତ୍ୟଭିତ୍ତିକ ପତ୍ରିକା ହୋଇଥିବାରୁ ମୋର ପଢ଼ିବା ପାଇଁ ଭାରି ଇଚ୍ଛା। ଏହି ପତ୍ରିକାରେ ନୂଆ ନୂଆ ପ୍ରକାର ବିଶ୍ଳେଷଣାତ୍ମକ ଲେଖାଗୁଡ଼ିକ ପ୍ରକାଶ ପାଇଥାଏ। ତେଣୁ ମୁଁ ସବୁବେଳେ ଏହି ପତ୍ରିକାର ନୂଆ ସଂସ୍କରଣକୁ ଅନାଇ ବସିଥାଏ। ନୂଆ ପତ୍ରିକା ପହଞ୍ଚିବା କ୍ଷଣି ମୋର ଜଣେ ବନ୍ଧୁ ମୋ ପାଖକୁ ଫୋନ କରି କୁହନ୍ତି ତୁମର ପ୍ରିୟ ପତ୍ରିକା ଆସିଗଲାଣି। ମୁଁ ତୁରନ୍ତ ଭୁବନେଶ୍ୱରର ପୁରୁଣା ବସଷ୍ଟାଣ୍ଡରେ ଥିବା ତପନ ବୁକ୍ ଷ୍ଟୋରକୁ ଯାଇ ପତ୍ରିକା ସଂଗ୍ରହ କରିଥାଏ। ଆଉ ସେହିଦିନ ପଢ଼ା ଶେଷ କରିଦିଏ । ଏପ୍ରିଲ ମାସରେ ଏହି ପତ୍ରିକା ପାଇବାରେ ମାତ୍ର ମୋର ଗୋଟିଏ ଦିନ ବିଳମ୍ବ ହୋଇଗଲା, କାରଣ ମାର୍ଚ୍ଚ ମାସ ଶେଷ ବେଳକୁ ତପନ ବୁକ୍ ଷ୍ଟୋର ବନ୍ଦ ଥିଲା। ମୋତେ ଯେଉଁ ବନ୍ଧୁ ଖବର ଦିଅନ୍ତି ସେ ବି ଖବର ଦେଇ ନ ଥିଲେ। ମୁଁ ଏପ୍ରିଲ ୧ ତାରିଖ ଦିନ ଯାଇ ଦେଖିଲା ବେଳକୁ ପତ୍ରିକା ବଜାରକୁ ଆସିଯାଇଛି। ତପନ ଦୋକାନ ବନ୍ଦ ଥିବାରୁ ପାଖ ଦୋକାନ ନାରାୟଣୀ ଠାରୁ ଏହି ପତ୍ରିକା କିଣିନେଲି। 'ସାହିତ୍ୟ ଚର୍ଚ୍ଚା' ଦୀର୍ଘଜୀବି ହେଉ।

**ସସ୍ମିତାରାଣୀ ରାଉତ**
sasmitarani.rout20@gmail.com

'ଏପ୍ରିଲ ମାସର ସାହିତ୍ୟ ଚର୍ଚ୍ଚା ବହୁତ ମନଛୁଆଁ ହୋଇଛି। ଏଥିରେ ପ୍ରକାଶ ପାଇଥିବା ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'ଜୀବନ ସନ୍ଦେଶ' ବହୁତ ଆକର୍ଷଣୀୟ। ଲେଖକ ମହାଶୟ ସହରୀ ସଂସ୍କୃତିର ନିଚ୍ଛକ ସତକଥା ତାଙ୍କ ଲେଖାରେ ପ୍ରକାଶ କରିଛନ୍ତି। ତା' ଛଡ଼ା ସେ ବର୍ତ୍ତମାନ ସମାଜର ଚାଲିଚଳଣିକୁ ମଧ୍ୟ ଇଙ୍ଗିତ କରିଛନ୍ତି। ସେ ମଧ୍ୟ ଦର୍ଶାଇଛନ୍ତି ସମୟ ସବୁଦିନେ ସମାନ ଯାଏ ନାହିଁ। ସାହିତ୍ୟ ଚର୍ଚ୍ଚା ଏହିଭଳି ତାତ୍ତ୍ୱିକ ଲେଖା ପ୍ରକାଶ କରୁଥାଉ।

**ସ୍ମାରକ ସତ୍ୟପ୍ରକାଶ ଦାସ**
smaraksatyaprakashdas@gmail.com



ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଆପଣଙ୍କ ଏପ୍ରିଲ୍ ୨୦୨୩ ସଂଖ୍ୟାର ସମ୍ପାଦକୀୟଟି ଏକ ନୂତନ ବାର୍ତ୍ତା ଦେଉଛି। ଏହି ପତ୍ରିକାର ସମ୍ପାଦକୀୟ ସବୁବେଳେ କିଛି ନା କିଛି ନୂତନ ତଥ୍ୟ ଦେଇଥାଏ। ଏହା ନିଶ୍ଚୟ ସମସ୍ତଙ୍କୁ ଭଲ ଲାଗୁଥିବ ବୋଲି ମୋର ଆଶା ଓ ବିଶ୍ୱାସ। 'ସାହିତ୍ୟ ଚର୍ଚ୍ଚା' ସହିତ ଏବେ ବହୁ ବିଦ୍ୱାନ ଲେଖକ, କବି, ସାହିତ୍ୟିକ ଯୋଡ଼ି ହେବା ଫଳରେ ପତ୍ରିକାଟିର ମର୍ଯ୍ୟାଦା ବଢ଼ିବାରେ ଲାଗିଛି। ପତ୍ରିକାର ଏତେ କମ୍ କଳେବର ଭିତରେ ପ୍ରବନ୍ଧ, ଗଳ୍ପ, କବିତା, ଅନୁବାଦ ଗଳ୍ପ, ରମ୍ୟରଚନା, ସାକ୍ଷାତକାର, ବ୍ୟଙ୍ଗ, ଅନୁଭୂତି, ଶିଶୁଗଳ୍ପ ଓ ପୁସ୍ତକ ସମୀକ୍ଷା ଆଦି ବିଭାଗ ସ୍ୱକୀୟ ଗୁଣରେ ଉଦ୍ଭାସିତ ହେଉଛନ୍ତି। ଏ ସଂଖ୍ୟାରେ ବହୁ ଉନ୍ନତ ମାନର ଲେଖା ସ୍ଥାନିତ ହୋଇଥିବାରୁ ସମସ୍ତ ବର୍ଗର ପାଠକମାନଙ୍କ ମନକୁ ଛୁଇଁବ।

**କୃଷ୍ଣଚନ୍ଦ୍ର ରଥ**
krushachandrarath@gmail.com


'ସାହିତ୍ୟ ଚର୍ଚ୍ଚା' ଅପ୍ରେଲ ସଂଖ୍ୟାର ପ୍ରଚ୍ଛଦପଟ ବହୁ ମନଲୋଭା ହେଇଛି। ପ୍ରଫୁଲ୍ଲ କୁମାର ସାହୁଙ୍କ 'କବିତାର ସ୍ଥାପତ୍ୟରେ ଗାଆଁ' ପ୍ରବନ୍ଧରେ ଗାଁର ରୂପ ବଦଳିଗଲା ପରେ ମଧ୍ୟ କବି ଗାଁର ମୋହ ତୁଟେଇ ପାରେନି। ଅମ୍ବରୀଶ ଶତପଥୀଙ୍କ 'ମାଦଳାପାଞ୍ଜିର ନାମକରଣ ପ୍ରସଙ୍ଗ' ଓ ପ୍ରତୀଚୀ ନନ୍ଦଙ୍କ 'ଓଡ଼ିଆ ଗୋଇନ୍ଦା ଉପନ୍ୟାସର ସ୍ଥିତି' ଆଲୋଚନାକୁ ବିସ୍ତୃତ ଭାବରେ ପଢ଼ି ମନରେ ନୂତନ ତଥ୍ୟର ଧାରଣା ଆସିପାରିଲା। ଅଧ୍ୟାପକ ବିଶ୍ୱରଂଜନ ଓ ରବିନାରାୟଣଙ୍କ ଦୁଇଟି ମିନିଗଳ୍ପ ବେଶ୍ ମନଛୁଆଁ। ପତ୍ରିକାକୁ ଏତେ ସୁନ୍ଦର ଭାବେ ସଜ୍ଜୀକରଣ କରି ପାଠକଙ୍କ ନିକଟରେ ପହଞ୍ଚାଇବା ନିମିତ୍ତ ପ୍ରୟାସ କରିଥିବା ପତ୍ରିକାର ସମସ୍ତ ସହଯୋଗୀ ସଦସ୍ୟ ମାନଙ୍କ ନିକଟରେ ହୃଦୟରୁ କୃତଜ୍ଞତା।

**ବିଶ୍ୱରଞ୍ଜନ ମହାନ୍ତି**
mohantybiswa150@gmail.com

ସଂପାଦକୀୟ

# ପୁସ୍ତକ ଉନ୍ମୋଚନର ଋତୁ

ପ୍ରତ୍ୟେକ ଋତୁ ଧରାପୃଷ୍ଠରେ ଅବତରିତ ହେବାର ନିୟତ ଅବଧି ଥାଏ ଏବଂ କିଛି ଦିନ ଆମ ପର୍ଯ୍ୟାବରଣରେ ରାଜତ୍ୱ କରିବା ପରେ ତାହା ଅନ୍ତର୍ହିତ ମଧ୍ୟ ହୋଇଯାଇଥାଏ। କିନ୍ତୁ ଆମ ଓଡ଼ିଶା ଭୂଖଣ୍ଡରେ ଯେଉଁ ଋତୁଟି ଅପସରିବାର ନାମ ହିଁ ନେଉନାହିଁ ତା'ହେଲା ପୁସ୍ତକ ଉନ୍ମୋଚନର ଋତୁ। ଏହି ଋତୁଟି ଆମ ଏଠାରେ ଅବତରଣ କରିଛି ବିଶେଷତଃ କରୋନା କାଳ ଉପରାନ୍ତେ। ଆପଣମାନେ ଏହି ଅଜବ ଋତୁଟିକୁ ସହଜରେ ଆବିଷ୍କାର କରିପାରିବେ, ଆମ ରାଜ୍ୟର ସହରଠାରୁ ନେଇ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥିବା ଛୋଟରୁ ବଡ଼ ସଭାଗାରମାନଙ୍କରେ, ବିଶେଷ କରି ରାଜଧାନୀ ଭୁବନେଶ୍ୱରର ନାଭିକେନ୍ଦ୍ରରେ ବିରାଜିତ ରାଜଭବନରେ। ପୁସ୍ତକ ଉନ୍ମୋଚନ, ବିମୋଚନ ଅବା ଲୋକାର୍ପଣ - ଯେକୌଣସି ନାମରେ ତାହା ନାମିତ ହୋଇଯାଉ ନା କାହିଁକି, ଏମିତି କୌଣସି ଏକ ଦିନ ନାହିଁ ଯେବେ ଏମନ୍ତ ସଭାଟିମାନ ଆମ ରାଜ୍ୟର କେଉଁଠି ନା କେଉଁଠି ମଞ୍ଚସ୍ଥ ନ ହେଉଛି। ଆମ ସାହିତ୍ୟ ଦିନକୁ ଦିନ ରସାତଳଗାମୀ ହୋଇ ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ଆଶଙ୍କା ପ୍ରକାଶ କରୁଥିବା ନୈରାଶ୍ୟବାଦୀମାନଙ୍କ ପ୍ରତି ଏହା ଯେମିତି ଏକ ଚପେଟାଘାତ। ଯେଉଁ ରାଜ୍ୟରେ ବର୍ଷ ତମାମ ଶହ ଶହ ପୁସ୍ତକ ପ୍ରବଳ କରତାଳି ଓ କ୍ୟାମେରାର ଫ୍ଲାସଲାଇଟ୍ ମଧ୍ୟରେ ବିମୋଚିତ ହେଉଥାଆନ୍ତି ସେଠାରେ ବରଂ ସାହିତ୍ୟର ଏକ ସୁବର୍ଣ୍ଣ ଯୁଗ ଉପନୀତ ହୋଇଛି ବୋଲି ତ ନିଃସନ୍ଦେହରେ କୁହାଯାଇପାରେ !




ତଥାପି, କେଜାଣି କାହିଁକି, ଆମକୁ ଟିକିଏ ସନ୍ଦେହ ଘାରିଯାଏ। ସାହିତ୍ୟର ଏହି ସୁବର୍ଣ୍ଣ ଯୁଗଟିର ଅସ୍ତିତ୍ୱ ପୁସ୍ତକ ଉନ୍ମୋଚନ ସଭାର ସେହି କେତୋଟି ମାୟାଚ୍ଛନ୍ନ କ୍ଷଣ ଭିତରେ ହିଁ ସୀମିତ ନ ଥାଏ କି ? ମଞ୍ଚ ଉପରେ ଯେଉଁ ଗ୍ରନ୍ଥଟି ଉନ୍ମୋଚିତ ହୋଇ ମାଇକଧାରୀ ବକ୍ତାମାନଙ୍କର ପ୍ରଶଂସା-ବାଣୀରେ ପୋତି ହୋଇପଡିଥାଏ, ତାହା ସେହି ସଭା ଅନ୍ତେ ବାସ୍ତବ ଜଗତରେ ନିଜର ସାମାନ୍ୟତମ ପରିଚୟକୁ ବି ଜାହିର କରିବାକୁ ସମର୍ଥ ହୋଇଥାଏ କି ? ଉନ୍ମୋଚନ ଉତ୍ସବଟିର ଜାକଜମକ ଓ ଭୋଜନାଦିର ଆନନ୍ଦ ନେବା ପରେ ସେହି ହଲ୍ ର ଫାଟକରେ ପ୍ରଦର୍ଶିତ ହେଉଥିବା ବହିଟିର କେତୋଟି କପିକୁ ଅବା ଉପସ୍ଥିତ ଦେଖଣାହାରୀମାନେ କିଣିଥାଆନ୍ତି ? କିଣିବା ତ ଦୂରର କଥା, ସଭାସ୍ଥଳରୁ ଫେରିବାପରେ ସେମାନଙ୍କ ମଧ୍ୟରୁ କେତେଜଣ ଅବା ଅନ୍ତତଃ ମନେ ରଖିଥାଆନ୍ତି ଉନ୍ମୋଚିତ ହୋଇଥିବା ସେହି ବହିଟିର ନାମ ?

ସତ କହିବାକୁ ଗଲେ, କୌଣସି ବହିକୁ ଲୋକପ୍ରିୟ କରିବାରେ ଏଭଳି ଉନ୍ମୋଚନ ସଭାମାନଙ୍କର ଭୂମିକା ଏବେ ସନ୍ଦେହ ଘେରରେ। ଅନ୍ୟ ପକ୍ଷରେ, କୌଣସି ଉନ୍ମୋଚନ ସଭାର ଔପଚାରିକତା ବିନା, ସିଧାସଳଖ ବଜାରରେ ପହଞ୍ଚି ଅନେକ ବହି ପାଠକମାନଙ୍କ ଦ୍ୱାରା ଆଦୃତ ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ। ତଥାପି ଆଜିର ସଂଖ୍ୟାଧିକ ଲେଖକ ଓ ପ୍ରକାଶକ ଉନ୍ମୋଚନ ସଭାମାନଙ୍କର ମୋହରୁ ନିଜକୁ ମୁକ୍ତ କରିବାକୁ ଅକ୍ଷମ। ସେମାନଙ୍କ ଦୃଷ୍ଟିରେ ବହିଟି ଯେମିତି ସୃଜିତ ହୋଇଥାଏ, ପଠିତ ହେବାପାଇଁ ନୁହେଁ, ବରଂ କେବଳ ସଭାମଞ୍ଚରେ ଲୋକାର୍ପିତ ହେବାପାଇଁ। ଆଉ କିଛି କପି ଅବଶ୍ୟ ସଂରକ୍ଷିତ କରି ରଖାହୋଇଥାଏ ଏକାଡେମୀ ବା ସେଭଳି କୌଣସି ପୁରସ୍କାର ହେତୁ ବିଚାରକମଣ୍ଡଳୀଙ୍କ ନିକଟରେ ଦାଖଲ ହେବା ପାଇଁ। ଆଧୁନିକ ଡିଜିଟାଲ ମୁଦ୍ରଣ ବ୍ୟବସ୍ଥା ଏଭଳି ଏକ ଉଦ୍ଦେଶ୍ୟ ସାଧନ ପାଇଁ ବେଶ୍ ସହାୟକ ହୋଇଛି, ଯଦ୍ୱାରା କୌଣସି ବହିର ପଚାଶଟି ମାତ୍ର କପି ମୁଦ୍ରଣ କରି ମଧ୍ୟ ଏକ ବିଶାଳ ପ୍ରକାଶନର ଭ୍ରମ ସୃଷ୍ଟି କରାଯାଇପାରେ।

ଆମ ସାହିତ୍ୟ ଜଗତ ଏହି ଆତ୍ମ-ପ୍ରତାରଣାରୁ କେବେ ଯେ ମୁକ୍ତ ହେବ ସେହି ସୁଦିନକୁ ଅପେକ୍ଷା ରହିଲା।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*


# 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ ।



**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬


**ପ୍ରବନ୍ଧ**

# ଓଡ଼ିଆ ବର୍ଣ୍ଣମାଳା ଓ ବର୍ଣ୍ଣଜ୍ଞାନ



ପ୍ରଫେସର ଉଦୟନାଥ ସାହୁ

ଓଡ଼ିଆ ଭାଷାର ଲିପି, ବର୍ଣ୍ଣ ଓ ଅକ୍ଷରକୁ ନେଇ ବହୁ ପ୍ରବନ୍ଧ ପ୍ରକାଶିତ ହୋଇଛି ଏବଂ ବହୁ ଆଲୋଚନା ମଧ୍ୟ ହେଉଛି। କିନ୍ତୁ ବର୍ଣ୍ଣ ସମ୍ପର୍କରେ ଯେତେ ଆଲୋଚନା ହୋଇଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଆମେ ପହଞ୍ଚି ପାରିନାହେଁ। ଓଡ଼ିଆ ବ୍ୟାକରଣକାରମାନଙ୍କ 'ବର୍ଣ୍ଣମାଳା'କୁ ତୁଳନା କଲାବେଳେ ମଧ୍ୟ ସାବଧାନତାର ସହିତ ବିଚାର କରିବାକୁ ହୁଏ। ଭାଷାବିତ୍‌ମାନଙ୍କ ମତକୁ ନେଇ ଲିଖିତ ଓ ପ୍ରକାଶିତ ପୁସ୍ତକ ବା ପରିଚୟ ତାଲିକା ବା ତଥ୍ୟ ଫର୍ଦ୍ଦ ଦେଖିଲେ ଜଣାଯାଏ ଯେ ସର୍ବାଧିକ ବର୍ଣ୍ଣସଂଖ୍ୟା ୫୫ ଥିଲାବେଳେ ସର୍ବନିମ୍ନ ୩୪ ଅଛି। ବର୍ଣ୍ଣ ସଂଖ୍ୟା ସମ୍ପର୍କିତ ଏହି ଭିନ୍ନତା ବିଚାର କରିବାକୁ ହେବ। ପୁଣି ଓଡ଼ିଆ ଭାଷାର ବ୍ୟାକରଣ ଓ ଅଭିଧାନଗୁଡ଼ିକରେ ଏହି ଅକ୍ଷର ସଂଖ୍ୟା ଓ ଅକ୍ଷର କ୍ରମର ଭିନ୍ନତା ଦେଖିବାକୁ ମିଳେ। ତେବେ ଅନେକ ଭାଷାର ଉଚ୍ଚାରିତ ଧ୍ୱନିସମୂହ ଓ ବର୍ଣ୍ଣମାଳା ମଧ୍ୟରେ ସାରୂପ୍ୟ ରକ୍ଷା କରାଯାଇ ପାରିନାହିଁ। ଫଳରେ ଲେଖାପଢ଼ା କ୍ଷେତ୍ରରେ ବିଭ୍ରାଟ ଦେଖାଯିବା ସ୍ୱାଭାବିକ ଏବଂ ଏହା ହିଁ ବର୍ତ୍ତମାନ ଓଡ଼ିଆ ଭାଷା କ୍ଷେତ୍ରରେ ଦେଖିବାକୁ ମିଳେ। କୌଣସି ଧ୍ୱନିର ବିନା ସହାୟତାରେ ଏକାକୀ ଉଚ୍ଚାରିତ ହୋଇପାରୁଥିବା ବର୍ଣ୍ଣଗୁଡ଼ିକୁ 'ସ୍ୱରବର୍ଣ୍ଣ' ଏବଂ ସ୍ୱରଧ୍ୱନିର ସାହାଯ୍ୟ ବିନା ଏକାକୀ ଉଚ୍ଚାରିତ ହୋଇପାରୁ ନ ଥିବା ବର୍ଣ୍ଣଗୁଡ଼ିକୁ 'ବ୍ୟଞ୍ଜନ ବର୍ଣ୍ଣ' କୁହାଯାଏ।



ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଓଡ଼ିଆ ବର୍ଣ୍ଣମାଳା'ର ପରିଚୟ ମିଳିଥାଏ। ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣନା ଅଛି :

ଏକାକ୍ଷର ବ୍ରହ୍ମ ପ୍ରଣବ। ଶବଦ ରୂପୀ ବୀଜ ସର୍ବ ॥୭୪
ତାହାଙ୍କ ତହୁଁ ଉତପନ୍ନ। ଚଉଦ ଅକାରାଦି ବର୍ଣ୍ଣ ॥୭୫
ଚଉଦ ସ୍ୱର ଏ ବୋଲାନ୍ତି। ଏଭାବେ ଅକ୍ଷରର ଗତି ॥୭୬
କ କାର ଆଦି ଚଉତ୍ରିଂଶ। ବ୍ୟଞ୍ଜନ ଶବଦ ବିଶେଷ ॥୭୭
ଏ ସ୍ୱରମାନେ ବିଷ୍ଣୁରୂପ। ବ୍ୟଞ୍ଜନ ମାୟାର ସ୍ୱରୂପ ॥୭୮
ଏ ସର୍ବ ଅକ୍ଷର ମାତୃକା। ପ୍ରକୃତି ବଶ ଶଦ୍ଦ ଏକା ॥୭୯
ସ୍ୱରମାନେ ଦୀର୍ଘ ଯେ ହ୍ରସ୍ୱ। ପ୍ଳୁତ ନାମରେ ପରକାଶ ॥୮୦
ସନ୍ଧି ଅକ୍ଷର ଏ ବୋଲାଇ। ଏ କାର ଆଦି ଚାରି ଯେହି ॥୮୧
ପଚିଶ ବର୍ଣ୍ଣେ ପଞ୍ଚ ପଞ୍ଚ। ପାଞ୍ଚ ବର୍ଣ୍ଣରେ ବର୍ଗ ସଞ୍ଚ ॥୮୨
ଏ ଅନ୍ତେ ଅନ୍ତ୍ୟସ୍ଥ ଏ ଜାଣ। ଯ ର ଳ ବ ଏ ଚାରିବର୍ଣ୍ଣ ॥୮୩
ଶଷସହ ଏ ଚାରି ବର୍ଣ୍ଣ। ଉଷ୍ମ ବର୍ଣ୍ଣରେ ବିଦ୍ୟମାନ ॥ ୮୪
ବିନ୍ଦୁ ଅନୁସାର ବୋଲାଇ। ସେ ବିନ୍ଦୁ ଯେବେ ଦୁଇ ହୋଇ ॥ ୮୫
ବିସର୍ଗ ନାମ ସେ ବୋଲାଇ। ଗଜକୁମ୍ଭାକୃତି ଯେ ହୋଇ ॥ ୮୬
ଏମନ୍ତ ହୋଇ ଶବ୍ଦବ୍ରହ୍ମ। ପଞ୍ଚାଶ ବର୍ଣ୍ଣ ଭେଦ ନାମ ॥ ୮୭
ଅକ୍ଷର ଆକୃତି ହୋଇଲେ। ଦେହ ବାହ୍ୟରେ ପ୍ରକାଶିଲେ ॥୮୮

(ଶ୍ରୀମଦ୍ ଭାଗବତ- ସମ୍ପାଦନା- ଶ୍ରୀ ନୀଳମଣି ମିଶ୍ର, ୧୨ସ୍କନ୍ଧ। ୭ମ ଅଧ୍ୟାୟ, ପୃ-୨୮୦, ପ୍ରକାଶକ - ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ୧୯୯୪)

ଏଥିରୁ ସୂଚନା ମିଳେ ଯେ ଓଡ଼ିଆ ଭାଷାରେ ପଞ୍ଚାଶ ବର୍ଣ୍ଣ ଷୋଡଶ ଶତାବ୍ଦୀରେ ରହିଥିଲା। ସେହିପରି ଷୋଡଶ ଶତାବ୍ଦୀରେ ରଚିତ 'ରୁଦ୍ର ସୁଧାନିଧି' ଗ୍ରନ୍ଥରେ ବର୍ଣ୍ଣନା ଅଛି ଯେ "ସେ ଅଭିନବ ଚୈତନ୍ୟ ନାମେ ରୁଦ୍ରଗଣ ଏବଂ ଭୂତ ବଚନମାନ କହିଲା। ଅନେକ କାକୁସ୍ଥ ହୋଇଲା। କରପତ୍ର ଯୋଡି ଜଗତଈଶ୍ୱର ଶ୍ରୀମୁଖକୁ ଚାହିଁଲା। ପଞ୍ଚାଶ ବର୍ଣ୍ଣରେ ସ୍ତୁତି କରୁଅଛି।" (ରୁଦ୍ର ସୁଧାନିଧି- ଲେ : ନାରାୟଣାନନ୍ଦ ଅବଧୂତ ସ୍ୱାମୀ- ସଂ-ଡକ୍ଟର କରୁଣାକର କର - ୧୯୬୫, ପୃ-୨୩, ପ୍ରକାଶକ- ଓଡ଼ିଆ ସାହିତ୍ୟ ଏକାଡେମୀ, ଭୁବନେଶ୍ୱର) ଓଡ଼ିଆ ସାହିତ୍ୟରେ 'ଚଉତିଶା', 'ଷୋଡଶା' ଓ ଚମ୍ପୂ ମଧ୍ୟ

ଅକ୍ଷରକ୍ରମରେ ଲେଖାଯାଇଅଛି। ତେବେ ଏଥିରୁ ପ୍ରତୀୟମାନ ହୁଏ ଯେ, ପ୍ରାଚୀନ ସାହିତ୍ୟରେ ପଞ୍ଚାଶ ବର୍ଣ୍ଣର ପ୍ରଚଳନ ଥିଲା। ଏହି ପଞ୍ଚାଶ ବର୍ଣ୍ଣ ମଧ୍ୟରୁ ସ୍ୱରବର୍ଣ୍ଣ ସଂଖ୍ୟା, ଯଥା- ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ୡ, ଏ, ଐ, ଓ, ଔ, ଅଂ, ଅଃ = ୧୬ (ଷୋଡ଼ଶା) ଏବଂ ବ୍ୟଞ୍ଜନ ବର୍ଣ୍ଣ ଯଥା- କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ଼, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଳ, ବ, ଶ, ଷ, ସ, ହ, କ୍ଷ = ୩୪ (ଚଉତିଶା) ଥିଲା। କିନ୍ତୁ ଏହି ଅକ୍ଷର ସଂଖ୍ୟା ବିଭିନ୍ନ ମତ ଯୋଗୁ କେତେବେଳେ ୫୦ ରୁ ଅଧିକ ହୋଇଛି ତ ପୁଣି କେତେବେଳେ ମଧ୍ୟ କମିଛି। ଆଜି 'ଷୋଡ଼ଶା' ଓ 'ଚଉତିଶା' ଲେଖିବା ଅସମ୍ଭବ। (ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ)

## ପିଲାଙ୍କ ଲିଖନ ଅଭ୍ୟାସ

ପ୍ରଥମେ ଯେତେବେଳେ ପିଲାଟିଏ ଅକ୍ଷର ଶିଖେ, ସେତେବେଳେ ସେ କିଛି ବୁଝି ନ ଥାଏ କେବଳ ଛବି ବା ଚିତ୍ର, ବିଭିନ୍ନ ବସ୍ତୁର ପ୍ରଦର୍ଶନ କିମ୍ବା ଅକ୍ଷର ଲିଖନକୁ ଅଭ୍ୟାସ ମାଧ୍ୟମରେ ଶିଖିଥାଏ। ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ, ବର୍ଗ୍ୟ, ଅବର୍ଗ୍ୟ, ଅଯୋଗବାର ବର୍ଣ୍ଣ ସମ୍ପର୍କରେ ତାର ଧାରଣା ପ୍ରଥମେ ନ ଥାଏ। ଧୀରେ ଧୀରେ ସେ 'ମାତ୍ରା', 'ଫଳା' ବା ସାଙ୍କେତିକ ଚିହ୍ନ ସହିତ ପରିଚିତ ହୁଏ। ତା'ପରେ ସେ ଯୁକ୍ତାକ୍ଷର ଶିଖିଥାଏ। ଏହି ଲିଖନ ପ୍ରକ୍ରିୟାରେ ଭାଷାକୁ ଆୟତ କରିବା ପାଇଁ ଅକ୍ଷର, ମାତ୍ରା, ଫଳା ବା ଯୁକ୍ତାକ୍ଷରର ପ୍ରୟୋଗ କରାଯାଇଥାଏ। କାରଣ 'ବର୍ଣ୍ଣ' ବା 'ଅକ୍ଷର'କୁ ନେଇ ପ୍ରତ୍ୟେକ ଭାଷାର 'ବର୍ଣ୍ଣମାଳା' ଗଢ଼ି ଉଠିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଉଚ୍ଚାରଣର ପ୍ରକୃତ ଆଧାରରେ ଓଡ଼ିଆ ବର୍ଣ୍ଣମାଳାର ଅକ୍ଷରଗୁଡିକୁ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ଯଥା- ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ (ବର୍ଗ୍ୟ ବ୍ୟଞ୍ଜନ ଓ ଅବର୍ଗ୍ୟ ବ୍ୟଞ୍ଜନ), ଅଯୋଗବାହ ବର୍ଣ୍ଣ (ଂ ଅନୁସାର, ଃ(ବିସର୍ଗ), ଁ ଚନ୍ଦ୍ରବିନ୍ଦୁ)। ବାକ୍‌ଯନ୍ତ୍ରରୁ ନିସୃତ ହେଉଥିବା ସାର୍ଥକ ଧ୍ୱନିରୁ ବର୍ଣ୍ଣ ଓ ଅକ୍ଷର ଉତ୍ପତ୍ତି ହୁଏ। କଥିତ ଭାଷାକୁ ସଭିଏଁ ଶୁଣନ୍ତି, ବୁଝନ୍ତି ଓ କହନ୍ତି। ଲିଖିତ ଭାଷାକୁ ପଢ଼ନ୍ତି, ବୁଝନ୍ତି ଓ ଲେଖନ୍ତି।

**ବାକ୍‌ଯନ୍ତ୍ରରୁ ନିସୃତ ହେଉଥିବା ସାର୍ଥକ ଧ୍ୱନିରୁ ବର୍ଣ୍ଣ ଓ ଅକ୍ଷର ଉତ୍ପତ୍ତି ହୁଏ।**

ଓଡ଼ିଆରେ ୧୮୫୮ ମସିହାରେ 'ବର୍ଣ୍ଣବୋଧକ' ପ୍ରକାଶିତ ହୋଇଥିଲା। ପରେ ଓଡ଼ିଶା ମିଶନ ପ୍ରେସ୍‌ରୁ ୧୮୬୭, ୧୮୬୯, ୧୮୭୦, ୧୮୭୧ରେ ୩ଟି ସଂସ୍କରଣ ପ୍ରକାଶିତ ହୋଇଅଛି। ଏହାର ଲେଖକ ଅଜ୍ଞାତ। ଫକୀର ମୋହନ ସେନାପତିଙ୍କ ସହକର୍ମୀ ଭାଷାବିତ୍ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ (୧୮୩୩-୧୮୯୩) 'ବର୍ଣ୍ଣବିଜ୍ଞାନ' (୧୮୬୮) ରଚନା କରିଥିଲେ। ପୁଣି ଗୋବିନ୍ଦ ରଥ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ 'ବର୍ଣ୍ଣ ପରିଚୟ'କୁ ପ୍ରତିବାଦ କରି ବର୍ଣ୍ଣବୋଧକ (୧୮୭୬) ଏବଂ 'ଚାଟଶାଳୀ ମାଳିକା' ରଚନା କଲେ। ଏହି 'ବର୍ଣ୍ଣବୋଧକ'କୁ ସଂସ୍କାର କରି ମଧୁସୂଦନ ରାଓ 'ବର୍ଣ୍ଣବୋଧ'ର ରଚନା କଲେ (ପ୍ରଥମ ପ୍ରକାଶ ୧୮୮୬)। ଏହା ଯଥେଷ୍ଟ ଖ୍ୟାତିଲାଭ କରିବାରୁ ମ୍ୟାକ୍‌ମିଲାନ୍ ଏଣ୍ଡ୍ କୋ ଇଂଲଣ୍ଡରେ ଛପାଇ 'ବର୍ଣ୍ଣବୋଧ' (୧୮୯୪)ରେ ପ୍ରକାଶ କଲେ। (ପରିଚୟ: ଓଡ଼ିଆ ଭାଷା, ନଗେନ୍ଦ୍ର ନାଥ ମହାନ୍ତି, ପ୍ରତିମା ନାଥ ଟ୍ରଷ୍ଟ, ଦିଲ୍ଲୀ-୨୦୧୬, ପୃ.-୬୮।


## ସଚିତ୍ର କଥନିକା

୩୬ ପୃଷ୍ଠାବିଶିଷ୍ଟ ଏହି କ୍ଷୁଦ୍ର ପୁସ୍ତିକାଟି ସଚିତ୍ର କଥନିକା ମାଧ୍ୟମରେ ଉପସ୍ଥାପିତ ହୋଇଥିଲା। ଓଡ଼ିଆ ଅକ୍ଷର ଶିକ୍ଷା ପାଇଁ ତାହା ଥିଲା ପ୍ରଥମ ପ୍ରଚେଷ୍ଟା। ଆଜି ମଧ୍ୟ ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ତାହାର ଉପଯୋଗିତା ଉପଲବ୍ଧ ହୁଏ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ୧୮୫୫ ମସିହାରେ 'ବର୍ଣ୍ଣ ପରିଚୟ' ରଚନା କରିଥିଲେ ବଙ୍ଗାଳିମାନଙ୍କ ପାଇଁ। ତେବେ ଉଭୟର ସ୍ୱତନ୍ତ୍ରତା ଭିନ୍ନ। ୧୯୩୯ ମସିହାରେ ତତ୍କାଳୀନ ଓଡ଼ିଶା ସରକାର ଓଡ଼ିଆ ବର୍ଣ୍ଣର ସଠିକତା ବିଚାର କରିବା ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଗୋଟିଏ ସମିତି ଗଠନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାହା ସ୍ଥିର ହୋଇପାରିନାହିଁ। ବହୁ ମତ ଓ ବହୁ ପରିବର୍ତ୍ତନ ଏହାର ବାଧକ ସାଜିଅଛି। ଓଡ଼ିଆ ବର୍ଣ୍ଣମାଳା ସମ୍ପର୍କରେ ଅଧିକ ବିଚାର ଆଲୋଚନା କରି ଏହାର ନିର୍ଦ୍ଦିଷ୍ଟ ସଂଖ୍ୟା ସ୍ଥିର କରାଯିବା ନିତାନ୍ତ ଆବଶ୍ୟକ। ମଧୁସୂଦନଙ୍କ ବର୍ଣ୍ଣବୋଧ ପ୍ରଥମ ଭାଗରେ ଯେଉଁ ସୂଚନା ପ୍ରଦତ୍ତ ହୋଇଅଛି, ତାହା ହେଉଛି ଏହିପରି- ଅ, ଆ, ଇ, ଈ, ଉ, ଊ, ଋ, ୠ, ଏ, ଐ, ଓ, ଔ = ସ୍ୱରବର୍ଣ୍ଣ। କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ,

ପ, ଫ, ବ, ଭ, ମ, ଯ, ର, ଳ, ବ, ଶ, ଷ, ସ, ହ, ଂ(ଅନୁସ୍ୱାର), ଃ(ବିସର୍ଗ), ଁ(ଚନ୍ଦ୍ରବିନ୍ଦୁ) = ବ୍ୟଞ୍ଜନବର୍ଣ୍ଣ। କ୍ଷ, ଡ଼, ଢ଼, ୟ, ଲ = ଅତିରିକ୍ତ ବର୍ଣ୍ଣ। 'ବର୍ଣ୍ଣବୋଧ' ବର୍ଣ୍ଣମାଳାର ବର୍ଣ୍ଣ ସଂଖ୍ୟା ଓ ଅକ୍ଷର ଶିକ୍ଷା ପାଇଁ ଏକମାତ୍ର ପୁସ୍ତକ। କିନ୍ତୁ ମଧୁସୂଦନ ରାଓଙ୍କ ନାମକୁ ଗ୍ରହଣ କରି ବା ନ କରି ଏ ପର୍ଯ୍ୟନ୍ତ ୩୩ ରୁ ଊର୍ଦ୍ଧ୍ୱ 'ବର୍ଣ୍ଣବୋଧ' ପ୍ରକାଶ ପାଇସାରିଲାଣି। ଅନେକ ନକଲି ତ୍ରୁଟିପୂର୍ଣ୍ଣ ସଂସ୍କରଣମାନ ବହୁଳ ଭାବରେ ମଧ୍ୟ ଉପଲବ୍ଧ।

### ଓଡ଼ିଆ ବର୍ଣ୍ଣର ସଂଖ୍ୟା

ବ୍ୟାକରଣକାର, ଅଭିଧାନକାର ଓ ଭାଷାବିତ୍ ବର୍ଣ୍ଣ ସଂଖ୍ୟା ସମ୍ପର୍କରେ ଦେଇଥିବା ମତକୁ ଅନୁଧ୍ୟାନ କରାଯାଉ। ଏମାନଙ୍କ ମତାନୁସାରେ ବର୍ଣ୍ଣ ସଂଖ୍ୟା ୩୪ ରୁ ୫୫ ପର୍ଯ୍ୟନ୍ତ ବିଭିନ୍ନ ଗ୍ରନ୍ଥରେ ଭିନ୍ନ ଭିନ୍ନ ରୂପେ ଦର୍ଶାଯାଇଅଛି। ୧୮୦୬ ମସିହାରେ ରଚିତ ହୋଇଥିବା ଗଦାଧର ବିଦ୍ୟାବାଗୀଶଙ୍କ 'ଓଡ଼ିୟା ଭାଷାର ବ୍ୟାକରଣ' ଶୀର୍ଷକ ପ୍ରଥମ ଓଡ଼ିଆ ବ୍ୟାକରଣ। ପ୍ରଥମେ ଓଡ଼ିଆ ଭାଷାର ମୌଳିକ ବର୍ଣ୍ଣଗୁଡିକର ପରିଚିତି ପ୍ରଦାନପୂର୍ବକ ସ୍ୱରବର୍ଣ୍ଣ ପର୍ଯ୍ୟାୟରେ ୧୬ଟି ଓ ବ୍ୟଞ୍ଜନବର୍ଣ୍ଣ ପର୍ଯ୍ୟାୟରେ ୩୪ଟି ବର୍ଣ୍ଣ- ଏପରି ମୋଟ ୫୦ଟି ବା ଅକ୍ଷର ସୂଚନା ପ୍ରଦତ୍ତ ହୋଇଅଛି। ଓଡ଼ିଆ ବ୍ୟାକରଣ ରଚନାର ପରବର୍ତ୍ତୀ ପଦକ୍ଷେପ ଭାବେ ଆମ୍ସ ସଟନଙ୍କ ଇଂରାଜୀ ଭାଷାରେ ରଚିତ "ଆନ୍ ଇଣ୍ଟ୍ରୋଡକ୍ଟରୀ ଗ୍ରାମାର ଅଫ ଦି ଓରିଆ ଲାଙ୍ଗୁଏଜ୍" ବା 'ଓଡ଼ିୟା ବ୍ୟାକରଣ' ଗ୍ରହଣ କରାଯାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ୧୮୩୧ ମସିହାରେ କଲିକତାର ବାପ୍‌ଟିଷ୍ଟ ମିଶନ ପ୍ରେସ୍‌ରୁ ଆତ୍ମପ୍ରକାଶ ଲାଭ କରିଥିବା ପ୍ରଥମ ପ୍ରକାଶିତ ବ୍ୟାକରଣ ଗ୍ରନ୍ଥ। ତତ୍କାଳୀନ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଓଡ଼ିଆ ଭାଷା ଅନଭିଜ୍ଞ ଉଚ୍ଚପଦାଧିକାରୀ ଇଂରେଜ ପ୍ରକାଶକମାନଙ୍କ ଓଡ଼ିଆ ଭାଷା ଶିକ୍ଷାକୁ ସହଜ ଓ ସୁଗମ କରାଇବା ଲକ୍ଷ୍ୟରେ ଏହା ରଚିତ ହୋଇଥିଲା। ନିଜେ ଲେଖକ ମୁଖବନ୍ଧରେ ଲେଖିଛନ୍ତି- "ଦି ପ୍ରେଜେଣ୍ଟ ଇଜ୍ ଦି ଫାଷ୍ଟ ଗ୍ରାମାର ଅଫ୍ ଦି ଓରିଆ ଲାଙ୍ଗୁଏଜ୍ ଏଭର ୟେଟ୍ ପବ୍ଲିସ୍‌ଡ"। ଓଡ଼ିଆରେ ବର୍ଣ୍ଣ ବା ଅକ୍ଷର ସଂଖ୍ୟା ୫୦ ଦର୍ଶାଇବା ସହିତ ଲେଖିଛନ୍ତି ଯେ, ଓଡ଼ିଆ ଭାଷାର ପ୍ରତ୍ୟେକ ଧ୍ୱନି ପ୍ରତ୍ୟେକ ଅକ୍ଷରକୁ ପ୍ରକାଶ କରୁଥିବାରୁ ଓଡ଼ିଆ ଭାଷାର ପ୍ରୟୋଗବେଳେ ଅକ୍ଷରଗୁଡିକର ଧ୍ୱନିଗତ ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରହିଥାଏ। ଓଡ଼ିଆରେ ୧୬ଟି ସ୍ୱରବର୍ଣ୍ଣ ଓ ୩୪ଟି ବ୍ୟଞ୍ଜନ ବର୍ଣ୍ଣ ବା ଅକ୍ଷର ଥିବା କହି ସଟନ୍ ସାହେବ ପ୍ରତ୍ୟେକଟି ବର୍ଣ୍ଣର ସ୍ୱରୂପ ଅବତାରଣା ବେଳେ ଇଂରାଜୀ ଭାଷାର ସହାୟତା ନେଇଛନ୍ତି। ଯଥା- ଇ:i, ଈ:ee, କ:ka, ଖ:kha, ପ୍ରଭୃତି। ସଟନଙ୍କ ପରେ ଦ୍ୱିତୀୟ ମିଶନାରୀ ପଣ୍ଡିତ ଭାବେ ଶ୍ରୀଯୁକ୍ତ ଲେସି ସାହେବ ଓଡ଼ିଆ ବ୍ୟାକରଣ ରଚନା ଦିଗରେ ପ୍ରଚେଷ୍ଟା କରି ୧୮୫୫ ଖ୍ରୀଷ୍ଟାବ୍ଦରେ 'ଓଡ଼ିୟା ବ୍ୟାକରଣ ସାର' ନାମରେ ଓଡ଼ିଆ ଭାଷାର ବ୍ୟାକରଣଟିଏ ରଚନା କରିଛନ୍ତି। ଏହାର ପ୍ରଥମ ଭାଗର ଦ୍ୱିତୀୟ ମୁଦ୍ରଣ ୧୮୫୭ ମସିହାରେ ଓଡ଼ିଶା ମିଶନ ପ୍ରେସ୍, କଟକରୁ ଆତ୍ମପ୍ରକାଶ କରିଛି। ଏହି ଗ୍ରନ୍ଥର ପ୍ରଥମ ଭାଗରେ 'ବର୍ଣ୍ଣଜ୍ଞାନ' ଅନ୍ତର୍ଗତ ପ୍ରଥମ ପ୍ରକରଣରେ ଓଡ଼ିଆ ବର୍ଣ୍ଣମାଳା ସମ୍ପର୍କରେ ମତ ଦେଇଛନ୍ତି- "ବର୍ଣ୍ଣମାଳାରେ ପଞ୍ଚାଶ ବର୍ଣ୍ଣ ; ତନ୍ମଧ୍ୟରେ ଷୋଡଶ ସ୍ୱରବର୍ଣ୍ଣ, ଅବଶିଷ୍ଟ ଚୌତ୍ରିଶ ହଳବର୍ଣ୍ଣ କିମ୍ବା ବ୍ୟଞ୍ଜନ।" ଓଡ଼ିଆ ବର୍ଣ୍ଣମାଳା ଅନ୍ତର୍ଗତ ବର୍ଣ୍ଣଗୁଡିକର ସଂଖ୍ୟା ନିର୍ଦ୍ଧାରଣରେ ଲେସି ସାହେବ, ସଟନ୍‌ଙ୍କ ଅନୁରୂପ ମତ ରଖିଥିବା ଜଣାଯାଏ। ଲେସି ସାହେବ ଓଡ଼ିଆ ସ୍ୱରବର୍ଣ୍ଣ ଋ (ହ୍ରସ୍ୱ), ୠ (ଦୀର୍ଘ), ଌ (ହ୍ରସ୍ୱ), ୡ (ଦୀର୍ଘ) ଏ ଚାରି ଗୋଟି ସ୍ୱର ସମ୍ପର୍କରେ ମତ ପ୍ରଦାନ କରି କହିଛନ୍ତି- ଏଗୁଡିକ "ସ୍ୱର ମଧ୍ୟରେ ଗଣିତ ତଥାପି ଏ ଚାରି ଅକ୍ଷର ଶୁଦ୍ଧ ସ୍ୱର ନୁହନ୍ତି; କାରଣ କି ଉ କାର ଏବଂ ଉ କାର ସଂଯୋଗ କଲେ ଋ କାର ହୁଏ ଆଉ ଲ କାର ଉ କାର ସଂଯୋଗରେ ଌ କାର ହୁଏ।"


ORIYA GRAMMAR.
PART. I.
ଓଡ଼ିଆ ବ୍ୟାକରଣ ସାର ।
SECOND EDITION.
CUTTACK:
PRINTED AT THE ORISSA MISSION PRESS.
W. BROOKS, PRINTER.
1857.

୧୮୬୬ ମସିହାରେ ଫକୀରମୋହନଙ୍କ 'ଉତ୍କଳ ସରଳ ବ୍ୟାକରଣ" ଶୀର୍ଷକ ଗ୍ରନ୍ଥଟି କଲିକତା ବାପ୍‌ଟିଷ୍ଟ ମିଶନ ପ୍ରେସରୁ ଆତ୍ମପ୍ରକାଶ ଲାଭ କରିଥିଲା। ସେ ୧୪ଟି ସ୍ୱରବର୍ଣ୍ଣର ତାଲିକା ପ୍ରଦାନ କରିଅଛନ୍ତି ଏବଂ ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣଗୁଡିକର ସଂଖ୍ୟା

ଓ ସ୍ୱରୂପ ଯାହା ଦର୍ଶାଇଛନ୍ତି, ତନ୍ମଧ୍ୟରେ ମୋଟ ୩୬ଟି ବ୍ୟଞ୍ଜନ ବର୍ଣ୍ଣ ସ୍ଥାନ ପାଇଥିଲେ ହେଁ ସେଥିରୁ 'ୟ' ଓ 'ଳ' ପ୍ରଭୃତି ଦୁଇଟି ବ୍ୟଞ୍ଜନ ବର୍ଣ୍ଣ ସମ୍ପୂର୍ଣ୍ଣ ଭାବେ ବାଦ ପଡିଯାଇଛି। ଅନ୍ୟତମ ମିଶନାରୀ ପାଦ୍ରୀ ଇ.ସି.ବି ହଲାମ୍ ସାହେବ ଓଡ଼ିଶାର ଭାଷା ଶିକ୍ଷା ଉଦ୍ଦେଶ୍ୟରେ ଇଂରାଜୀ ଭାଷାରେ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟିଏ ରଚନା କରିଥିଲେ। ତାହା ୧୮୭୪ ମସିହାରେ "ଓଡ଼ିଆ ଗ୍ରାମାର ଫର ଇଂଲିସ ଷ୍ଟୁଡେଣ୍ଟ୍ସ୍" ନାମରେ କଲିକତା ବାପଟିଷ୍ଟ ମିଶନ ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା। ବ୍ୟାକରଣ ଗ୍ରନ୍ଥର ପ୍ରଥମ ପରିଚ୍ଛେଦ ଅର୍ଥାତ୍ "ଓଥୋଗ୍ରାଫି" ପର୍ଯ୍ୟାୟରେ ହାଲମ୍ ସାହେବ ଓଡ଼ିଆ ବର୍ଣ୍ଣ ବା ଅକ୍ଷରଗୁଡିକ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଓଡ଼ିଆରେ ୪୫ଟି ବର୍ଣ୍ଣର ଅସ୍ତିତ୍ୱ ଥିବା ଏବଂ ଏଗୁଡିକ ମୂଳ ଉଚ୍ଚାରିତ ଓଡ଼ିଆ ଧ୍ୱନିଗୁଡିକର ପ୍ରତିଧ୍ୱନିତ୍ୱ କରୁଥିବା ଦର୍ଶାଇଛନ୍ତି। ସେ ଲେଖିଛନ୍ତି- "ଇନ୍ ଦି ଓରିଆ ଆଲ୍‌ଫାବେଟ୍, ଦେର୍ ଆର୍ ୪୫ ଲେଟରସ୍, ରିପ୍ରେଜଣ୍ଟିଙ୍ଗ ଆଜ୍ ମେନି ଏଲିମେଣ୍ଟରି ସାଉଣ୍ଡସ୍" ହାଲମ୍‌ଙ୍କ ଓଡ଼ିଆ ବର୍ଣ୍ଣ ତାଲିକାରେ ୧୧ଟି ସ୍ୱରବର୍ଣ୍ଣ ସହ ୩୪ଟି ବ୍ୟଞ୍ଜନବର୍ଣ୍ଣ ସ୍ଥାନ ପାଇଥିଲେ ହେଁ ବ୍ୟଞ୍ଜନବର୍ଣ୍ଣ 'ୟ' ଓ ଅଯୋଗବାହ ବର୍ଣ୍ଣ ଂ(ଅନୁସାର), ଃ(ବିସର୍ଗ), ଁ(ଚନ୍ଦ୍ରବିନ୍ଦୁ) ପ୍ରଭୃତି ୪ଟି ବର୍ଣ୍ଣ ବାଦ୍ ପଡିଛି। ରାଧାନାଥ ରାୟ ଊନବିଂଶ ଶତାବ୍ଦୀର ଶେଷ ଭାଗରେ 'ବ୍ୟାକରଣ ପ୍ରବେଶ' ଓ 'ବ୍ୟାକରଣ ପରିଚୟ' ନାମରେ ଦୁଇଟି ବ୍ୟାକରଣ ଗ୍ରନ୍ଥ ରଚନା କରିଥିଲେ। ଏ ଉଭୟ ବ୍ୟାକରଣ ୧୮୯୯ ମସିହାରେ ପ୍ରକାଶ ପାଇଥିବା ରାଧାନାଥଙ୍କ ତା.୬.୬.୧୮୯୯ରିଖରେ ଗଙ୍ଗାଧରଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାଯାଏ। ସେ କହିଛନ୍ତି- "ଅ, ଆ, କ, ଖ ପ୍ରଭୃତି ଏମାନେ ଗୋଟିଏ ୨ ବର୍ଣ୍ଣ। ଓଡ଼ିଆରେ ଅଣଞ୍ଚାଶଟି ବର୍ଣ୍ଣ ଅଛି। ଅ ଠାରୁ ଔ ଏହି ତେରଟି ସ୍ୱରବର୍ଣ୍ଣ, ଏବଂ କ ଠାରୁ ହ, ଂ, ଃ ଏବଂ ଁ ଏହି ଛତ୍ରିଶଟି ବ୍ୟଞ୍ଜନ ବର୍ଣ୍ଣ।" ସେ ଫକୀରମୋହନଙ୍କ ପରି 'କ୍ଷ' ବର୍ଣ୍ଣଟିକୁ ସମ୍ପୂର୍ଣ୍ଣ ବାଦ୍ ଦେଇ ଓଡ଼ିଆ ଭାଷାର ମୌଳିକ ବର୍ଣ୍ଣଗୁଡିକର ୪୯ ବୋଲି ନିର୍ଦ୍ଧାରଣ କରିଛନ୍ତି। ଊନବିଂଶ ଶତାବ୍ଦୀରେ ରଚିତ ହୋଇଥିବା ଓଡ଼ିଆ ବ୍ୟାକରଣ ଗ୍ରନ୍ଥଗୁଡିକରେ ସଂସ୍କୃତ ବ୍ୟାକରଣର ପୂର୍ଣ୍ଣ ଅନୁସରଣ ପରିଲକ୍ଷିତ ହୋଇଥାଏ। ଏହାର ପୁନରାବୃତ୍ତି ବିଂଶ ଶତାବ୍ଦୀ, ଏପରିକି ଏକବିଂଶ ଶତାବ୍ଦୀରେ ମଧ୍ୟ ଦେଖିବାକୁ ମିଳିଥାଏ ଏବଂ ୨୫ ରୁ ଊର୍ଦ୍ଧ୍ୱ ବ୍ୟାକରଣ ଗ୍ରନ୍ଥ ପ୍ରକାଶିତ।

**ଓଡ଼ିଆ ଭାଷାର 'ବର୍ଣ୍ଣମାଳା', ଅକ୍ଷର ସଂଖ୍ୟା ଏ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିନାହିଁ।**

## ମିଶନାରୀଙ୍କ ଅବଦାନ

ଊନବିଂଶ ଶତାବ୍ଦୀରେ ବ୍ରିଟିଶ ବିଦେଶୀ ପ୍ରଶାସକ ଓ ମିଶନାରୀମାନଙ୍କର ଆଗମନ ଫଳରେ ଓଡ଼ିଶାରେ ଶିକ୍ଷାର ପ୍ରସାର ସହିତ ବ୍ୟାକରଣ ଓ ଅଭିଧାନର ବିକାଶ ହୋଇଛି। ୧୮୧୧ ମସିହାରେ ପ୍ରଥମ ଓଡ଼ିଆ ଅଭିଧାନ ମୋହନ ପ୍ରସାଦ ଠାକୁରଙ୍କ ଦ୍ୱାରା ସଂକଳିତ ହୋଇଥିଲା। ଆମସ୍‌ସଟନ୍ ୧୮୪୧ ମସିହାରେ ଇଂରାଜୀ ଓ ଓଡ଼ିଆ ଅଭିଧାନ ପ୍ରସ୍ତୁତ କରି ୧୮୪୩ ମସିହାରେ ଶେଷ କରିଥିଲେ। ଏ ପର୍ଯ୍ୟନ୍ତ ଓଡ଼ିଆ ଅଭିଧାନ ୩୫ରୁ ଊର୍ଦ୍ଧ୍ୱ ପ୍ରକାଶିତ ହୋଇଅଛି। ଅଭିଧାନରେ ଓଡ଼ିଆ ଭାଷାର ଶବ୍ଦ ଗଠନ କ୍ରମ ଏବଂ ର, ଙ, ଞ, ଙ, ଞ, ଡ଼, ଢ଼, ଣ, ଳ ଶବ୍ଦର ଆଦ୍ୟ ଅକ୍ଷର ହୋଇ ନ ଥିବା ହେତୁ କ୍ରମରେ ରଖାଯାଇନାହିଁ। ପ୍ରମୋଦ ଅଭିଧାନ (୧୯୪୨-ସଂ- ପ୍ରମୋଦ ଚନ୍ଦ୍ର ଦେବ ପଟ୍ଟନାୟକ)ରେ ଅକ୍ଷର ସଂଖ୍ୟା ୫୨ ଥିବା ବେଳେ ସର୍ବନିମ୍ନ ୪୧ ତରୁଣ ଶବ୍ଦକୋଷ (୧୯୬୬- ସଂ. ପଣ୍ଡିତ କୃଷ୍ଣଚନ୍ଦ୍ର କର), ଅଭିନବ ସରଳ ଉତ୍କଳ ଅଭିଧାନ (୧୯୮୭), ଛବିଳ ଅଭିଧାନ (୧୯୯୨), ଓଡ଼ିଆ ବନାନ ଅଭିଧାନ (ସଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ-୧୯୯୭)ରେ ରହିଛି।

ଓଡ଼ିଆ ଭାଷାକୁ ୨୦୧୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। କିନ୍ତୁ ଓଡ଼ିଆ ଭାଷାର 'ବର୍ଣ୍ଣମାଳା', ଅକ୍ଷର ସଂଖ୍ୟା ଏ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିନାହିଁ। ଇତିମଧ୍ୟରେ ଏହି ବର୍ଣ୍ଣମାଳାରେ କେତେକ ପରିବର୍ତ୍ତନ ଦେଖାଦିଏ। ଯଥା (୧) ବର୍ଣ୍ଣସଂଖ୍ୟା ଓ କ୍ରମରେ ପରିବର୍ତ୍ତନ (୨) ସ୍ୱରବର୍ଣ୍ଣ ସଂଖ୍ୟା ୧୬ରୁ ୧୪ ଏବଂ ୧୨ କୁ ଖସି ଆସିଛି। (୩) ର, ଙ, ଂ, ଃ, ଁ, କ୍ଷ, ଡ଼, ଢ଼, ୟ, ଶ, ଷ, ସ ଇତ୍ୟାଦିର ସ୍ଥାନ ପରିବର୍ତ୍ତନ ଓ କେତେକ ଅକ୍ଷର ଲୋପ। ଅନେକ ସମୟରେ ତିନୋଟି ସ(ଶ,ଷ,ସ), ଦୁଇଟି ଇ (ଇ,ଈ), ଦୁଇଟି ଉ(ଉ,ଊ), ଦୁଇଟି ର(ର,ଋ), ଦୁଇଟି ଜ(ଜ,ଯ)ର ଆବଶ୍ୟକତା ନେଇ ବିତର୍କ ହୋଇଛି। ଯଦି ବର୍ଣ୍ଣମାଳାକୁ ଜଟିଳ ଲିପିସବୁ ଉଠାଇ ଦିଆଯିବ, ତେବେ ଏ ପର୍ଯ୍ୟନ୍ତ ପ୍ରକାଶିତ ସମ୍ବାଦପତ୍ର, ପତ୍ରପତ୍ରିକା ଓ ପୁସ୍ତକମାନଙ୍କୁ

ପଢ଼ିବ କିଏ? କେତେକ ସମାଲୋଚକ ଓଡ଼ିଆ ଶବ୍ଦର ଗଠନ ଶୈଳୀର ପରିବର୍ତ୍ତନ ପାଇଁ ମତ ଦେଇଅଛନ୍ତି। ଓଡ଼ିଆ ଭାଷାର ଅନେକ ବିଶେଷତ୍ୱ ରହିଛି, ଯାହା ଅନ୍ୟ ଭାଷାରେ ନାହିଁ। ତେଣୁ ଆମ ନିକଟରେ କେତେକ ଆହ୍ୱାନ। ଯଥା (୧) ଅକ୍ଷର ସଂଖ୍ୟା ଓ ଶବ୍ଦ ବନାନରେ ସଂଶୋଧନ (?) (୨) ଓଡ଼ିଆ ବ୍ୟାକରଣର ବିଧି, ଅଭିଧାନ କ୍ରମ ଅନୁସାରେ ବ୍ୟବହୃତ ହେଉଥିବା ପ୍ରଚଳିତ ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ନେଇ ପୁରାତନ ପୋଥି ଓ ପୁସ୍ତକ ପଠନ। ଡ, ଡ଼, ଢ, ଢ଼- ଅଲଗା ଧ୍ୱନି ହେଲେ ମଧ୍ୟ ଏମାନଙ୍କ ମଧ୍ୟରେ ପରିପୂରକ ସମ୍ପର୍କ ଜଡିତ। ଯେଉଁଠି, ଡ,ଢ ବ୍ୟବହୃତ ସେଠାରେ ଡ଼, ଢ଼ ନ ଥାଏ। ଯେପରି ଡର, ରଡ଼, ଢଗ, ଗଢ଼। 'କ୍ଷ' କ ପରେ ରହିବ। କି 'ହ' ପରେ ରହିବ? ବର୍ଣ୍ଣ ସଂଖ୍ୟା ବ୍ୟବହାରକୁ ନେଇ ଲେଖାଯିବ କି?

ଏସବୁ ସମସ୍ୟାର ସମାଧାନ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟେସନାଲ ଲିଙ୍ଗୁଇଷ୍ଟିକ୍ସ୍ ବିଭାଗରେ ୨୦୧୭ ମସିହାରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଯେଉଁମାନେ ସଦସ୍ୟ ଥିଲେ ସେମାନେ ହେଲେ- ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ପଞ୍ଚାନନ ମହାନ୍ତି, ପ୍ରଫେସର ସତୀଶ ଚନ୍ଦ୍ର ପ୍ରଧାନ, ପ୍ରଫେସର ଉଦୟନାଥ ସାହୁ, ଡକ୍ଟର ଅଜିତ୍ ନାୟକ, ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ। ଏହି କମିଟି ଏକ ମାନକ (ଷ୍ଟାଣ୍ଡାର୍ଡ) ତଥ୍ୟଫର୍ଦ୍ଦ ପ୍ରସ୍ତୁତ କରିଥିଲେ। ଏହାକୁ ଦିଲ୍ଲୀସ୍ଥିତ 'ଦି ଇଣ୍ଟେଲେକ୍ଟସ୍' ସଂସ୍ଥା ତରଫରୁ କମିଟିର ଅଧ୍ୟକ୍ଷ ପ୍ରଫେସର ପଞ୍ଚାନନ ମହାନ୍ତି ୨୦ ଫେବୃଆରୀ ୨୦୧୮ରେ ଉନ୍ମୋଚନ କରିଥିଲେ। ପରେ ପୁଣି ଥରେ 'ଦି ଇଣ୍ଟେଲେକ୍ଟସ୍' ତରଫରୁ ୨୧ ଫେବୃଆରୀ ୨୦୧୯ରେ ଓଡ଼ିଆ ବର୍ଣ୍ଣମାଳାର ସଂଖ୍ୟା ଓ କ୍ରମ ନିର୍ଦ୍ଧାରଣ ନିମିତ୍ତ ଏହାର ଅଧ୍ୟକ୍ଷ ଓ ସଂଯୋଜକ ଶ୍ରୀ ଦେବେନ୍ଦ୍ର ନାଥ ରାଉତଙ୍କ ଦ୍ୱାରା ଆହୂତ ହୋଇ କନ୍‌ଷ୍ଟିଟ୍ୟୁସନ କ୍ଲବ୍, ନୂଆଦିଲ୍ଲୀଠାରେ ଏକ ଗୋଲଟେବୁଲ ବୈଠକ ବସିଥିଲା। ଏଥିରେ ବିଚାର ପରେ ସମସ୍ତଙ୍କ ମତାମତକୁ ଗ୍ରହଣ କରି ଯେଉଁ ଓଡ଼ିଆ ବର୍ଣ୍ଣମାଳାଟି ପ୍ରସ୍ତୁତ କରାଯାଇଥିଲା ତାହାରେ ନିମ୍ନରେ ପ୍ରଦତ୍ତ। ଏହାକୁ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତ ବିଭାଗକୁ ବିଚାର ନିମନ୍ତେ ପ୍ରେରଣ କରାଯାଇଥିଲା। ଏହା ଥିଲା ଏକ ମାନକ ବର୍ଣ୍ଣମାଳାର ତଥ୍ୟପର୍ଦ୍ଦା ଏ ଦିଗରେ ବହୁ ଅଧିକ ଆଲୋଚନା ଆବଶ୍ୟକତା ରହିଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
udayanath28@gmail.com

| ସ୍ୱରବର୍ଣ୍ଣ (୧୧) | |
|---|---|
| ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ | |
| ବ୍ୟଞ୍ଜନ ବର୍ଣ୍ଣ (୩୬) | |
| କ, ଖ, ଗ, ଘ, ଙ<br>ଚ, ଛ, ଜ, ଝ, ଞ,<br>ଟ, ଠ, ଡ(ଡ଼), ଢ(ଢ଼), ଣ,<br>ତ, ଥ, ଦ, ଧ, ନ,<br>ପ, ଫ, ବ, ଭ, ମ,<br>ଯ, ୟ, ର, ଳ, ଲ, ୱ,<br>ଶ, ଷ, ସ, ହ, କ୍ଷ | |
| ଅଯୋଗବାହ (୩) | ଅତିରିକ୍ତ ବର୍ଣ୍ଣ (୫) |
| ଂ, ଃ, ଁ | ଜ୍ଞ, ଌ, ୠ, ୡ, ଵ |

ଗଳ୍ପ




# ଶ୍ରଦ୍ଧାଞ୍ଜଳି

ପରେଶ କୁମାର ପଟ୍ଟନାୟକ

କବି ଗଗନ ମହାପାତ୍ରଙ୍କର ମୃତ୍ୟୁଖବର ତତ୍‌କ୍ଷଣାତ୍ ପ୍ରସାରିତ ହୋଇଯାଇଥିଲା ସାମାଜିକ ଗଣମାଧ୍ୟମରେ। ବହୁ ସାହିତ୍ୟିକ, ସାହିତ୍ୟପ୍ରେମୀ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ତାଙ୍କ ସହ ନିଜ ଫଟୋ ପୋଷ୍ଟ କରିଥିଲେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ ଗ୍ରୁପ୍‌ରେ। ଏକଥା ପ୍ରମାଣିତ ହେଉଥିଲା ଯେ ସ୍ୱର୍ଗତ ଗଗନ ମହାପାତ୍ର କେବଳ ଜଣେ ଭଲ କବି ନ ଥିଲେ, ସେ ଥିଲେ ଖୁବ୍ ଲୋକପ୍ରିୟ। ତରୁଣଠୁ ପ୍ରବୀଣ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସହ ଫଟୋ ଉଠାଇଥିଲେ।

ସ୍ନେହ ଓ ଆଦର ବାଣ୍ଟିବାରେ ସେ ଅକୃପଣ ଥିଲେ। ପ୍ରାୟ ଯୁବ କବିମାନେ ଲେଖିଥିଲେ, ସେ କେମିତି ଦେଖାହେଲେ ଡାକିନିଅନ୍ତି ପାଖ ହୋଟେଲକୁ। ପେଟପୂରା ଖାଇବାକୁ ଦେଇ ବିଦା କରନ୍ତି। ଏତେ ଆଦର ଯତ୍ନ କରନ୍ତି ଯେ, ତା'ର ତୁଳନା ନାହିଁ। ମୁଁ ମଧ୍ୟ ଗୋଟିଏ ଶ୍ରଦ୍ଧାଞ୍ଜଳି ଲେଖା ଲେଖିବି ବୋଲି ସ୍ଥିର କରୁଥିଲି।



କେଇଟିଦିନ ତଳେ ପୁରୁଣା ବସ୍‌ଷ୍ଟାଣ୍ଡରେ ବୁଲୁଥିଲା ବେଳେ ବିଶିଷ୍ଟ କବି ନଳିନାକ୍ଷ ବାବୁଙ୍କ ସହିତ ଦେଖା ହୋଇଥିଲା। ମୋତେ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଖବର ଦେବା ଭଳି ମୁଖଭଙ୍ଗୀ କରି ପଚାରିଥିଲେ : ଆପଣ କବି ଗଗନ ମହାପାତ୍ରଙ୍କ ଖବର ଜାଣିଲେଣି ?

ମୁଁ କହିଲି : ନା ! କ'ଣ ହୋଇଛି ?

ସେ ଉଦ୍‌ବେଗ ପ୍ରକାଶ କଲେ। କହିଲେ : ଗଳା କ୍ୟାନସର୍‌ରେ ପୀଡିତ ହୋଇପଡିଛନ୍ତି କବି !

ମୁଁ ଦୁଃଖ ପ୍ରକାଶ କରି କହିଲି : ଦୁର୍ଭାଗ୍ୟଜନକ !

ସେ ଉତ୍ତେଜିତ ସ୍ୱରରେ କହିଲେ : କେତେ ଅବିଚାର ହୋଇଛି ତାଙ୍କ ପ୍ରତି ଜାଣନ୍ତି ?

ମୁଁ ଅବିଚାର ସମ୍ପର୍କରେ ଜାଣି ନ ଥିଲି। ତେଣୁ ଅଜ୍ଞତା ପ୍ରକାଶ କଲି।

ସେ ଏକ ଲମ୍ବା ଭାଷଣ ଦେବାକୁ ଆରମ୍ଭ କଲେ। କହିଲେ: ତାଙ୍କୁ ସରକାର ଚାକିରିରୁ ସସ୍‌ପେଣ୍ଡ କରି ଦେଇଥିଲେ। ଯା ଭିତରେ ସେ ଅବସର ନେଇଗଲେ। କେସ୍ ତୁଟିଲା ନାହିଁ। ତାଙ୍କର ଅବସରକାଳୀନ ପଇସା ମିଳିଲାନି। ପେନ୍‌ସନ ମଧ୍ୟ ଏ ପର୍ଯ୍ୟନ୍ତ ମିଳିଲା ନାହିଁ। ଠିକ୍ ଏତିକିବେଳକୁ ଆସି ଦାଉ ସାଧିଲା ଏଇ ଭୟଙ୍କର ରୋଗ। ଲୋକଟା କପର୍ଦ୍ଦକଶୂନ୍ୟ ହୋଇଗଲାଣି ରୋଗ ସହିତ ଯୁଝି ଯୁଝି। କ'ଣ ନ କରିଛି ଲୋକଟା ଓଡ଼ିଆ ସାହିତ୍ୟ ପାଇଁ ? କୋଉ କବି ଲେଖକକୁ ସ୍ନେହ ଆଦର ସହ ଖୋଇ ପେଇ ସେ ଛାଡ଼ି ନାହିଁ ! କିନ୍ତୁ ଜୀବନର ଏ ଶେଷ କ୍ଷଣରେ ସେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛି। ଏ ଦୁଃସମୟରେ ସବୁ କବି ଲେଖକ ତାଙ୍କ ପଛରେ ଯାଇ ଠିଆ ହେବା ଦରକାର। ଆମେ ଏବେ ତାଙ୍କ ପାଇଁ ଗୋଟେ ସାହାଯ୍ୟ ସମିତି ଗଠନ କରିଛୁ। ସବୁ କବି ଲେଖକଙ୍କୁ ଅନୁରୋଧ କରୁଛୁ କି ସମସ୍ତେ ଯଥାସାଧ୍ୟ ସାହାଯ୍ୟ କରନ୍ତୁ। ଜଣେ ସମଧର୍ମା କବିଙ୍କୁ ସାହାଯ୍ୟ କରିବା ଆମର ନୈତିକ କର୍ତ୍ତବ୍ୟ !

ସେ ଏ ଲମ୍ବା ବଚନିକା ପରେ ଟିକେ ଦମ୍ ନେଲେ ଓ ମୋତେ ପଚାରିଲେ: ଆପଣ କେତେ ଦେବେ କୁହନ୍ତୁ ?

ନଳିନାକ୍ଷ ବାବୁ ପକେଟରୁ ଛାପା ରସିଦ ବହିଟାଏ କାଢ଼ିଲେ

ଓ ତାକୁ ତୋଳି ଧରିଲେ ମୋ ସାମ୍ନାରେ। ମୋ ଆଡକୁ ସତୃଷ୍ଣ ନୟନରେ ଚାହିଁ ରହିଲେ ମୁଁ କେତେ ଦାନ ଦେବି, ତା'ର ପରିମାଣ ଜାଣିବା ଆଶାରେ।

ମୁଁ ଟିକେ ଭିନ୍ନ ମତ ଦେଲି। କହିଲି : ଏମିତି ଏମିତି କେତେ ଟଙ୍କା ଆଦାୟ ହୋଇପାରିବ? ବରଂ ସାହାଯ୍ୟ ପାଇଁ ଅନ୍ୟ କିଛି ଉପାୟ କରାଯାଉ।

ସେ ବୋଧେ ବୁଝିପାରିଲେ, ମୁଁ ଗୋଟାଏ କୃପଣ ଲୋକ ଓ ଦାନ ଧର୍ମ କରିବାକୁ ପସନ୍ଦ କରି ନ ଥାଏ। ଟିକେ ବିରକ୍ତ ହେଲା ଭଳି କହିଲେ : ଆଉ କ'ଣ ଉପାୟ କରାଯିବ?

ମୁଁ କହିଲି : ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସାହାଯ୍ୟ ଅଣାଯାଇପାରିବ! ବଡ ବଡ କର୍ପୋରେଟ ହାଉସ୍‌ରୁ ସାହାଯ୍ୟ ମଗାଯାଇପାରିବ!

ସେ ମୋ ପ୍ରସ୍ତାବରେ ସହମତ ହେଲେନି। କହିଲେ : ଏ ସରକାରୀ କଳ ଉପରେ ଆମର ଭରସା ନାହିଁ। ଆପଣ ନିଜେ କହନ୍ତୁ, ସାରା ଜୀବନ ଓଡ଼ିଆ ସାହିତ୍ୟର ସେବା କରି କରି ଲୋକଟା ପାଇଲା କ'ଣ? ଏ ଜାତି, ଏ ମାଟି କେବେ ଶିଖିବ କବି କଳାକାରମାନଙ୍କୁ ସମ୍ମାନ ଦେବା କଥା? ଗୋଟାଏ କବି କ'ଣ ଏମିତି ହନ୍ତସନ୍ତ ହୋଇ ମରିଯିବ? ଆପଣ କ'ଣ କେବେ ବି ଆତିଥ୍ୟ ନେଇ ନାହାନ୍ତି କବି ଗଗନ ମହାପାତ୍ରଙ୍କର। ତାଙ୍କର ବିଶାଳ ହୃଦୟର ପରିଚୟ ପାଇନାହାନ୍ତି?

**ନିଃସନ୍ଦେହରେ କବି ଗଗନ ମହାପାତ୍ର ଥିଲେ ଜଣେ ସହୃଦୟ ବ୍ୟକ୍ତିତ୍ୱ। ତରୁଣମାନଙ୍କୁ ସ୍ନେହ ଆଦର କରିବାରେ, ସମ୍ପର୍କ ରକ୍ଷା କରିବାରେ ସେ ଥିଲେ ଅଦ୍ୱିତୀୟ।**

ମୋର ଅବଶ୍ୟ ଏ ସମ୍ପର୍କରେ ଦ୍ୱିମତ ନ ଥିଲା। ନିଃସନ୍ଦେହରେ କବି ଗଗନ ମହାପାତ୍ର ଥିଲେ ଜଣେ ସହୃଦୟ ବ୍ୟକ୍ତିତ୍ୱ। ତରୁଣମାନଙ୍କୁ ସ୍ନେହ ଆଦର କରିବାରେ, ସମ୍ପର୍କ ରକ୍ଷା କରିବାରେ ସେ ଥିଲେ ଅଦ୍ୱିତୀୟ।

ଆମେ ତାଙ୍କ ସମ୍ପର୍କରେ ଆଲୋଚନା ଜାରି ରଖିଥିବା ସମୟରେ ଆଉ କିଛି ତରୁଣ କବି ଆମ ପାଖକୁ ଆସିଗଲେ। ଆଲୋଚନାରେ ଭାଗ ନେଲେ। ଏକାଧିକ ଲୋକ ଏକାଠି ହେଲେ ଯେମିତି ନାନା ମତ ପ୍ରକାଶ ପାଏ, କଥାଟା ସେଇଭଳି ହୋଇଗଲା।

ଜଣେ କବି ଅମିୟ ବାବୁ ମତ ଦେଲେ : ଚାଲ ଆମ ଏମ୍‌ଏଲ୍‌ଏ ସାହୁବାବୁଙ୍କ ପାଖକୁ ଯିବା। ଦୁଇ ଦିନରେ ପେନ୍‌ସନ ଯଦି ନ ହେବ ମୋତେ କହିବ!

ସଙ୍ଗେ ସଙ୍ଗେ ଆଉ ଜଣେ କବି ନବୀନ କହିଲେ : ଏମଏଲ୍‌ଏଙ୍କୁ ଧରିଲେ କ'ଣ ଆଉ କାମ ହେଉଛି? ଚାଲ ବରଂ ସଂସ୍କୃତି ସଚିବଙ୍କୁ ଭେଟିବା। ସ୍ମାରକପତ୍ର ଦେବା। ସାହିତ୍ୟ ଏକାଡେମୀ ସାମ୍ନାରେ ଆମରଣ ଅନଶନ କରିବା। କାମ କେମିତି ନ ହେବ? ବିପ୍ଲବୀ କବି କୋଦଣ୍ଡଧର ବାବୁ କହିଲେ : ମୁଁ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ଅଛି। ଆସ ସମସ୍ତେ।

ନଳିନାକ୍ଷ ବାବୁ ଅନୁଭବ କରୁଥିଲେ ଯେ ଚାନ୍ଦା ଆଦାୟ ଏକ କଷ୍ଟସାଧ ବ୍ୟାପାର। ସେ ଆମ ଆଲୋଚନା ପରିସରରୁ ଦୂରକୁ ଘୁଞ୍ଚିଗଲେ। ଚାନ୍ଦା ଆଦାୟ ଖାତା ହାତରେ ଧରି ଟିକେ ଦୂରରେ ଅପେକ୍ଷା କଲେ ଯୋଗ୍ୟ ଦାତାର।

ପରଦିନ କିଛି ଖବରକାଗଜରେ ଏ ସମ୍ପର୍କରେ ବିଶେଷ ସମ୍ବାଦମାନ ପ୍ରକାଶ ପାଇଥିଲା। ସେସବୁ କାର୍ଯ୍ୟ 'ଗଗନ ମହାପାତ୍ର ସାହାଯ୍ୟ ସମିତି'ର କାମ ବୋଲି ବୁଝିବାରେ ବିଳମ୍ବ ହୋଇ ନ ଥିଲା। ଖବର କାଗଜରେ ପ୍ରକାଶିତ ଖବର ବେଶ୍ ଉତ୍ତେଜକ ଥିଲା। ଲେଖାଥିଲା କବି ଗୀତିକାର ଗଗନ ମହାପାତ୍ରଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ। ଯେଉଁ ଗୀତିକାର ଲେଖିଥିଲା, 'ତୁମ୍ଭ ଶ୍ରୀଚରଣେ ଦିଅ ହେ ଶରଣ' ଭଳି ହୃଦୟସ୍ପର୍ଶୀ କବିତା, ଯୋଉ ଗୀତ ଶୁଣି ହଜାର ହଜାର ଲୋକ ଭାବବିହ୍ୱଳ ହୋଇପଡୁଥିଲେ, ଏବେ ସେ କପର୍ଦ୍ଦକଶୂନ୍ୟ ହୋଇ ବସିଛନ୍ତି। ଏ ନିର୍ଦ୍ଦୟ ସରକାର ତାଙ୍କର ପେନସନ ଗଣ୍ଡାକ ଅଟକାଇ ରଖିଛି। କବି କଳାକାରମାନଙ୍କ ପାଇଁ ଏ ସରକାର ଯମଦୂତ ସାଜିଛନ୍ତି। ସାହିତ୍ୟ ସଂସ୍କୃତି ବିଭାଗ କୁମ୍ଭକର୍ଣ୍ଣ ଭଳି ଆଖିବୁଜି ଶୋଇଛନ୍ତି। ଉତ୍ସବ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ନାଚଗୀତର ଟଙ୍କା ଉଡୁଛି। ଅଥଚ ସେ ଗୀତ ଯିଏ ଲେଖିଚି, ସେଇ ଗୀତିକାର ଆଜି ଔଷଧ ନ ପାଇ ମରିବାକୁ ବସିଛି। ଏ ସରକାରକୁ ଧିକ୍। ଏ ସଂସ୍କୃତି ସଚେତନ ଓଡ଼ିଶାବାସୀ କେତେଦିନ ଏମିତି ସହି ଚାଲିଥିବେ ସରକାରୀ କଳର

ଅନାଚାର, ଅତ୍ୟାଚାର ? ଖବରକାଗଜରେ ଏ ସବୁ ଖବର ପ୍ରକାଶନ ସହିତ ତାଳ ଦେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ତାର ପ୍ରତିଧ୍ୱନି ଦେଖିବାକୁ ମିଳୁଥିଲା। ଲୋକମାନେ, ଧିକ୍ ସରକାର, ନିର୍ଦ୍ଦୟ ସରକାର, କାହା ସରକାର, ଅସଂସ୍କୃତ ସରକାର ବୋଲି କଟୂକ୍ତିମାନ ପ୍ରୟୋଗ କରି କମେଣ୍ଟସ୍ ଲେଖୁଥିଲେ।

ମୋର ମନେ ପଡ଼ିଲା, କେଇ ଦିନ ତଳର କଥା।

ଜଣେ ବନ୍ଧୁଙ୍କ ସହିତ କଟକ ଯାଇଥିଲି। ବନ୍ଧୁଙ୍କ ଘର ବି କଟକ, ତାଙ୍କ ଘରକୁ ବ୍ୟାଙ୍କଟିଏ ଭଡା ନେବାର ଥିଲା ଓ ସେଥିପାଇଁ ଥ୍ରୀ ଫେଜ୍ ଲାଇନ୍ ଦରକାର ପଡୁଥିଲା। ଆମେ ଏକାଠି ଇଲେକ୍ଟ୍ରିସିଟି ଅଫିସକୁ ଯାଇଥିଲୁ। ସେଇଠି ଦେଖାହୋଇଗଲେ କବି ଗଗନ ମହାପାତ୍ର। ସିଏ ସେଇ ଇଲେକ୍ଟ୍ରିସିଟି ଅଫିସ୍‌ରେ ଚାକିରି କରୁଥିଲେ। ମୋତେ ସେ ଆଗରୁ ଚିହ୍ନିଥିଲେ। କାରଣ ମୁଁ ବେଳେବେଳେ ଛୋଟମୋଟ ଲେଖା ଲେଖୁଥାଏ। ଆମକୁ ଦେଖି ସେ ଖୁବ୍ ଖୁସି ହେଲେ। ଖୁବ୍ ଆଦର ସତ୍କାର କଲେ। ଯେତେ ନାହିଁ ନାହିଁ କଲେ ବି ପାଖରେ



ଗୋଟେ ହୋଟେଲକୁ ଡାକି ନେଇ ମିଠା ଖୁଆଇଲେ। ସ୍ନେହର ସହିତ କହିଥିଲେ, ହେଃ ! ଏତେ ଦିନକେ ଦେଖା, କିଛି ଗୋଟାଏ ନ ଖୋଇ ଛାଡିବି ନାହିଁ।

ତାଙ୍କର ନିର୍ଭେଜାଲ ସ୍ନେହ ଆଦର ସମ୍ମୁଖରେ ଆମେ ନତମସ୍ତକ ହେଲୁ। ଆମର ସେହି ଅଫିସକୁ ଯିବାର ଅଭିପ୍ରାୟ ଜାଣିବା ପରେ ସେ ନିଜ ତରଫରୁ ପ୍ରତିଶ୍ରୁତି ଦେଇଦେଲେ ଯେ, କାମଟା ମୁଁ କରେଇଦେବି।

ଆମେ ଆଶ୍ୱସ୍ତ ହେଲୁ ଓ ଫେରି ଆସିଲୁ।

ଦୁଇଦିନ ପରେ ମୋର ବନ୍ଧୁ ମୋତେ ଫୋନ୍ କରି କହିଲେ: ସେ ଲୋକ ଜଣକ ପରା କବି ? ଭଲ ଲୋକଟିଏ ବୋଲି ତୁମେ କହୁଥିଲ ! ସେ କ'ଣ ଉପୁରି ଚାହୁଁଛନ୍ତି କାମଟା କରିଦେବା ପାଇଁ !

ମୁଁ କହିଲି : ଭଲ କବି ଭଲ ଲୋକ ହେବେ ବୋଲି କିଛି ମାନେ ନାହିଁ।

ସେ ବିସ୍ମୟ ପ୍ରକାଶ କଲେ : ଏଭଳି ଲୋକ ଏମିତି ସୁନ୍ଦର କବିତା ଲେଖି ପାରୁଛନ୍ତି କେମିତି ? ଏତେ ଭାବପୂର୍ଣ୍ଣ ଭଜନ ଜଣାଣ ଲେଖୁଛନ୍ତି କେମିତି ?

ମୁଁ କହିଲି : ତାହା ମଧ୍ୟ ମୁଁ ବେଳେ ବେଳେ ବୁଝିପାରେନି। ପୃଥିବୀରେ ବହୁତ ବଡ ବଡ ଲୋକ ବ୍ୟକ୍ତିଗତ ଜୀବନରେ ଭାରି ଅସାମାଜିକ। ମଦୁଆ, ଗଞ୍ଜେଡ଼, ଗୁଣ୍ଡା, ବଦମାସ୍, ଅସାମାଜିକ ଲୋକ ବହୁ କାଳଜୟୀ ସାହିତ୍ୟ ରଚନା କରିଯାଇଛନ୍ତି। ହିସାବ କଲେ ଏମିତି ଶତାଧିକ ଲେଖକ ବାହାରିବେ। ଯୋଉମାନେ ବହୁ କୁକର୍ମରେ ଲିପ୍ତ। ବିଶିଷ୍ଟ କଥାକାର ଓ' ହେନେରୀ ତ ବ୍ୟାଙ୍କରେ ଚାକିରି କରୁଥିଲେ। ହେରଫେର କରି ଜେଲ୍ ବି ଯାଇଥିଲେ। ଆମର କାଳିଦାସ ତ ଥିଲେ ବେଶ୍ୟାସକ୍ତ। ବୈଷ୍ଣବ ପାଣି ତ ତାଙ୍କର ସବୁ ଅପକର୍ମର ତାଲିକା ନିଜ ଆତ୍ମଜୀବନୀରେ ଲେଖିଯାଇଛନ୍ତି।

କବିମାନେ ସାଧୁ ସଚ୍ଚରିତ୍ର ଲୋକ ହେବେ ବୋଲି କୋଉଠି କୁହାଯାଇନାହିଁ।

ବନ୍ଧୁ କହିଲେ : ସେ ଲୋକଟା ସେଦିନ ଆମକୁ ମିଠା ଖୁଆଇଥିଲା ! ସେ ପଇସାଟା କାହାର ? ନିଶ୍ଚିତ ଭାବରେ ତା' ସ୍ୱୋପାର୍ଜିତ ଧନ ନୁହେଁ।

ମୁଁ କହିଲି : ତାହା ହୁଏତ କୌଣସି ସାଧାରଣ ଲୋକର ଟଙ୍କା ହୋଇଥିବ। ଯାହା ହୁଏତ ଉତ୍କୋଚ ଆକାରରେ ଆଦାୟ କରିଥିବେ କବି ଗଗନ ମହାପାତ୍ର।

ବନ୍ଧୁ ପଚାରିଲେ : ତା' ମାନେ ଆମେ ତା'ର ପାପର ଭାଗୀଦାର ?

ମୁଁ କହିଲି : ନା! ଆମେ ପାପୀ ନୁହନ୍ତି। ପାପ ସେଇ ପାପୀ ପାଖରେ ହିଁ ରହେ।

ସେ ପ୍ରସ୍ତାବ ଦେଲେ : ଟ୍ରାପ୍ କରିଦେବା କି ?

ମୁଁ କହିଲି : କରାଯାଉ !

ଏହା ପରର ଘଟଣା ସଂକ୍ଷିପ୍ତ ଥିଲା। ଲାଞ୍ଚ ଗ୍ରହଣ କାଳରେ ଧରାପଡି ଗଗନ ମହାପାତ୍ର ଚାକିରିରୁ ନିଲମ୍ବିତ ହୋଇଗଲେ। ପରେ ବିଭାଗୀୟ ଅନୁସନ୍ଧାନ ହେଲା ଓ ତାଙ୍କ ବିରୋଧରେ ଅଭିଯୋଗପତ୍ର ଲମ୍ବିଯାଇଥିଲା। ନିଲମ୍ବିତ ଥିବା ଅବସ୍ଥାରେ ଚାକିରି ଶେଷ ହୋଇଗଲା। ପେନସନ୍ ସ୍ଥଗିତ ରହିଲା। ପରେ ପରେ ସେ ରୋଗାକ୍ରାନ୍ତ ହେଲେ। ବେଳେ ବେଳେ ମୋତେ ବିବେକ ଦଂଶନ କରୁଥିଲା ଯେ ସେ ସର୍ବମାନ୍ୟ କବିଙ୍କୁ ନିଲମ୍ବିତ ହେବାରେ ମୋର ପରୋକ୍ଷ ସମର୍ଥନ ରହିଥିଲା।

ଏବେ ମୁଁ ତାଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ଲେଖିବା ପାଇଁ ଶବ୍ଦ ଖୋଜୁଥିଲି।

**କ୍ଷମା କରିବେ ! ଯାଇ ପାରିବି ନାହିଁ। ମୋର ଜଣେ ପ୍ରିୟ କବିଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ବାର୍ତ୍ତାଟିଏ ଲେଖିବାର ଅଛି।**

ଜଣେ ପ୍ରକାଶକ ବନ୍ଧୁ ଏତିକିବେଳେ ଫୋନ୍ କଲେ। କହିଲେ : ଗୋଟେ ପୁସ୍ତକ ଉନ୍ମୋଚନ ଉତ୍ସବ ହେଉଛି। ଆପଣ ଆସିବେ ? ଭଲ ଖାଇବା ପିଇବା ହେବ !

ମୁଁ ପଚାରିଲି : କାହା ବହି ? କିଏ ଲେଖିଚି ? ସବିଶେଷ କୁହନ୍ତୁ ନା !

ପ୍ରକାଶକ ବନ୍ଧୁ କହିଲେ : କବି ନନ୍ଦଗୋପାଳ ଦାଶ !

ମୁଁ କହିଲି : ନାମଟା ଶୁଣିଲା ଶୁଣିଲା ଭଳି ଲାଗୁଛି। ଆଗରୁ ତାଙ୍କ କବିତା କିଛି ପଢ଼ି ନାହିଁ। କିଏ, କହିଲେ ?

ସୁସ୍ୱାଦୁ ଖାଦ୍ୟ ଲୋଭରେ ମୁଁ ଅନେକ ଅବାଞ୍ଛିତ ସାହିତ୍ୟସଭାକୁ ଯାଏ ବୋଲି ମୋର ଅପବାଦ ଥିଲା। ପ୍ରକାଶକ ବନ୍ଧୁ ତା'ର ସୁଯୋଗ ନେଇ ମୋ ସହିତ ଥଟ୍ଟା ଖେଳୁଛନ୍ତି କି? ସେ କହିଲେ : ନାମଟା ଶୁଣିଥିବେ ନିଶ୍ଚୟ! ତାଙ୍କ ନାମରେ ଛଅମାସ ତଳେ ବହୁତ ଖବର ପ୍ରକାଶ ପାଇଥିଲା। ସାମ୍ବାଦିକମାନେ ତୁମ୍ଭି ତୋଫାନ କରୁଥିଲେ। ମୁଁ ଏବେ ନନ୍ଦଗୋପାଳ ଦାଶଙ୍କୁ ମନେ ପକାଇପାରିଲି। ଛଅମାସ ତଳେ ଖବରର ଦୁନିଆରେ ସେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଜଣେ ମହିଳାଙ୍କ ସହିତ ମିଶି ସେ ସିନେମା ତିଆରି କରୁଥିଲେ। ମନୋମାଳିନ୍ୟ ହେବାରୁ ହିତ୍ୟାକାଣ୍ଡ ଯାଏ କଥା ଗଲା। ଘଟଣାଟି ଖବର କାଗଜରେ ବହୁ ଚର୍ଚ୍ଚିତ ହୋଇଥିଲା।

ମୁଁ ପଚାରିଲି : ଇଏ କ'ଣ ସେଇ ନନ୍ଦଗୋପାଳ ଦାଶ ! ହତ୍ୟାକାରୀ ?

ପ୍ରକାଶକ ବନ୍ଧୁ କହିଲେ : ହଁ! ହଁ! ଇଏ ସେଇ! ଏବେ ଏବେ ଜେଲରୁ ବେଲ୍ ନେଇ ଫେରିଛନ୍ତି।

ମୁଁ ପଚାରିଲି : ସିଏ କ'ଣ ଜଣେ କବି ?

ପ୍ରକାଶକ ବନ୍ଧୁ କହିଲେ : ହଁ! ପ୍ରକୃତରେ ସେ ଜଣେ କଳାକାର। କିନ୍ତୁ ଏଇ ଯେ କିଛିଦିନ ଜେଲ୍‌ରେ ରହିଗଲେ, ଲେଖା ଲେଖିରେ ମନ ଦେଲେ।

ମୁଁ ଟିକେ ତାଚ୍ଛଲ୍ୟ କଲି : ଆଉ ଆପଣ ସେଭଳି ଲୋକର ବହି ପ୍ରକାଶନର ଦାୟିତ୍ୱ ନେଇଗଲେ।

ପ୍ରକାଶକ ବନ୍ଧୁ ଯୁକ୍ତି କଲେ : ସେଭଳି ଲୋକ ବୋଲି କ'ଣ କହୁଛନ୍ତି ! ଏଇଟା ଅପମାନଜନକ। ସେ ଖୁବ ଭଲ କବିତା ଲେଖିଛନ୍ତି। ମାନେ ଉଚ୍ଚକୋଟୀର। ଆପଣମାନେ ତ ପୁଣି ଦିନେ ଦସ୍ୟୁ ରତ୍ନାକରଙ୍କୁ ବାଲ୍ମିକୀ କରି ଦେଇଥିଲେ। ଖୁଣୀ ନନ୍ଦଗୋପାଳ ଦାଶ କବି ନନ୍ଦଗୋପାଳ ଦାଶ ହୋଇଯିବାରେ ଅସୁବିଧା ରହିଲା କୋଉଠି ?

ମୁଁ ଉଦାସ ସ୍ୱରରେ କହିଲି : କ୍ଷମା କରିବେ! ଯାଇ ପାରିବି ନାହିଁ। ମୋର ଜଣେ ପ୍ରିୟ କବିଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ବାର୍ତ୍ତାଟିଏ ଲେଖିବାର ଅଛି।

ପ୍ରକାଶକ ବନ୍ଧୁ ଫୋନ୍ ରଖି ଦେଲେ।

ମୁଁ ଶ୍ରଦ୍ଧାଞ୍ଜଳି ପୃଷ୍ଠା ପାଇଁ ଶବ୍ଦ ଖୋଜିବାରେ ମନ ଦେଲି। କବି ଗଗନ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ଏକ ସ୍ମୃତି ପୁସ୍ତକ ପ୍ରକାଶ ପାଇବ। ସେଥିପାଇଁ ଉଦ୍ୟୋକ୍ତାମାନେ ମୋତେ ଅନୁରୋଧ କରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
pareshpatnaik@rediffmail.com




ରମ୍ୟ ରଚନା

# ପାଠକ କେଉଁଠି ମିଳିବେ ?

ଡ. ଅଭୟ ଦାଶ

ଅଭୟ ଦାଶ ଆଜି କାହିଁକି ଚିନ୍ତିତ ଥିବା ପରି ଦିଶୁଥିଲା। କିଛି ନୂଆ କଥା ନୁହେଁ, ରିସର୍ଚ୍ଚ କାମ ଆଜ୍ଞା! ଏମିତି ମୁଡ୍ ତଳ ଉପର ହେବା ସ୍ୱାଭାବିକ! କଥାଟା ହେଲା ଏ ରିସର୍ଚ୍ଚ ବିଷୟ ଖୋଲା ବଜାରକୁ କେବେ ଆସିନାହିଁ। ଆସିବ କେମିତି? ଏଥିରେ କେତେ ଆକସ୍ମିକ ଅବସ୍ଥା ଆସିପାରେ? ସବୁ ସମସ୍ୟାକୁ ଏକାଠି କରି କିଛି ଗୋଟିଏ ସଫଳ ପଦକ୍ଷେପ ନେବା କଣ ସହଜ କଥା? ବହୁଦିନୁ ଶୁଣିଆସିଛି ଓଡ଼ିଶାରେ ପାଠକ ନାହାନ୍ତି। ଲେଖକ ପ୍ରବଳ, ଲେଖା ଭୟଙ୍କର, ପାଠକ ବିରଳ - ଏ ପ୍ରବଚନ ଶୁଣି ଆସିଛି କାହିଁ କେତେଦିନ ହେଲାଣି। ସେଥିପାଇଁ ଗଭୀର ଅଧ୍ୟୟନ ଆବଶ୍ୟକ। ଲାଗିପଡିଛି ସେହି କାମରେ! ସ୍ୱେଚ୍ଛାସେବୀଙ୍କର ଇଚ୍ଛା ନାହିଁ, ଏପରି ଶୁଖିଲା ବିଷୟରେ କାମ କରିବାକୁ। ପଇସାଟାଏ ବଢେଇବାର ନାଁ ନାହିଁ, କ'ଣ ନା ରିସର୍ଚ୍ଚ! 'ଭୁଖେ ଭଜନ ନା ହୋଏ ଗୋପାଲା!' କେତେଜଣ ଏ ରିସର୍ଚ୍ଚ ଛାଡି ଖସି ଗଲେଣି। କହନ୍ତି, 'ଲିପଷ୍ଟିକ୍ ବିକିଲେ ଲାଭ ଅଛି।' ସେଇ ହୋଇଛି ଅଭୟ ଦାଶର ଟେନ୍ସନ ର କାରଣ।



ଏ ମଧ୍ୟରେ ବହୁତ ସ୍ଥାନରେ ଯାଇ ପହଞ୍ଚିବାକୁ ହେଉଛି। ବହୁତ କିଛି ଦେଖିବାର, ଶିଖିବାର ସୁଯୋଗ ମିଳିଛି। ବହୁଦିନ ପରେ କଟକ ଷ୍ଟେସନରେ ପହଞ୍ଚି ଯାଇ ଖୋଜୁଥିଲି, କୁଆଡେ ଗଲା ସେ ଏ ଏଚ୍ ହ୍ୱିଲର ବୁକ୍ ଷ୍ଟୋର, ହିଗିନ୍ ବୋଥାମ୍ ବୁକ୍ ଷ୍ଟଲ୍? ମନେ ପଡୁଥାଏ କଟକରୁ ପୁରୀ ଯିବା ସମୟରେ ବାବୁମାନେ ପ୍ରାୟ ବହିଖଣ୍ଡିଏ ଧରି ବସିବା ଦେଖାଯାଉଥିଲା। କିଛି ନହେଲେ ପତ୍ରିକା ଖଣ୍ଡେ କି ଖବରକାଗଜ ଖଣ୍ଡେ ଧରି ଦି'ଧାଡି ପଢୁଥିଲେ। ପାଖରେ ବସିଥିବା ସହଯାତ୍ରୀ ଜଣକ ମାଗିନେଇ ଦୃଷ୍ଟି ପକାଇ ନେଉଥିଲେ। ସେଇଠୁ ମତ ବିନିମୟ, କଥାବାର୍ତ୍ତା ଆରମ୍ଭ ହେଉଥିଲା। ଲମ୍ବା ଟ୍ରେନ କି ବସ ଯାତ୍ରାର ସାଥୀ ଥିଲା ବହି। ଆଜି କାହିଁ? ମୋବାଇଲକୁ ଦୋଷ ଦେଇ କି ଲାଭ? କେତେ କଥା ଶୁଣିବାକୁ ମିଳୁଛି, "ବହି ଗୁଡିକ ଡିଜିଟାଲାଇଜ୍ କରି ଦିଅନ୍ତୁ, ନେଟରେ ଛାଡି ଦିଅନ୍ତୁ, ବହୁତ ବଡ ପାଠକ ଗୋଷ୍ଠୀଙ୍କ ପାଖରେ ପହଞ୍ଚିଯିବ।" ପହଞ୍ଚିଯିବ ଯେ, ସେ ବାବୁ କି ମାଆ ସିନା କବାଟ ଖୋଲିଲେ ଦେଖାହେବ? ପଢିବାକୁ ମନ ନଥିଲେ କ'ଣ ହେବ? ଯିଏ ନପଢିଲା, ତାକୁ କଣ ଆମେ ପାଠକ ଶ୍ରେଣୀଭୁକ୍ତ କରିବା? ଆଜି କାଲି କେଣ୍ଡିଲ୍ ନାଆଁରେ ଗୋଟିଏ ଯନ୍ତ୍ର ଆସି ମୃତ୍ୟୁ ଅପେକ୍ଷାରେ। ଜନ୍ମଦିନର ଉପଢୌକନ ରୁପେ ଖୁବ୍ ନାଁ କରିଗଲା। ପିଲାମାନେ ବୁଢା ବାପ ମା'ଙ୍କୁ ସେଥିରୁ ଗୋଟିଏ ଦେଇ ଜନ୍ମଦିନ ମନାଇବା ଆମେ ଦେଖିଛୁ। ଆଖିର କାଟାରାକ୍ଟ୍ ଅପରେସନ ଅପେକ୍ଷାରେ ଥିବା ବାପା କି ମାଆଙ୍କ ପାଇଁ ସେ କେଣ୍ଡିଲ କି କାର୍ଯ୍ୟର? ବହି ଖଣ୍ଡିଏ ହେଲେ ଅନ୍ତତଃ ଆଜି ଦି ପୃଷ୍ଠା, କାଲି ପୃଷ୍ଠାଏ କରି, ଆଖିରୁ ଲୁହପୋଛି ତକିଆ ତଳେ ରଖିଦେବା ସହଜ ହୁଏ।

ଯାହା ଆମେ ଦେଖିଛୁ, ଯେତେ ପୁସ୍ତକ ମେଳା ଯାଇଛୁ ସେଠାରେ ଛୋଟ ପିଲାଙ୍କ ପାଇଁ ମା'ମାନେ ଛବି ବହି, ଚିତ୍ରକଳା ସାମଗ୍ରୀ କିଣିବା ଦେଖିବାକୁ ମିଳେ। ଯୁବାବର୍ଗ ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ପଢାବହି କିଣନ୍ତି, ସାହିତ୍ୟ ବହି ସେହି ବିଷୟର ଛାତ୍ରମାନେ କିଣନ୍ତି। ସିନିୟର ସିଟିଜନମାନେ ସାହିତ୍ୟ, ଧର୍ମଗ୍ରନ୍ଥ ଆଦି କିଣିବା ଆମେ ଦେଖିଛୁ। ଅଧିକରୁ ଅଧିକ ରିହାତି ପାଇଁ ମ୍ୟାନେଜରର ମୁଣ୍ଡ ଖାଇଯାଆନ୍ତି। ସେମାନେ ନିଜ ଇଚ୍ଛାରେ ଖୁବ୍ ବହି କିଣନ୍ତି, ଯାହା ଦିଲ୍ଲୀର ବିଶ୍ୱ ପୁସ୍ତକ ମେଳାରେ ଦେଖିବାକୁ ମିଳେ। ଆମ ଭୁବନେଶ୍ୱର ପୁସ୍ତକ ମେଳାରେ ମଧ୍ୟ ଲୋକେ ବହି କିଣୁଥିବା ଦେଖାଯାଏ, କିନ୍ତୁ ତାହା ଖଣ୍ଡଗିରି ଯାତ୍ରା ତଳେ। ପ୍ରଶ୍ନ ଉଠେ ଯିଏ ବହି କିଣିଲେ ସିଏ ପାଠକ ଲିଷ୍ଟକୁ ଯିବେ ନା କ୍ରେତା? ନିଜେ ସବୁ ନ ପଢିଲେ ମଧ୍ୟ, କିଏ ତ ପଢିବ! ମାନେ, ବହିଟିଏ କିଣି ଜଣେ ପାଠକ ସୃଷ୍ଟି କରିବାରେ ସାହାଯ୍ୟ କଲେ ବୋଲି ଜାଣନ୍ତୁ। ତେଣୁ ତାଙ୍କୁ ପାଠକ ଲିଷ୍ଟରେ ରଖାଯାଉ। ବହି କିଣି ପୁସ୍ତକ ଉଦ୍ୟୋଗକୁ ସାହାଯ୍ୟ କଲେ। ଏହା କଣ ତାଙ୍କର ସାହିତ୍ୟ ପ୍ରତି ଅବଦାନ ନୁହେଁ?

ଅଭୟ ଦାଶ ପାଠକ ଖୋଜି ଯେତେ ସ୍ଥାନରେ ପହଞ୍ଚିଛି, ସେଇ ଅଫିସ୍‌ର ପ୍ରଶ୍ନ ପରି, ସାର ଏଇଠି ଥିଲେ, କୁଆଡେ ଯାଇଛନ୍ତି। ବସନ୍ତୁ 'ସାର୍ ଆସିଯିବେ।' ଲେଖକ, ମାନେ ଅଭୟ ଦାଶ ନ ହେଲା କାହିଁକି? ନିଜ ପଇସାରେ ବହି ଛପେଇ ଯଦି କାହାକୁ ବହି ଖଣ୍ଡିଏ ସେମିତି ଦେଲେ, ଜାଣନ୍ତୁ ପାଣିରେ ପକେଇଲେ! ଯଦି ବହିର ମୂଲ୍ୟ ବାବଦକୁ ଟଙ୍କା ଶହେଟି ନେଇଥାଆନ୍ତେ, ଦି ପୃଷ୍ଠା ହେଲେ ସେ ବାବୁ ପଢିଥାଆନ୍ତେ ଅବା। ଅଭୟ ଦାଶର ଏ ରିସର୍ଚ୍ଚ ଟା ସେମିତି ଜମୁନାହିଁ, ସେଥିପାଇଁ ତା ମୁଣ୍ଡ ଖରାପ। ବହି ଛପା ହେଉଛି, ବିକ୍ରି ହେଉଛି କିଏ ପଢିଲା କି ନାହିଁ, କେମିତି ଜାଣିବା? ଗୁଡାଏ ବୁଲି ବୁଲି ଯେତେବେଳେ ନିଜ ଘରେ ପହଞ୍ଚି ଦେଖିଲା, ତା ଘରେ ତା ବହି ଖଣ୍ଡିଏ ନାହିଁ କି ତାରି ସ୍ତ୍ରୀ ପିଲେ ବି ପଢିନାହାନ୍ତି। ଓଡିଆ ବହି ଗୁଡା କିଏ ପଢିବ? କହନ୍ତି ପିଲାମାନେ। ପବ୍ଲିକ ସ୍କୁଲ ପିଲା ତ! ପତ୍ନୀଙ୍କ ଟାଇମ୍ କାହିଁ? ସେଥିରୁ ଯାହା ବୁଝିବେ। ପାଠକ ଲିଷ୍ଟ କେମିତି ତିଆରି ହେବ, କହିଲେ? ଅନେକ ବର୍ଷ ତଳେ ଓଡ଼ିଶାରେ ଶୁଣାଯାଇଥିବା କମ୍ପୋଷ୍ଟ ଖାତର ମାପ ପରି ହୋଇଯିବ ସିନା!

> **ନିଜ ପଇସାରେ ବହି ଛପେଇ ଯଦି କାହାକୁ ବହି ଖଣ୍ଡିଏ ସେମିତି ଦେଲେ, ଜାଣନ୍ତୁ ପାଣିରେ ପକେଇଲେ!**

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com


# ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ




Search **Sahitya Charcha** on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।




ପ୍ରବନ୍ଧ

# କବି ଓ କବିତାର କଥା

ବ୍ରହ୍ମାନନ୍ଦ ବିଶ୍ୱାଳ

ପ୍ରକୃତରେ 'କବି' କିଏ ? ପୁଣି 'କବିତା' କହିଲେ ସତରେ କ'ଣ ବୁଝାଏ ? କବିତା ଲେଖୁଥିବା ସବୁ ଲୋକ କ'ଣ ଯଥାର୍ଥରେ 'କବି' ? 'କବିତା' ଆକାରରେ ଲେଖାଯାଉଥିବା ସବୁ ଲେଖା କ'ଣ ଯଥାର୍ଥରେ କବିତା ? ଏ ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନ ଥାଇ ବି ଆଜିକାଲି ବହୁ ଲୋକ 'କବି' ବୋଲାଇବା ପାଇଁ କଲମ ଚଳାଇଛନ୍ତି। ଏମାନଙ୍କ ଲେଖା ବି ଛପା ହେବାରେ ଆଜିକାଲି କିଛି ଅସୁବିଧା ନାହିଁ। ଲେଖା ପରେ ଲେଖା ପତ୍ରପତ୍ରିକାଦିରେ, ବହି ଆକାରରେ ଛପା ହୋଇଗଲେ ହିଁ ଏମାନେ ଆରାମ୍‌ରେ 'କବି' ବନିଗଲେ ବୋଲି ମନେ ମନେ କୁରୁଳି ଉଠନ୍ତି। ଗର୍ବରେ ଫାଟିପଡ଼ନ୍ତି। କିନ୍ତୁ ପ୍ରଶ୍ନ ଉଠେ- ମୂଳ କଥାଟିକୁ ଏମାନେ ବୁଝିଛନ୍ତି କେତେଦୂର ?



କବିତାକୁ ଉତ୍ତମରୂପେ ବୁଝିବାକୁ ହେଲେ, କବିତା କାହାକୁ କହନ୍ତି, ସେ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଥିବା ନିହାତି ଆବଶ୍ୟକ। କବିତାର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ପୂର୍ବସୂରୀମାନଙ୍କଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳର ବହୁ ବିଶିଷ୍ଟ କବି ତଥା ସାହିତ୍ୟିକ ଓ ସାହିତ୍ୟ ସମାଲୋଚକ ନିଜ ନିଜର ମତ-ମନ୍ତବ୍ୟ ପ୍ରଦାନ କରିଆସିଛନ୍ତି। ତେବେ, ପ୍ରଥମେ ଆସନ୍ତୁ ଲକ୍ଷ୍ୟ କରିବା – କବିତା ସମ୍ପର୍କରେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ଦ୍ୱାରା ପ୍ରକାଶିତ ଓ ସଂକଳିତ 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ'ରେ କ'ଣ କୁହାଯାଇଛି –

ମନୁଷ୍ୟ ତା'ର ହୃଦୟର ଭାବରାଜିକୁ ଭାଷାର ସୌନ୍ଦର୍ଯ୍ୟରେ ସଜ୍ଜିତ କରି ପ୍ରକାଶ କରିବାରେ ଯେଉଁ ଅକ୍ଷରଶିଳ୍ପ ଗଢ଼ିଉଠେ, ତା'ର ନାମ କବିତା। ଏ ହେଲା ଏକ ସାଧାରଣ, କାମ-ଚଳେଇବା ସଂଜ୍ଞା। କାରଣ, 'କବିତା' କ'ଣ, ଏହି ଆଲୋଚନା ପଣ୍ଡିତମାନେ ଶତ ଶତ ବର୍ଷ ହେଲା କରିଆସୁଛନ୍ତି ଓ ଏବେ ବି ତା'ର ଅନ୍ତ ନାହିଁ। ତେବେ ମୋଟ୍ ଉପରେ ମନୁଷ୍ୟର ଭାଷାକୁ ଦୁଇଟି ପ୍ରଧାନ ଭାଗରେ ବିଭକ୍ତ କରାହୋଇଛି – ଗଦ୍ୟ ଓ ପଦ୍ୟ। ଗଦ୍ୟ ସେହି ଭାଷା, ଯାହା ସାଧାରଣ ମନୁଷ୍ୟ ତା'ର ଦୈନନ୍ଦିନ ଜୀବନରେ ଅନ୍ୟ ମନୁଷ୍ୟ ସାଥିରେ ବ୍ୟବହାର କରିଥାଏ ଓ ସେହି ରୀତିରେ ଯାହା ଲିଖିତ ରୂପରେ ମଧ୍ୟ ପ୍ରୟୋଗ କରାଯାଇଥାଏ। ପଦ୍ୟ ଭାଷାର ସେହି ରୂପ ଯାହା ମନୁଷ୍ୟର ଭାଷାକୁ ସଜାଇ, ସୁନ୍ଦର କରି ଓ ଶ୍ରୁତିମଧୁରତା ଆଣିବା ଲକ୍ଷ୍ୟରେ ଉପର ଧାଡ଼ି ଓ ତଳ ଧାଡ଼ିର ଶେଷ ପଦକୁ ମିଳାଇ ପ୍ରକାଶ କରାଯାଏ। ଏହି ପଦ୍ୟ ହିଁ ସାଧାରଣରେ କବିତା ବୋଲି ବହୁକାଳ ଧରି ଧରାଯାଉଥିଲା; କିନ୍ତୁ ପରେ ଭାରତବର୍ଷରେ ଓ ଇଉରୋପରେ ମତ ବଦଳିଲା। ସାହିତ୍ୟଦର୍ପଣକାର ବିଶ୍ୱନାଥ କବିରାଜ, ଭାରତୀୟ ସାହିତ୍ୟରେ କବିତାର ସୁନ୍ଦରତମ ସଂଜ୍ଞା ଦେଇଯାଇଛନ୍ତି। ତାଙ୍କ ମତରେ – ''ବାକ୍ୟଂ ରସାତ୍ମକଂ କାବ୍ୟଂ।'' ଅର୍ଥାତ୍, କବିତା ପାଇଁ ପଦ ମିଳେଇବା, ବା ଭାଷାକୁ ଯମକ, ଅନୁପ୍ରାସ ଓ ଅନ୍ୟାନ୍ୟ ଶବ୍ଦାଳଙ୍କାରରେ ଭରିବା ଇତ୍ୟାଦିର କିଛି ଦରକାର ନାହିଁ। ବାକ୍ୟ ରସଗର୍ଭକ ହେଲେଇ ତାହା କାବ୍ୟ ବା କବିତା ହୋଇଉଠେ।

### ଗଦ୍ୟର ବିପରୀତ ନୁହେଁ କବିତା

ଇଂଲଣ୍ଡର ପ୍ରସିଦ୍ଧ କବି ଓ ସମାଲୋଚକ କୋଲ୍‌ରିଜ୍ ଊନବିଂଶ ଶତାବ୍ଦୀରେ ଠିକ୍ ଏହି କଥା ପ୍ରଥମେ ପ୍ରଚାର କଲେ। ସେ କହିଲେ ଯେ କବିତା, ଗଦ୍ୟର ବିପରୀତ ନୁହେଁ। କେବଳ ପଦ ମିଳୁଥିବା; କିନ୍ତୁ କାବ୍ୟରସହୀନ ପଦ୍ୟ ଅପେକ୍ଷା ଗଭୀର ଭାବାବିଷ୍ଟ ଗଦ୍ୟକୁ କବିତା ବୋଲି ଗ୍ରହଣ କରିବା ଉଚିତ। ବସ୍ତୁତଃ ଇଂରାଜୀ ବାଇବଲ୍‌ର ଅନେକାଂଶ, ରବୀନ୍ଦ୍ରନାଥଙ୍କ

ଇଂରାଜୀ ଗୀତାଞ୍ଜଳି, ଆବ୍ରାହାମ୍ ଲିଙ୍କନ୍‌ଙ୍କ ଜେଟିସ୍‌ବର୍ଗ ବକ୍ତୃତା ଇତ୍ୟାଦି ଗଦ୍ୟ ହେଲେହେଁ, ପ୍ରାଣସ୍ପର୍ଶୀ କାବ୍ୟଧର୍ମରେ ଅଳଙ୍କୃତ। ଅଥଚ ତଥାକଥିତ ଅଧିକାଂଶ ପଦ୍ୟ, ପ୍ରକୃତରେ ନୀରସତମ ଗଦ୍ୟର ହିଁ ସମଶ୍ରେଣୀକ। ଯେକୌଣସି ଭାଷାରେ ପ୍ରକୃତ କବିତାର ପରିମାଣ ତେଣୁ ଅତି ଅଳ୍ପ, ଯଦିଓ ସେ ଭାଷାରେ ଗାଡ଼ିଗାଡ଼ି ପଦ୍ୟ-ପୁସ୍ତକ ଲେଖାଯାଇ-ଥାଇପାରେ। 'କବି' ଶବ୍ଦର ଅର୍ଥ – ଦ୍ରଷ୍ଟା (ସଂସ୍କୃତ) ଓ ସ୍ରଷ୍ଟା (ଗ୍ରୀକ୍)। ପ୍ରକୃତ କବି, ଗଭୀର ଭାବୁକ ଓ ଅନ୍ତର୍ଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବୋଲି ଧରାଯାଆନ୍ତି।

ଏଣୁ ଯେଉଁ ରଚନାରେ ଏହି ଗଭୀର ଅନୁଭୂତି ଓ ଅନ୍ତର୍ଦୃଷ୍ଟିର ସ୍ପଷ୍ଟ ଛାପ ଥାଏ, ତାହାକୁ ହିଁ କୁହାଯାଏ ପ୍ରକୃତ କବିତା। ଶ୍ରେଷ୍ଠ କବିତା ଅନାୟାସଲବ୍ଧ। ଏକା କବି ଆଉ ଥରେ ଚେଷ୍ଟା କରି ପୂର୍ବସୃଷ୍ଟ ସୁନ୍ଦର କବିତାଟିଏ ଲେଖି ନ ପାରେ। ସେଥିପାଇଁ ସବୁ ସାହିତ୍ୟରେ କବିର 'ପ୍ରେରଣା'ର କଥା କୁହାଯାଏ। କବି, ପ୍ରକୃତ କବିତା ସୃଷ୍ଟି ବେଳେ 'ପ୍ରେରିତ' ବା ଇନ୍‌ସ୍ପାୟାର୍ଡ ହୁଏ। ଅର୍ଥାତ୍ କବିତାଟି ବା କାବ୍ୟଟି କବି ଲେଖେନାହିଁ; ବରଂ ତା'ଦ୍ୱାରା ତାହା ଲେଖେଇ ହୋଇଯାଏ। ତେଣୁ ପ୍ରକୃତ କବିତା ବା ଶ୍ରେଷ୍ଠ କବିତା ସେହି, ଯାହା ଭିତରେ ଆମେ ଏହି ଇନ୍‌ସ୍ପିରେସନ୍ ବା ପ୍ରେରଣା ଦେଖୁଁ, ଅର୍ଥାତ୍ ସେହି କବିତାରେ ଆମେ ଏକ ରହସ୍ୟମୟ ଐଶ୍ୱରିକ ଶକ୍ତିର ସ୍ପର୍ଶ ପାଉଁ। ସେହି ରହସ୍ୟମୟ ଉପାଦାନ ଆମର ବିଚାରଶକ୍ତିର ବାହାରେ। ତା' ସମ୍ମୁଖରେ ଠିଆ ହେଲେ ଆମେ କେବଳ ବିସ୍ମୟ-ରସରେ ବୁଡ଼ିଯାଉଁ, କେବଳ ନିଜକୁ ପଚାରୁଁ, ଏହା କିପରି ସମ୍ଭବ ହେଲା! ମନୁଷ୍ୟଦେଇ ଏହା ହୋଇପାରେ କି? ମନୁଷ୍ୟର ଭାଷା ଏପରି ସୁନ୍ଦର, ଏପରି ଭାବପ୍ରକାଶକ ହୋଇପାରେ କି? କୋଣାର୍କର କେତୋଟି ମୂର୍ତ୍ତି ଆଗରେ ଠିଆ ହେଲେ ଦର୍ଶକ-ଚିତ୍ତରେ ଠିକ୍ ଏହି ଭାବ ଆସେ। ତେଣୁ ଯେଉଁ ରଚନା ବା ଗ୍ରନ୍ଥ ମନୁଷ୍ୟ-ଚିତ୍ତରେ ଗଭୀର ବିସ୍ମୟ-ରସର ସୃଷ୍ଟି କରେ, ତାହା ହିଁ ଉତ୍କୃଷ୍ଟ କବିତା ବୋଲି ଧରିନେବାକୁ ହେବ।

ସୁଧୀବୃନ୍ଦ, 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ'ର ଉପରୋକ୍ତ କଥା କେତେଦୂର ଗ୍ରହଣୀୟ ଆପଣମାନେ ବିଚାର କରିବେ। ଏବେ ଆସନ୍ତୁ ଦେଖିବା 'କବି' କିଏ? ବାସ୍ତବରେ କୁହାଯାଇଛି-''ଅପାର କାବ୍ୟ-ସଂସାରେ କବିରେବ ପ୍ରଜାପତିଃ।'' ଅର୍ଥାତ୍-କବି ହେଉଛି ବ୍ରହ୍ମା ସଦୃଶ। ସେଇଥିପାଇଁ କବି ମାନ୍ୟତା ପାଇଛି ଦ୍ୱିତୀୟ ସ୍ରଷ୍ଟା ଭାବରେ। ପୁନଶ୍ଚ, 'ଅଗ୍ନିପୁରାଣ'ରେ କୁହାଯାଇଛି-

''ନରତ୍ୱଂ ଦୁର୍ଲଭଂ ଲୋକେ
ବିଦ୍ୟା ତତ୍ର ସୁଦୁର୍ଲଭା
କବିତ୍ୱଂ ଦୁର୍ଲଭଂ ତତ୍ର
ଶକ୍ତିସ୍ତତ୍ର ସୁଦୁର୍ଲଭା।''

ଅର୍ଥାତ୍-ଦୁନିଆରେ ନରଜନ୍ମ ପ୍ରାପ୍ତ ହେବା ଦୁର୍ଲଭ, ନରଜନ୍ମରେ ବିଦ୍ୱାନ୍ ହେବା ସୁଦୁର୍ଲଭ; ବିଦ୍ୱାନ୍‌ମାନଙ୍କ ମଧ୍ୟରେ କବି ହେବା ଦୁର୍ଲଭ ଏବଂ ସର୍ବୋପରି କବିମାନଙ୍କ ମଧ୍ୟରେ ବିଶେଷ କବିପ୍ରତିଭା ପ୍ରାପ୍ତ ହେବା ସୁଦୁର୍ଲଭ।

**ଜନ୍ମଜାତ ପ୍ରତିଭା**

ବାସ୍ତବରେ, ଦୁନିଆରେ ଖୁବ୍ କମ୍ ଲୋକ ବିଶେଷ କବିପ୍ରତିଭା ଘେନି ଜନ୍ମଗ୍ରହଣ କରିଥାଆନ୍ତି। ଏଭଳି କବିଙ୍କଠାରେ ସ୍ୱତଃ କବିତାର ସ୍ଫୁରଣ ଘଟିଥାଏ। ଏଣୁ ତାଙ୍କୁ ଆମେ ସରସ୍ୱତୀଙ୍କ ବରପୁତ୍ର ବା ବରପୁତ୍ରୀ ବୋଲି କହୁ। କେତେକଙ୍କ ନିକଟରେ ଅଳ୍ପମାତ୍ରାରେ କବିତ୍ୱ ଶକ୍ତି ରହିଥାଏ। ଏମାନଙ୍କ କବିତ୍ୱର ବିକାଶ ଅଧ୍ୟୟନ, ଅନୁଶୀଳନ ଓ ଅଭ୍ୟାସ ତଥା ସାଧନା ଉପରେ ନିର୍ଭରଶୀଳ। କେତେକଙ୍କ ଭିତରୁ କବିତ୍ୱର ଫୁଲକଢ଼ ଉକୁଟି ଉଠୁଥିଲେ ବି ଉତ୍ସାହ ଓ ଅଭ୍ୟାସ ଅଭାବରୁ ତାହା ପ୍ରସ୍ଫୁଟିତ ହେବା ପରିବର୍ତ୍ତେ ମଉଳିପଡ଼େ, ଝଡ଼ିପଡ଼େ ଅକାଳରେ। କେତେକ କବି ପ୍ରତିଭାବନ୍ତ ହୋଇଥିଲେ ହେଁ ପାରିପାର୍ଶ୍ୱିକ ଦୁରବସ୍ଥାର ଚାପରେ ସେମାନଙ୍କ ପ୍ରତିଭାର ବିକାଶ ବାଧାପ୍ରାପ୍ତ ହୁଏ। ଏପରି ଯଶସ୍ୱୀ କବିଙ୍କ ପାଇଁ ପାରିପାର୍ଶ୍ୱିକ ଅବସ୍ଥା ଅନୁକୂଳ ବା ସହାୟକ ହୋଇଥିଲେ, କବି ଭାବରେ ସେ ଆହୁରି ସୁଖ୍ୟାତ ହୋଇପାରିଥା'ନ୍ତେ। ଅନ୍ୟପକ୍ଷରେ, ପାରିପାର୍ଶ୍ୱିକ ଦୁରବସ୍ଥା ସତ୍ତ୍ୱେ କେତେକ କବି ବେଶ୍ ସଫଳତା ଅର୍ଜନ କରିଥିବାର ଲକ୍ଷ୍ୟ କରାଯାଏ। କେତେକ କବିଙ୍କ କ୍ଷେତ୍ରରେ ଏପରି ମଧ୍ୟ ଲକ୍ଷ୍ୟ କରାଯାଏ ଯେ, ପାରିପାର୍ଶ୍ୱିକ ଦୁରବସ୍ଥା ବରଂ କବିତ୍ୱ ପ୍ରଦର୍ଶନ

**ଏକା କବି ଆଉ ଥରେ ଚେଷ୍ଟା କରି ପୂର୍ବସୃଷ୍ଟ ସୁନ୍ଦର କବିତାଟିଏ ଲେଖି ନ ପାରେ। ସେଥିପାଇଁ ସବୁ ସାହିତ୍ୟରେ କବିର 'ପ୍ରେରଣା'ର କଥା କୁହାଯାଏ।**

ନିମନ୍ତେ ତାଙ୍କୁ ଅଧିକ ସାହାଯ୍ୟ କରିଛି ।

ତେବେ ସେ ଯାହା ହେଉ, ବିଶେଷ କବିପ୍ରତିଭା ଥିବା କବି ହିଁ ହୋଇପାରେ କ୍ରାନ୍ତିଦ୍ରଷ୍ଟା, କ୍ରାନ୍ତିସ୍ରଷ୍ଟା । ସେ ତା'ର ଦୂରଦୃଷ୍ଟି ବଳରେ ନିଗୂଢ଼ ସତ୍ୟର ଅବତାରଣା କରିବା ସହିତ କଳ୍ପନାର ଯାଦୁକରୀ ସ୍ପର୍ଶରେ କମନୀୟ କଳାପୂର୍ଣ୍ଣ କବିତା ରଚନା କରି ପାଠକ ବା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇପାରେ । ପୃଥିବୀରେ ସ୍ୱର୍ଗର ପରିକଳ୍ପନା କରିପାରେ । ପ୍ରକୃତିର ଚିତ୍ର ବଦଳାଇଦେଇପାରେ । ପାଠକ ଏବଂ ଶ୍ରୋତାମାନଙ୍କୁ ଏକ ଭିନ୍ନ ଜଗତକୁ ନେଇଯାଇପାରେ । ସମାଜର ପ୍ରତିଛବି ଅଙ୍କନ କରିବା ସହିତ ସମାଜକୁ ସାତ୍ତ୍ୱିକ ବାର୍ତ୍ତା ପ୍ରଦାନ କରେ । ଜୀବନଯୁଦ୍ଧରେ ପରାହତ ମଣିଷ ପାଇଁ ସମବେଦନା ପ୍ରକାଶ କରେ ଏବଂ ନୂତନ ଉତ୍ସାହ ପ୍ରଦାନ କରେ । ବିଶ୍ୱବିଖ୍ୟାତ ଇଂରାଜୀ କବି ପି. ବି. ସେଲି ତେଣୁ ଯଥାର୍ଥରେ କହିଛନ୍ତି – "ପୋଏଟ୍ସ ଆର୍ ଅନ୍‌ଏକ୍‌ନୋଲେଜ୍‌ଡ ଲେଜିସ୍‌ଲେଟରର୍ସ ଅଫ୍ ଦି ସୋସାଇଟି" ଅର୍ଥାତ୍- କବିମାନେ ହେଉଛନ୍ତି ସମାଜର ଅଣସ୍ୱୀକୃତ ନିୟାମକ ।



## ସୂକ୍ଷ୍ମଦୃଷ୍ଟିର ଅଧିକାରୀ

ସାଧାରଣ ଜନତାର ଆଖିରେ ଯାହା ନ ଦେଖାଯାଏ, କବିର ଆଖିରେ ତାହା ନିଖୁଣଭାବେ ଦେଖାଯାଇଥାଏ । ଦୁନିଆର ଯେଉଁଠି ବା ଯେଉଁ ବସ୍ତୁ ଉପରେ କବିର ସୂକ୍ଷ୍ମଦୃଷ୍ଟି ନିପତିତ ହୁଏ, ସେ ତା'ର ଅସଲ ସ୍ୱରୂପକୁ ଅତି ନିଖୁଣଭାବେ ଚିହ୍ନିପାରେ ଓ ଅନ୍ୟକୁ ମଧ୍ୟ ଚିହ୍ନାଇପାରେ ବେଶ୍ କଳାତ୍ମକ ଢଙ୍ଗରେ । ତା'ର ଏଇ ଅନନ୍ୟ ପ୍ରତିଭା ପାଇଁ ମାନବ-ସମାଜରେ ସେ ଅଗ୍ରନମସ୍ୟ । ଯେକୌଣସି ବିଷୟ ପଛରେ ଲୁଚିରହିଥିବା ନିଗୂଢ଼ ସତ୍ୟକୁ ଉଦ୍‌ଘାଟନ କରିପାରିବାର ସାମର୍ଥ୍ୟ ଥାଏ କେବଳ କବିର । ଅନେକ କବିଙ୍କ ରଚିତ ବହୁ କବିତାରେ ଏହାର ଭୁରିଭୁରି ପ୍ରମାଣ ମିଳେ । ଏଠାରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'କୋଣାର୍କ' କବିତାର ଏକ ପଙ୍‌କ୍ତିକୁ ଲକ୍ଷ୍ୟ କରାଯାଉ—

''ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ,
ମୁଁ ଦେଖିଛି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ!''

('କୋଣାର୍କ'–'ସହକାର'–୧୮/୯ମ ସଂଖ୍ୟା, ଡିସେମ୍ବର-୧୯୩୭, 'ପାଣ୍ଡୁଲିପି'-ପୃ.-୩୫)

ଏହା ପରେ ଆସନ୍ତୁ ଆଉ ଟିକେ ବିଚାର କରିବା – କବିତା କ'ଣ ଓ କିପରି ଲେଖାଯାଏ ? ବନ୍ଧୁଗଣ, ଏ ତ ଅତି ଗହନ ପାଠ । ଏ ବିଷୟରେ ବିଭିନ୍ନ ଦିଗରୁ ମାନସ-ମନ୍ଥନ କଲେ ଯାଇ ତହିଁରୁ ଆମେ କିଛି ନିର୍ଯାସ ପାଇପାରିବା । ତେବେ ସମସ୍ତେ ଏକମତ ହେବେ ଯେ, କବିତା ହେଉଛି କବିର ମାନସ-ସନ୍ତାନ । ତାକୁ ଜନ୍ମ ଦେବାକୁ ହେଲେ କବିକୁ ଅବଶ୍ୟ ପ୍ରସବବେଦନା ସହ୍ୟ କରିବାକୁ ହେବ । ଯାହାର ବେଦନାବୋଧ ଯେତେ ତୀବ୍ର, ଯିଏ ତା'ର ଅନୁଭବ-ଅନୁଭୂତିକୁ ପ୍ରକାଶ କରିବାର କଳାକୌଶଳରେ ଯେତେ ସିଦ୍ଧହସ୍ତ, ସେ ହିଁ ସେତେ ଉତ୍କୃଷ୍ଟ କବିତା ରଚନା କରିବାକୁ ସମର୍ଥ ହୋଇପାରେ । କବିତା ସର୍ଜନା କବିର ମାନସିକ ସ୍ଥିତି ଉପରେ କିପରି ନିର୍ଭରଶୀଳ, ସେ ସମ୍ପର୍କରେ ମତବ୍ୟକ୍ତ କରିବାକୁ ଯାଇ ଖ୍ୟାତନାମା କବି କମଳାକାନ୍ତ ଲେଙ୍କା ତାଙ୍କର ଏକ କବିତାରେ ଇଙ୍ଗିତ କରିଛନ୍ତି –

''କବିତା କେବେ ହୁଏନି ଲେଖା
ପ୍ରାଚୁର୍ଯ୍ୟର ପିଢ଼ିରେ ବସି,
କବିତା ନୁହେଁ ଶବ୍ଦଗୋଳ,
ଭାବରେ ଥାଏ ନିତ୍ୟ ରସି ।
କବିତା ଧରା ଦିଏନି କେବେ
ଅହଂକାର-ସିଂହାସନେ,
କବିତା ଏକ ସମର୍ପଣ
ନିରବ, ସ୍ୱଚ୍ଛ ଉଚ୍ଚାରଣେ ।''

('ସମାଧି ମନ୍ଦିର'–'ଉତ୍ସ'–ଗ୍ରନ୍ଥାବଳୀ–ପୃ.-୫୯୫)

ବୋଧହୁଏ ଏଇ ଦୃଷ୍ଟିରୁ ଲବ୍ଧପ୍ରତିଷ୍ଠ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ତାଙ୍କର 'ଛୋଟ କଥାଟିଏ' ପ୍ରବନ୍ଧରେ ଲେଖିଛନ୍ତି—''ବିଜ୍ଞାନ ଓ ଦର୍ଶନ ବୁଦ୍ଧିକୁ

ଉସ୍କାଏ, କବିତ୍ୱ କିନ୍ତୁ ତତାଏ ହୃଦୟକୁ; ଅନୁଭବୀ ହୃଦୟକୁ।''

ତେବେ, କବି କିପରି କବିତା ରଚନା କରିବାକୁ ସମର୍ଥ ହୋଇପାରିବ ଏବଂ ତା'ର ସେହି କବିତା କିପରି ଉତ୍କର୍ଷ ଲାଭ କରିପାରିବ; ସେ ସମ୍ପର୍କରେ ବହୁ ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟ-ସମାଲୋଚକ ବିଭିନ୍ନ ଦିଗରୁ ଆଲୋଚନା କରିଆସିଛନ୍ତି। ସେସବୁରୁ କବିମାନଙ୍କୁ ନିଶ୍ଚୟ କିଛି ପ୍ରେରଣା ମିଳିପାରିବ, କିଛି ଦିଗ୍‌ଦର୍ଶନ ମିଳିପାରିବ। କିନ୍ତୁ ଏକଥା କେବେ ଭୁଲିଯିବା ଉଚିତ ନୁହେଁ ଯେ – କବିତା ସ୍ୱତସ୍ଫୂର୍ତ୍ତ ଭାବରେ ନ ଆସୁଥିଲାବେଳେ, ଜବରଦସ୍ତ କବିତା ରଚନା କରିବାକୁ ଚେଷ୍ଟା କରି କେହି କେବେ ସଫଳ କବିତା ରଚନା କରିପାରେନା। ଯଥାର୍ଥରେ ଏକ ଆପ୍ତବାକ୍ୟରେ କୁହାଯାଇଛି- "କବିତା ବନିତା ଚୈବ ସୁଖଦା ସ୍ୱୟମାଗତାଃ।" ଅର୍ଥାତ୍-କବିତା ଓ ବନିତା ଏ ଦୁଇଟି ଆପଣାଛାଏଁ ଆସିଲେ ହିଁ ପ୍ରକୃତରେ ସୁଖଦାନ କରିଥାନ୍ତି; କିନ୍ତୁ ଜବରଦସ୍ତ କରି ବା ବଳାତ୍କାର କରି ଆଣିବା ଦ୍ୱାରା ଦୁଃଖ ହିଁ ଦାନ କରିଥାନ୍ତି। ଅନ୍ୟ ଭାବରେ କୁହାଯାଇପାରେ ଯେ, କବିତାରୂପିଣୀ ବନିତାକୁ ଜବରଦସ୍ତ କରି ଆଣିବା ବଳାତ୍କାର ସଙ୍ଗେ ସମାନ, ଯାହାଦ୍ୱାରା ପ୍ରକୃତ ଆନନ୍ଦଲାଭ ସମ୍ଭବ ହୁଏ ନାହିଁ।

**କବିତା ସ୍ୱତସ୍ଫୂର୍ତ୍ତ ଭାବରେ ନ ଆସୁଥିଲାବେଳେ, ଜବରଦସ୍ତ କବିତା ରଚନା କରିବାକୁ ଚେଷ୍ଟା କରି କେହି କେବେ ସଫଳ କବିତା ରଚନା କରିପାରେନା।**

କବିତା କେବଳ ଆନନ୍ଦ ପ୍ରଦାନ କରେ ନାହିଁ, ବରଂ ଏକ ଭିନ୍ନ ଜଗତ ସହିତ ପରିଚିତ କରାଏ। ମନରେ ଜଗାଏ ଆଶା–ଆଶ୍ୱାସନାର ମନ୍ତ୍ର। ହୃଦୟକୁ କରେ ଆଲୋକିତ, ଆଲୋଡ଼ିତ ଏବଂ ପ୍ରଭାବିତ। ମାନବଜାତିକୁ ନୂତନ ଦିଗ୍‌ଦର୍ଶନ ଦେବାରେ, ଜନଚେତନା ଜାଗ୍ରତ କରିବାରେ, ସମାଜରେ ନବଜାଗରଣ ସୃଷ୍ଟି କରିବାରେ କବିତାର ବଳିଷ୍ଠ ଭୂମିକା ଅନସ୍ୱୀକାର୍ଯ୍ୟ।

ଶେଷରେ ଅନ୍ତତଃ ଏତିକି କହିବି ଯେ, 'କବି' ଓ 'କବିତା' ସମ୍ପର୍କିତ ବିଭିନ୍ନ ଦିଗ ବିଷୟରେ ଅବଧାରଣା ନ ଥାଇ ଜଣେ ଯଥାର୍ଥରେ କବି ହେବା କିମ୍ବା କବିତାକୁ ଉତ୍ତମରୂପେ ବୁଝିବାକୁ ସମର୍ଥ ହେବା ଅସମ୍ଭବ। ଅତଏବ, କବି ହୁଅନ୍ତୁ ଅଥବା କବିତାର ପାଠକ ହୁଅନ୍ତୁ – ଉଭୟେ ଏ ଦିଗରେ ଯେତେ ଅଭିଜ୍ଞ ହେବେ, ସେତେ ଯୋଗ୍ୟ କବି, ସେତେ ଯୋଗ୍ୟ ପାଠକ ହୋଇପାରିବେ ବୋଲି ଏ ଲେଖକର ଧାରଣା।

□□

ଲେଖକଙ୍କ ଇ-ମେଲ ଠିକଣା:
brahmanandabiswal@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books



ଅନୁବାଦ

# ଏଣ୍ଟିବଡ଼ିଜ୍

ମୂଳହିନ୍ଦୀ : ଗୋବିନ୍ଦ ମିଶ୍ର    ଅନୁବାଦ : ଡ. କନକ ମଂଜରୀ ପଟ୍ଟନାୟକ



ଥରେ ମୁଁ ଅତ୍ୟନ୍ତ ଗର୍ବର ସହ ତାଙ୍କୁ କହିଥିଲି, ମୁଁ କାହାକୁ କିଛି ଲୁଚାଏ ନାହିଁ । ଲୁଚାଇବା ଯୋଗ୍ୟ କ'ଣ ବା ଅଛି ସଂସାରରେ । ମତେ ମିଛ କହିବା ଆବଶ୍ୟକତା ପଡ଼େ ନାହିଁ । ମିଛ ନ କହିଲେ ବି ଆମର ସବୁ କାମ ହୋଇପାରେ ।

ପରନ୍ତୁ ଦୁଇଟି ଯାକ କଥା ଅନ୍ତଃସାରଶୂନ୍ୟ ପ୍ରମାଣିତ ହେଲା ।

ମୋଟାମୋଟି ଭାବେ ତାକୁ ଭାରତର ଜନୈକ ସାଧାରଣ ବ୍ୟକ୍ତି ଭାବେ ଗ୍ରହଣ କରାଯାଇପାରେ । କେବେ ସେ ଉପରକୁ କିଛି ଜଣାପଡ଼ିଲେ ତ ଠିକ୍ ଆଗାମୀ ଦେଖାରେ ସେ ଏପରି କିଛି ହେଇଯାଏ- ପୂରାପୂରି ସାଧାରଣ । ଯେପରିକି ଗତଥର ଯଦି ସେ ନୂଆ କାର୍‌ରେ ଆସିଲା, ତ ଏଥର ପୁରୁଣା ସ୍କୁଟରକୁ ଢକଢକ କରି ପହଞ୍ଚିଲା । କେବେ ଜୋତା-ମୋଜାରେ ଚକାଚକ୍ ତ କେବେ ଚପଲକୁ ଫଟଫଟ କରି । ଉଚ୍ଚସ୍ତରୀୟ ପୁସ୍ତକମାନ ପଢ଼ିବାରେ ତା'ର ରୁଚିଥିଲା । ବହିସବୁ ସେ କିଣି ହିଁ ପଢୁଥିଲା । ଧୀରେଧୀରେ ଦୁଇ ତିନିଟା ଆଲମାରିରେ ଭର୍ତ୍ତି ପୁସ୍ତକର ଏକ ଛୋଟ ପୁସ୍ତକାଳୟ ଘରେ ବନାଇଥିଲା । କହୁଥିଲା, ଅବସର ପରେ ସେ କେବଳ ପଢ଼ିବ ।... ଖୁବ୍ ପଢ଼ିବ ନିଜ ପୁସ୍ତକାଳୟରୁ କୌଣସି ନା କୌଣସି ବହି ଆଣି ସେ ମତେ ଦେଉଥିଲା, ପଢ଼ିବା ପାଇଁ । ଦେବା ସମୟରେ ଏକ ଟିପ୍‌ପଣୀ ଅବଶ୍ୟ ରଖୁଥିଲା- ଆମ ସହ ବରାବର କୌଣସି ଗୋଟେ ପୁସ୍ତକ ନିଶ୍ଚୟ ରହିବା ଉଚିତ୍ । ତା'ର ପ୍ରତ୍ୟେକ ବହି ଉପରେ ବାଦାମ ରଙ୍ଗର କଭର ମଡ଼ା ହେଉଥିଲା- ଆମେ ସ୍କୁଲ ଦିନମାନଙ୍କରେ ଯେମିତି କରୁଥିଲେ । ଖୋଲୁ ଖୋଲୁ ପ୍ରଥମ ପୃଷ୍ଠାରେ ତା'ର ହସ୍ତାକ୍ଷର-ଶାନ୍ତନୁ ତିୱାରୀ । ତା' ଅକ୍ଷର ଦେଖିଲେ ମନେ ହେଉଥିଲା, ଉକ୍ତ ପୁସ୍ତକଟି କିଣି ସେ ଖୁବ୍ ପ୍ରଫୁଲ୍ଲିତ ଅଛି ଅଥବା ତାହା ଉକ୍ତ ପୁସ୍ତକାଳୟର ମୋହରା । ମୁଁ ଆଜି ପର୍ଯ୍ୟନ୍ତ ତା'ର କେଉଁ ପୁସ୍ତକ ଫେରାଇ ନାହିଁ, ତା'ର ମନେ ରହୁଥିଲା । କେବଳ ସେ ପଢୁ ନ ଥିଲା, ଭାବୁଥିଲା କି... ନିଜର ସମୟ, ସଂସାର ବିଷୟରେ ପାଖାପାଖି ପ୍ରତି ଶନିବାର ସନ୍ଧ୍ୟାରେ ଆମ ଘରେ ଉଭୟଙ୍କ ଭେଟ ହେଉଥିଲା । ଆମ କଥା ଘର ପରିବାର ବିଷ ଭୟରେ ଊଣା, ସାରା ସଂସାର ବିଷୟରେ ଅଧିକ ହେଉଥିଲା । ତା' ସହ କଥା ହେଲେ ଜଣେ ବୌଦ୍ଧିକ ସହ ବାର୍ତ୍ତାଳାପର ତୃପ୍ତିରେ ମୋ ଆତ୍ମା ପରିପୂର୍ଣ୍ଣ ହୋଇ ଉଠୁଥିଲା । ଅସୁବିଧା କେବଳ ଏତିକି ଥିଲା, ସେ ଅଧିକ ସମୟ ବସୁ ନ ଥିଲା । କୌଣସି ନା କୌଣସି କାମରେ ଘରକୁ ବାହାରି ପଡୁଥିଲା । ଅଧିକାଂଶ ପତ୍ନୀ ପତିର ରିଟାୟାରମେଣ୍ଟ ପରେ ଯାହା କରନ୍ତି, ତା'ର ପତ୍ନୀ କୌଣସି ନା କୌଣସି କାମ ତାକୁ କରିବାକୁ କହୁଥିଲା । ଦିନକୁ ଦିନ ସେ କାମମାନଙ୍କ ଭିତରେ ବୁଡ଼ି ରହିଲା ଅଥବା ପତ୍ନୀସହ ବନ୍ଧୁବାନ୍ଧବଙ୍କ ବିବାହ ଉତ୍ସବରେ ଏ ସହର ସେ ସହର ବୁଲିବାକୁ ଲାଗିଲା ।



ସେ ଦିନ ସନ୍ଧ୍ୟାରେ ଆମ କଥା କିଛିଟା ଅଧିକ ଗରମାଗରମ ଭିତରେ ଥିଲା । ରାଷ୍ଟ୍ରୀୟ, ଅନ୍ତରାଷ୍ଟ୍ରୀୟ ସ୍ତରକୁ ସ୍ପର୍ଶ କରି, ପୃଥିବୀ ଓ ମନୁଷ୍ୟ ଉପରକୁ ଆସି ପୁଣି ଆକାଶ ଓ ଈଶ୍ୱରଙ୍କ ଦିଗକୁ ଉଠିଗଲା...

'ଅର୍ଥାତ୍ ଈଶ୍ୱର ଆଦୌ ନାହାନ୍ତି ହିଁ ?' ମୁଁ କହିଲି ।

'ସେ ଅଛନ୍ତି, ଯେମିତିକି ଏ ଘର ଅଛି- ନିଶ୍ଚିତ ରୂପେ ନାହିଁ କହିପାରିବାନି । ସିଦ୍ଧପୁରୁଷମାନେ ଈଶ୍ୱରଙ୍କୁ ଅନୁଭବ

କରିଛନ୍ତି। କେତେକ ଦର୍ଶନ ବି କରିଛନ୍ତି। ମୁଁ ଯା ଉପରେ ଅବିଶ୍ୱାସ କରୁନାହିଁ। ଈଶ୍ୱର ମନୁଷ୍ୟର କଳ୍ପନା ଅଟେ, ଯିଏ କି କେତେବେଳେ ମନରେ ସାକାର ହୋଇଯାଇଥିବେ । ମୋର କହିବା ହେଉଛି ଆମ ଭିତରେ ଯେଉଁ ଭଲ ମଣିଷ ବସିଛି, ସିଏ ହିଁ ଈଶ୍ୱର । ତୁଳସୀ ଦାସ ମଧ୍ୟ କହିଛନ୍ତି- 'ସ୍ୱାନ୍ତଃ ସ୍ଥଂ ଈଶ୍ୱରମ୍' । ରାମ, କୃଷ୍ଣ, ଯିଶୁଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ମହାବୀର.... ସମସ୍ତେ ମନୁଷ୍ୟ ହିଁ ଥିଲେ । ତାଙ୍କ ଭିତରେ ବସିଥିବା ସେହି ଭଲ ମଣିଷର ଅଂଶ ବଢ଼ିଚାଲିବାରୁ ସମସ୍ତେ ଈଶ୍ୱର ହୋଇଗଲେ ।'

'ଯଦି ଈଶ୍ୱର ମନୁଷ୍ୟଠାରୁ ପୃଥକ କୌଣସି ସତ୍ତା ନୁହନ୍ତି ତ ମନୁଷ୍ୟ ଉପରେ ଏ ଯେଉଁ ଦୁର୍ବିପାକ ଆସି ପଡୁଛି- ଭୂକମ୍ପ, ଜ୍ୱାଳାମୁଖୀ, ବନ୍ୟା, ତୋଫାନ, ଉଲ୍କାପାତ.... ଏ ସବୁ କେଉଁଠୁ ଆସୁଛି ?'

'ବିଜ୍ଞାନରେ ସମସ୍ତର କାରଣ ଉଲ୍ଲେଖ ଅଛି । ଆମେ ଏ ସବୁକୁ ଦୈବୀ ପ୍ରକୋପ କହିଥାଉ, ପରନ୍ତୁ ଏ ସବୁ ପୃଥିବୀରେ ଥିବା ମନୁଷ୍ୟମାନଙ୍କ କୁକୃତ୍ୟମାନଙ୍କର ଫଳ । ଈଶ୍ୱର ଯଦି ଅଛନ୍ତି ତ ସେ ଏତେ ନିଷ୍ଠୁର ହେବେ ଯେ ନିଜ ସୃଷ୍ଟିର ବିନାଶ କରିବେ । ସବୁ ମନୁଷ୍ୟର କୁକର୍ମ । ଆମର ଆଧୁନିକ ସଭ୍ୟତାରେ ବିକାଶର ଅବଧାରଣାମାନ, ଚେଷ୍ଟାମାନଙ୍କ ତଳେ ହିଁ ବିନାଶ ବସି ଦେଖୁଥାଏ । ବୈଜ୍ଞାନିକ ଚିନ୍ତକମାନେ ଆମର ଧ୍ୟାନକୁ ସେ ଦିଗକୁ ଟାଣନ୍ତି । ....ଯେମିତିକି ଲଗାତର ପୃଥିବୀ ଗରମ ହୋଇ ଚାଲିବା .... କେତେ ପ୍ରକାର ସେ ସତର୍କ କରି ଚାଲିଛନ୍ତି... କିନ୍ତୁ ମଣିଷ... ମଣିଷର ଏ ନେତା .... ସ୍ୱେଚ୍ଛାଚାରିତାର ଏ ଆଚରଣ ସବୁ କିଛି ଦେଖା-ଶୁଣା-ପଢ଼ା, କିନ୍ତୁ ଆଜି ସଂସାରରେ ଅଧିକତର ନେତା, ଅଥବା ସ୍ୱେଚ୍ଛାଚାରୀ ଅଥବା ସେହି ପ୍ରବୃତ୍ତିର ଅଛନ୍ତି...

ଏତିକିବେଳେ ତା'ର ମୋବାଇଲ ବାଜି ଉଠିଲା । ସ୍ତ୍ରୀ ଡାକୁଥିଲେ । ସେ ହାଁ, ହୁଁ କଲେ ଏବଂ ଏକଦମ ଉଠି ଛିଡ଼ା ହୋଇ ପଡ଼ିଲେ, ମତେ ଏବଂ ଆମର ତର୍କକୁ ସେଇଠି ଛାଡ଼ି ।

'ଆଉ କିଛି ସମୟ ବସ ଭାଇ... କଥାବାର୍ତ୍ତା ତ ଶେଷ ହେବାକୁ ଦିଅ ।'

'ଆସନ୍ତା ଶନିବାର... ଏବେ ଆସୁଛି ।'

ଆସନ୍ତା ଶନିବାର ତା'ର ଫୋନ୍ ଆସିଲା- 'କେତେ ଦିନ ଯାଏ ଆସିପାରିବିନି । ସନ୍ଧ୍ୟାବେଳେ ନାତିକୁ ଷ୍ଟାଡ଼ିୟମ୍ ନେଇ ଯାଉଛି । ଆଜିକାଲି କିଛି ବି ପଢ଼ିପାରୁନି । ହାତରେ ବହି ଧରୁ ଧରୁ ନାତି ଛଡ଼େଇ ନେଉଛି । କହୁଛି- 'ଯାଙ୍କୁ ଛାଡ଼, ମୋ ସାଙ୍ଗରେ ଖେଳ ।'

କଥା କ'ଣ କି ତା' ପୁଅର ବଦଳି ମୁମ୍ବାଇ ହେଇଯାଇଥିଲା । ସେ ଜଏନ୍ କରିବାକୁ ଚାଲିଗଲା । ମୁମ୍ବାଇରେ ରହିବାର ସୁବ୍ୟବସ୍ଥା ହେବାଯାଏ, ବୋହୂ ଓ ନାତି ଶାନ୍ତନୁ ପାଖରେ ରହିବେ । ପତ୍ନୀ ଏ ବ୍ୟବସ୍ଥା କରିଥିଲେ ଯେ ବୋହୂ ଓ ସେ ଘର ଭିତର ସମ୍ଭାଳିବେ, ଶାନ୍ତନୁ ବାହାର ଓ ନାତିକୁ ସମ୍ଭାଳିବେ । ଶାନ୍ତନୁ ଭଳି ପତ୍ନୀ ଜଣେ ସାଧାରଣ ମହିଳା ଥିଲେ । ସାମାନ୍ୟ ଲମ୍ବା ଏବଂ ସ୍ଥୂଳକାୟ । କିନ୍ତୁ ସେ ତାଙ୍କୁ ବହୁତ ମାନୁଥିଲା । ମୁଁ ଥରେ ବି ଜାଣିବାକୁ ପାଇନି, ତା' ପତ୍ନୀଙ୍କର ଗୋଟେ ଫୋନ ଆସିଛି ଓ ସେ ଅବମାନନାରେ ହୁହା କରିଛି । ରିଟାୟାର ହେବା ପୂର୍ବରୁ ସେ ଗାଁରୁ ମା' ବାପାଙ୍କୁ ନେଇ ଆସିଥିଲା । ସେମାନେ ବଞ୍ଚିଥିଲା ଯାଏ ସେ ମନଦେଇ ସେମାନଙ୍କ ସେବା ସୁଶ୍ରୂଷା କରିଛି । ଦିବଂଗତ ହେବା ପରେ ବିଧିବଦ୍ଧ ଭାବେ ସଂସ୍କାର ଆଦି କରିଛି... ପ୍ରୟାଗରାଜ ଓ ଗୟାରେ ମଧ୍ୟ । ସେତେବେଳେ ଯିଏ ତାକୁ ଦେଖିବ, ବିଶ୍ୱାସ କରିପାରିବନି, ଏ ଲୋକଟା ଈଶ୍ୱର ବିଶ୍ୱାସୀ ନୁହେଁ । ନିର୍ଣ୍ଣୟ କରିବା କଷ୍ଟକର ଥିଲା, ସେ ପଢ଼ା-ଲେଖା କରା ବୌଦ୍ଧିକ ନା ସାଧାରଣ ଭାରତୀୟ ଗୃହସ୍ଥ ।

ଆମର ତର୍କ ଆସନ୍ତା ଶନିବାରକୁ ଯାହା ଘୁଞ୍ଚିଥିଲା, ଘୁଞ୍ଚି ଘୁଞ୍ଚି ଗଲା। ଏ ମଝିରେ କରୋନା ନାମକ ମହାମାରୀ ସାରା ସଂସାରକୁ, ଭାରତକୁ ମଧ୍ୟ ତା' ପଞ୍ଝାକୁ ଟାଣିନେଲା। ଏହା ସ୍ପର୍ଶଜନିତ ବେମାର ଥିଲା। ରୋଗୀ ସମ୍ପର୍କରେ ଆସିଲେ ଡେଉଁଥିଲା । କୌଣସି ଏକ ନୂଆ ଭାଇରସ ଥିଲା ଯାହା ନାକ ଓ ମୁହଁ ରାସ୍ତା ଦେଇ ସିଧା ଫୁସ୍‌ଫୁସ୍‌ରେ ଯାଇ ବସୁଥିଲା ଏବଂ ତୀବ୍ର ବେଗରେ ତାକୁ ନଷ୍ଟ କରିବାରେ ଲାଗୁଥିଲା । ଅଳ୍ପ ଦିନରେ ଫୁସ୍‌ଫୁସ୍ ଫମ୍ପା ଓ ମନୁଷ୍ୟ ଫୁର୍‌ର । ସାରା

**ଯଦି ଈଶ୍ୱର ମନୁଷ୍ୟଠାରୁ ପୃଥକ କୌଣସି ସତ୍ତା ନୁହନ୍ତି ତ ମନୁଷ୍ୟ ଉପରେ ଏ ଯେଉଁ ଦୁର୍ବିପାକ ଆସି ପଡୁଛି - ଏ ସବୁ କେଉଁଠୁ ଆସୁଛି ?**

ସଂସାର ଏ ଭାଇରସ୍‌କୁ ଚିହ୍ନିବା, ତା'ର ଉପଚାର ଖୋଜିବା ଓ ଟିକା ପ୍ରସ୍ତୁତିରେ ଲାଗିଗଲେ । ମାସ୍କ ପିନ୍ଧିବା, ଜଣେ ଜଣକଠାରୁ ଦୂରରେ ରହିବା, ଘରୁ ନ ବାହାରିବା- ଏ ସବୁ ଥିଲା । ପରିସ୍ଥିତି ଅଧିକ ଉଦ୍‌ବେଗଜନକ ହେଲେ ଡାକ୍ତରଖାନା... ସେଠାରେ ଅକ୍‌ସିଜେନ୍ । ଅନ୍ୟ କୌଣସି ଚିକିତ୍ସା ତ ନ ଥିଲା । ନିଜର ଶକ୍ତିରୁ ବଞ୍ଚିଗଲ ତ ବଞ୍ଚିଗଲ । ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବଢ଼ିଚାଲିଲା ।

ଅନ୍ୟ ସହରମାନଙ୍କ ଅପେକ୍ଷା ଆମ ସହରରେ କରୋନା ବଢ଼ି ଚାଲିଲା । ଲକ୍‌ଡାଉନ୍ ଲାଗୁ ହେଲା, ଅର୍ଥାତ୍ ଘରୁ ବାହାରିବା ବନ୍ଦ । ନା ସେ ମୋ ପାଖକୁ ଆସିପାରିଲା, ନା ମୁଁ ତା' ପାଖକୁ ଯାଇପାରିଲି । ଲୋକମାନେ ଡରିମରି ନିଜ ଘରେ ସାଙ୍କୁଡ଼ି ହୋଇ ବସି ରହିଲେ । ଫୋନ୍ କରିଲେ ବି ବିବ୍ରତ ବୋଧ ହେଉଥିଲା । ଖବର ମିଳୁଥିଲା, ଅମୁକ ଚାଲିଗଲା, ସମୁକ ଚାଲିଗଲା, ଅମୁକ ସଂକ୍ରମିତ ହୋଇଛି । କେତେଦିନ ଯାଏ ଆମ ଭିତରେ ସମ୍ପର୍କ ରହିଲା ନାହିଁ । ସେ ଘର କାମରେ ବୁଡ଼ି ରହିବା ହେତୁ ଅଧିକତର ଫୋନ ମୁଁ ହିଁ କରୁଥିଲି । ଏପଟେ କରୋନା ସମୟରେ ନିଜର ଯତ୍ନ ନେବା, ଲକ୍‌ଡାଉନ୍ ହେତୁ ନୂଆ ପ୍ରଣାଳୀରେ ଜୀବନ ଜିଇବା, ମୁଁ ବି ବ୍ୟସ୍ତ ରହିଲି । ସାମାନ୍ୟ ସ୍ୱସ୍ତି ପାଇବାରୁ ତା' ପାଖକୁ ଫୋନ ଲଗାଇଲି ।



'ଡାକ୍ତରଖାନାରେ ଅଛି । ପତ୍ନୀ ଓ ମତେ ଉଭୟଙ୍କୁ କରୋନା ହୋଇଯାଇଛି । ମୁମ୍ବାଇରୁ ପୁଅ ଆସିଯାଇଛି । ସେ ଛୁଟି ନେଇ ଯାଇଛି । ଚଉଦ ଦିନ ତ ଡାକ୍ତରଖାନାରେ ରହିବାକୁ ପଡ଼ିବ ।'

'ଯାହାହେଉ ଦିହେଁ ହସ୍‌ପିଟାଲରେ ଅଛ । ସମୟ କଟିଯିବ ।'

' ସେ ଅନ୍ୟ ୱାର୍ଡ଼ରେ, ବି ୱାର୍ଡ଼, ୱାର୍ଡ଼ ନଂ.୨୩ । ମୋବାଇଲରେ କଥା ହେଉଛୁ ।'

'କେଉଁଠି କେଉଁଠି ସାତଦିନରେ ବି ହସ୍‌ପିଟାଲରୁ ଛାଡ଼ି ଦେଉଛନ୍ତି । ତୁମେ ଦୁହେଁ ଶୀଘ୍ର ଠିକ୍ ହୋଇଯିବ । ଆମ ଦେଶର ରିକଭରୀ ରେଟ୍ ଭଲ ଅଛି ।'

ମୋର ଏ କଥା ବିଶେଷ ଜରୁରୀ ନ ଥିଲା । ତା' ଉପର ଦେଇ ଚାଲିଗଲା । ସେ ଶିକ୍ଷିତ ବୁଦ୍ଧିମାନ୍ ଥିଲା । ସାରା ବିଶ୍ୱରେ ବାହାରେ ଅନ୍ୟମାନଙ୍କ ସହ ଯାହା ଘଟୁଥିଲା, ସେ ଦେଖିପାରୁଥିଲା। ପତ୍ନୀକୁ ତା' ୱାର୍ଡରେ ରଖିଥିଲେ ସେ ଦେଖିପାରିଥାନ୍ତା ।

ମୋର ପୂର୍ଣ୍ଣ ବିଶ୍ୱାସ ଥିଲା ସେ ଠିକ୍ ହୋଇଯିବ । କାରଣ ତା'ର ପ୍ରତିରୋଧକ ଶକ୍ତି ଅଧିକ ଥିଲା । କରୋନା ଆକ୍ରମଣ ପୂର୍ବ ପର୍ଯ୍ୟନ୍ତ ସେ ଟେନିସ୍ ଖେଳୁଥିଲା । ତାକୁ ଶୀଘ୍ର ଛୁଟି ମିଳିଯିବ । କାରଣ ଡାକ୍ତରଖାନାରେ ବିତ ବେଡ୍ ଖାଲି ହେବା ଜରୁରୀ ।

ସେଇ ଦିନମାନଙ୍କର ହସ୍‌ପିଟାଲ୍‌ମାନଙ୍କରେ ବେଡ୍ ପାଇଁ ବଡ଼ ସଂଘର୍ଷ ଚାଲିଥାଏ। ଏଥିପାଇଁ ବି ଲାଞ୍ଚ ଦିଆନିଆ ଚାଲିଥାଏ। ସପ୍ତାହେ ପରେ ସେ ଫୋନ୍ କଲା-

'କେମିତି ଅଛୁ ?'

'ସ୍ତ୍ରୀ ଚାଲିଗଲେ ।'

ଫୋନରେ ତା'ର ସ୍ୱର ବଡ଼ ଶୀତଳ ଥିଲା। ମୁଁ ହଁ କରି ରହିଗଲି। ତା' ପତ୍ନୀର ମୃତ୍ୟୁ ଯେମିତି ମୋ ଦେହକୁ ଛୁଇଁଗଲା।

ଏ ଖବର ତାକୁ କେମିତି ମିଳିଥିବ? କୋଭିଡ୍ ହସ୍‌ପିଟଲାକୁ କାହାକୁ ବି ଛଡ଼ାଯାଉ ନ ଥିଲା। ପତ୍ନୀ ପାଖକୁ ଫୋନ କଲେ ପ୍ରଥମେ 'ନୋ ଆନ୍‌ସର' ଆସିଥିବ। ତା'ପରେ ବନ୍ଦ। ସେ ତା' ୱାର୍ଡ଼ର ୱାର୍ଡ଼ବୟ ଅଥବା ନର୍ସକୁ ପଚାରିଥିବ। ସେମାନେ ସମସ୍ତେ ବ୍ୟସ୍ତ। ଉପରୁ ତଳ ଯାଏଁ କରୋନା କିଟ୍‌ର ଆବରଣ। ସେ ଅନୁନୟ ବିନୟ କରିଥିବ। କେହି ଜଣେ ଠିକଣା ବୁଝି କହିଥିବ- ବି ୱାର୍ଡ଼-ବେଡ୍ ନଂ.୨୩ ଖଲାସ, ଅଥବା ସାମାନ୍ୟ ଭଦ୍ର ଭଦ୍ରରେ ଆରପାରିକୁ ଚାଲିଗଲେ।

ନାହିଁ, ପତ୍ନୀଙ୍କ ଫୋନରୁ 'ନୋ ଆନ୍‌ସର' ଶୁଣି ସେ ଘରକୁ ଫୋନ୍ କରିଥିବ । ସେଠାରୁ ତାକୁ ଖବର ମିଳିଥିବ । ମୁଁ ତା'ର ଭଲମନ୍ଦ ବୁଝିବା ଭିତରେ ତା' ପତ୍ନୀଙ୍କୁ ଭୁଲି ଯାଇଥିଲି ।

'ଅଚ୍ଚନକ କେମିତି ?' ମୋ ମୁହଁରୁ ବାହାରି ପଡ଼ିଲା ।

ମୁଁ ବୁଝିପାରୁଥିଲି ତା'ର ସଙ୍କେତ କେଉଁ ଦିଗକୁ ଥିଲା । ଠିକ୍ ସମୟରେ ଅକ୍‌ସିଜେନ୍ ସିଲିଣ୍ଡର ନ ପହଞ୍ଚି ପାରିବା ହେତୁ ସେହି ଦିନମାନଙ୍କରେ ଡାକ୍ତରଖାନାମାନଙ୍କରେ କେତେ ଲୋକଙ୍କର ଯେ ମୃତ୍ୟୁ ଘଟୁଥିଲା । ଉପଯୁକ୍ତ ସମୟରେ ମିଳିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଭେନ୍‌ଟିଲେଟର୍ ବି ନ ଥିଲା । ଏପରି ବିକଟ ସମୟରେ ମଧ୍ୟ ଜରୁରୀ ଔଷଧ ଓ ଇଂଜେକ୍‌ସନର କଳାବଜାରି ଚଳିଥିଲା । ଅଧିକାଂଶ ଡାକ୍ତରଖାନା ଓ ସେଠାକାର ଷ୍ଟାଫମାନେ ଟଙ୍କା ଗଣିବାରେ ବ୍ୟସ୍ତଥିଲେ ।

'ଧୈର୍ଯ୍ୟ ଧର... ।'

ମୁଁ କେମିତି କହନ୍ତି ଯେ ତୋର କିଛି ହେବ ନାହିଁ । ତୁ ଶୀଘ୍ର ଠିକ୍ ହେଇଯିବୁ । ସେହି ସମୟରେ କହିବା ପାଇଁ ମୋ ମୁହଁରେ ଯେଉଁ ଶବ୍ଦ ସବୁ ବାହାରୁଥିଲା, ସେସବୁ ଏତିକି ବ୍ୟର୍ଥ ଥିଲା । ଯେମିତିକି ସନ୍ଧ୍ୟାମାନଙ୍କର ଆମ ବୈଠକର କଥାସବୁ.... ।

ଏ ବେମାରି ଏତେ ଭୟଙ୍କର ଯେ ହସ୍‌ପିଟାଲ ତ ଦୂରର କଥା ଆଖ-ପାଖର ଲୋକମାନେ ବି ସଂକ୍ରମଣ ଭୟରେ କାହା ଘରକୁ ବି ଯାଇପାରିଲେନି । ସମ୍ପର୍କୀୟମାନେ ବି ବେମାରୀ ଲୋକ ପାଖରେ ବସିଉଠି ପାରିଲେନି । ତୁମକୁ ଦିନେ ଅପରିଷ୍କାର ଲୁଗାଭଳି ହସ୍‌ପିଟାଲ ବେଡ୍‌ରେ ଫୋପାଡ଼ି ଦିଆଯିବ.... ବାସ୍, ଆଗକୁ ତୁମର ଯାତ୍ରା ଏକୁଟିଆ ।

ପ୍ରଥମେ ତାକୁ ଫୋନ କରିବାକୁ ମୁଁ ଡରୁଥିଲି । କାହିଁ ତା' ଫୋନ୍ ବନ୍ଦ.... ? ତା' ପୁଅର ଫୋନ୍ ନଂ ମୋ ପାଖରେ ନ ଥିଲା । ତା' ପଡ଼ୋଶୀକୁ ମୁଁ ଫୋନ ଲଗାଇନି । ପ୍ରଥମେ ବାହାରୁ ହିଁ ହାଲଚାଲ ଖବର ବୁଝିନେବା ଉଚିତ । ପଡ଼ୋଶୀ କହିଲେ, ସେ ଆଜି ହିଁ ଘରକୁ ଆସିଛି । କିନ୍ତୁ ଏ ଭିତରେ ଦେଖାଚାହାଁ କରିବାକୁ ମୁମ୍ବାଇରୁ ଆସିଥିବା ତା' ପୁଅ ମଧ୍ୟ କରୋନା କବଳରେ ବଳି ପଡ଼ିଛି; ସେହି ହସ୍‌ପିଟାଲରେ, ତା ମା' ଯିବାର ଦୁଇଦିନ ପରେ । ଏ ଖବର ଆଜିଯାଏଁ ତାକୁ ଦିଆଯାଇନାହିଁ । ମୁଁ ମଧ୍ୟ ଲକ୍ଷ୍ୟ ରଖିବି ।

**ତା'ର ଅସ୍ଥିଟିକେ ମଧ୍ୟ ଦେଲେ ନାହିଁ । କହିଲେ, କରୋନା ପ୍ରୋଟୋକଲ୍ ଅନୁସାରେ ସେମାନେ ସବୁ କରିଦେଲେ ।**

ହେ ଭଗବାନ.... !

ଜଣକ ପରେ ଜଣେ କେମିତି । କରୋନା ଆକ୍ରମଣ ପୂର୍ବରୁ ତା' ଜ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା, ହୃଦ୍‌ଘାତ ଯୋଗୁ । ଆଉ ଏବେ.... । ଯେପରି ତା' ଏରୁଣ୍ଡି ଉପରେ ମୃତ୍ୟୁ ଧାରଣା ଦେଇ ବସିଛି । ତାକୁ କ'ଣ ଲୁଚାଇବି.... କ'ଣ କହିବି । କେତେଦିନ ଯାଏ ଲୁଚିବି..... ସାମ୍ନା ହେବାକୁ ତ ପଡ଼ିବ ନା ! କରୋନାରୁ ସେ ବଞ୍ଚି ଆସିଲା, କିନ୍ତୁ ଏ ମାନସିକ ଆଘାତ... ଯାହା ବି ହୋଇପାରେ । ମୁଁ ତା' ପାଖରେ ଛିଡ଼ା ହେବା ଉଚିତ୍ । ଫୋନ୍ ଲଗାଇଲି । ଅତି କମ୍‌ରେ ତା' କଣ୍ଠସ୍ୱର ତ ଶୁଣିପାରିବି ।

'ଘରକୁ ଆସିଲିଣି ।' ସେ କହିଲା । ପତ୍ନୀର ଅନୁପସ୍ଥିତିରେ ଏଠି ରହିବା ଅଭ୍ୟାସ କରୁଛି । ସେ ଚଲିଯିବାର ଦୁଃଖ ନାହିଁ । ଏଠି ତ ଆମେସବୁ ଧାଡ଼ିରେ ଅଛୁ । ଦୁଃଖ ହେଉଛି, ହାତଧରି ଯାହାକୁ ଘରକୁ ଆଣିଥିଲି । ଶେଷ ସମୟରେ ବି ତା' ହାତ ଧରିଥାନ୍ତି.... । ତାକୁ ବିଧିବିଧାନ ଅନୁଯାୟୀ ବିଦାୟ ଦେଇପାରିଥାନ୍ତି । ଏବେ କ'ଣ ନେଇ ନର୍ମଦାକୁ ଯିବି ? ସଙ୍ଗମରେ କ'ଣ ପ୍ରବାହିତ କରିବି ? ତା'ର ଅସ୍ଥିଟିକେ ମଧ୍ୟ ଦେଲେ ନାହିଁ । କହିଲେ, କରୋନା ପ୍ରୋଟୋକଲ୍ ଅନୁସାରେ ସେମାନେ ସବୁ କରିଦେଲେ । କ'ଣ କରିଥିବେ ଯେଉଁଠି ଜୀବିତ ଲୋକ ପାଇଁ କୌଣସି ଚିନ୍ତା ନାହିଁ, ସେମାନେ ଦିବଂଗତ ସହ କ'ଣ କରିବେ ?

ବାସ୍, ସେତିକି ଥାଉ । ଆଉ କିଛି ନାହିଁ । ମୁଁ ଲଗାମ ଟାଣିଲି । ଏହା ତ କିଛି ନାହିଁ । ଯେତେବେଳେ ପୁଅର ଖବର ତା' ଆଗରେ ପହଞ୍ଚିବ, ତ ଯେଉଁ ପାହାଡ଼ ତା' ଉପରେ ଛିଡ଼ି ପଡ଼ିବ । ଫୋନ ବନ୍ଦ କରି ମୁଁ ପୁଅର କଥାକୁ ଲୁଚାଇ ଲେଉଟିଲି... ଓଦା ହୋଇଥିବା କୁକୁର ଭଳି କୁଁ କୁଁ ହୋଇ । ସେ ଖବର ତା' ପାଖରେ ପହଞ୍ଚୁ...ଯେମିତି କି ପହଞ୍ଚୁ...କାଳ ଦେବତା ସମ୍ଭାଳିବେ ଯେମିତି ବି ସମ୍ଭାଳନ୍ତୁ, ମୁଁ ଦୂରରେ ରହିବି । ମୋର ଧୈର୍ଯ୍ୟ ଧ୍ୱସ୍ତ ହୋଇ ସାରିଛି ।

ଦିନେ ଛାଡ଼ି ସେ ଫୋନ କଲା ।

'ତୁମକୁ ଗୋଟେ କଥା କହିବାର ଥିଲା, ତା'ର କଣ୍ଠସ୍ୱର ପୂର୍ଣ୍ଣତଃ ଶୁଖିଲା ଥିଲା । ମୋ ପୁଅ ବି ରହିଲାନି, କରୋନା କବଳରୁ ।'

'ଆରେ.... ?' ମୁଁ ମିଛ ଢାଙ୍କୁଣି ଭିତରେ ଆଶ୍ଚର୍ଯ୍ୟ ହୋଇ କହିଲି ।

'ଘରେ ପହଞ୍ଚିବା ପରେ ଜାଣିଲି । ଏକକୁ ଏକ ବଳି ଇଞ୍ଜେକ୍ସନ, ଔଷଧପତ୍ର, ଟେକ୍‌ନିକ୍ ଡାକ୍ତରୀ ଜ୍ଞାନ ଅଛି । କିନ୍ତୁ ଆମକୁ ହସ୍‌ପିଟାଲ୍ ଚଳାଇବା ଆସିଲାନି । ଆମେ ହସ୍‌ପିଟାଲକୁ ଠିକ୍ ହେବା ପାଇଁ ନୁହେଁ, ମରିବା ପାଇଁ ଯାଉଛେ । ତା' ସ୍ୱରରେ ହତାଶାଭାବ ଥିଲା ।



'ଈଶ୍ୱର ତୁମ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି ।'

ପୁଣି ଈଶ୍ୱର !

ଫୋନ୍ ଆରପଟେ ନିରବତା ଥିଲା । କିନ୍ତୁ କୋହପୂର୍ଣ୍ଣ ଭାବେ । ଯେପରିକି ସେ ସାମନାରେ ବସି ସେହି ସନ୍ଧ୍ୟାରେ ଆମର ତର୍କକୁ ଆଗେ ବଢ଼ାଇବାକୁ ଯାଇ ମତେ ଆହ୍ୱାନ କରୁଥିଲା- 'ଆରେ କିଏ ତୁମର ଈଶ୍ୱର, ଆଉ କ'ଣ ଶଳା ଏ ସଂସାର । ସବୁ ବିଷୟକୁ ଈଶ୍ୱର ଆଡ଼କୁ ଟାଣି ନେଇ ମଣିଷ ପିଲା ସ୍ୱୟଂ ନିଜକୁ ନିର୍ମଳ ଭଳି ବଞ୍ଚାଇ ନେଉଛି । ଏକକୁ ଏକ ବଳି ବିରଳ ସଂସାରକୁ ଆସନ୍ତି, କିନ୍ତୁ ଏ ଅଜ୍ଞାଇଷା ମଣିଷ କିଛି ବି ଶିଖେନାହିଁ । ସେ ଯେଉଁ ବିଷୟମାନଙ୍କୁ ଉଦ୍‌ଭବ କରେ, ସେଗୁଡ଼ିକୁ ନେଇ ମଣିଷକୁ ମାରିବାକୁ ଆଗୁସାର ହୁଏ । ଯେଉଁ ବସ୍ତୁମାନଙ୍କୁ ନେଇ ତା'ର ଜୀବନ ବିକଶିତ ହୁଏ, ସେସବୁକୁ ନଷ୍ଟ କରିବାରେ ଲାଗିଛି- ବାୟୁ, ପାଣି, ବୃକ୍ଷ.... ଯାହା ବି !

ମୁଁ ଏବେ ବୁଝିପାରୁଥିଲି- ସେ ଘର କାମରେ କାହିଁକି ବୁଡ଼ି ରହୁଥିଲା । ସେ ଭାବିବା ଜିନିଷକୁ ଭାବୁଥିଲା, କହି ବି ଦେଉଥିଲା, କିନ୍ତୁ ଜାଣୁଥିଲା ଏ ସବୁ ଭାବନା ଫାବନା, ଯୁକ୍ତିତର୍କ କଲେ ବାହାର ଦୁନିଆରେ କୌଣସି ଫରକ ପଡ଼େ ନାହିଁ । ସେ ଘର ଭିତରେ ରହିବା, କିଛି କାମ କରିବା କିଛି ତ ହେଉଥିଲା ।

ସେ କିଛି କହିଲା ନାହିଁ । କିଛି ସମୟ ନୀରବ ରହିଲା ପରେ ମତେ କେବଳ ସୂଚନା ଦେଲା- ଘରେ ବୋହୂ ଅଛି । ଝିଅ ବି ଆସିଗଲାଣି । ତା'ର ପିଲାମାନେ ଅଛନ୍ତି । ମୋର ଔଷଧ ବନ୍ଦ ହୋଇଗଲାଣି । କହୁଛନ୍ତି, ତୁମ ଭିତରେ ଏଣ୍ଟିବଡ଼ିଜ୍ ବନିଗଲାଣି । ଘର ବାହାରେ ବୁଲି ଆସୁଛି । ଲକ୍‌ଡାଉନ୍ ଶେଷ ହେଲେ....ସ୍କୁଲ ଖୋଲିଲେ .... ନାତିକୁ ଏଠି ସ୍କୁଲରେ ନାଁ ଲେଖାଇବି ।'

ସେ ଜାଣିଥିଲା- ବର୍ତ୍ତମାନ ଜୀବନ ତାକୁ ମରିବା ପାଇଁ ଅନୁମତି ଦେବ ନାହିଁ ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com

ଏକ ନୂଆ ପ୍ରୟାସ...

AMESABU

ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ

WE ALL. FOR ALL.
ଆମେସବୁ

Google Play
@ amesabu

ପ୍ରବନ୍ଧ

# ଓଡ଼ିଆ ନବନାଟ୍ୟ ଆନ୍ଦୋଳନ : ଉନ୍ମେଷ ଓ ଉତ୍ତରଣ



ରମାକାନ୍ତ ନାୟକ

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମହାମେଘବାହନ ଖାରବେଳଙ୍କ ରାଜତ୍ୱ କାଳରୁ ଗନ୍ଧର୍ବବେଦ, ନୃତ୍ୟ, ସଙ୍ଗୀତ ବାଦ୍ୟ ଉତ୍ସବ, ସମାଜ ତଥା ପ୍ରେକ୍ଷାଗୃହର ଲିଖିତାକାର ବର୍ଣ୍ଣନାରେ ପରିପୁଷ୍ଟ ହାତୀଗୁମ୍ଫା ଶିଳାଲେଖ ସଦର୍ପେ ଉଦ୍‌ଗାନ କରେ କଳିଙ୍ଗ ନାଟ୍ୟକଳାର ଉଦାତ୍ତ ଜୟଗୀତି । ବିଶୁଦ୍ଧ ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ନାଟକ ଜଗନ୍ମୋହନଙ୍କ 'ବାବାଜୀ' (୧୮୭୭ ଖ୍ରୀ.)ଠାରୁ ଅଦ୍ୟାବଧି ସହସ୍ର ସହସ୍ର ସଂଖ୍ୟାରେ ନାଟକ, ଗୀତିନାଟକ, ଏକାଙ୍କିକା ଇତ୍ୟାଦି ପୌରାଣିକ, ଐତିହାସିକ, ସାମାଜିକ, ପୁଞ୍ଜିବାଦ ବିରୋଧୀ, ଅତ୍ୟାଧୁନିକ, ମନସ୍ତାତ୍ତ୍ୱିକ, ଯୌନଧର୍ମୀ, ପ୍ରତୀକ ଧର୍ମୀ, ବୌଦ୍ଧିକ, ଉଦ୍ଭଟ, ପରୀକ୍ଷାମୂଳକ ଇତ୍ୟାଦି ବିଭିନ୍ନ ବିଷୟବସ୍ତୁକୁ ଭିତ୍ତିକରି ରଚିତ ହୋଇଛି । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରୁ ଷଷ୍ଠ ଦଶକ ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ନାଟକ ଇତିହାସରେ ପେସାଦାରୀ ରଙ୍ଗମଞ୍ଚରେ ଅବତରଣ କଲା "ସୁବର୍ଣ୍ଣ ଯୁଗ" । ରଙ୍ଗମଞ୍ଚ କ୍ଷେତ୍ରରେ କୋଠପଦା (୧୮୮୫), ପାରଳାଖେମୁଣ୍ଡି (୧୯୦୨) କଟକର ବାସନ୍ତୀ ନାଟ୍ୟଶାଳା, ଉଷା ଥିଏଟର (୧୯୦୫), ଓଡ଼ିଶା ଥିଏଟର୍ସ (୧୯୩୯), ଅନ୍ନପୂର୍ଣ୍ଣା ଏ, ବି, ସି (୧୯୪୪ ଠାରୁ) ଏବଂ ପରବର୍ତ୍ତୀ କାଳରେ ରୂପଶ୍ରୀ, ଭାରତୀ ନାଟ୍ୟ ମନ୍ଦିର, ଜନତା କଳାଶ୍ରୀ ଇତ୍ୟାଦି ବହୁସଂଖ୍ୟକ ପେସାଦାର ସ୍ଥାୟୀ ରଙ୍ଗମର ଆବିର୍ଭାବ ଯୋଗୁଁ ଓଡ଼ିଆ ନାଟ୍ୟ ଇତିହାସରେ ସ୍ୱର୍ଣ୍ଣାଭ ଅଧ୍ୟାୟ ଉନ୍ମୋଚିତ ହେଲା । ଓଡ଼ିଶାର ସାଂସ୍କୃତିକ ରାଜଧାନୀ କଟକ ସହରରେ ପ୍ରତି ସନ୍ଧ୍ୟାରେ ଏକକାଳୀନ ତିନି ତିନିଟି ରଙ୍ଗମଞ୍ଚରେ ପାଦ ପ୍ରଦୀପ ନିୟମିତ ଜଳି ଉଠୁଥିଲା । ୧୯୪୯ ମସିହାରେ କାଳୀଚରଣ ପଟ୍ଟନାୟକଙ୍କ ରଚିତ ନାଟକ 'ଭାତ' ଏକାଦିକ୍ରମେ ଏକଶହ ରାତ୍ରି ଅଭିନୀତ ହୋଇ ସେତେବେଳେ ନାଟକ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲା । ଓଡ଼ିଆ ନାଟକର ଏହି ଗୌରବମୟ ପର୍ଯ୍ୟାୟରେ ନାଟ୍ୟାକାଶରେ ଉଦ୍ଭାସିତ ହୋଇଛନ୍ତି ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଭଞ୍ଜ କିଶୋର ପଟ୍ଟନାୟକ ଓ ଗୋପାଳ ଛୋଟରାୟଙ୍କ ପରି ପ୍ରଭାଦୀପ୍ତ ଜ୍ୟୋତିଷ୍କତ୍ରୟୀ । ସେମାନଙ୍କ ଲେଖନୀ ନିଃସୃତ ନାଟକଗୁଡ଼ିକ ଓଡ଼ିଆ ନାଟ୍ୟ ଜଗତରେ ଯୁଗାନ୍ତକାରୀ ପରିବର୍ତ୍ତନ ସଙ୍ଗଠିତ କଲା । ପରମ୍ପରାବାଦୀ ଉପରୋକ୍ତ ନାଟ୍ୟକାରଗଣ ସ୍ୱାଧୀନତା ପରବର୍ତ୍ତୀ ଓ ଯୁଦ୍ଧ ପରବର୍ତ୍ତୀ ସମସ୍ୟାକୁ ଯଥୋଚିତ ରୂପ ଦେଇଛନ୍ତି ସେମାନଙ୍କ ଲେଖନୀ ମାଧ୍ୟମରେ । ଏହି ଅବଧିରେ ହାସ୍ୟ, ବ୍ୟଙ୍ଗ, ସୁଖ ଦୁଃଖ ଏବଂ ପ୍ରେମ ବିଚ୍ଛେଦ ପ୍ରଭୃତି ସମାନ୍ତରାଳ ଭାବରେ ଗତି କରିଛି । ନାଟ୍ୟଜଗତର ପୂର୍ବକଥିତ ମହାରଥୀଙ୍କ ବ୍ୟତୀତ ଲେଖନୀ ଚାଳନା କରିଛନ୍ତି କମଳଲୋଚନ ମହାନ୍ତି, ଧନେଶ୍ୱର ପଟ୍ଟନାୟକ, ବଳରାମ ମିଶ୍ର, କାର୍ତ୍ତିକ ଘୋଷ, ଅଦ୍ୱୈତ ଚନ୍ଦ୍ର ମହାନ୍ତି, ଉଦୟନାଥ ମିଶ୍ର, ସୁରେନ ମହାନ୍ତି, ନରସିଂହ ମହାପାତ୍ର, ଭୁବନେଶ୍ୱର ମହାପାତ୍ର, ବ୍ୟୋମକେଶ ତ୍ରିପାଠୀ, ଆନନ୍ଦଶଙ୍କର ଦାସ, ନୀଳକଣ୍ଠ ମିଶ୍ର, ବସନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ, ରଜତ୍ କୁମାର କର, ସାରଦା ପ୍ରସନ୍ନ ନାୟକ,



ଲକ୍ଷ୍ମୀଧର ନାୟକ, ନାରାୟଣ ପ୍ରସାଦ ଶତପଥୀ, ଧର୍ମାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଦେବରାଜ ପୃଷ୍ଟି, ଚିନ୍ତାମଣି ଜେନା, ନିକୁଞ୍ଜ କିଶୋର ଦାସ, ଦେବେନ୍ଦ୍ର ସିଂହ ଓ ଜାନକୀ ବଲ୍ଲଭ ମହାନ୍ତି ପ୍ରମୁଖ ନାଟ୍ୟକାରଗଣ।

## ଗୌରବୋଜ୍ଜ୍ୱଳ ଅଧ୍ୟାୟର କ୍ରମବିଲୟ

ଦୁଇ ଦଶନ୍ଧି ବ୍ୟାପୀ ନାଟ୍ୟ ଇତିହାସର ଏହି ଗୌରବୋଜ୍ଜ୍ୱଳ ଅଧ୍ୟାୟର କ୍ରମବିଲୟ ସତୁରି ଦଶକରେ ଆରମ୍ଭ ହୋଇଗଲା। ଗତାନୁଗତିକ ଧାରାରେ ପରିଚାଳିତ ବ୍ୟବସାୟିକ ଥିଏଟରଗୁଡ଼ିକ ଗୋଟିଏ ପରେ ଗୋଟିଏ ଧରାଶାୟୀ ହୋଇଗଲେ। ନାଟ୍ୟଜଗତର ଗତାନୁଗତିକ ଭାବାବେଗ, କୃତ୍ରିମବୋଧ ହେଉଥିବା ଅତି ନାଟକୀୟତା ଆଧୁନିକ ରୁଚିସମ୍ପନ୍ନ ଦର୍ଶକମାନଙ୍କ ସକାଶେ ଅଲୋଡ଼ା ହୋଇଗଲା। ସମସ୍ତ ମଞ୍ଚ ନାଟକର ଢାଞ୍ଚା ଏକପ୍ରକାର ଅନୁଭୂତ ହେଲା। ଆଧୁନିକ ଚେତନାର ସଂସ୍ପର୍ଶରେ ଦର୍ଶକମାନେ ଅନ୍ୱେଷଣ କରିଚାଲିଲେ ନବୀନତ୍ୱ। ଧୂଳି ମାଟିର ବାସ୍ତବ ମଣିଷ ତଥା ସମାଜର ପ୍ରକୃତ ଚିତ୍ରକୁ ଦେଖିବାକୁ ମଣିଷ ଇଚ୍ଛା କଲା। ଏହି ପଟ୍ଟଭୂମିରେ ନୂତନ ଯୁଗର ରୁଚି ନାଟ୍ୟକାରର ଚେତନାରେ ଅଲୋଡ଼ନ ସୃଷ୍ଟିକଲା। ମଞ୍ଚ ଓ ନାଟକ ନିମିତ୍ତ ଆବଶ୍ୟକ ପଡ଼ିଥିଲା ନୂତନ ପ୍ରାଣଶକ୍ତି। ଆତ୍ମିକ ଓ ଆଙ୍ଗିକ ବିଭବକୁ ଶକ୍ତିଶାଳୀ କରି ନୂତନ ଯୁଗାଶ୍ରୟୀ ଜୀବନର ବୈଚିତ୍ର୍ୟମୟ ଘଟଣାକୁ ନାଟକରେ ଉପସ୍ଥାପନ କରିବାକୁ ଚାହିଁଲା ନାଟ୍ୟକାର। ନୂତନ ବାସ୍ତବବାଦୀ ଜୀବନବୋଧ, ବୈଜ୍ଞାନିକ ଦୃଷ୍ଟିକୋଣ, ବୈପ୍ଳବିକ ଚିନ୍ତାଧାରା ତଥା ସର୍ବୋପରି ନୂତନତ୍ୱର ମୋହ ନାଟ୍ୟକାରକୁ ଚିରାଚରିତ ଗଡ୍ଡାଳିକା ଧାରାରୁ ବିମୁକ୍ତ କରି ରଙ୍ଗହୀନ, ଗୁରୁତ୍ୱହୀନ, ପାରମ୍ପରିକ ଶୈଳୀକୁ ପରିହାର କରି ନୂତନ ପ୍ରକାର ସୃଷ୍ଟି ରଚନା କରିବା ପାଇଁ ଅଭିପ୍ସା ନାଟ୍ୟକାରକୁ ଉଦ୍‌ବୁଦ୍ଧ କଲା। ପାଶ୍ଚାତ୍ୟ ନାଟ୍ୟ ସଂସ୍କୃତିରେ ବାସ୍ତବବାଦୀ ନବନାଟ୍ୟ ଧାରାର ପ୍ରଧାନ ପ୍ରବକ୍ତା ଥିଲେ ଇବସନ। କୃତ୍ରିମ ଅତିନାଟକୀୟତାରୁ ମୁକ୍ତ ହୋଇ ରଙ୍ଗମଞ୍ଚ ସ୍ୱାଭାବିକ ଜୀବନର ନିକଟବର୍ତ୍ତୀ ହୋଇ ଦର୍ଶକମାନଙ୍କୁ କିପରି ପ୍ରଭାବିତ କରିପାରେ, ତାହାର ପ୍ରକୃଷ୍ଟ ଦୃଷ୍ଟାନ୍ତ ମିଳେ ତାଙ୍କ ରଚିତ 'ଡଲ୍‌ସ ହାଉସ' ନାଟକରୁ। ସେତେବେଳକୁ ବିଶ୍ୱସାହିତ୍ୟର ଉତ୍ତର ଆଧୁନିକତାର ପ୍ରଭାବ ଓଡ଼ିଆ ନାଟ୍ୟ ସାହିତ୍ୟକୁ ମଧ୍ୟ ଝଙ୍କୃତ କଲା। ଜୀବନର ପାରମ୍ପରିକ ଧାରା ପ୍ରତି ଅବିଶ୍ୱାସ, ରକ୍ଷଣଶୀଳତା ପ୍ରତି ଉପେକ୍ଷା, ପ୍ରଥା ଓ ପରମ୍ପରାକୁ ଅତିକ୍ରମ କରି ମୁକ୍ତ ଜୀବନଧାରା ପ୍ରତି ଆକର୍ଷଣ ପ୍ରଭୃତି ଉତ୍ତର ଆଧୁନିକତାର ବୈଚିତ୍ର୍ୟମାନ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ହେଲା।

**ଏହା ଥିଲା ମାନବାତ୍ମାର ଜୟଗାନ କରୁଥିବା ଏକ ଜୀବନବାଦୀ ଆନ୍ଦୋଳନ।**

## ନବୋଦୟର ପର୍ଯ୍ୟାୟ

ଏହି ସବୁ ସତ୍ତ୍ୱେ ସମସ୍ତ ଅନିଶ୍ଚିତତାର ପରିସମାପ୍ତି ଘଟାଇ ନବୋଦୟ ସୂର୍ଯ୍ୟାଲୋକରେ ଦେଦୀପ୍ୟମାନ ହୋଇଉଠିଲା ନାଟ୍ୟାକାଶ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଚଳଚ୍ଚିତ୍ର ସହିତ ପ୍ରତିଯୋଗିତାରେ ପରାହତ ମୁମୂର୍ଷୁ ନାଟକ ଓ ମଞ୍ଚକୁ ବଞ୍ଚାଇ ରଖିବା ପାଇଁ ଆଗେଇ ଆସିଲେ କେତେକ ତରୁଣ ଓ ନବଜୀବନବାଦୀ ସୌଖୀନ୍ ନାଟ୍ୟ ଅନୁଷ୍ଠାନ। ସେମାନଙ୍କର ଏହି ପ୍ରଚେଷ୍ଟାରୁ ଜନ୍ମ ନେଲା "ନବ ନାଟ୍ୟ ଆନ୍ଦୋଳନ"। ଯୁଦ୍ଧବିଧ୍ୱସ୍ତ ଏକ କ୍ଷତାକ୍ତ ଓ ମୃତପ୍ରାୟ ସମାଜ ନିମିତ୍ତ ଏହି ନାଟ୍ୟ ଆନ୍ଦୋଳନ ଥିଲା ଏକମାତ୍ର ଆଶା ସଞ୍ଚାରକାରୀ। ନାଟକ କ୍ଷେତ୍ରରେ ନୂତନ ସ୍ୱପ୍ନ ଓ ସମ୍ଭାବନାକୁ ଜାଗ୍ରତ କରିବାରେ ସକ୍ଷମ ହୋଇଥିଲା ଏହି ନବନାଟ୍ୟ ଆନ୍ଦୋଳନ। ଏହା ଥିଲା ମାନବାତ୍ମାର ଜୟଗାନ କରୁଥିବା ଏକ ଜୀବନବାଦୀ ଆନ୍ଦୋଳନ। ଏହି ଯୁଗରେ ଯଶସ୍ୱୀ ନାଟ୍ୟକାରମାନେ ସାଧାରଣ ଦର୍ଶକମାନଙ୍କ ଦ୍ୱାରା ବିଶେଷ ଆଦୃତ ନ ହେଲେ ମଧ୍ୟ ନିର୍ବାଚିତ ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେଲେ। ବିଶେଷତଃ ଓଡ଼ିଶାର ସାହିତ୍ୟ ସମାଲୋଚକମାନେ ଏମାନଙ୍କୁ ଉଚ୍ଛ୍ୱସିତ ସମ୍ମାନ ଜ୍ଞାପନ କଲେ। ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପ୍ରବୀଣ ସୂତ୍ରଧରମାନେ ଥିଲେ ନାଟ୍ୟକାର ମନୋରଞ୍ଜନ ଦାସ, ବିଜୟ ମିଶ୍ର, ବିଶ୍ୱଜିତ୍ ଦାସ, ରମେଶ ପ୍ରସାଦ ପାଣିଗ୍ରାହୀ, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ।


ନବନାଟ୍ୟ ଆନ୍ଦୋଳନର ପ୍ରଧାନ ବୈଶିଷ୍ଟ୍ୟ ଭାବରେ ଗଣଜୀବନ ସ୍ୱାଭାବିକ ରୀତିରେ ରଙ୍ଗମଞ୍ଚରେ ଅଭିବ୍ୟକ୍ତ ହୋଇଉଠିଲା। ଅଭିନେତା ନାଟକର ସଂଳାପ ପରିବର୍ତ୍ତେ ନିଜର ଅନୁଭୂତିର କଥା ପ୍ରକାଶ କରିବା ଭଳି ଅନୁଭବ କଲା। ସୌଖୀନ ନାଟ୍ୟ ସଂସ୍ଥାଗୁଡ଼ିକ ନାଟକକୁ ଅଧିକ ଆକର୍ଷଣୀୟ କରିବା

ଉଦ୍ଦେଶ୍ୟରେ ନୂତନ ଧରଣର ମଞ୍ଚମାୟା ସୃଷ୍ଟି କଲେ । ଆଲୋକ ସଂପାତର ଯୁଗାନ୍ତକାରୀ ପରିବର୍ତ୍ତନ ସାଙ୍ଗକୁ ଦୃଶ୍ୟସଜ୍ଜାରେ ଅଭୂତପୂର୍ବ ପରିବର୍ତ୍ତନର ସୂତ୍ରପାତ କଲେ । ଶବ୍ଦ ଓ ଆଲୋକର ଅଭିବ୍ୟଞ୍ଜନା ମଧ୍ୟରେ ନୂତନ ମୂଲ୍ୟବୋଧ ସମ୍ପନ୍ନ ନାଟକରେ ମନସ୍ତତ୍ତ୍ୱକୁ ପ୍ରାଧାନ୍ୟ ଦିଆଗଲା । ସମାଜଠାରୁ ବିଚ୍ଛିନ୍ନ ହୋଇପଡୁଥିବା ମଣିଷର ଅସହାୟତାର କଳାତ୍ମକ ତଥା ପ୍ରତୀକାତ୍ମକ ପ୍ରସ୍ଫୁଟନ ହେଲା ନାଟକର ପ୍ରଧାନ ବୈଶିଷ୍ଟ୍ୟ । ଭାଷା, ଶୈଳୀ ଓ ସଂଳାପ ହୋଇଗଲା ସଂକ୍ଷିପ୍ତ, ଖଣ୍ଡିତ, ଉଦ୍ଭଟ ଏବଂ କ୍ଷୁଦ୍ର ପାଶ୍ଚାତ୍ୟ ଶୈଳୀର ଅନୁବର୍ତ୍ତୀ ହୋଇ । ନାଟକର ଅଭିନୟ ହୋଇଉଠିଲା ବୌଦ୍ଧିକ, ସାଙ୍କେତିକ, ରୂପକଧର୍ମୀ ଏବଂ ବ୍ୟଞ୍ଜନଧର୍ମୀ । ନାଟକ ହୋଇଉଠିଲା ଏକ କାବ୍ୟ । ରଙ୍ଗମଞ୍ଚ ହୋଇଉଠିଲା ବିଭିନ୍ନବାଦ (ଇଜମ୍)ର ପରୀକ୍ଷାନିରୀକ୍ଷା ସକାଶେ ପ୍ରୟୋଗଶାଳା ।

### ନାଟକର ଉଦ୍‌ଭଟ ଶୈଳୀ

ନୂତନ ରୀତି ପ୍ରବର୍ତ୍ତନ ସମୟରେ ନାଟ୍ୟକାର ମନୋରଞ୍ଜନ ଆଧୁନିକ ମଣିଷର ଯୁଗଯନ୍ତ୍ରଣାକୁ ରୂପାୟିତ କରିବା ପାଇଁ ନବାଗତ ଉଦ୍ଭଟ ଶୈଳୀର ଅବଲମ୍ବନ କରିଛନ୍ତି, ମାତ୍ର ଏହି ଶୈଳୀରେ ଆଧୁନିକ ମଣିଷର ଉଦ୍ଭଟ ସ୍ଥିତିକୁ ଉପସ୍ଥାପନ କରିବାବେଳେ ପାରମ୍ପରିକ ଦର୍ଶକଙ୍କ ନିକଟରେ ହୁଏତ ଦୁର୍ବୋଧ ହେବାର ଆଶଙ୍କା ଥିଲା । ନୂତନ କଥାବସ୍ତୁର ଅଭାବରେ ନାଟକ କଦାପି ଗତିଶୀଳ ବା ଯୁଗରୁଚି ସମ୍ମତ ହୋଇପାରିବ ନାହିଁ । ତେଣୁ ସେ ଗଦ୍ୟ ବଚନିକା ସହିତ ସମଅର୍ଥ ଦ୍ୟୋତକ ପଦ୍ୟ ବଚନିକା ତଥା ଗୀତିନାଟ୍ୟର ଆଙ୍ଗିକକୁ କେତେକାଂଶରେ ବ୍ୟବହାର କରିଛନ୍ତି । ଏହି ପ୍ରସଙ୍ଗରେ ନାଟ୍ୟକାର ମନୋରଞ୍ଜନ ଦାସ "କାଠଘୋଡ଼ା" ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଉଲ୍ଲେଖଯୋଗ୍ୟ । "ମୁଁ ଅନୁଭବ କରୁଛି ପରମ୍ପରା ପ୍ରାମାଣିକ ଦୃଢ଼ ଭିତ୍ତିସ୍ତମ୍ଭ ଉପରେ ଯଦି ବୌଦ୍ଧିକ ଚିନ୍ତା ସମ୍ପନ୍ନ ଆଧୁନିକ ନାଟକ ସୃଷ୍ଟି କରାଯାଇପାରେ, ତେବେ ତାହା ହୁଏତ ହୋଇପାରିବ ପ୍ରକୃତ ପକ୍ଷେ ଆଜିର ଯୁଗଧର୍ମୀ ନାଟକ, ଯାହା ଅଧିକ ଦର୍ଶକଙ୍କୁ ଆକୃଷ୍ଟ କରିବ ଏବଂ ଯାହା ସାଧାରଣ ଦର୍ଶକ ଓ ଚିନ୍ତାଶୀଳ ଦର୍ଶକଙ୍କୁ ସମପରିମାଣରେ ସନ୍ତୋଷ ଦେଇପାରିବ ।" ସଂସ୍କୃତ ନାଟ୍ୟରୀତି ଅନୁସରଣ କରି ନାଟକରେ ସୂତ୍ରଧର ଭାବରେ ଦ୍ୱାରୀ ବା ନିୟତ ଚରିତ୍ରକୁ ଭୂମିକା ଅବତାରଣା କରାଯାଇଛି । ମନୋରଞ୍ଜନଙ୍କର 'ଅମୃତସ୍ୟ ପୁତ୍ରଃ', 'କାଠଘୋଡ଼ା', 'ଅବବାହିକାର ସ୍ୱପ୍ନ', କାର୍ତ୍ତିକ ଚନ୍ଦ୍ର ରଥଙ୍କର 'ବହ୍ନିମାନ', 'ଈଶ୍ୱର ଜଣେ ଯୁବକ', 'ଚଇତି ଘୋଡ଼ା', 'ବହ୍ନିମାନ', ରତ୍ନାକର ଚଇନିଙ୍କର 'ମୁଖା', 'ବିପ୍ଳବୀ କୃତ୍ତିବାସ' ପ୍ରଭୃତି ନାଟକରେ ଏହାର ପ୍ରୟୋଗ ପରିଲକ୍ଷିତ ହୁଏ ।

ପାଶ୍ଚାତ୍ୟ ନାଟକର ସବିଶେଷ ଅଧ୍ୟୟନ ଥିବା ସତ୍ତ୍ୱେ ନାଟ୍ୟକାର ବିଜୟ ମିଶ୍ର ସଚେତନ ଭାବରେ କୌଣସି ନିର୍ଦ୍ଦିଷ୍ଟ ପ୍ରତୀକ ବା ଶୈଳୀକୁ ଅନୁସରଣ ନ କରି ନିଜସ୍ୱ ଶୈଳୀ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି । ତାଙ୍କ ରଚିତ ନାଟକ 'ଜଣେ ରାଜାଥିଲେ' ସ୍ଥୂଳ ଭାବରେ ଏକ ଲୋକ କାହାଣୀର ନାଟ୍ୟ ଉପସ୍ଥାପନ । ଏହି କାହାଣୀରେ ପ୍ରକାଶିତ ଅନ୍ତଃସ୍ୱର ସମସାମୟିକ ସାମାଜିକ ଚେତନା ସମ୍ବଳିତ, ଯାହା ନବନାଟ୍ୟ ଆନ୍ଦୋଳନର ନିଦର୍ଶନ ବହନ କରେ । ତାହାର କଥାବସ୍ତୁ ଏହିପରି । "ଜଣେ ରାଜା ଥିଲେ । ତାଙ୍କର ଜଣେ ରାଣୀ । ସେ ଗୋଟିଏ ନିର୍ଜୀବ ପୁତ୍ତଳିକା ସଦୃଶ କୌଣସି କଥା କହୁ ନ ଥିଲେ । ଗୋଟିଏ ଶବ୍ଦମାତ୍ର ଉଚ୍ଚାରଣ କରୁଥିଲେ "ପୁତ୍ତଳିକା" । ସେହିପରି ରାଜାଙ୍କର ବିନା ଆଦେଶରେ ମନ୍ତ୍ରୀ, ସେନାପତି, କଟୁଆଳ, ସାଧବ କାହାର ବି ପାଟି ଖୋଲିବାର ସାହସ ନ ଥିଲା । ପ୍ରଜାମାନେ ଥିଲେ ଓଟମୁହାଁ । ଓଟ ଯେପରି ନିରୀହ ଭାବରେ ଉପରକୁ ଚାହିଁଥାଏ, କିଛି ଦେଖିପାରେ ନାହିଁ ବା ଜାଣିପାରେ ନାହିଁ, ସହଜରେ ପ୍ରତିକ୍ରିୟା ପ୍ରକାଶ କରିପାରେ ନାହିଁ, ଝଡ଼ ଆସିଲେ ବାଲିରେ ମୁହଁ ପୋତିଦିଏ, ସେହିପରି ସେମାନଙ୍କର ଅବସ୍ଥା । ରାଜା କିନ୍ତୁ ବଡ଼ ଭୟ କରୁଥିଲେ ମଣିଷମୁହାଁମାନଙ୍କୁ । କାଳେ ମଣିଷମାନେ ଔଟିକମାନଙ୍କୁ ମଣିଷରେ ପରିଣତ କରିଦେବେ ସେଥିପାଇଁ ସେମାନଙ୍କୁ ହତ୍ୟା କରିବାକୁ ଆଦେଶ ଦେଇଥିଲେ । ପୁରସ୍କାର ଘୋଷଣା କରିଥିଲେ ମଧ୍ୟ । ମଣିଷମାନଙ୍କର ଅନ୍ଧାରୀ ଗୁମ୍ଫା ଭିତରେ ଆତ୍ମଗୋପନ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା । ହଠାତ୍ ଦେଖାଗଲା ଦୁଇଟି ପୁଅ ଝିଅ ଓଟ ମୁହାଁମାନଙ୍କ



ମଧ୍ୟରେ ମାନବିକ ଚେତନା ସୃଷ୍ଟି କରିବାକୁ ଲାଗିଲେ। ଓଟ ମୁହାଁମାନଙ୍କୁ ମଣିଷର ଅଧିକାର ଦାବି କରିବା ଶିଖାଇଲେ। ଓଟ ମୁହାଁମାନେ ମଧ୍ୟ ଓଟର ଭେକ ଛାଡ଼ି ମଣିଷ ହେବାକୁ ଆଗ୍ରହୀ ହେଲେ। ରାଣୀ, ମନ୍ତ୍ରୀ, କଟୁଆଳ, ସାଧବ ସମସ୍ତେ ମୁହଁ ଖୋଲିଲେ। ରାଜା ସେମାନଙ୍କର ସ୍ୱାଧୀନତା ଓ ଅଧିକାର ଅପହରଣ କରିନେଇଥିବାରୁ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରି ତାଙ୍କୁ ଗାଦିଚ୍ୟୁତ କଲେ। ଏହା ପରେ ସମସ୍ତେ ମିଶି ବିପ୍ଳବର ନେତୃତ୍ୱ ନେଇଥିବା ମଣିଷ ମୁହାଁ ପୁଅଟିକୁ ରାଜା କରାଇଦେଲେ। କିନ୍ତୁ ଫଳ କ'ଣ ହେଲା ? ଗାଦିରେ ବସିବା ମାତ୍ରେ ସେ ପୁରୁଣା ରାଜାଙ୍କ ପରି ସମସ୍ତଙ୍କୁ ନିର୍ଦ୍ଦେଶ ଦେଲା "ମୋର ବିନା ଆଦେଶରେ କେହି କିଛି କହିପାରିବେ ନାହିଁ। ରାଣୀ ପୂର୍ବପରି ପୁତ୍ତଳିକା ହୋଇ ରହିବେ। ପ୍ରଜାମାନେ ପୁଣି ଓଟ ମୁହାଁ ହୋଇ ପୁରୁଣା ଜାତୀୟ ସଙ୍ଗୀତ "ଓଟ ପରି ଜୀବ ନାହିଁରେ ଭାଇ, ଶାନ୍ତି ତୁ ପାଇବୁ ଯା' ଓଟ ହୋଇ" ଗାନ କରିବେ।

**ସତୁରି ଦଶକରେ ଆରମ୍ଭ ହୋଇଥିବା ନବନାଟ୍ୟ ଆନ୍ଦୋଳନର ପରବର୍ତ୍ତୀ କାଳରେ ସାମିଲ ହେଲେ ଅନେକ ଯଶସ୍ୱୀ ନାଟ୍ୟକାର।**

### ସଂଳାପର ଗୁରୁତ୍ୱ

ଓଡ଼ିଆ ପରୀକ୍ଷାଧର୍ମୀ ନାଟକରେ ସଂଳାପ ଥିଲା ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ଏହାର ରୂପ ପରିବର୍ତ୍ତନ ଘଟିଲା। ଯୁକ୍ତିଯୁକ୍ତତା, ନିରବଚ୍ଛିନ୍ନ ସାବଲୀଳତା ଏବଂ କଳାତ୍ମକ ପରିପାଟୀ ପ୍ରଭୃତିର ଅଭାବ ଏହି ସଂଳାପରେ ଦେଖାଯାଏ ନାହିଁ। ପାରମ୍ପରିକ ନାଟ୍ୟ ସଂଳାପର ଆଳଙ୍କରିକ ସୁଷମା ଏଥିରେ ସୀମିତ ହୋଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଅନୁପସ୍ଥିତ ରହି ନ ଥିଲା। ବରଂ ଉପମା, ରୂପକ ପ୍ରଭୃତି କେତେକ ଲୋକପ୍ରିୟ ଅଳଙ୍କାର ଏହାର ପ୍ରତୀକଧର୍ମୀ ଶାଣିତ ସଂଳାପ ଭାବରେ ଗୃହୀତ ହେଲା। ଖଣ୍ଡିତ କିନ୍ତୁ ଅର୍ଥବହ ବୁଦ୍ଧିଦୀପ୍ତ, ଲୁପ୍ତ କିନ୍ତୁ ଇଙ୍ଗିତଧର୍ମୀ, ଶାଣିତ କିନ୍ତୁ ବ୍ୟଙ୍ଗଧର୍ମୀ ଏହିସବୁ ସଂଳାପରେ କର୍ତ୍ତା, କ୍ରିୟା, ବିଶେଷ୍ୟ, ବିଶେଷଣ ପ୍ରଭୃତି ବ୍ୟାକରଣକୁ ସର୍ବଦା ସମ୍ମାନ ଯେ ଦିଆଯାଇଛି ତାହା ନୁହେଁ, ତଥାପି ଅର୍ଥ ଅଭିବ୍ୟକ୍ତ କରିବା ଦିଗରେ ଏହା ବ୍ୟର୍ଥ ହୋଇଛି ବୋଲି କହିହେବ ନାହିଁ। ଏହି ପ୍ରସଙ୍ଗରେ ନାଟ୍ୟକାର ରତି ମିଶ୍ରଙ୍କ ବହୁଚର୍ଚ୍ଚିତ "ସୀତା" ନାଟକରେ ଏକ ସଂଳାପକୁ ଦୃଷ୍ଟାନ୍ତ ଭାବରେ ଉଲ୍ଲେଖଯୋଗ୍ୟ। "ପ୍ରକାଶ :- ଶାସନ କ'ଣ ? ଗୁରୁ- ସର୍ବସାଧାରଣଙ୍କ ଆଖିରେ ଆଦର୍ଶର କଳା ପରଦା ବାନ୍ଧି ଉତ୍ତର ପୁରୁଷଙ୍କ ଲାଗି ସାମାଜିକ ସ୍ୱୀକୃତି ସଂଗ୍ରହ କରିବା। ବିକାଶ- ପରାମର୍ଶ କ'ଣ ? ଗୁରୁ- ନିଜେ ତିଆରି କରିଥିବା ନିୟମ କାନୁନର ଏକ ଗୁଳାପକା ରାସ୍ତାରେ ସମସ୍ତଙ୍କୁ ଚାଲିବାକୁ ବାଧ୍ୟ କରିବା, ନିଜ ବ୍ୟତୀତ.....। ନିରଞ୍ଜନ - ନାଗରିକ ଅଧିକାର ? ଗୁରୁ- ନିଜ ସ୍ୱାର୍ଥରେ ଆଞ୍ଚ ଆସିଲେ ଶ୍ରେଣୀ ସଂଗ୍ରାମର ଯୋଜନା, ଅନ୍ୟକୁ ଅସ୍ତ୍ର ରୂପେ ବ୍ୟବହାର କରିବା - ନିଜ ପାଇଁ।"

ନବନାଟ୍ୟ ଆନ୍ଦୋଳନରେ ପ୍ରଥିତଯଶା ନାଟ୍ୟକାରମାନଙ୍କ ଅନବଦ୍ୟ ଅବଦାନଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା ମନୋରଞ୍ଜନ ଦାସଙ୍କ ଆଗାମୀ, ଅବରୋଧ, ସାଗରମନ୍ଥନ, ବନହଂସୀ, ଅରଣ୍ୟ ଫସଲ, ଅମୃତସ୍ୟ ପୁତ୍ରଃ, କାଠଘୋଡ଼ା, ଅବବାହିକାର ସ୍ୱପ୍ନ, ଶବ୍ଦଲିପି, ଊର୍ମି ; ବିଜୟ ମିଶ୍ରଙ୍କ ଜନନୀ, ଅଶାନ୍ତ ଗ୍ରହ, ପଞ୍ଚଶାୟକ, ଏକାକୀ, ପାଷାଣର ପ୍ରତୀକ୍ଷା, ଆହ୍ୱାନ, ତିମିର ତୀର୍ଥ, ସାଗର ତୀରେ, ଯାଯାବର, ତଟ ନିରଞ୍ଜନା, ହେ ସ୍ୱର୍ଗ ବିଦାୟ, ଶବବାହକମାନେ, ଅସତ୍ୟ ସହର, ଏଠି ସେଠି ସବୁଠି, ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ, ଜଣେ ରାଜାଥିଲେ, ଆର୍ତ୍ତନାଦ, ବାଦ୍‌ଶା ; ବିଶ୍ୱଜିତ୍ ଦାସଙ୍କ ବହ୍ନି, ପ୍ରତାପ ଗଡ଼ରେ ଦି' ଦିନ, ନାଲିପାନ ରାଣୀ, କଳାପାନ ଟିକା, ନିଜ ପ୍ରତିନିଧିଙ୍କଠାରୁ, ଶୁଣ ସୁଜନେ, ମୃଗୟା, ସମ୍ରାଟ, ବୃତ୍ତେ ; ରତ୍ନାକର ଚଇନିଙ୍କର ଅସ୍ତରାଗର ଚନ୍ଦ୍ର, ଶେଷ ଅଶ୍ରୁ, ମଞ୍ଜନାୟିକା, ଅପଦେବତା, ରାଜହଂସ, ପୁନଶ୍ଚ ପୃଥିବୀ, ଶୂନ୍ୟତାର ସିଡ଼ି, କଳଙ୍କିତ ସୂର୍ଯ୍ୟ, ଖୋଲା ଆକାଶ, ଅନ୍ଧାରରେ ସୂର୍ଯ୍ୟମୁଖୀ, ନଚିକେତା ଉବାଚ, ଅସ୍ଥିର ଉପତ୍ୟକା, ଅଥଚ ଋଣକ୍ୟ ; ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ମୁକ୍ତି ମଣ୍ଡପ, ତିମିର ତୃଷ୍ଣା, କମଳପୁର ଡାକଘର, ନଷ୍ଟ ଚନ୍ଦ୍ରର ଉପତ୍ୟକା, ମୁଁ ଆମ୍ଭେ ତୁମ୍ଭେମାନେ, ଗୁଣ୍ଡା, ମହାନାଟକ, ଭଙ୍ଗା ମୀନାର, ଶିକାର ସ୍ୱପ୍ନ ; କାର୍ତ୍ତିକ ଚନ୍ଦ୍ର ରଥଙ୍କ ଜୀବନ ଯଜ୍ଞ, କ୍ରୀତଦାସ, ସ୍ୱୟମ୍ବର, ସମୁଦ୍ର ରଙ୍ଗ ଯନ୍ତ୍ରଣା, ଜଉଘର, ମୁଁ ଦୁହେଁ, ସ୍ୱର୍ଗଦ୍ୱାର, ସାନ୍ତ୍ୱନା ଓ ଶୂନ୍ୟତା, ତୃତୀୟ ପୃଥିବୀ, ଚଇତି ଘୋଡ଼ା, ଚନ୍ଦ୍ରବିନ୍ଦୁ ; ପ୍ରାଣବନ୍ଧୁ କରଙ୍କ ପେଟୁ, ଦୂର ପାହାଡ଼, ସନ୍ଧ୍ୟା ଆସରର ଭୂତ, ଶ୍ୱେତପଦ୍ମା, ଏକଚକ୍ର, ସ୍ନାୟୁ ସଂହାର, ଅଥର୍ବ, ଅଶାନ୍ତ ; ଅକ୍ଷୟ ମହାନ୍ତିଙ୍କର ରାତ୍ରିର ରାଧା, ସମ୍ବିତ ପ୍ରଭୃତି।

ସତୁରି ଦଶକରେ ଆରମ୍ଭ ହୋଇଥିବା ନବନାଟ୍ୟ

ଆନ୍ଦୋଳନର ପରବର୍ତ୍ତୀ କାଳରେ ସାମିଲ ହେଲେ ଅନେକ ଯଶସ୍ୱୀ ନାଟ୍ୟକାର। ସେମାନଙ୍କର ମୌଳିକ ଚିନ୍ତନ ଓ ଅଭିନବ ପ୍ରକାଶ ଶୈଳୀ ଯୋଗୁ ନାଟ୍ୟ ଇତିହାସରେ ସେମାନଙ୍କ ନାମ ଅମର ଅକ୍ଷରରେ ଲିପିବଦ୍ଧ ହୋଇ ରହିଅଛି। ନବନାଟ୍ୟ ଆନ୍ଦୋଳନକୁ ଋଦ୍ଧିମନ୍ତ କରିଥିବା ସେହି ନାଟ୍ୟକାରମାନେ ହେଉଛନ୍ତି ଯଦୁନାଥ ଦାଶମହାପାତ୍ର, ହରିହର ମିଶ୍ର, ହିମାଂଶୁ ଭୂଷଣ ସାବତ, ପ୍ରସନ୍ନ କୁମାର ମିଶ୍ର, ପ୍ରସନ୍ନ କୁମାର ଦାସ, ଜଗନ୍ନାଥ ପ୍ରସାଦ ଦାଶ, ମନ୍ମଥ ନାଥ ଶତପଥୀ, ଜୀବନାନନ୍ଦ ମିଶ୍ର, କୁଞ୍ଜ ରାୟ, ପ୍ରଫୁଲ୍ଲ କୁମାର ମହାନ୍ତି, ରତି ରଞ୍ଜନ ମିଶ୍ର, ସୁବୋଧ ପଟ୍ଟନାୟକ, ନୀଳାଦ୍ରି ଭୂଷଣ ହରିଚନ୍ଦନ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଜୟ କୁମାର ଶତପଥୀ, ରମାରମଣ ପାଢ଼ୀ, ଶଶି ଭୂଷଣ ମିଶ୍ର, ଶୈଳେଶ୍ୱର ନନ୍ଦ, ସୀମାଚଳ ଦାସ, ଗୋଲକ ଚନ୍ଦ୍ର ମହାନ୍ତି, ବନବିହାରୀ ପଣ୍ଡା, ନାରାୟଣ ସାହୁ, ସୁଧାକର ନନ୍ଦ, ପଦ୍ମ ଚରଣ ପଟ୍ଟନାୟକ, ଗୁଣନିଧି ଜେନା, କାଳିନ୍ଦୀ ବେହେରା, ପଞ୍ଚାନନ ପାତ୍ର, କୈଳାସ ଚନ୍ଦ୍ର ମିଶ୍ର, ରଞ୍ଜନ କୁମାର ପତି, କୁଞ୍ଜ ନନ୍ଦ, ଚନ୍ଦ୍ରଶେଖର ନନ୍ଦ, କୃଷ୍ଣଚନ୍ଦ୍ର ଜେନା ପ୍ରଭୃତି। କ୍ରମଶଃ, ନାଟ୍ୟ ସାହିତ୍ୟରେ ଦେଖାଗଲା ଅପୂର୍ବ ଆଲୋଡ଼ନ। ନୂତନ କଳା କୌଶଳର ନାଟକୀୟ ପ୍ରୟୋଗ କରିବାକୁ ଆଗେଇ ଆସିଲେ ଓଡ଼ିଶାର ବହୁ ଯୁବ ନାଟ୍ୟକାରଗଣ। ମନୋରଞ୍ଜନଙ୍କର "ଅରଣ୍ୟ ଫସଲ", ବିଜୟ ମିଶ୍ରଙ୍କ ଉଭଟ ନାଟକ "ଶବବାହକମାନେ" ଏ କ୍ଷେତ୍ରରେ ଗୋଟିଏ ଗୋଟିଏ ବିସ୍ମୟକର ସୃଷ୍ଟି। ଜାତୀୟ ସ୍ତରରେ ମନୋରଞ୍ଜନଙ୍କ ଏହି ନାଟକ ପୁରସ୍କୃତ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ନାଟକର ଶ୍ରେଷ୍ଠତ୍ୱ ପ୍ରଜ୍ଞାପିତ ହୋଇଛି।




୧୯୮୦ ମସିହା ପରବର୍ତ୍ତୀ ଯୁଗରେ ନୂତନ ପିଢ଼ିର ନାଟ୍ୟକାରଗଣ ସେମାନଙ୍କ କୃତି ମାଧ୍ୟମରେ ସମାଜର ପରିବର୍ତ୍ତନ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଏଥିସହିତ ବିଗତ ଚାରି ଦଶନ୍ଧି ପରିବ୍ୟାପ୍ତ ଏହି ନାଟ୍ୟଧାରାକୁ ଅଙ୍ଗୀକାର ଓ ବିଦ୍ରୋହର ନାଟ୍ୟଧାରା ନାମରେ ଆଖ୍ୟା ଦିଆଯାଇପାରେ। ନାଟକର ଏହି କଳେବର ମଧ୍ୟକୁ ପ୍ରବେଶ କରିଛି ପପ୍ କଲଚରର ସଙ୍ଗୀତ, ବାଦ୍ୟ, କଳାକର୍ମ, ବେଶ ପରିପାଟୀ ସହିତ ରେଡ଼ିଓ ଚଳଚ୍ଚିତ୍ର ପ୍ରଭୃତି ଲୋକପ୍ରିୟ ଗଣମାଧ୍ୟମର ଶବ୍ଦ, କୋରିଓଗ୍ରାଫି, ସିନେମାଟୋଗ୍ରାଫ୍ ଗ୍ରାଫିକ୍ସ। ପରିଣାମରେ ସାମ୍ପ୍ରତିକ ସମୟର ନାଟକ ନୂତନ ଜୀବନ୍ୟାସ ପ୍ରାପ୍ତ ହୋଇଛି ବୋଲି କୁହାଯାଇପାରେ। ଏହି କାଳରେ ନୀଳାଦ୍ରି ଭୂଷଣ ହରିଚନ୍ଦନ, ରତି ମିଶ୍ର, ବିଜୟ ଶତପଥୀ, ପ୍ରମୋଦ ତ୍ରିପାଠୀ, ଶଙ୍କର ତ୍ରିପାଠୀ, ରବି ଦାସ, ରଣଜିତ୍ ପଟ୍ଟନାୟକ ପ୍ରଭୃତି ନାଟ୍ୟକାରମାନେ ଲୋକଉପାଦାନକୁ ପ୍ରୟୋଗ କରି ନାଟକ ଜଗତକୁ ଲୋକପ୍ରିୟ କରିଛନ୍ତି। ନୀଳାଦ୍ରି ଭୂଷଣଙ୍କ "ଜଟାୟୁର ଛିନ୍ନ ଡେଣା" ସଂକଳନ, ବିଜୟ ଶତପଥୀଙ୍କ "କଂସର ଆତ୍ମା", "ଏଇଯେ ସୂର୍ଯ୍ୟ ଉଏଁ", ଶୋଣିତ ସ୍ୱାକ୍ଷର", ରତି ମିଶ୍ରଙ୍କର "ସୀତା", "ଅତି ଆଚମ୍ବିତ କଥା", "ସତର୍କ ସଂଘମିତ୍ରା", ଶଙ୍କର ତ୍ରିପାଠୀଙ୍କ "ରାବଣ ଛାୟା", "ଶୁଣିବା ହେଉ ଏ କାହାଣୀ", ପ୍ରମୋଦ ତ୍ରିପାଠୀଙ୍କ "ଯେଉଁ ବନସ୍ତରେ ମଣିଷ ନାହିଁ", ରଣଜିତ୍ ପଟ୍ଟନାୟକଙ୍କ "ଗୋଇଠା ବାବା", ରବି ଦାସଙ୍କ "ଦକ୍ଷିଣ ଦରଜା" ପ୍ରଭୃତି ଏହାର ଦୃଷ୍ଟାନ୍ତ। ଏହି ପ୍ରବନ୍ଧରେ କିଛି ସୀମିତ ସଂଖ୍ୟକ ନାଟ୍ୟକାରଙ୍କ ସମ୍ବନ୍ଧରେ ସୂଚନା ସ୍ଥାନିତ ହୋଇଥିବା ବେଳେ ଏହା ସ୍ୱୀକାର୍ଯ୍ୟ ଯେ ସୀମିତ କଳେବର ଦୃଷ୍ଟିରୁ ଏଠାରେ ପୂର୍ଣ୍ଣାଙ୍ଗ ତଥ୍ୟ ଦେବା ସମ୍ଭବପର ହେଉନାହିଁ।

ସାମ୍ପ୍ରତିକ କାଳରେ ନାଟକର ଜୟଯାତ୍ରାକୁ ପଥରୋଧ କରିଛି କେତେକ ଦୁର୍ଲଂଘ୍ୟ ସମସ୍ୟା। ନାଟକର ମୁଦ୍ରଣ ଓ ବ୍ୟବସାୟିକ ଗୁରୁତ୍ୱ କ୍ରମାଗତ ହ୍ରାସ, ପୂର୍ବବତ୍ ଅଫିସ୍, କ୍ଲବ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ବାର୍ଷିକ ଉତ୍ସବରେ ନାଟକ ମଞ୍ଚାୟନ ନ ହେବା, ଚଳଚ୍ଚିତ୍ର, ଦୂରଦର୍ଶନ, ସ୍ମାର୍ଟ ଫୋନ୍ ମାଧ୍ୟମରେ ଅହେତୁକ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ପରିବେଷଣ ଏବଂ ସର୍ବୋପରି କେତେକ ନାଟ୍ୟକାର ଓ ଅଭିନେତା ରଙ୍ଗମଞ୍ଚକୁ ଗଣନାଟ୍ୟ ବା ଅପେରା ମଞ୍ଚରେ ରୂପାୟିତ କରିବାକୁ ପ୍ରୟାସ ଯୋଗୁ ଓଡ଼ିଆ ନାଟ୍ୟ ଜଗତର ଭବିଷ୍ୟତ ଅନିଶ୍ଚିତ ହୋଇପଡୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com

ସାକ୍ଷାତକାର

# ବର୍ଷୀୟାନ୍ ସାହିତ୍ୟିକା ବନଜ ଦେବୀଙ୍କ ସହିତ ସାରସ୍ୱତ ଆଳାପ

*ବିଶିଷ୍ଟ ଲେଖିକା ବନଜ ଦେବୀଙ୍କୁ ବୟସ ବର୍ତ୍ତମାନ ୮୨ ବର୍ଷ। ତାଙ୍କର ସ୍କୁଲ ଜୀବନରୁ ନେଇ ଆଜି ପର୍ଯ୍ୟନ୍ତ ସେ ଗଳ୍ପ, ଉପନ୍ୟାସ ଓ କବିତା ଆଦି ବିଭାଗରେ ନିଜର କଲମ ଚାଳନା କରି ଓଡ଼ିଆ ବାଣୀଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ତଥା ଶାରଳା ପୁରସ୍କାରରେ ସମ୍ମାନିତା ବନଜ ଦେବୀ ଜଣେ ନିରଳସ ସାହିତ୍ୟ ସାଧିକା। ସେ ଓଡ଼ିଶା ଲେଖିକା ସଂସଦର ଉପସଭାପତି ଭାବରେ ମଧ୍ୟ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଅତି କମ୍ ବୟସରୁ ଲେଖାଲେଖି ଆରମ୍ଭ କରିଥିଲେ ବୋଲି ଆମେ ଶୁଣିଛୁ। ସେତେବେଳକୁ ଲେଖିକାମାନେ ସାହିତ୍ୟରେ ଏତେ ପ୍ରାଧାନ୍ୟ ବିସ୍ତାର କରିନଥିଲେ। ଏ ଦୃଷ୍ଟିରୁ କ'ଣ ଥିଲା ଆପଣଙ୍କର ଅନୁଭୂତି ?

**ବନଜ ଦେବୀ:** ମୁଁ ତ ଲେଖା ଆରମ୍ଭ କଲି ପଞ୍ଚମ କି ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳୁ। ଘରକୁ ଆସୁଥିଲା 'ପ୍ରଜାତନ୍ତ୍ର'; ତା'ର 'ମୀନା ବଜାର' ପୃଷ୍ଠା ଦେଖି ମନ ବ୍ୟାକୁଳ ହେଲା ଲେଖିବାକୁ। ମୁଁ ଲେଖା ପଠାଇବା ଆରମ୍ଭ କଲି। ସେତେବେଳେ ମୋତେ ଖୁସି ଲାଗୁଥିଲା ଲେଖିବାକୁ। କିନ୍ତୁ ସେଇଟା ସାହିତ୍ୟ ପର୍ଯ୍ୟାୟକୁ ଯିବ କି ନାହିଁ ତାହା ସେତେବେଳେ ବୁଝିବାର ବୟସ ମୋ'ର ନଥିଲା।

**ସାହିତ୍ୟ ଚର୍ଚ୍ଚା:** ତାହା ଅର୍ଥ ହେଲା, ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳକୁ ଆପଣଙ୍କ ଲେଖା ମୀନା ବଜାରରେ ପ୍ରକାଶିତ ହେଲାଣି।

**ବନଜ ଦେବୀ:** ନାଇଁ, ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳୁ ମୋ'ର ଲେଖିବା ଆରମ୍ଭ ହେଲା। କିନ୍ତୁ ତାହା ପ୍ରକାଶିତ ହେବାକୁ ଆହୁରି ତିନି ବର୍ଷ ଲାଗିଗଲା; ଅର୍ଥାତ୍ ମୁଁ ଯେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥିଲି।

**ସାହିତ୍ୟ ଚର୍ଚ୍ଚା:** ତିନି ବର୍ଷ କାଳ ପଠାଇ ଚାଲିଥିଲେ ବି

ତାହା ପ୍ରକାଶ ପାଇନଥିବାରୁ ଆପଣ ତ ପ୍ରଥମେ ନିରାଶ ହୋଇଥିବେ।

**ବନଜ ଦେବୀ:** ନିରାଶ ଆଉ କ'ଣ ! ତିନି ବର୍ଷ ଧରି ମୁଁ ଲଗାତାର ପଠାଇ ଚାଲିଲି। ମୋତେ ସଂଶୋଧନ କରି ବତାଇଦେବାକୁ ବି କେହି ନଥିଲେ ପାଖରେ। କିନ୍ତୁ ମୋ ଭିତରେ ଗୋଟିଏ ଜିଦ୍ ଆସୁଥିଲା ଯେ, ଯେତେଦିନ ଲାଗୁଛି ଲାଗୁ। ଦିନେ ମୀନା ବଜାରରେ ମୋର ପ୍ରଥମ ଲେଖାଟି ବାହାରିଲା ପରେ କିନ୍ତୁ ମୁଁ ଭାରି ଉତ୍ସାହିତ ହୋଇଗଲି। ପରେ ପରେ ମୋର ଆହୁରି ଅନେକ ଲେଖା ସେଥିରେ ପ୍ରକାଶ ପାଇଲା।

**ସାହିତ୍ୟ ଚର୍ଚ୍ଚା:** ପୁଣି ପ୍ରଜାତନ୍ତ୍ରର 'ମୀନା ବଜାର'ରୁ 'ନାରୀ ଜଗତ' ପୃଷ୍ଠାକୁ ଉନ୍ନିତ ହେଲେ କେବେ ?

**ବନଜ ଦେବୀ:** ଯେତେବେଳେ ମୋତେ ୧୫ ବର୍ଷ ହୋଇଗଲା ମୁଁ ମୀନା ବଜାରର ବୟସ ଅତିକ୍ରମ କରିଗଲି ଏବଂ ନାରୀ ଜଗତ ପାଇଁ ଲେଖିବାକୁ ଆରମ୍ଭ କଲି।

**ଯେତେବେଳେ ମୋତେ ୧୫ ବର୍ଷ ହୋଇଗଲା ମୁଁ 'ମୀନା ବଜାର'ର ବୟସ ଅତିକ୍ରମ କରିଗଲି ଏବଂ 'ନାରୀ ଜଗତ' ପାଇଁ ଲେଖିବାକୁ ଆରମ୍ଭ କଲି।**

**ସାହିତ୍ୟ ଚର୍ଚ୍ଚା:** ଅର୍ଥାତ୍ ସେହି କିଶୋରୀ ବୟସରୁ ହିଁ ଆପଣ ନାରୀ ଜଗତରେ ପ୍ରବେଶ କରିଗଲେ ?

**ବନଜ ଦେବୀ:** ହଁ, ସେତେବେଳେ ଆମେ ତିନିଜଣ ସାଙ୍ଗ ହୋଇ ଲେଖୁଥିଲୁ: ଇନ୍ଦୁଲତା ମହାନ୍ତି, ସୁଧାଂଶୁ ବାଳା ପଣ୍ଡା ଓ ମୁଁ। ଆମେ ଆଗକୁ ଯାଇ 'ଆସନ୍ତାକାଲି' ରେ ମଧ୍ୟ ଲେଖିଲୁ।

**ସାହିତ୍ୟ ଚର୍ଚ୍ଚା:** ତେବେ ଜଣେ ନାରୀ ହିସାବରେ ଆପଣଙ୍କୁ ନିଜର ଲେଖାକୁ ପ୍ରକାଶିତ କରାଇବାରେ କୌଣସି ବାଛବିଚାର କିମ୍ବା ପ୍ରତିବନ୍ଧକ ଭୋଗିବାକୁ ପଡ଼ିନାହିଁ କି !

**ବନଜ ଦେବୀ:** ଦେଖନ୍ତୁ, ମୋତେ କେହି ଉତ୍ସାହିତ କରିବା ପାଇଁ ଘରୁ ଟାଣି ବାହାରକୁ ନେଇନାହାନ୍ତି। ପ୍ରଥମେ ପ୍ରଥମେ ଯେତେବେଳେ ଲେଖା ବାହାରୁ ନଥିଲା ସେତେବେଳେ କିନ୍ତୁ ନିରାଶ ହେଉନଥିଲି, ଏବଂ ଧୈର୍ଯ୍ୟର ସହ ଲେଖିଚାଲିଥିଲି।

**ସାହିତ୍ୟ ଚର୍ଚ୍ଚା:** କିଛି ଦିନ ତଳେ ଆପଣ ଏକ ସଭାରେ ବକ୍ତୃତା ରଖି କହିଥିଲେ ଯେ ଲେଖକ ତିଆରି କରିବାରେ ପ୍ରକାଶକଙ୍କ ଅପେକ୍ଷା ପତ୍ରିକା ସମ୍ପାଦକମାନଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏମିତି କାହିଁକି ଭାବନ୍ତି ଆପଣ ?

**ବନଜ ଦେବୀ:** ହଁ, ଏଇଟା ମୁଁ କହିଥିଲି ଏବଂ ଆଜି ବି କହୁଛି। ସେତେବେଳେ କଲିକତାରୁ ବାହାରୁଥିବା ଆସନ୍ତାକାଲି, ଯୁବ ଭାରତୀ, ସମାବେଶ ଓ ଅଗ୍ରଣୀ - ଏହି ଚାରିଗୋଟି ପତ୍ରିକାରେ ମୁଁ ଲେଖୁଥିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣଙ୍କୁ ଜଣେ ଲେଖିକା ଭାବରେ ଗଢି ତୋଳିବାର ଶ୍ରେୟ କ'ଣ ଆପଣ ଏମାନଙ୍କୁ ଦେବେ ?

**ବନଜ ଦେବୀ:** ପ୍ରଜାତନ୍ତ୍ରର ନାରୀ ଜଗତ ବ୍ୟତୀତ ମୁଁ ମଧ୍ୟ ସେତେବେଳେ ଲେଖୁଥିଲି ଏହି ସମସ୍ତ ପତ୍ରିକାରେ। ଏହି ପତ୍ରିକାମାନେ ମୋତେ ମୋ'ର ପରିଚୟ ଦେଇଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଦ୍ୱାରା ରଚିତ ପ୍ରଥମ ଗଳ୍ପ 'ଛିନ୍ନ ବୀଣା' ୧୯୫୯ ମସିହାରେ ଆସନ୍ତାକାଲିରେ ପ୍ରକାଶ ପାଇଥିଲା। ତେବେ ଏହା ପୂର୍ବରୁ ବି ଥିଲା କି ଆପଣଙ୍କର କିଛି ଅପ୍ରକାଶିତ ଗଳ୍ପ ?

**ବନଜ ଦେବୀ:** ନା ସେମିତି ଆଉ କିଛି ନଥିଲା। 'ଛିନ୍ନ ବୀଣା' ହିଁ ମୋର ପ୍ରଥମ ଗଳ୍ପ। ତା'ପରେ 'ଜନ ସାହିତ୍ୟ' ପତ୍ରିକାର ପୂଜା ସଂଖ୍ୟାରେ ମଧ୍ୟ ଗୋଟିଏ ଗଳ୍ପ ବାହାରିଲା। ସେଇଟା ୧୯୬୦-୬୧ ମସିହା ବେଳର କଥା। 'ଜନ ସାହିତ୍ୟ'ର ସମ୍ପାଦକ ବଂଶୀଧର ଭୂୟାଁ ମୋତେ ଶ୍ରଦ୍ଧା କରୁଥିଲେ। ମୋର ଦୁଇଟି ଗଳ୍ପ ପଢି ସେ ଖୁସି ହୋଇଗଲେ, ଏବଂ ପଚାରିଲେ, 'ଆପଣ କ'ଣ ଉପନ୍ୟାସ ଲେଖିପାରିବେ ?' ସେତେବେଳକୁ କସ୍ତୁରୀ ଚରଣ ଦାସ ମୋର ଗୋଟିଏ ଉପନ୍ୟାସ ମଧ୍ୟ ଛାପି ସାରିଲେଣି। ସେଠୁଁ ମୁଁ 'ଜନ ସାହିତ୍ୟ' ପାଇଁ ଯୋଡିଏ ଉପନ୍ୟାସ ଲେଖିଲି: 'ବେଳାଭୂମି' ଓ 'ତଟିନୀର ତୃଷ୍ଣା '।


**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ସେତେବେଳକୁ ଆପଣ ସମାନ୍ତରାଳ ଭାବରେ ଗଳ୍ପ ଓ ଉପନ୍ୟାସ, ଉଭୟ ଲେଖିବା ଆରମ୍ଭ କରିସାରିଲେଣି !

**ବନଜ ଦେବୀ:** ହଁ।

**ସାହିତ୍ୟ ଚର୍ଚ୍ଚା:** ଗଳ୍ପ ଓ ଉପନ୍ୟାସ, ଏ ଦୁଇଟି ମଧ୍ୟରୁ କେଉଁଟିକୁ ଆପଣ ନିଜର ଭାବ ପ୍ରକାଶ ପାଇଁ ଅଧିକତର

ସାର୍ଥକ ଏକ ମାଧ୍ୟମ ବୋଲି ମନେ କରନ୍ତି ?

**ବନଜ ଦେବୀ:** ସାର୍ଥକତା ବା ସଫଳତାର କଥା ମୁଁ କହିପାରିବିନି। କିନ୍ତୁ ଉପନ୍ୟାସ ଲେଖିବାର ମୋ'ର ଗୋଟିଏ ଭାରି ବ୍ୟାକୁଳତା ଥିଲା। ଗୋଟିଏ ବଡ ଉପନ୍ୟାସ ଲେଖିବାର ମନୋବୃତ୍ତିକୁ ମୁଁ ଦୀର୍ଘ ଦିନ ଧରି ମନ ଭିତରେ ରଖିଥିଲି। କିନ୍ତୁ ପାରିଲିନି। କାହିଁକି ନା ଉପନ୍ୟାସ ଲେଖିବା ବେଳେ ଗୋଟିଏ ନିରବଚ୍ଛିନ୍ନ ଭାବନା ଭିତରେ ଜଣକୁ ବୁଡି ରହିବାକୁ ପଡେ। ଏଭଳି ସୁଯୋଗ ମୋର ସାଂସାରିକ ଜୀବନରେ ମୁଁ ପାଇପାରିଲି ନାହିଁ।




**ସାହିତ୍ୟ ଚର୍ଚ୍ଚା:** ତଥାପି ଆପଣଙ୍କର ଏ ଯାବତ ପ୍ରକାଶିତ ହୋଇଥିବା ଉପନ୍ୟାସଗୁଡିକ ମଧ୍ୟରୁ କେଉଁଟି ଆପଣଙ୍କର ଅତି ପ୍ରିୟ ?

**ବନଜ ଦେବୀ:** ମୋର ସନ୍ତୋଷ ସହିତ କିଛି ନାହିଁ, ବଡ଼ କଥା ହେଲା କେଉଁଟି ପାଠକୀୟ ସ୍ୱୀକୃତି ପାଇଛି ! ଏ ଦୃଷ୍ଟିରୁ ମୁଁ ହୁଏତ କହିପାରିବି 'ନିଜ ଭିତରେ ସୂର୍ଯ୍ୟ', ଯାହା ବାହାରିଥିଲା ପୂଜା ସଂଖ୍ୟା 'ଆଇନା'ରେ।

**ସାହିତ୍ୟ ଚର୍ଚ୍ଚା:** ଏଇଟା ବୋଧହୁଏ ଏକ ଉପନ୍ୟାସ ନୁହଁ, ଉପନ୍ୟାସିକା।

**ବନଜ ଦେବୀ:** ହଁ, ଉପନ୍ୟାସିକା। ପରେ ଅବଶ୍ୟ ଏହାକୁ ଏକ ବହି ଆକାରରେ ମଧ୍ୟ ଅଶୋକ ମହାନ୍ତି ଛାପିଛନ୍ତି; ଯାହା ୧୨୦ ପୃଷ୍ଠାର ହୋଇଛି, କିଛି କମ୍ ପୃଷ୍ଠା ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଅନେକ ଉପନ୍ୟାସ ରଚନା କରିଛନ୍ତି, ଏହା ବ୍ୟତୀତ ଛଅଗୋଟି ଉପନ୍ୟାସିକା,ଅର୍ଥାତ୍ 'ନଭେଲା' ମଧ୍ୟ। ଆପଣଙ୍କର କ'ଣ ମନେହୁଏ ନାହିଁ ଯେ ଏବେ ଯେଉଁ ଯୁଗ ଆସିଛି, ସେଥିରେ ଉପନ୍ୟାସ ଅପେକ୍ଷା ଏହି ଉପନ୍ୟାସିକା ରୂପକ ସଂକ୍ଷିପ୍ତ ଅବତାରଟି ଯୁବପିଢ଼ିଙ୍କ ଦ୍ୱାରା ବରଂ ଅଧିକ ଗ୍ରହଣୀୟ ହେଉଛି ?

**ବନଜ ଦେବୀ:** ହଁ ଠିକ୍। ମୁଁ ମଧ୍ୟ କହିବି ଯେ ମୁଷ୍ଟିମେୟ ପାଠକ ଆଜି ଅଛନ୍ତି। ସୋସିଆଲ ଓ ଇଲେକ୍ଟ୍ରୋନିକ ମିଡିଆରେ ଯାହାସବୁ ହେଲାଣି, ସେଥିରେ ଛୋଟଛୋଟ ଲେଖା ପଢି ସେମାନେ ଯେଉଁ ଆନନ୍ଦ ପାଉଛନ୍ତି, ବହି ପଢାରେ ସେ ଆନନ୍ଦ ଅନୁଭବ କରିପାରୁ ନାହାନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଅନେକ ରଚନାରେ ପ୍ରକୃତିର ସହିତ ମଣିଷର ନିବିଡତାର ଚିତ୍ର ପରିବେଷିତ ହୋଇଥାଏ। ଏ ବିଷୟରେ କିଛି କହିବେ କି !

**ବନଜ ଦେବୀ:** ଆମେ ଯଦି ଜନ୍ମଭୂମିକୁ ମାଆ ବୋଲି କହିବା ତେବେ ଆମ ଚାରିପଟେ ଥିବା ପ୍ରକୃତି ହେଉଛି ଆମର ଧାତ୍ରୀ। ପ୍ରକୃତି ହେଉଛି ସ୍ୱପ୍ନର ଗନ୍ତାଘର। ଆମେ ସମସ୍ତେ ସ୍ୱପ୍ନ ଦେଖିବା ଶିଖିଛୁ ପ୍ରକୃତିଠାରୁ। ତାହା ଏକ ନିର୍ଲିପ୍ତ ସ୍ୱପ୍ନ। ସେ ଆମକୁ ଲାଳନ କରିଛି। ମୋର ବିଶ୍ୱାସ ଯେ ପ୍ରକୃତିଠାରୁ ଆମେ ସବୁ ପାଇଛୁ: ନାଦ, ରୂପ, ରଂଗ, ସ୍ୱାଦ, ସବୁ କିଛି। ଶାରଳା ପୁରସ୍କାର ପ୍ରଦାନ ଅବସରରେ ଯେତେବେଳେ ମୋତେ କିଛି କହିବା ପାଇଁ କୁହାଗଲା, ସେତେବେଳେ କହିଥିଲି ଯେ ନିଜର ପ୍ରତି ନିଃଶ୍ୱାସ-ପ୍ରଶ୍ୱାସରେ ମୁଁ ଅଣୁ ଅଣୁ କରି ପିଇଛି ଏ ମାଟିର ରସ।

**ସାହିତ୍ୟ ଚର୍ଚ୍ଚା:** ଆପଣ 'କାଠପୁଅ' ଗଳ୍ପ ସଂକଳନ ପାଇଁ ଶାରଳା ପୁରସ୍କାର ପାଇଥିଲେ। ଏହି କାଠପୁଅ ଗଳ୍ପଟି ସମ୍ପର୍କରେ କୁହାଯାଏ ଯେ ଏଥିରେ ଅଛି ଆପଣଙ୍କର ଗଭୀର ସମ୍ବେଦନଶୀଳତା ଓ ଜୀବନବୋଧ। ତେବେ ଏହି ଗଳ୍ପଟି ଲେଖିବା ପଛର ମୁଖ୍ୟ ପ୍ରେରଣାଟି କ'ଣ ଥିଲା।

**ବନଜ ଦେବୀ:** ଏଇଟା ଗୋଟିଏ ସତ ଘଟଣା ଉପରେ

ପର୍ଯ୍ୟବେସିତ। ମୁଁ ଅତି ନିକଟରୁ ଜଣେ ମହିଳାଙ୍କୁ ଦେଖିଛି। ତାଙ୍କର ବିଶେଷ ଶିକ୍ଷା ଦୀକ୍ଷା ନାହିଁ ଏବଂ ସେ ଜଣେ ନିଃସନ୍ତାନ ମହିଳା। କିନ୍ତୁ ସେ ଜଗନ୍ନାଥଙ୍କୁ ପୁଅଟିଏ ଭଳି ପାଳନ କରିଛନ୍ତି, ଓ ସେଇଥିରେ ହିଁ ବିହ୍ୱଳ ହୋଇ ଜୀବନ ବିତାଇଛନ୍ତି। ଏମିତି ହୋଇଛି ଯେ, ଥରେ ଯେତେବେଳେ ରାତିରେ ତାଙ୍କ ସ୍ୱାମୀ ଘରକୁ ଆଣିଛନ୍ତି, ସେତେବେଳେ ସେ ତାଙ୍କୁ କହିଛନ୍ତି ଯେ ରାତିରେ କମଳା ଖାଇଲେ କାଳିଆକୁ ଥଣ୍ଡା ଧରିଯିବ।

**ସାହିତ୍ୟ ଚର୍ଚ୍ଚା**: ଏ ପ୍ରସଙ୍ଗରେ ଆପଣଙ୍କୁ ଲେଖକୀୟ ଅନୁଭବର କଥା ପଚାରିବୁ। ଯେତେବେଳେ ଜଣେ ଲେଖକକୁ ଏକ ବାସ୍ତବ ଜୀବନ ବା ଘଟଣାକୁ ଆଧାର କରି ଲେଖିବାକୁ ପଡେ, ତେବେ ସେହି ଘଟଣା ଉପରେ କେତେ ମାତ୍ରାର କଳ୍ପନାର ପୁଟ ଦେବାକୁ ପଡେ, ଯଦ୍ୱାରା ସେହି ବାସ୍ତବ ଘଟଣା ଓ ପାତ୍ରମାନେ ଚିହ୍ନିତ ହୋଇପାରିବେ ନାହିଁ ?

**ଦୁଇଟି ସତ୍ତା ନେଇକରି ମୁଁ ବଞ୍ଚିଛି। ଗୋଟିଏ ମୋର ନାରୀ ସତ୍ତା, ଅନ୍ୟଟି ହେଲା ମୋ'ର ଲେଖକୀୟ ସତ୍ତା। ପ୍ରତି ମୁହୂର୍ତ୍ତରେ ଦୁଇଟିଯାକ ମଧ୍ୟରେ ଲଢେଇ ଚାଲିଛି।**

**ବନଜ ଦେବୀ**: ଦେଖନ୍ତୁ, ଗପ ଲେଖିବାର କଳା ଓ କାରିଗରୀ ସମ୍ପର୍କରେ ମୁଁ ବିଶେଷ ଜ୍ଞାନ ଅର୍ଜନ କରିନାହିଁ, ଯାହା ଏମିତି ଲେଖୁ ଲେଖୁ ଲେଖିଛି। ତେଣୁ ଗଳ୍ପରେ ମୋର ଅନୁଭବର କଥା ସିଧାସଳଖ ଲେଖିଛି। ସେଥିରେ ବାସ୍ତବତାକୁ ଘୋଡାଇବାର ପ୍ରୟାସ ନାହିଁ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ସମକାଳୀନ ଲେଖିକା ମାନଙ୍କୁ ମଧ୍ୟରୁ ବୀଣାପାଣି ମହାନ୍ତି ଓ ପୂର୍ଣ୍ଣପ୍ରଭା ଦେବୀ ତ ଆଉ ଇହ ଜଗତରେ ନାହାନ୍ତି। ମନେ ପଡ଼ନ୍ତି ସେମାନେ ?

**ବନଜ ଦେବୀ**: ବୀଣା ଅପା ମୋଠାରୁ ବୟସରେ ବଡ଼ ହେବେ। ତାଙ୍କ ସହିତ ମୋର ସମ୍ପର୍କ ୧୯୬୪ ମସିହାରୁ। ପୂର୍ଣ୍ଣପ୍ରଭା ବି ମୋଠାରୁ ଦୁଇ ତିନି ବର୍ଷ ବଡ ହେବେ। ସେ ଯାହା ହେଉ, ପୁର୍ଣ୍ଣପ୍ରଭା, ମୁଁ, ସୁଧାଂଶୁବାଳା ଓ ଇନ୍ଦୁ, ଆମେ ସବୁ ଏକା ସମୟରେ ଲେଖିଛୁ।

**ସାହିତ୍ୟ ଚର୍ଚ୍ଚା**: ଓଡ଼ିଶା ଲେଖିକା ସଂସଦର ଉପସଭାପତି ଭାବରେ ଆପଣଙ୍କର ସାଂଗଠନିକ ଅନୁଭୂତି କେମିତି ଥିଲା ?

**ବନଜ ଦେବୀ**: ମୋ ଜୀବନର ଅପରାହ୍ନରେ ମୁଁ ଯେତେବେଳେ ଭୁବନେଶ୍ୱରରେ ଆସି ରହିଲି, ଏବଂ ଓଡ଼ିଶା ଲେଖିକା ସଂସଦ ଗଠିତ ହେଲା, ସେତେବେଳେ ମୁଁ ଜାଣିନି, ସେମାନେ ମୋତେ କାହିଁକି ଉପସଭାପତି ଭାବରେ ବାଛିଲେ। ମୁଁ ଏହି ପଦରେ ରହିଲି ଦୀର୍ଘ ୧୫ଟି ବର୍ଷ। ବୀଣା ଅପାଙ୍କ ପରିଚାଳନାରେ ଅନୁଷ୍ଠାନଟି ଭଲ ଚାଲିଥିଲା। ଅବଶ୍ୟ ପରେ, ମୁଁ ନିଜର କିଛି ପାରିବାରିକ ଅସୁବିଧା ହେତୁ ସେଥିରୁ ଓହରି ଆସିଲି।

**ସାହିତ୍ୟ ଚର୍ଚ୍ଚା**: ଆପଣ ଏବେ ଗୋଟିଏ ସଭାରେ କହିଲେ ଯେ ସାହିତ୍ୟ ଆପଣଙ୍କୁ ଦେଇଛି 'ଅପରିସୀମ ଆନନ୍ଦ ଓ ମଧୁରତମ କଷ୍ଟ।' ଅପରିସୀମ ଆନନ୍ଦ କଥାଟି ତ ବୁଝିହେଉଛି, କାରଣ ଏହା ଲେଖକମାନଙ୍କର ଏକ ସାର୍ବଜନୀନ ଅନୁଭବ। ତେବେ 'ମଧୁରତମ କଷ୍ଟ' ବୋଲି କହି ଆପଣ କ'ଣ ଇଙ୍ଗିତ କରିବାକୁ ଚାହାନ୍ତି ?

**ବନଜ ଦେବୀ**: ମଧୁରତମ କଷ୍ଟ କଥାଟି ହେଲା, ଦୁଇଟି ସତ୍ତା ନେଇକରି ମୁଁ ବଞ୍ଚିଛି। ଗୋଟିଏ ମୋର ନାରୀ ସତ୍ତା, ଅନ୍ୟଟି ହେଲା ମୋ'ର ଲେଖକୀୟ ସତ୍ତା। ପ୍ରତି ମୁହୂର୍ତ୍ତରେ ଦୁଇଟିଯାକ ମଧ୍ୟରେ ଲଢେଇ ଚାଲିଛି। ଆଉ ସେ ଲଢେଇ ଭିତରେ ସବୁବେଳେ ନାରୀ ସତ୍ତାର ବିଜୟ ହେଉଛି। ତେଣୁ ସେ ଯେଉଁ ହାରିଯାଇଥିବା ସତ୍ତାଟା, ସେ ନା ରହି ପାରୁଛି, ନା ଛାଡିପାରୁଛି। ସେଇଟି ହେଲା ତାହାର ମଧୁରତମ କଷ୍ଟ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ତ ପାଞ୍ଚ ଗୋଟି କବିତା ସଙ୍କଳନ ରହିଛି। କବିତା କ'ଣ ନିଜକୁ ହାଲୁକା କରିବା ପାଇଁ ଲେଖନ୍ତି, ନା ପାଠକମାନଙ୍କ ପାଇଁ ?

**ବନଜ ଦେବୀ**: ସତ କଥା କହୁଛି, କବିତା ମୋ'ର ପ୍ରଥମ ଆଗ୍ରହ। ଅଳ୍ପ ବୟସରେ ମୁଁ କବିତା ପ୍ରେମରେ ପଡ଼ିଯାଇଥିଲି। ଆପଣ କହିପାରନ୍ତି ଯେ ଉଭୟଙ୍କ ପାଇଁ ମୁଁ କବିତା ଲେଖେ, ଅର୍ଥାତ୍ ପାଠକ ଏବଂ ମୋ ନିଜ ପାଇଁ।

**ସାହିତ୍ୟ ଚର୍ଚ୍ଚା**: ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□

ଗଳ୍ପ




# ପଦ୍ମବନର କଇଁ

ପ୍ରଫୁଲ୍ଲ ବାରିକ

ଜଣକ ପରେ ଜଣେ ସବୁ ଆସିକି ପହଞ୍ଚି ଗଲେ। ବଡ଼ପୁଅ ଦିଲ୍ଲୀରୁ। ସାନ ଚଣ୍ଡିଗଡରୁ। ଦି'ଝିଅ ଖଡ଼ଗପୁର ଓ ଭବାନୀପାଟନାରୁ। ନିର୍ଦ୍ଦେଶ ଥିଲା ଏକା ଆସିବାକୁ। ପରିବାର ବିନା। ଦିନେ ଦି'ଦିନର କଥା। ସମସ୍ତେ ଆସିବା ଆବଶ୍ୟକ କ'ଣ?

ଏକା ଏକା ଆସିଛନ୍ତି ସମସ୍ତେ। ବ୍ୟାଗ୍ ଖଣ୍ଡିଏରେ ଯିମିତି ଆସନ୍ତି କଲେଜରୁ ଘରକୁ। ବାପାଙ୍କ ନିର୍ଦ୍ଦେଶ ଟାଳିବାର ନାଇଁ। ସମସ୍ତଙ୍କ ମନରେ ପ୍ରଶ୍ନର କୁଣ୍ଡଳୀ। ଇମିତି ନିର୍ଦ୍ଦେଶର ତାତ୍ପର୍ଯ୍ୟ କ'ଣ? ଉତ୍ତର ଅବଶ୍ୟ ସମସ୍ତଙ୍କ ମନରେ ଚାପି ହେଇ ରହିଛି। ନା ବାହାରୁଛି ପଦାକୁ, ନା ଆଲୋଚନାକୁ। କେବଳ ଅପେକ୍ଷା କମାଣ୍ଡରଙ୍କ ପରବର୍ତ୍ତୀ ନିର୍ଦ୍ଦେଶକୁ।



ବାପା ସମ୍ପୂର୍ଣ୍ଣ ସ୍ୱାଭାବିକ ଥାଆନ୍ତି ଉଭୟ ଶରୀର ଓ ମନରେ। ପିଲାମାନଙ୍କ ଆଗମନ ପ୍ରତି ଆନ୍ତରିକତାରେ ମଳିଟିପେ ପଡୁ ନ ଥାଏ। ତେବେ ବି ସମୟ ଯେତେ ଗଡି ଚାଲିଥାଏ, ଉତ୍ସୁକତା ସୀମା ଛୁଉଁଥାଏ। ସମସ୍ତଙ୍କର ଅପେକ୍ଷା ସେଇ ମୁହୂର୍ତ୍ତକୁ।

ଅପରାହ୍ନ ଚାରିଟା ବାଜିଲା। ଡ୍ରଇଂ ରୁମରେ ଚେୟାର ଚାରିଟା ପକେଇ ନିଜେ ବସି ସମସ୍ତଙ୍କୁ ବସିବାକୁ ଅନୁରୋଧ କଲେ ବାପା। ବାଧ୍ୟସନ୍ତାନ ପରି ଚୁପଚାପ ବସିଲେ ଯାଇ ସମସ୍ତେ। ବାପା ଡାକିଲେ କଇଁକୁ - ମାଆ, ଚାଆ ଟିକେ ଦବୁନି?

-- ଦଉଚି ବାପା। ଟିକେ ଅପେକ୍ଷା କର।

ଚାଆ ଟ୍ରେ'ଥୋଇ କଇଁ ଠିଆହେଲା ବାପାଙ୍କୁ ଲାଗି। ସମସ୍ତେ ଚାଆ ପିଇଲେ। ବାପା କହିଲେ, ଡାକିବାର ଅଭିପ୍ରାୟ,ଏଇ ତମ ଭଉଣୀ କଇଁ ପାଇଁ। ମୁଁ ଜାଣେ ତମେ ସବୁକଥା ଜାଣିଛ। ତେବେ ବି ମୁଁ ଦୋହରାଉଛି ପ୍ରସଙ୍ଗକ୍ରମେ। କେନ୍ଦୁଝରରେ ଫରେଷ୍ଟ ଅଫିସର ଥିବା ବେଳେ ମୋତେ ମିଳେ କଇଁ। ବୟସ ତା'ର ସେତେବେଳେ ଛଅ କି ସାତ। କାଠ କାଟିବାକୁ ବାପ ମାଆ ଯାଇଥାନ୍ତି ଜଙ୍ଗଲ। ଆଦିବାସୀ କୁଳବେଉସା। ବାଘ ମୁହଁରେ ଉଭୟେ ଗଲେ। ଖବର ପାଇ ଦୌଡାରେ ଗଲି ମୁଁ। ଅର୍ଦ୍ଧଭୁକ୍ତ ହେଇ ପଡିଥାଏ ଶରୀର ଦୁଇଟି ରକ୍ତ ଜୁଡୁବୁଡୁ। ଗାଁ ଲୋକେ ରୁଣ୍ଡ। ସମସ୍ତଙ୍କ ମୁହଁରେ ବିଷାଦ ଓ ଭୟର ଘନଛାୟା। ରକ୍ତାକ୍ତ ଶରୀରକୁ କୋଳେଇ କାନ୍ଦୁଥାଏ କଇଁ ଚିତ୍କାର କରି। ବୁକୁ ଫଟେଇ। ତା' ଅବସ୍ଥା ଦେଖି ପଥର ବି ତରଳିଯିବ। କଂକ୍ରିଟବନ୍ଧ ଭାସିଯିବ ସୁଅ ମୁହଁରେ। ବାପ ମାଆ ଦୁହିଁଙ୍କ ପାଇଁ ଯେତେ ମୁଁ ଦୁଃଖୀ ନ ଥିଲି, ଅଧିକ ଥିଲି କଇଁର ଅବସ୍ଥାରେ। ମୋ ଛାତି ଦୋହଲିଗଲା।

ସନ୍ତାନ ବୋଲି କଇଁ ଏକା ତା' ପରିବାରର। କ୍ଷତିପୂରଣ ତ ଦିଆଯିବ। ହେଲେ କାହାକୁ? କିଏ ନବ ସାତବର୍ଷ ଶିଶୁର ଦାୟିତ୍ୱ? ମୋ ପ୍ରଶ୍ନରେ ସମସ୍ତେ ଅନଉଥାଆନ୍ତି ପରସ୍ପର ମୁହଁକୁ। ମୁଁ ବାକ୍‌ଶୂନ୍ୟ ଠିଆ ହେଇଥାଏ କାଠ ଗଣ୍ଡିଟେ ପରି। କଇଁ ଲୁହ ଜରଜର ଆଖିରେ ଅନେଇଲା ମୋତେ। ତା' ଚାହାଣିରେ

ମୁଁ ଆକ୍ତାମାକ୍ତା ହେଇ ନିଃସହାୟ ହେଇଗଲି। ଅଚାନକ ନିର୍ଦ୍ଦେଶ ଆସିଲା ଉପରୁ। ନିରବ ନିର୍ଦ୍ଦେଶ। ଉଠେଇନେ କୋଳକୁ। ତୁ'ଇ ଏକଲା ଏବେ ସାହା ତାକୁ। ନେ.., ନେଇଯା ଝିଅ କରି। ପ୍ରକାଶ କର ମାନବିକତା। ଏବେ ନୁହେଁ ତ କେବେ?

ମୁଁ ଅପେକ୍ଷା କଲିନି। କଇଁକୁ ଛଡେଇ ତା' ମୃତ ପିତାମାତାଙ୍କ ପାଖରୁ ଉଠେଇ ନେଲି କୋଳକୁ। ପୋଛି ଦେଲି ତା' ଆଖିରୁ ଲୁହ। ଘୋଷଣା କଲି ସେଇଠି ସମସ୍ତଙ୍କ ସାମ୍ନାରେ କଇଁ ମୋର ଝିଅ। ଆଜିଠୁ.. ଏବେଠୁ। କରତାଳି ହେଲା ବେଶ୍ ସମୟ। ସମସ୍ତଙ୍କ ମୁହଁରୁ ଝରିଲା ହସର ଫୁଲଝରି। ଗାଡିରେ ବସେଇ ତାକୁ ଆଣି ପହଞ୍ଚେଇଲି କ୍ୱାର୍ଟରରେ। ତମେସବୁ ସାନ ହେଇଥାଅ। ତମ ମାଆ ପ୍ରଥମେ ଥ' ଥ' ହେଲେ। ଦୂର ଦୂର କଲେ। ପରେ ଅବସ୍ଥା ଓ ମୋ ମାନସିକତାକୁ ଜାଣି ଆପଣେଇ ନେଲେ ଯେ ସେବେଠୁ ଚାଲିଲେ ପାଦସହ ପାଦ ମିଳେଇ, ଥିବା ଯାକେ। ଡିପାର୍ଟମେଣ୍ଟରୁ ପ୍ରଶଂସା ପାଇଲି। ମିଡ଼ିଆରେ ପ୍ରଚାର ହେଲା ଫରେଷ୍ଟରଙ୍କ ନିଆରା କର୍ମ। ଲୋକେ ବାହାବା କଲେ।

**ସେଦିନର ସେଇ ନିଆଶ୍ରୀ ସାତବର୍ଷର ଆଦିବାସୀ କନ୍ୟା କଇଁ ଏବେ ପଚିଶ ବର୍ଷର। ଆମ ପରିବାରର ଅଂଶ।**

ସେଇଦିନୁ ମୋର ଚାରିଟି ନୁହେଁ, ସନ୍ତାନ ପାଞ୍ଚୋଟି। ସେଦିନର ସେଇ ନିଆଶ୍ରୀ ସାତବର୍ଷର ଆଦିବାସୀ କନ୍ୟା କଇଁ ଏବେ ପଚିଶ ବର୍ଷର। ଆମ ପରିବାରର ଅଂଶ। ତମ ଗେହ୍ଲି ଭଉଣୀ। ଦୀର୍ଘ ଜୀବନ ଭିତରେ ନା ସିଏ କେବେ ଭାବିଛି ନିଜକୁ ପରିବାରରେ ପର ବୋଲି, ନା ଆମେ ଦେଖିଚୁ ତାକୁ ସେ ଦୃଷ୍ଟିରେ।


ତମେ ପାଠପଢି ମଣିଷ ହେଲ। ଝିଅମାନେ ବାହାହେଇ ହେଲେ ପରଘରୀ। ଅବସର ବର୍ଷକ ପୂର୍ବରୁ ତମ ମାଆ ଚାଲିଗଲେ। ଅବସରର ଅନ୍ତେ ଏଡ଼େବଡ଼ ଘରେ ଆମେ ଦୁଇପ୍ରାଣୀ। କଇଁ ଆଉ ମୁଁ। ତମେ ସବୁ ବାହାରେ। କଇଁର ଉପସ୍ଥିତି ଓ ସହାୟତା ମୋତେ କେବେ ଦୁଃଖୀ ହେବାକୁ ଦେଇନି, କି ସୁଯୋଗ ଦେଇନି ବୁଲି ଅନେଇବାକୁ ପଛକୁ। କଇଁ ନ ଥିଲେ ମୋ ଅବସ୍ଥା ସମ୍ପର୍କରେ ମୁଁ ଭାବି ପାରୁନି। ସେ ଯା'ହେଉ, ମେଟ୍ରିକ ପାସ୍ ପରେ ତାକୁ ମୁଁ କଲେଜ ଯିବାକୁ କହିଲି। ସିଧା ମନା କଲା। ପଚାରିବାରୁ କହିଲା, ଅଧିକ ପଢିବା ପାଇଁ ମୋତେ ଘର ଛାଡିବାକୁ ହେବ। ଦୂରେଇ ରହିବାକୁ ହେବ ତମଠୁ। ପଢି ହବ କ'ଣ? ବରଂ ପଢିଲେ ତେଣିକି ଚାକିରି ପ୍ରତି ବଳିବ ମନ। କିଛି ଦର୍କାର ନାଇଁ। ଶିକ୍ଷା ମୋର ଯଥେଷ୍ଟ ହେଲା। ସେଇଠୁ କଇଁ ଘରେ। ମୋ ସେବାରେ ରାତି ଦିନ। ଅବସର ପରେ ଦଶବର୍ଷ ବିତିଲାଣି। ପଶ୍ଚିମର ସୂର୍ଯ୍ୟ ମହଲଣ ପଡିଲେଣି। କଇଁ ରାତିଦିନ ନାଚୁଛି ମୋ ଆଖିରେ। ତମେ କୁହ, କଇଁ କ'ଣ ସବୁଦିନ ରହିବ ଆମ ହାତଟେକାକୁ ଅନେଇ? ତା'ର ଭବିଷ୍ୟତ କ'ଣ? କଇଁବି ଶୁଣେଇ ଦେଇଚି, ସେ ବାହା ହେବନି। ମୋ ବୁଝାକୁ ସିଏ ବିନ୍ଦୁଏବି ନେଉନି କାନକୁ। ତା' ସିଦ୍ଧାନ୍ତରେ ସେ ଅଟଳ।

ବାପାଙ୍କ ମୁହଁର କଥା ସିନେମାର ଚିତ୍ର ପରି ଭାସି ଚାଲିଥାଏ ସମସ୍ତଙ୍କ ଆଖିରେ। କେଡେ ମହାନ ସତେ ବାପା! କଇଁ କେତେ ନିରୀହ! ସମସ୍ତଙ୍କ ମନରେ କରୁଣାର ବର୍ଷା କଇଁ ପ୍ରତି। ସାନ ପୁଅ ଠିଆ ହେଇ କହିଲା, ବାପା, କଇଁ ଆମର ଭଉଣୀ। ତମର ଗେହ୍ଲି ଝିଅ। ତମ ଜୀବନରକ୍ଷକ ଏବେ। ଆମେ ତ କିଛି କରି ପାରିନୁ ତମ ପାଇଁ ଆପଣା ସେବା ଭିନ୍ନ। ମୋରବି ଟଙ୍କାର ଅଭାବ ନାଇଁ। ମୋ ଭାଗ ସମ୍ପତ୍ତି ମୁଁ ଦାନ କରୁଛି କଇଁକୁ। ଖାଲି ସାନ ନୁହେଁ, ପଛକୁ ପଛ ସମସ୍ତଙ୍କ ମୁହଁରେ ସେଇ ଏକାକଥା। ବାପା ଅନେଇ ଥାଆନ୍ତି ଭେଳକା ହେଇ ଆପଣା ପିଲାଙ୍କୁ। ଭାବୁ ଥାଆନ୍ତି ପିଲାମାନେ ଜିତିଗଲେ ତାଙ୍କୁ। କେବେ ଆଶା କରି ନ ଥିଲେ ସେମାନଙ୍କ ମୁହଁରୁ ଇମିତି ନିଷ୍ପତ୍ତି ଶୁଣିବାକୁ।

କଇଁ ମୁହଁ ଖୋଲିଲା। ଆଖିରୁ ଲୁହ ପୋଛି ଯୋଡ଼ହସ୍ତରେ କହିଲା - ମୁଁ ଜାଣିଥିଲି ଜଣେ ଦେବତାଙ୍କୁ, ଯିଏ ମୋତେ ମୃତ୍ୟୁମୁହଁରୁ ଆଣି ଦୁନିଆ ଦାଣ୍ଡରେ ଠିଆହେବାର ଶକ୍ତି ଦେଇଛନ୍ତି। ଏବେ ଜାଣୁଛି ଏ ଘରେ ସମସ୍ତେ ଜଣେ ଜଣେ ଦେବଦେବୀ। ନ ହେବେ କାହିଁକି? ଦେବତାଙ୍କ ଔରସରୁ ଦେବତା ଇ ଜନ୍ମ ନେଇଥା'ନ୍ତି। ସମସ୍ତଙ୍କୁ ମୋର ଆଭୂମ ପ୍ରଣାମ। କଇଁ ଆଣ୍ଠେଇ ପ୍ରଣାମ କଲା ସେଠି। ଉଠି ଠିଆ ହେଇ କହିଲା, ମୋତେ ସମ୍ପତ୍ତି ଦାନ କରି ପର କରିଦିଅନ୍ତୁନି

ହେ ମୋର ଦେବୋପମ ଭାଇ ଭଉଣୀ ମାନେ। କଇଁ, ତମ ଗେହ୍ଲି ଭଉଣୀ ଖୁସି ହେବ କେବଳ ତମର ସହାୟିକା, ସେବିକା ହେଇ, ମାଲିକାଣୀ ହେଇ ନୁହେଁ। ତମେ ଭାବିଚ ସମ୍ପତ୍ତି କରିଦେଇ ମୋ ନାଁ'ରେ ତମେ ସବୁଦିବ ପାଇଁ ଦୂରେଇ ରହିବ ମୋ'ଠୁ? ଏପରି ଜୀବନଠୁ ବରଂ ମରିଯିବା ମୋ ପାଇଁ ଶ୍ରେୟସ୍କର। ମୋ ଭାଇ ନାନୀମାନେ, ଏତେ ନିର୍ଦ୍ଦୟ ହୁଅନି ମୋ ପ୍ରତି। ମୋର ଆନନ୍ଦ ତମସହ ମିଶି ରହିବାରେ। ତମଠୁ ଦୂରେଇ ନୁହେଁ। କ'ଣ ଆବଶ୍ୟକ ମୋର ଏ ପ୍ରାସାଦ ପରି ଘର ଓ ଅଚଳାଚଳ ସମ୍ପତ୍ତିର?

ମୁଁ କ'ଣ ଯୋଗ୍ୟ ଏସବୁର? ବାପା ଥିବାଯାକେ ସବୁ ରହିବ ଠିକଠାକ। ଯେ କଥା ମୁଁ ଦଉଚି ତମକୁ। ମୋ ଠାରୁ ବାପା କେବେ ବି ହେବେନି ଅଣହେଳା। ବାପାଙ୍କ ଅନ୍ତେ ମୁଁ ରହି ପାରିବି ଏକା ଏ ଘରେ? ପଶି ପାରିବି ଭିତରକୁ? କିଏ ଦେବ ମୋତେ ସହାୟତା, ସାହଚର୍ଯ୍ୟ? ତମେ କୁହ! ଗୋଟିଏ ଅନୁରୋଧ ମୋର। ଯଦି ପାରିବ, ଦାଣ୍ଡ ଗେଟ ପାଖରେ ଛୋଟ ବଖୁରିକିଆ ଘରଟିଏ କରିଦେବ ମୋ ପାଇଁ। ସେଇଠି ରହିବି ମୁଁ। ଦରଓ୍ୱାନୀ କରିବି ତମ ଅନୁପସ୍ଥିତିରେ ତମ ଘର ଓ ସମ୍ପତ୍ତିର। ସେଇଥିରେ ମୋର ଆତ୍ମସନ୍ତୋଷ, ଆନନ୍ଦ। ମୋର ଅନୁରୋଧ ସମସ୍ତଙ୍କୁ, ସାନ ଭଉଣୀର ଅନୁରୋଧ ନିଶ୍ଚିତ ରଖିବ। ଏବେ ନୁହେଁ, ବାପାଙ୍କ ଅନ୍ତେ। ସମସ୍ତଙ୍କ ଆଗରେ ମୁଁ ଏହା ବି କହି ରଖୁଛି, ମୋ ପହରାଦାରିରେ କାହାର ଛାଇବି ଟିପେ ପଡ଼ିବନି ଏଠି। ତମେ ଫେରିଲେ ତମକୁ ହସ୍ତାନ୍ତର କରି ମୁଁ ଦାୟମୁକ୍ତ ହେବି। ମୋତେ ଅନ୍ୟଥା ଭାବିବନି ମୋର ଦେବଦେବୀମାନେ। ମୁଁ କଇଁ ନୁହେଁ, ନୀଳ କଇଁଟିଏ ତମ ପଦ୍ମବନରେ। ମୋତେ କ'ଣ ସ୍ଥାନ ଦେବନି ତମ ଗହଣରେ? ଉପାଡି ଫିଙ୍ଗିଦେବ?



ବାପାଙ୍କ ସମେତ ସମସ୍ତଙ୍କ ଆଖିରେ ଲୁହ। ଗାଲ ଦେଇ ବହି ଚାଲିଛି। ବାପା ବାକ୍‌ରୁଦ୍ଧ। ଶବ୍ଦଟିଏ ସ୍ଫୁରୁନାଇଁ ମୁହଁରୁ। ଏକା ଅବସ୍ଥା ବି ସମସ୍ତଙ୍କର। ଅବସ୍ଥା ଇମିତି ହେଲା, ବାପାଙ୍କ ସମେତ ସମସ୍ତେ ଚାରି ଭାଇଭଉଣୀ ଉଠି ଏକାସାଙ୍ଗେ ଟେକି ଧଇଲେ କଇଁକୁ ଆକାଶ ଉଚ୍ଚା ଗୋଟାପଣେ। ମାତ୍ର କ୍ୟାମେରାମ୍ୟାନ୍ ସହିତ ବିବାଦ ହୋଇଗଲା। ସେମାନେ ଷଡ଼ଯନ୍ତ୍ର କରି କ୍ୟାମେରାମ୍ୟାନ୍‌କୁ ହତ୍ୟା କରିଥିଲେ। ତାହା ଏକ ଜଘନ୍ୟ ହତ୍ୟାକାଣ୍ଡ ଥିଲା ବୋଲି ରାଜ୍ୟ ସାରା ହୁଲସ୍ଥୂଳ ହୋଇଥିଲା। କଇଁ ହସୁଥାଏ ଖିଲିଖିଲି ହେଇ। ଅନୁଭବୁଥାଏ ଆକାଶ ତା'ଠୁ ଆଉ ଅଳ୍ପଦୂର। ହାତ ବଢ଼େଇଲେ ପାଇଯିବ। ବଡ଼ ଭଉଣୀ ରଶ୍ମି କଇଁର ଗାଲ ଟିପିଦେଇ କହିଲା, ତୁ କଇଁ, କି ନୀଳକଇଁ ନୁହଁ ଲୋ, ସାକ୍ଷାତ ବନଦୁର୍ଗା। ଆବିର୍ଭୂତା ବଣରୁ ଆସି ଆମଘରେ। ତୁ ଆମ ଆଶ୍ରିତା ନୁହେଁ। ବରଂ ଆମେ ସମସ୍ତେ ଆଶ୍ରିତ ତୋର। ତୋର ଅନୁରୋଧ ନୁହେଁ ଆଦେଶ ଆମର ଶିରୋଧାର୍ଯ୍ୟ। ସବୁ ହେବ ତୁ ଯାହା ଚାହିଁବୁ।

କଇଁ ସମସ୍ତଙ୍କ କୋଳରୁ ମୁକୁଳି ଠିଆହେଲା ଭୂମିରେ। ଘଡ଼ିକୁ ଅନେଇ କହିଲା, ଏ ମାଆ, ଛଅଟା ବାଜିବ। ମୁଁ ଯାଉଛି। ସଞ୍ଜ ଦେବା ସମୟ ହେଲାଣି। କଇଁ ଧାଇଁ ଚାଲିଗଲା ଘର ଭିତରକୁ। ସମସ୍ତେ ଅନେଇ ଥାଆନ୍ତି ଯିମିତି କଇଁ ନୁହେଁ, ବୋଉ ସଞ୍ଜ ଦେବାକୁ ବ୍ୟସ୍ତରେ ପଳେଇଲା ଉଠି।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com

ବ୍ୟଙ୍ଗ



# ମହା ସାବିତିରୀ ବରତ

ଡ. ଅଜୟ କୁମାର ମିଶ୍ର

ସେ ଦିନ ଗାଡ଼ିର ବେଗଠାରୁ ମନର ଉଦ୍‌ବେଗ ଅଧିକ ଥାଏ। ଗାଡ଼ିର ଅନେକ ଯାତ୍ରୀଙ୍କ ଭଳି, ଘଣ୍ଟୁ ସିନା ଜଣେ ଯାତ୍ରୀ ମାତ୍ର । ଅନେକ ଯାତ୍ରୀଙ୍କ ଆଖିରେ ଯାହା ନ ପଡ଼େ, ଘଣ୍ଟୁଙ୍କ ଆଖିର ଲେନ୍‌ସରେ ଅନେକ କଥା ଅନେକ ଦୃଶ୍ୟ କ୍ୟାମେରାଠାରୁ ଆଉ ଫାଜଲ ହେଇ ପଡିବାକୁ ବାଧ । ନାଗୁଣୀ ଆଖିରେ ନାଗକୁ ମାରିଥିବା ଫଅଟ ଛପେଇ ହେବା ଭଳିଆ, ଘଣ୍ଟୁ ଆଖିରେ ଅନେକ ଦୃଶ୍ୟ-ଅଦୃଶ୍ୟ କେମନ୍ତ ପ୍ରକାରେ ହେଲେ ଛାପି ହେଇଯାଏ। କିଛି ବୋତାମ ବା ସୁଇଚ୍ ଟିପାଟିପି ନ ଥାଏ, ଘଣ୍ଟୁ ଆଖି ତ ଅଟୋମେଟିକ୍-କ୍ୟାମେରା। ଘଣ୍ଟୁ ଦେଖେ, ପରଖେ, ଭାବେ, ପୁଣି ଟିକିନିଖି ଖୋଳତାଡ କରି ଘଟଣା ସବୁକୁ ପରସ୍ତ ପରସ୍ତ କରି ଭେଦେ, ଭେଦାଏ। ଜଣେ କେହି ଯାତ୍ରୀ ଖବରକାଗଜଟେ କିଣି କିଛି ପଢ଼ା ନ ସାରୁଣୁ, ଅନ୍ୟ ଯାତ୍ରୀଏ ଟାଉକା ପଣରେ କାଗଜର ମଝି ଫରଦ ହାତେଇ ନିଅନ୍ତି, ଆଖି ପକାଉ ନ ପକାଉଣୁ ବି ଆଉ କେହି ଝାମ୍ପି ନିଅନ୍ତି। ବେଳେବେଳେ କାଗଜଟା ମୂଳ କର୍ତ୍ତାଙ୍କ ପାଖକୁ ଫେରିବା ସମ୍ଭବେ ନାହିଁ। କ୍ରମେ କାଗଜର ଗୋଟେ ଫାଳ ଅଗତ୍ୟା ଘଣ୍ଟୁ ହାବୁଡରେ ପଡିଲା, ତାଳୁଆ ବଳଦ ପଡିଆରୁ ଘାସ ଚରିବା ଭଳିଆ, ଘଣ୍ଟୁ ଆଖି ଖବରକାଗଜର ସବୁ ଆଡେ ତଲାସ କରି ଛାପାପାଠକୁ ମୂଳି ଉଠେଇ ଚରି ପକେଇଲା।




ଦେଖିଲା ଠାଆକୁ ଠାଆ ଖାଲି ବିଜ୍ଞାପନ, ସଚିତ୍ର ବିଜ୍ଞାପନ। କେଉଁଠି ଅଧା ଶାଢ଼ି ତ କେଉଁଠି ଚଉଠ ଶାଢ଼ିରେ ସୁନ୍ଦରୀ ଚିତ୍ରାବୃତା। କମ୍ପାନୀବାଲାଏ ଲେଖିଚନ୍ତି ଏଇ ଶାଢ଼ିରେ କିଷ୍କିନ୍ଧ୍ୟା ସୁନ୍ଦରୀ ବି ହିରୋଇନ୍ ହିରୋଇନ୍ ଲାଗିବେ। କେଉଁଠି ଅଛି -ଏ ଶାଢ଼ିରୁ ଗୋଟାଏ କିଣିଲେ, ଆରଟା ଫ୍ରି'ରେ ମିଳିବ। ଅନ୍ୟ କେଉଁଠି -ଗୋଟାଏ ଶାଢ଼ି କିଣନ୍ତୁ, ଯା ସହିତ ତଳପିନ୍ଧା ଓ ବକ୍ଷପିନ୍ଧା ଫ୍ରି। ଅନ୍ୟ ଠାଏ ଅଛି ଆଗକୁ ସାବିତ୍ରୀ ଅମାବାସ୍ୟା। ଏଇ ଶାଢ଼ିରେ ଆପଣ ସାବିତ୍ରୀ ପାଲଟି ଯିବେ। ମହାସତୀ ତାଲିକାରେ ଆପଣଙ୍କ ନାମ ଚଢ଼ିବ। ଶସ୍ତା-ସୁନ୍ଦର ମଜଭୁତ। ଆଉ ଠାଏ ଅଛି -"ଗାଡି ଧୀରେ ଚଲାନ୍ତୁ।" ଆଉ ଠାଏ ଅଛି "ବେଗ ହିଁ ଉନ୍ନତିର ଲକ୍ଷଣ।" ଶାଢ଼ି ବିଜ୍ଞାପନ ସହ ଏ ସଚେତନିଆ ବିଜ୍ଞାପନ ସହିତ 'ଭାରତଯୋଡ' ଭଳି ଯୋଡି ହେଇଗଲା ଘଣ୍ଟୁର ମନ-ମୁନ-ଚଇତନ।

ଘଣ୍ଟୁ ମନରେ ଭାବନାର ଢେଉମାନ ଖେଳିଲା, ଭଉଁରେଇ ଉଠିଲା ମନ। ଆରେ ଏ କେମିତି କଥା- ଗାଡି ଧୀରେ ଚଳେଇଲେ ବେଗ ଊଣା ହେବ, ବେଗ ନାଇଁ ତ ଉନ୍ନତି ନାଇଁ। ଏ କେମିତି ଖାପଛଡା ବିଭୋଳିଆ ଉବାଚ। ଦୋ ମୁଣ୍ଡିଆ ସାପ ଭଳିଆ କାରବାର ଏ। ପୁଣି ଶାଢ଼ି ପିନ୍ଧିଲେ ଜଣେ ସାବିତ୍ରୀ ହେଇଯିବ। ଆଗକୁ ତେବେ ଆଉଚି ସାବିତ୍ରୀ ବ୍ରତ। ଲୋକେ ତ ନିଶ୍ଚୟ ଶାଢ଼ି କିଣିବେ। ଏ ସୁଯୋଗରେ ଘଣ୍ଟୁର ମଗଜ ଫିଲ୍‌ଡରେ କେତେ କେତେ ଆଇଡିଆ ଆସି ବ୍ୟାଟିଂ ବୋଲିଙ୍ଗ୍ ଆରମ୍ଭ କରିଦେଲେ। ଘଣ୍ଟୁ ଜାଣିଚି, ଅନ୍ୟ ସିଜନ୍‌ଠାରୁ ଏ ସିଜନରେ ବେପାରଟା ଭଲ। ଘରେ ଘରେ ତ ଅଛନ୍ତି ଜିଦିଖୋରଣୀ ସାବିତ୍ରୀମାନେ। ସେମାନଙ୍କ ହେଣ୍ଡାଳରେ କେତେ କେତେ ପାରଖା, ଟାଣୁଆ ଦାଉଁଆ ସତ୍ୟବାନ ବି ଝୁଣ୍ଟି ପଡନ୍ତି, ଆଣ୍ଠେଇ ପେଟେଇ ଲହୁ-ଲୁହାଣ ହୁଅନ୍ତି। ସାବିତ୍ରୀ କୁଆଡେ ସେ କାଳରେ ବଛା ବଛା ନୂଆ ଦାମୀ ଶାଢ଼ି ପିନ୍ଧୁଥିଲେ, ଆଗବୁଜା ଓ ପିଠିଖୋଲା ବିଲାଉଜ୍ ଶାଢ଼ି ରଙ୍ଗ ସହିତ ରଙ୍ଗ ମନେଇ ପିନ୍ଧୁଥିଲେ। ସବୁ ପ୍ରକାର ଫଳମୂଳ କିଣି ଡାଲାରେ ଥୋଇ, ମେଳ ହେଇ ବଡ ପଟୁଆରରେ ମନ୍ଦିର ଯାଉଥିଲେ, ପୂଜାକୁ ଆଖିଠାର ମାରି ସ୍ମାର୍ଟ ଫୋନ୍‌ରେ ଫଅଟମାନ ଉଠେଇ ସାଙ୍ଗୀ-

ସାଙ୍ଗୀତୁଣୀଙ୍କ ପାଖକୁ ଠେଲି ହେଉଥିଲେ। ଓଷା ପାଳିବା ଚୁଲିକି ଯାଉ, ଫେସନାଣୀମାନେ, ନିଜ ନିଜ ସତ୍ୟବାନମାନଙ୍କୁ ଅଣନିଃଶ୍ୱାସୀ କରାଇଦେଇ ନାନା ଫରମାସ କରାଇବା ଦୃଶ୍ୟ ଘଣ୍ଟୁ ଦେଖିଚି।

ଗହ୍ମା ପୁନେଇଁରେ ବେଳକୁ ଅସ୍ଥାୟୀ ରାଖୀ ଦୋକାନ, ନୂଆ ବରଷ ବେଳକୁ ହାପି ନ୍ୟୁୟର ଗ୍ରୀଟିଂଗସ୍ ଦୋକାନ, ଦୋଳବେଳକୁ ରଙ୍ଗ ଦୋକାନ, ଦୀପାବଳି ବେଳକୁ ବାଣ ଦୋକାନ ଭଳିଆ, ଛକ ମୁଣ୍ଡରେ ଘଣ୍ଟୁ ଏଥର ସାବିତ୍ରୀ ବ୍ରତ ଆଠ ଦିନ ପୂର୍ବରୁ ଖୋଲିଲା ଗୋଟେ ନୂଆ ଦୋକାନ। ବଡ ବଡ ଅକ୍ଷରରେ ଅତି ଆଖିଛୁଆଁ ଚିତ୍ର ଦେଇ ଟଙ୍ଗେଇ ଦେଲା ଗୋଟେ ଫ୍ଲେକ୍ସ୍। "ସାବିତ୍ରୀ ସରଞ୍ଜାମ ସେବା" ଏଠାରେ ସୁଲଭ ମୂଲ୍ୟରେ ସାବିତ୍ରୀ ସରଞ୍ଜାମ ସେବା ଯୋଗାଇ ଦିଆଯାଏ। ସାମ୍ନାରେ ଟେବୁଲ୍ ପକାଇ ବସିଲା ନିଜେ, ନିଜର ଦୁଇ ଚାରିଜଣ ଚାମଚାଙ୍କୁ ଭିତରେ ଆସିଷ୍ଟାଣ୍ଟ୍ ଭାବେ ଅସ୍ଥାୟୀ ମୁତୟନ କଲା। ଛକ ବୁଲା ଦି'ଚାରିଟା ମୁତଫରକା, ବାନା, ବାଆସ୍ତରିଆ, ଘନଗାଲୁଆ, ଫଣଫଣିଆ- ଯା ଭିତରେ ମାଗଣାରେ ଆସି ପଇଁତରା ମାରିଲେ। ଭିତରଟା ଗହଳିଆ ବହଳିଆ ଲାଗିଲା, ବାଟ ଦେଇ ଯା' ଆସ କରୁଥିବା ଲୋକେ ଏମନ୍ତ "ସାବିତ୍ରୀ ସରଞ୍ଜାମ ସେବା" ଲେଖା ଦେଖି ତାଜୁବ। ଅଫିସ୍ ଫେରନ୍ତିଆଣୀ, ଦିଚକିଆ ମଣ୍ଡନାଙ୍କ ଭିତରୁ କେହି କେହି ସେଠି ଅଟକି ଘଟଣାଟା କ'ଣ ବୁଝିବାକୁ ଲାଗିଲେ। ଘଣ୍ଟୁ ବି ଏମନ୍ତ କପଡା ମୁଖବୃତା ଭାବି-ସାବିତ୍ରୀମାନଙ୍କୁ ନିଜ ସେବାର ସବିଶେଷ ବିବରଣୀ ଯାଦୁ ମଲମ ବିକ୍ରେତାଠାରୁ ଅଧିକ ଆକର୍ଷଣୀୟ ଢଙ୍ଗରେ ବଖାଣ କରିଦେଲେ। ସାବିତ୍ରୀ ବ୍ରତ ଖାତାରେ ଏଥର ପ୍ରଥମେ ଧସେଇ ପ୍ରବେଶ କରିବାକୁ ଯାଉଥିବା ଅନେକ ଆଶାୟିନୀ ଏଥର ପହିଲେ ପହିଲେ ବରତ କରିବେ। ଘଣ୍ଟୁ ଏଇ ଇଣ୍ଟର୍ନସିପଆନୀଙ୍କ ପାଇଁ ଅନେକ ନୂଆ ନୂଆ ଯୋଜନା କଲେ। ଖୁଦୁରୁକୁଣୀ, ଗଣେଶ, ସରସ୍ୱତୀ ମୂର୍ତ୍ତି ପୂଜା ପୂର୍ବରୁ ବିକ୍ରି ହୁଏ। ଓଷା ବହି ବି ଅନ୍ୟ ବହିଠୁଁ ଜୋର ବିକିରି। ଘଣ୍ଟୁ ଏଥର ନୂଆ ସାବିତ୍ରୀମାନଙ୍କୁ ଟ୍ରେନିଂ ଦିଆ ପାଇଁ ତା' ସାଙ୍ଗ ଜଣେ ତାତୁଣିଆଁ କବିଙ୍କୁ କୁହାପୋଛା କରି ଆଠପୃଷ୍ଠିଆ 'ସାବିତ୍ରୀବ୍ରତ' ଗୀତ ବହିଟିଏ ଛପେଇ ଦେଲା। ପୁଣି ଭାବିଲା ମୂର୍ତ୍ତି ଗଢ଼ିବା ସମ୍ଭବ ନୁହେଁ, ଫଅଟରେ ଚଳେଇନେବା। ତେଣୁ ଜଣେ ଚିତ୍ରକରଙ୍କୁ କୁହାପୋଛା କରି ଅଗ୍ରିମ ଦିଆଇ ଗୋଟେ ଚିତ୍ର ଠିଆ କରେଇଲା। ମଇଁଷି ପିଠିରେ ଯମ ରାଜା, ତଳେ ଶୋଇଥିବା ସତ୍ୟବାନ୍, ତା' ପାଖରେ ଯୋଡହସ୍ତ ମୁଦ୍ରାରେ ସାବିତ୍ରୀ। ଚିତ୍ରକର ପାଖରେ ନିକିମା ହେଇ ବସି, ଏତକ ଚିତ୍ର କରେଇ, ତାକୁ ବିଭିନ୍ନ ସାଇଜରେ ରଙ୍ଗେଇ ଛାପା କରେଇ ତା' ଦୋକାନ ଥାକଗୁଡିକରେ ଛଇ ମାରିଦେଲା। ଦୋକାନ ଆଗରେ ଫ୍ଲେକ୍ସରେ ଗୋଟାଏ ଚାରିଫୁଟିଆ ବଡ ଫଅଟ, ନମୁନା ଭାବରେ ଝୁଲେଇ ଦେଲା।

ତୁଣ୍ଡ ବାଇଦରେ କଥାଟା ଚାରିଆଡ଼େ କରୋନା ଭୂତାଣୁଠୁ ବି ଅଧିକ ବ୍ୟାପିଲା। ଲୋକଙ୍କ ମନ କିଣିବାକୁ ଘଣ୍ଟୁ ମୁହଁରେ ଶିରାବୋଳା ଓଦାଳିଆ ବଚନ। ଲୋକଙ୍କୁ ବୁଝେଇ ଦେଲା ଘରେ ନୂଆ ବେଶ ପୋଷାକ, ନୂଆ ଶାଢ଼ି ଶଙ୍ଖା ପିନ୍ଧି ଫଳମୂଳ ଭୋଗ ଲଗେଇବା ଯୁଗ ସରିଗଲା। ମାତ୍ର ଏଠି ଲୋକେ ଆଡମ୍ବରରେ ମାତିଲେ ବ୍ରତ ପାଳନର ମୂଲ୍ୟ ଘରେ ଶୂନ୍ୟ। ଯଉଁ ଯମରାଜାଙ୍କ ବର ନେଇ ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କୁ ଜିଆଇଁଥିଲେ, ପ୍ରଥମେ ସେଇ ଯମରାଜାଙ୍କୁ ପୂଜିବା ଦରକାର। ଯମଙ୍କ ମନ୍ତ୍ରୀ ଚିତ୍ରଗୁପ୍ତ, ତେଣୁ ମୂର୍ତ୍ତି କାମ ନୁହେଁ, ଚିତ୍ର ଯମରାଜଙ୍କୁ ଥାପନା କରି, ପୂଜିଲେ କ୍ୟାନ୍‌ସରିଆ ଆଉ ଆଉ ହାର୍ଟଆଟାକିଆ ସତ୍ୟବାନମାନେ ଆଇସିୟୁର ଗ୍ଲାସ ଡୋର୍ ଠେଲି ପଦାକୁ ବାହାରି ଆସିବେ। ମୌନୀବାବାଙ୍କର ଏଇଟା ଆଦେଶ। ଝଙ୍କାସାଇ, ଚେମ୍ପେଡାସାଇଙ୍କ ମାଉସୀ ପୁଅ ଭାଇ ନିଜେ ମୌନୀ ବାବା, ଅଖଣ୍ଡ ମହିମା, ଅକାଟବାଣୀ, ଯାହା କହିବେ- ଷୋଳଣା ସତ ଫଳେ। ପାଞ୍ଚବର୍ଷ ଆଗରୁ କରୁନା କଥା କହିଥେଲେ, ସତ ହେଲା ନା ନାଇଁ। ପୁଣି ଅଚୁତିଆଙ୍କ ଅବତାର ସେ ନିଜେ, ଏଇଠି ରହି ତିନିପୁର କଥା ବଖାଣନ୍ତି। ଯେ ଯମଙ୍କ ଚିତ୍ରପଟକୁ ନିନ୍ଦିବ, ତା' ଡିହ କ୍ରିକେଟ୍ ପଡ଼ିଆ ହେବ, ତା' ଆଂଶାନି ବଂଶାନି ପରେ ସମାନେ ବୁଲ୍‌ଡୋଜର ଚଢ଼ିଯିବ।

**ଯଉଁ ଯମରାଜାଙ୍କ ବର ନେଇ ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କୁ ଜିଆଇଁଥିଲେ, ପ୍ରଥମେ ସେଇ ଯମରାଜାଙ୍କୁ ପୂଜିବା ଦରକାର।**

ମହୁଚିନି ଫଳ ଫେଣ୍ଟାଣ ହେଇଥିବା ଘଣ୍ଟୁଙ୍କ କଥା ଶୁଣି କେତେ ଲୋକେ ଆବାକାବା, କେହି କେହି ଧର୍ମୁଆଁ ଧର୍ମୁଆଣୀ

ବି ଯାକୁ ବିଶ୍ୱାସକୁ ନେଇ ଶୁକଙ୍କୁ ପରୀକ୍ଷିତ ପୁଛା କଲା ଭଳିଆ ପୁଛୁଥାନ୍ତି। ଘଣ୍ଟେ ବି ସେମାନଙ୍କୁ ନନଷ୍ଟପିଆ ଭାଷଣମାନ ମାଠିଆ ମୁହଁରୁ ପାଣି ଅଜାଡିବା ଭଳିଆ ନିଗାଡି ପକାଉଥାନ୍ତି। ଯମପୁରାଣରୁ ଚାରିଧାଡି ଘଣ୍ଟେ ସ୍ୱର ଦେଇ ବଖାଣ କରିଦେଲେ।

ବୋଇଲା - "ଯେମାନେ ବିଶ୍ୱାସ ନ ଯିବେ।

ସେମାନେ ନିଶ୍ଚେ ନାଶ ଯିବେ॥

ରାସ୍ତାରେ ଯିବ ଗାଡି ଚଢ଼ି। ପଡିବ ଅବା ଘଡ଼ଘଡ଼ି॥

ବୋଇଲେ କରୋନାରେ ଯିବେ। ଯମ କଡ଼ାରେ ଭାଜି ହେବେ॥

କହିଲା-

ଯମଙ୍କ ଚିତ୍ରପଟ ନେଇ। ସାବିତ୍ରୀ ବ୍ରତେ ଯେ ପୂଜଇ॥

ନବ ଯୌବନ ଫେରିଥାଏ। ମେଡିକାଲରୁ ଉଭାହୁଏ॥

ଯେ ନାରୀ ଶ୍ରଦ୍ଧାରେ ପୂଜଇ। ପତି ସମ୍ପତ୍ତି ଫେରିପାଇ॥

ଯମ ଦିଅଇ ତା'ର ପତି। ତେଣୁ ସେ ସୁନ୍ଦର ଦମ୍ପତି॥

ବଢ଼ଇ ଧନ, ମାନ ଜାଣି। ହୁଅଇ ସେ କର୍ପୋରେଟାଣି॥

ଯେବେ ପୂଜଇ ଗଦ ଗଦେ। ନିକୁଛେ ବସେ ମନ୍ତ୍ରୀ ପଦେ।

ବୋଇଲା -


ଯେମାନେ କଲେ ଅବହେଳା। ଡୁବିଣ ଯାଏ ତାଙ୍କ ଭେଳା॥

ଦମକଳ ଗାଡି ଯେ ନ ପାଇ। ଯାଏ ସେ ସମ୍ପୂର୍ଣ୍ଣେ ମିଳେଇ॥

ପଦ-ପଦବୀ ହୁଏ ଗୁଣ୍ଡ। ଅକାଳେ ଗଡେ ତାଙ୍କ ମୁଣ୍ଡ॥

ଏମନ୍ତେ ନାନାଦି ଭିଆଣ। ପଢ଼ି ଜାଣିବ ଏ ପୁରାଣ॥

ଘଣ୍ଟୁ ଦୋକାନ ସାମ୍ନାରେ ଭିଡ। ତା' ଚାମଣ୍ଡାଏ ଅଗ୍ରିମ ରସିଦ୍ କଟେଇ ଅସୁଲରେ ଲାଗିଗଲେ। ରସିଦ ଧରି ଲୋକେ ଫେରିଗଲେ। ଘଣ୍ଟୁ ଯା ଭିତରେ ନାନା ଭଙ୍ଗିମାର ନାନା ରଙ୍ଗର, ନାନା ସାଇଜ୍‌ର ଚିତ୍ରପଟ ଆଣି ଫଅଟ ଦୋକାନ ଭଳିଆ ଛାଇ କରିଦେଲା। ବ୍ରତର ପୂର୍ବ ଦିନ ସଞ୍ଜବେଳକୁ ଦୋକାନରେ ଭାରି ଭିଡ। ଫଟୋମାନ ନୂଆ ହେଇ ଖେଳୁଥିବା ସିନେମା ଟିକେଟ୍ ଭଳିଆ, ବ୍ଲାକ୍ କାରବାର ହେଲା। ବିକ୍ରି ହେଲା ହଜାର ହଜାର ସଂଖ୍ୟାରେ ଆଠପୃଷ୍ଠିଆ 'ଯମ ପୁରାଣ' ବହି, ଦଶଟଙ୍କା ଜାଗାରେ ଚାଳିଶ ପଚାଶ ଟଙ୍କାରେ। ଷଡ ଇଞ୍ଚିଷ୍ଟ ଫଅଟମାନ ପଚାଶ ଷାଠିଏ ଟଙ୍କାରେ ଫୁଟିକିଆ ଫଅଟମାନ ଦୁଇଶ ଅଢ଼େଇ ଶହରେ। ଧାଡିରେ ଛିଡ଼ା ହେଇ ଅଧିକାଂଶ ଅଧୈର୍ଯ୍ୟ ସତ୍ୟବାନିଆ ୱାପସ୍ ଗଲେ, ପରଦିନ ସକାଳକୁ କେତେ ଜଣ ବି ନାକେଇଲେ।



ବାବୁଲି ଓ ବାଇନ ଦୁହେଁ ଟଙ୍କା ହିସାବ ରଖୁଥାନ୍ତି, ଟିମା ଓ ବାବେନା ଫଅଟ ଓ ପୁରାଣମାନ ବିକି ଚାଲିଥାନ୍ତି। ଘଣ୍ଟେ ଖାଲି ଚାରିଆଡେ ସିସିଟିଭିଆ ଆଖି ବୁଲଉଥାନ୍ତି। ରାତି ଅଧାଯାଏ କାରବାର ଚାଲିଲା। ଖଟିଖିଆଏ ଖଟି ଖଟି ରୋଜଗାର କରି ବଡ କଷ୍ଟରେ ଖଣ୍ଡେ ଖଣ୍ଡେ ପୁରାଣ ଓ ଫଅଟ୍‌ମାନ ଧରି, ଗଡଜିଣିଲା ଭଳି ଘରେ ପହଞ୍ଚି, ଏଗୁଡିକୁ ପତ୍ନୀ-ପ୍ରାଣେଶ୍ୱରୀ ସାବିତ୍ରୀମାନଙ୍କୁ ଦେଖାଇ ବୀରତ୍ୱ ଜାହିର କରୁଥିଲେ। ବଜାରରୁ କିଣାଯାଇଥିବା ଶାଢ଼ି ବ୍ଲାଉଜ୍ ଶଙ୍ଖା ଓ ଫଳମୂଳ କାଲି ପାଇଁ ସାଇତୁଥିବା ଘରଣୀମାନଙ୍କୁ ମନୋମିଟରରେ ଖୁସିର ପାରଦ ଉପରକୁ ଉଠୁଥିଲା।

ନାଇଟି ଡୁଇଟିରେ ଥିବା ଖାକିଆ, ଖାକିଆଣୀ ଦିହେଁ, ଘଣ୍ଟୁ ଦୋକାନରେ ପହଞ୍ଚି ଭ୍ୟାନାବତରଣ କରି ନିଜ ଠାଣିମାଣିରେ ଚକମା ଆରମ୍ଭ କରିନେଲେ। ଘଣ୍ଟୁକୁ ଖଟିଖିଆଙ୍କୁ ଲୁଟୁଥିବା କଥା କହି ଧମକ ଦେଲେ। ମାଗଣା ମାଗଣାରେ ଫଅଟ୍ ଓ ପୁରାଣ ଦି' ଚାରି ଖଣ୍ଡ ଧରି ତତ୍‌କ୍ଷଣାତ୍ ଦୋକାନ ବନ୍ଦ କରିବାକୁ ତାଗିତ କରି ଭ୍ୟାନାରୋହଣ ପୂର୍ବକ ଯିବା ବେଳକୁ, ବିଚରା ଡ୍ରାଇଭର୍ ବି ଗୋଟେ ବହି ଓ ଫଅଟ୍ ଧରି ଚକ୍ରଧାରଣ କଲା। ଘଣ୍ଟେ ଜାଣିଲେ କାଲି ଏସବୁ ବିକିଥିଲେ ଟଙ୍କା ଦି' ହଜାର ହେଲେ ପାଇଥାନ୍ତା। ଛାଡ ଏମାନେ ତ ବଟିଖିଆ ନା। ଖଟିଖିଆଠୁ ଲୁଟିଖିଆ ବଡ଼, ବଟିଖିଆ ସବୁଠୁଁ ସରସ।

ପରଦିନ ନଅଟା ବେଳକୁ ଖାକିଆ ବାବୁଙ୍କ କ୍ୱାଟରରେ ଘଣ୍ଟୁର ବିଶ୍ୱସ୍ତ ଚାମଣ୍ଡା ଘନା ଗୋଟାଏ ମୁଦା ପାକିଟ୍‌ରେ ଶାଢ଼ି

ଓ ଶଙ୍ଖା ଦିପଟ ଧରି ହାଜର । ଡକରା ବେଲ୍ ଚିପୁ ନ ଚିପୁଣୁ, ସଜବାଜ ହେଇ ବାହାରି ଆସିଲେ ଖାକିଆଙ୍କ କ୍ୱାଟରରୁ ସାବିତ୍ରୀ। ଘନା ତାଙ୍କୁ ଅଷ୍ଟାଭାଙ୍ଗି ନବେଡିଗ୍ରିଆ ନମସ୍କାରଟେ ନାଛି ଦେଇ, ଅତି କାକୁସ୍ୱରେ ଜଣାଇଲା, ମାଡେମେ! ସାଆରେ ମହାପ୍ରୁ କୁଆଡେ ଗଲେ ? ମତେ ଏ ପାକିଟିଟା ଦେଇ ପଟ୍ଟନାୟକ ମାଡେମେଙ୍କୁ ଦେବାକୁ କହିଥିଲେ। ମୁଁ ସକାଳୁ ଦି ଦି'ଥର ଯାଇ ଫେରିଲି, ତିସିରା ଥରକୁ ବି ସେଇ ଅବସ୍ଥା। ଆପଣ ଦୟାକରି ୟାକୁ ରଖନ୍ତୁ ନଇଲେ ସାଆରେ ମହାପ୍ରୁ ଯେମିତି ଆକବରିଆ ଗୁଡାଖୁ ଭଳିଆ କଡ଼ା ନା, ମୋ ଅବସ୍ଥା କ'ଣ ନାଇଁ କ'ଣ କରିଦେବେ। ଶାଢ଼ି ପାକିଟିଟା ଧରାଇ ଦେଇ ଏକା ନିଃଶ୍ୱାସରେ ଉଭାନ ହେଇଗଲା। ଘଣ୍ଟୁ ଠାରୁ ଗତ ରାତିରେ ବଟି କରିଥିବା ଏଇ ଖାକିଆ ତ, ନ ଥିଲେ, ଥିଲେ ତାଙ୍କ ସାବିତ୍ରୀ । ଏ ଶାଢ଼ି ଦେଖୁ ଦେଖୁ ଭକ୍ତି ଗଦ ଗଦ ହେଇ ଉଗାଳିଲେ- "ରଇଜଳା ଯୋଗନିଖିଆ ଅଳପେଇସା! ରାତିରେ ଯମ ପୁରାଣ ଆଣି ଧରଉଚି, ସତ୍ୟବାନ୍ ବୋଲାଉଚି ଏ ଗାତପଶା। ଆଜି ଘରକୁ ଆ, ଛତରା! ମନ ଙ୍କାନ ଦେଇ ପୂଜା ନବୁରେ ବାଡିପଡା! ଘରଛାଆଁଣିଆଁ ଚାଳରୁ ନଡ଼ା ଉଲାରିବା ଭଳିଆ, ଅତି ଭଗତିରେ ନିଜ ବେଶବାସକୁ ନିଜେ ହାତରେ ଉଲାରି ପକେଇ ଦୁମ୍‌ଦୁମ୍ ପଦପାଦ କଲେ।

ରାତିରେ ନାଇଟ୍ ଡିଉଟିକୁ ଯାଇଥିବା ଖାକିଆଣୀଙ୍କ ଠିକଣା ବୁଝି, ଘଣ୍ଟୁଙ୍କ ଅନ୍ୟତମ ଦକ୍ଷିଣହସ୍ତ ବାଇନ, ତାଙ୍କ ପତି ଦେବତାଙ୍କୁ ଅନୁରୂପ ଢଙ୍ଗରେ ପୂଜା ପାକିଟ୍‌ରେ ଥିବା ଶାଢ଼ିଟା ଧରାଇ ଦେଉ ଦେଉ କହିଲେ; ଆପଣଙ୍କୁ ମୁଁ ଜାଣେ, ଆପଣଙ୍କ ଘରକୁ ଏଇଟା ସାବିତ୍ରୀ ଉପହାର ପଠେଇଚନ୍ତି ଦାସ ବାବୁ। ରଖନ୍ତୁ ଆଜ୍ଞା! ମୁଁ ବହୁ କଷ୍ଟରେ ଆପଣଙ୍କୁ ଭେଟିଲି। ନମସ୍କାର ଆଜ୍ଞା, ମାଡେମେଙ୍କୁ ନମସ୍କାର। ହାଇବିପିଆ ଖାକିଆଣୀଙ୍କ ସତ୍ୟବାନ ଶାଢ଼ି ପାକିଟ୍ ଧରି ଘରକୁ ଫେରି, ଖାକିଆଣୀ ସାବିତ୍ରୀଙ୍କ ଉପରକୁ ଠିଆ ଠିଆ ଫୋପାଡି ଦେଲେ। ସନ୍ଦେହର କଳାଛିଟା ଉତୁରିଲା, ଘରେ ସାବିତ୍ରୀ ବ୍ରତ ଉଭେଇ ଯାଇ, ଆରମ୍ଭ ହେଲା ମହାଭାରତର ଗଦାପର୍ବ।

**ସନ୍ଦେହର କଳାଛିଟା ଉତୁରିଲା, ଘରେ ସାବିତ୍ରୀ ବ୍ରତ ଉଭେଇ ଯାଇ, ଆରମ୍ଭ ହେଲା ମହାଭାରତର ଗଦାପର୍ବ।**

ଦୁଇ ବଟିଖିଆଙ୍କ ସାବିତ୍ରୀ ପୁରାଣ ଓ ଯମରାଜ ପୂଜା ସମ୍ପୂର୍ଣ୍ଣ ଘରୋଇ ବ୍ୟାପାର। ଘଣ୍ଟୁ ଭଳି ଭଦ୍ରଲୋକ ଏଥିରେ ମୁଣ୍ଡ ପୂରେଇବା ଉଚିତ ହେଇଥାଆନ୍ତା କି ?? ଭାବନ୍ତୁ ତ ଥରେ। ଖାଲି ଖାକିଆ, ଖାକିଆଣୀ କାହିଁକି, ଘଣ୍ଟୁ ବିଚାରରେ ଏମନ୍ତ ଅଘଟଣିଆ ବରତ ଆଉମାନଙ୍କ ଘରେ ଘରେ ବି ଘଟିବା ଅସମ୍ଭବ ନୁହେଁ। ଏ ତ ମହା-ସାବିତ୍ରୀ ବରତ ନା।

(କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

DAWS
Design Advertisement Web Solution
Print Media Consultation

Design & Advertisement

We Deal in : Vinyl, Flex, Inkjet, Oneway, Translite & Offset Printing

Contact us :
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

ପ୍ରବନ୍ଧ

# ରସ ସର୍ଜନାର ବୈଜ୍ଞାନିକ ଦିଗ



ଡ. ଦୁର୍ଯ୍ୟୋଧନ ଦାସ

'ରସ' ର ବୈଜ୍ଞାନିକ ଅର୍ଥ ହେଉଛି ନିର୍ଯ୍ୟାସ, ଅର୍ଥାତ୍ କୌଣସି ବସ୍ତୁର ସାରାଂଶ। ସେହି କ୍ରମରେ ରସ ହେଉଛି ଅନୁଭବର ଅର୍କ, ଆବେଗର ଆଲେଖ୍ୟ ଏବଂ ଭାବର ଭାସ୍କର୍ଯ୍ୟ। ତେଣୁ ସାହିତ୍ୟରେ 'ରସ' ହେଉଛି ତା'ର ଆତ୍ମା – ସର୍ଜନାବୃତ୍ତର କଳାମୟ କେନ୍ଦ୍ର। ପ୍ରେମ ଓ ଅନୁରାଗ ଯଦି ପଦ୍ମ ହୋଇ ନ ଫୁଟିଲା କବିତାରେ, ସେ କି କବିତା? ଦୁଃଖ ଓ ଯନ୍ତ୍ରଣା ଯଦି ଜୁଇ ହୋଇ ନ ଜଳିଲା କାହାଣୀରେ, ତେବେ ସେ କି କାହାଣୀ? ପ୍ରଜ୍ଞା ଓ ପିପାସା ଯଦି ପ୍ରସ୍ଫୁଟିତ ନ ହେଲା ପ୍ରବନ୍ଧରେ, ତେବେ ସେ କି ପ୍ରବନ୍ଧ? ବସ୍ତୁତଃ ପାଣିଚିଆ ଲାଗୁଥିବା ବିଷୟକୁ ବହଳ କରିବା, ଫିକା ଫିକା ଦିଶୁଥିବା ଦୃଶ୍ୟକୁ ଗାଢ଼ କରିଦେବା ଏବଂ ମିଞ୍ଜିମିଞ୍ଜି ଅନୁଭବକୁ ଆଲୋକିତ କରିଦେବା ହେଉଛି ରସର କାର୍ଯ୍ୟ। ତାହାହେଲେ ଯାଇ ବିଷୟକୁ ଠିକ୍ ଭାବରେ ବୁଝିହେବ, ଦେଖିହେବ ଏବଂ ଚିହ୍ନି ହେବ। ଭାବ ଯେତେ ରସୋତୀର୍ଣ୍ଣ ହେବ, ସୃଷ୍ଟି ସେତେ ସ୍ୱଚ୍ଛ, ସମୃଦ୍ଧ ଓ ବୋଧଗମ୍ୟ ହେବ। ରଚନା ଯେତେ ସାବଲୀଳ ଓ ହୃଦୟସ୍ପର୍ଶୀ ହେବ, ସାହିତ୍ୟ ସେତେ ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଲାଭ କରିବ। ଏହା ହିଁ ନିରୂପଣ କରିବ କବିତାର ଆୟୁଷ, ଗଳ୍ପର ସ୍ଥାୟିତ୍ୱ ଏବଂ ନିବନ୍ଧର ନିଃଶ୍ୱାସ। ଏଣୁ ରସର ସାର୍ବଭୌମତ୍ୱକୁ ସାହିତ୍ୟରେ ସ୍ୱୀକାର କରାଯାଇଛି।



ଇତର ପ୍ରାଣୀମାନେ ମଧ୍ୟ ରସର ଚମତ୍କାରିତା ଅନୁଭବ କରନ୍ତି ନିଜ ଭିତରେ। ମାତ୍ର ତାହା ଆହାର-ବିହାର-ଭୟ-ମୈଥୁନ ଭିତରେ ସୀମାବଦ୍ଧ। ଜୀବନ ଯେତେବେଳେ ଉଚ୍ଚ ମାଧ୍ୟମର (ମଣିଷ) ଶରୀରରେ ବିଚରଣ କରେ, ସେତେବେଳେ ଶରୀର ପାଲଟିଯାଏ ଏକ ମନୋରମ ରଙ୍ଗମଞ୍ଚ। ମସ୍ତିଷ୍କ ହୁଏ ଆକାଶ, ମନ ହୁଏ ମେଘ ଏବଂ ବିଜୁଳି ହୁଏ ଆବେଗ। ଆଉ ଏହି ବିଭୋର ଉତ୍ସବରେ ଭିନ୍ନ ଭିନ୍ନ ଅନୁଭବ, ଯେଉଁ ଭାବର ପରିବେଷଣ କରନ୍ତି ତାହା ହୁଏ ରସର ବର୍ଣ୍ଣାଳି। ରସ ଉତ୍ପତ୍ତି ହୁଏ ସେତେବେଳେ, ଯେତେବେଳେ ଯୁକ୍ତ ଏବଂ ବିଯୁକ୍ତାତ୍ମକ ଭାବସତ୍ତା ସାନ୍ଦ୍ରରୁ ସାନ୍ଦ୍ରତର ହୋଇ ଗୁମ୍ଫିତ ହୋଇଯାନ୍ତି ଭାସମାନ ମନରେ। ମନ ସେଗୁଡ଼ିକୁ ଅଧିକ ସମୟ ଧରି ରଖିପାରନ୍ତା ନାହିଁ ଯଦି ମସ୍ତିଷ୍କରେ ସେମାନଙ୍କ ପାଇଁ ଖୋଲା କାନ୍‌ଭାସ୍ ନ ଥାଆନ୍ତା। ସେମାନଙ୍କୁ ଯଥାଯଥ ରୂପରେ ଆଙ୍କିପାରନ୍ତା ନାହିଁ ଯଦି ପରିମିତ ପରିମାଣରେ ହରମୋନ୍‌ର ତୂଳୀ ନ ଥାନ୍ତା। ସେମାନଙ୍କୁ ଠିକ୍ ଢଙ୍ଗରେ ରଙ୍ଗେଇ ପାରନ୍ତା ନାହିଁ ଯଦି ଉପଯୁକ୍ତ ସ୍ନାୟବିକ ସଙ୍କେତର ନିର୍ଦ୍ଦେଶ ନ ମିଳନ୍ତା। ବସ୍ତୁତଃ 'ରସ' ସୃଷ୍ଟିର ପୃଷ୍ଠଭୂମିରେ ରହିଛି ନାନାବିଧ ଜୈବିକ ପ୍ରକ୍ରିୟା। ତେଣୁ ସାହିତ୍ୟ, ସଙ୍ଗୀତ ଓ ଚିତ୍ରରେ ରସ ସଞ୍ଚାର ଘଟିଲା ବେଳେ କବି, ଶିଳ୍ପୀ ଓ ଚିତ୍ରକର ନିଜ ଅଜାଣତରେ ସେହି ବୈଜ୍ଞାନିକ ସତ୍ୟରେ ସ୍ନାନ କରି ସାରିଥାନ୍ତି। ବିଦଗ୍ଧ ଦର୍ଶକ, ଶ୍ରଦ୍ଧାଶୀଳ ଶ୍ରୋତା ଏବଂ ତନ୍ମୟ ପାଠକ ମଧ୍ୟ ଆପେ ଆପେ ସେହିପରି ଏକ ରାସାୟନିକ ରଙ୍ଗମଞ୍ଚକୁ ପ୍ରବେଶ କରନ୍ତି। ଲେଖକ ଓ ପାଠକଙ୍କ ମଧ୍ୟରେ ଯେଉଁ ସମ୍ପର୍କର ସେତୁଟି ସ୍ଥାପିତ ହୁଏ, ତାହା ଏକ ରାସାୟନିକ ବନ୍ଧନ ଛଡ଼ା ଆଉ କିଛି ନୁହେଁ।

ଭିନ୍ନ ଭିନ୍ନ ଆବେଗ ପାଇଁ ମସ୍ତିଷ୍କରେ ରହିଛି ପୃଥକ୍ ପୃଥକ୍ କେନ୍ଦ୍ର। ସେମାନଙ୍କ ନିର୍ଦ୍ଦେଶରେ କ୍ଷରିତ ହୁଏ ଅଲଗା ଅଲଗା ନ୍ୟୁରୋଟ୍ରାନ୍‌ସ୍‌ମିଟର। ସେମାନେ ସଂଜ୍ଞାବାହୀ ଓ ଆଜ୍ଞାବାହୀ ସ୍ନାୟୁ ସହିତ ଯୋଗସୂତ୍ର ରକ୍ଷାକରି ବିଦ୍ୟୁତ୍ ଚୁମ୍ବକୀୟ ସଙ୍କେତ

ମାଧ୍ୟମରେ ଆବେଗରେ ପୂର୍ତ୍ତି ଆଣନ୍ତି । ପୂର୍ତ୍ତିର ଚରମ ମୁହୂର୍ତ୍ତରେ ପ୍ରକାଶ ପାଏ ଭୟ, କ୍ରୋଧ, ଘୃଣା, ପ୍ରେମ ଇତ୍ୟାଦି ।

ମାତ୍ର ଇନ୍ଦ୍ରଧନୁର ମହିମାରେ ସମ୍ମୋହିତ ମାନବ ଜାଣିପାରେ ନାହିଁ ଯେ ସେ ବର୍ଣ୍ଣୋତ୍ସବର ବିନ୍ଧାଣି । କାରଣ ସେତେବେଳେ ସେ ବନ୍ଦୀ ହୋଇ ସାରିଥାଏ ଆନନ୍ଦର ଅଣସର ଘରେ । ଜଳକଣାରେ ପ୍ରତିସରିତ ରହସ୍ୟମୟ ରଶ୍ମି ପରି ଶରୀରରେ ପ୍ରତି କୋଷରୁ ବିଚ୍ଛୁରିତ ହେଉଥିବା ଅବିଭୂତ ଐଶ୍ୱର୍ଯ୍ୟକୁ ବୁଝିବାର ସ୍ଥିତିରେ ସେ ନ ଥାଏ ।

ସଂଚରଣଶୀଳ ଜଳଦ ହିଁ ସଂଗ୍ରହ କରିପାରେ ଧୂଳିକଣା ଏବଂ ସଂଚୟ କରିପାରେ ଜଳବିନ୍ଦୁ । ମନ ନିର୍ମିତ କଳ୍ପନା ହେଉଛି ଧୂଳି ଏବଂ ଜଳ ହେଉଛି ଚିନ୍ତା । କଳ୍ପନା ଓ ଚିନ୍ତାରେ ମେଦୁରିତ ମନ କେବଳ ସୃଜିପାରେ ରସର ଶ୍ରାବଣ । ତାହା କୁଣ୍ଡାଝଡ଼ା ଫିସ୍ ଫିସ୍ ଜଳ ପରି ଜକେଇପାରେ ଚର୍ମକୁ, ଝିପିଝିପି ବାରି ପରି ଭିଜେଇପାରେ ଦେହକୁ ଏବଂ ମୂଷଳ ବର୍ଷା ପରି ପ୍ଲାବିତ କରିପାରେ ଅଷ୍ଟାଙ୍ଗ । ମାତ୍ର ଭାବନାର ନାଭିଚକ୍ର ମନନ ଓ ମମତାରେ ମନୋଜ୍ଞ ନ ହେଲା ଯାଏ ତାହା ଆନନ୍ଦର ଆଭା ପ୍ରାପ୍ତ ହୁଏ ନାହିଁ । ସ୍ୱଚ୍ଛତା ହି ସମ୍ମୋହନର ସୂତ୍ର ।

**ଆକାଶ ପରି ବ୍ୟାପ୍ତ ମସ୍ତିଷ୍କର ଠାଏ ଠାଏ ମନ ମେଘ ପରି ଅଟକିଯାଇ ରସ ବର୍ଷା କରାଏ ।**

## ରସଚର୍ଯ୍ୟାର ପ୍ରମୁଖ ପୀଠ

ସମଗ୍ର ମସ୍ତିଷ୍କ ପ୍ରତ୍ୟେକ ରସଚର୍ଯ୍ୟାରେ ଅଂଶଗ୍ରହଣ କରେ ନାହିଁ । ଆକାଶ ପରି ବ୍ୟାପ୍ତ ମସ୍ତିଷ୍କର ଠାଏ ଠାଏ ମନ ମେଘ ପରି ଅଟକିଯାଇ ରସ ବର୍ଷା କରାଏ । ତେଣୁ ଗୋଟିଏ ଅଞ୍ଚଳ ରସସ୍ନାତ ହେଲାବେଳେ ଅନ୍ୟ ସ୍ଥାନ ରହିପାରେ ବୃଷ୍ଟିଛାୟା ଅଞ୍ଚଳ ପରି ଶୁଷ୍କ । ପୁଣି ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣୀ ଓ ପୁଷ୍କର ଭେଦରେ ସେମାନେ ଝରାଇ ପାରନ୍ତି ହାସ୍ୟ, କରୁଣ, ଶୃଙ୍ଗାର କି ବୀରତ୍ୱର ବର୍ଷା ।

କିଛି ସ୍ନାୟୁପୁଞ୍ଜ ଏକତ୍ର ହୋଇ ଗଠନ କରନ୍ତି ରସର ସ୍ଥାୟୀ ରଙ୍ଗମଞ୍ଚ । ସେଠାରେ ବର୍ଷ ସାରା ଅଭିନୀତ ହୁଏ ପୃଥକ ପୃଥକ ନାଟକ ଭିନ୍ନ ଭିନ୍ନ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ । ମାତ୍ର ସବୁବେଳେ ନାୟକ-ନାୟିକା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ନର-ନାରୀ । ଯେଉଁ ନାୟକ ଗୋଟେ ରଙ୍ଗମଞ୍ଚରେ ଗାଣ୍ଡିବ ଧାରଣ କରି ଯୁଦ୍ଧର ଡାକରା ଦିଏ ସେ ପୁଣି ସେହିଠାରେ ଅସ୍ତ୍ର ସମ୍ବରଣ କରି ହୋଇପଡ଼େ ବିଷାଦଗ୍ରସ୍ତ । ଗୋଟେ ମଞ୍ଚରେ ହସୁଥିବା ଅଭିଜ୍ଞ ଅଭିନେତା ଆର ମଞ୍ଚରେ କାନ୍ଦି କାନ୍ଦି ହୋଇପଡ଼େ ଦୁଃଖାର୍ତ୍ତ କରୁଣ । ମଞ୍ଚର ମାୟାରେ ପଡ଼ି ସଞ୍ଜକୁ ଡରୁଥିବା ନାୟିକା ନିଃସଙ୍ଗ ଓ ନିଶଙ୍କ ହୋଇ ନିସ୍ତବ୍ଧ ରାତିରେ ବି ନିକାଞ୍ଚନ ସ୍ଥାନରେ ରଚିପାରେ ଅଭିସାର । ଶୃଙ୍ଗାର ଚେତନା ସାମାଜିକ ଶୃଙ୍ଖଳାର ସରହଦ ଟପି ନୀତି ନିୟମର ଲକ୍ଷ୍ମଣରେଖାକୁ ଆଡ଼େଇ ଭେଟିପାରେ ରତିମୁଦ୍ରାରେ ଯୋଗାରୂଢ଼ ତୃପ୍ତି । ଭୟରେ ଭୂଇଁ ଦୁଲୁକାଉଥିବା ଖଳନାୟକ ଜଡ଼ବାତ୍ୟା ଓ ଅଗ୍ନ୍ୟୁଦ୍‌ଗିରଣ ନିକଟରେ ମୁହୂର୍ତ୍ତକରେ ହୋଇପଡ଼େ ତୁଚ୍ଛ ଓ ନଗଣ୍ୟ ।


ରସର ସବୁ ରଙ୍ଗମଞ୍ଚ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ଯେତେଗୁଡ଼ିଏ ଆବିଷ୍କୃତ ହୋଇଛି ସେସବୁର ସମ୍ୟକ ସ୍ୱରୂପ ଦେବାକୁ ମୁଁ ଯୁକ୍ତିଯୁକ୍ତ ମଣୁ ନାହିଁ । ସଂକ୍ଷେପରେ ସେଗୁଡ଼ିକ ହେଉଛି ଏମିଗଡାଲା, ହିପୋକ୍ୟାମ୍ପସ୍, ହାଇପୋଥାଲାମସ୍, ପ୍ରିଫ୍ରଣ୍ଟାଲ କର୍ଟେକସ୍, ପାରେଇଟାଲ ଲୋବ ଏବଂ ବେସାଲ ଗାଙ୍ଗ୍ଲିଆ । ଅନେକ ଆଗରୁ ନଅଟି ନାଟକ ଅଭିନୟ ହୋଇ ଆସୁଛି ଯଥା : ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ଅଦ୍ଭୁତ, ଡ୍ରାମା ଓ ଶାନ୍ତରସ । ବୈଜ୍ଞାନିକମାନେ ଆଉ ଦୁଇ ପ୍ରକାରର ନାଟକ ଅଭିନୟ ହେଉଥିବାର ଲକ୍ଷ୍ୟ କରିଛନ୍ତି । କେତେକ ରସଶାସ୍ତ୍ରୀ ମଧ୍ୟ ଏହାକୁ ସ୍ୱୀକାର କରୁଛନ୍ତି । ସେହି ଦୁଇଟି ଅତ୍ୟନ୍ତ ଉଚ୍ଚକୋଟିର ରସ ଏଥିରେ ଦ୍ୱିରୁକ୍ତି ନାହିଁ । ସେହି ଦୁଇଟି ହେଉଛି ପ୍ରେୟାନ୍ ରସ ବା ବାତ୍ସଲ୍ୟ ରସ ଏବଂ ଭକ୍ତିରସ ।

## ରଙ୍ଗମଞ୍ଚର ନିର୍ଦ୍ଦେଶକ

ରସଚର୍ଯ୍ୟା ପାଇଁ ଛାମୁଆଁ ନିର୍ଦ୍ଦେଶକ ଅଛନ୍ତି ଅନେକ, ସେମାନେ ନିଜ ନିଜର ନିଷ୍ଠା ଓ ପରାକାଷ୍ଠା ପାଇଁ ବେଶ୍ ପ୍ରତିଷ୍ଠିତ । ସେମାନଙ୍କର ଆନ୍ତରିକତା ନ ରହିଲେ ରସ ପାଣିଚିଆ ହୋଇଯାଏ । ତେଣୁ ସେମାନେ ଏକାଗ୍ର ଚିତ୍ତରେ ରସର ନିଖୁଣ ପରିବେଷଣ ପାଇଁ ପ୍ରଚେଷ୍ଟା କରନ୍ତି । ଉକ୍ତ ନିର୍ଦ୍ଦେଶକମାନେ ଆଉ କେହି ନୁହନ୍ତି କେତେକ ରସାୟନିକ ପଦାର୍ଥ । ସେମାନେ ସ୍ନାୟୁ-ସ୍ନାୟୁ ମଧ୍ୟରେ ସମ୍ପର୍କ ସ୍ଥାପନ କରୁଥିବାରୁ ସେମାନଙ୍କୁ ନ୍ୟୁରୋଟ୍ରାନ୍ସମିଟର କୁହାଯାଏ ।

ସଂଜ୍ଞାବାହୀ ସ୍ନାୟୁ ପଞ୍ଚେନ୍ଦ୍ରିୟ ସହାୟତାରେ ଦୃଷ୍ଟି, ଶ୍ରୁତି, ସ୍ୱାଦ, ସ୍ପର୍ଶ ଓ ଗନ୍ଧ ଗ୍ରହଣ କରି ମସ୍ତିଷ୍କକୁ ପ୍ରେରଣ କରନ୍ତି। ଜ୍ଞାନେନ୍ଦ୍ରିୟ ତା'ର ବିଶ୍ଳେଷଣ କରନ୍ତି ଆଉ କର୍ମେନ୍ଦ୍ରିୟ ପ୍ରକାଶ କରନ୍ତି ପ୍ରତିକ୍ରିୟା। ଜ୍ଞାନ ହିଁ ସ୍ଥାୟୀଭାବ ଏବଂ ପ୍ରତିକ୍ରିୟା ହିଁ ସଞ୍ଚାରୀଭାବ। ଆଉ ଏ ସମସ୍ତ ପ୍ରକ୍ରିୟା ପରିଚାଳିତ ହୁଏ ନ୍ୟୁରୋଟ୍ରାନ୍ସମିଟରଙ୍କ ତୀକ୍ଷ୍ଣ ତତ୍ତ୍ୱାବଧାନରେ।

ନ୍ୟୁରୋଟ୍ରାନ୍ସମିଟରର ବହଳତା, ପରିମାଣ ଓ ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ରସର ମାଧୁର୍ଯ୍ୟ- ନଦୀ ପରି ସେମାନେ ମନୋଭୂମିକୁ ଉର୍ବର କରନ୍ତି। ଜୁଆର ଭଟ୍ଟାରେ ସୃଷ୍ଟି କରନ୍ତି ବନ୍ୟା ଓ ମରୁଡ଼ି। ନିର୍ଦ୍ଦେଶକ ନୀରବ ହୋଇ ପଡ଼ିଲେ ଅଭିନୟ ଅସଙ୍ଗତ ହୋଇଯାଏ। ନିର୍ଦ୍ଦେଶକ ଢିଲା ହୋଇଗଲେ ଅଭିନେତା ଅଭିନେତ୍ରୀ ସ୍ୱାଧୀନ ହୋଇ ଯାଆନ୍ତି। ପୁଣି ଅତିରିକ୍ତ କଠୋର ହୋଇପଡ଼ିଲେ ନାୟକ-ନାୟିକା ସଂଳାପ ଭୁଲି ପ୍ରଳାପ କରନ୍ତି। ଏପରି ଅସଂଲଗ୍ନ ଅବସ୍ଥାରେ ପ୍ରେମ କବିତା ଅଧାଲେଖାରେ ରହିଯାଏ ଏବଂ କରୁଣ କାହାଣୀ ଅଟକିଯାଏ ଅଧାକୁହାରେ। କ୍ରୋଧ କୁହୁଳା କଳିଜାରୁ ଉଠି ପ୍ରଜ୍ୱଳିତ ରୂପ ନେଇପାରେ ନାହିଁ। କାନ୍ଦ ଫୁଟେ ନାହିଁ ଲୁହରେ। ହସ ଉକୁଟେ ନାହିଁ ବ୍ୟଙ୍ଗରେ। ଅଧା ଅଧାରେ ଅଶକ୍ତ ହୋଇଯାଏ ଅନୁଭବ।



ରସକୁ ଶଣ୍ଣା ଶିଖାଉଥିବା, ଶୁଦ୍ଧ କରୁଥିବା ଏବଂ ମୁକୁଳିତ କରୁଥିବା କେତୋଟି ମୁଖ୍ୟ ନ୍ୟୁରୋଟ୍ରାନ୍ସମିଟର ହେଉଛନ୍ତି ଡିପୋସିନ୍, ଅକ୍ସିଟୋସିନ୍, ଭାସୋପ୍ରେସିନ୍, ସିରୋଟୋନିନ୍, ଇଷ୍ଟ୍ରୋଜେନ, ପ୍ରୋଜେଷ୍ଟିରନ୍, ନରଏପିନେଫ୍ରିନ୍ ଓ କର୍ଟିସଲ୍। ଏଠାରେ ଏତକ ଜାଣିଲେ ଯଥେଷ୍ଟ ହେବ ଯେ ଗୋଟିଏ ରସର ସଫଳ ରୂପାୟନ ପାଇଁ ଏକାଧିକ ନ୍ୟୁରୋଟ୍ରାନ୍ସମିଟର ସହଯୋଗର ହାତ ବଢ଼ାଇ ଥାଆନ୍ତି। ପୁଣି ଓଭର ଏକ୍ଟିଂରେ ନାଟକକୁ ଭେରଷା କି ହାସ୍ୟାସ୍ପଦ ନ କରିବା ପାଇଁ ବିରୁଦ୍ଧାଚରଣ କରୁଥିବା ନ୍ୟୁରୋଟ୍ରାନ୍ସମିଟରର ଉପସ୍ଥିତିକୁ ଗୁରୁତ୍ୱ ଦିଆଯାଏ।

**ମୁଖ୍ୟ ସ୍ନାୟୁ-ସଞ୍ଚାରକ**

୧. ନରଏପିନେଫ୍ରିନ୍ (Norepinephrine) - ଯୁଦ୍ଧ ଓ ପଳାୟନର ପଥ ପ୍ରଦର୍ଶକ।
   ତେଣୁ ସାହସ-ଧୈର୍ଯ୍ୟ-ଉତ୍ସାହ ସହ ସମ୍ପୃକ୍ତ ହୋଇଥିବା ରୌଦ୍ର, ବୀର, କରୁଣ, ଶୃଙ୍ଗାର ଆଦି ରସର ପରିପୂରକ।

୨. ଡୋପାମିନ (Dopamine) - ଆନନ୍ଦ ଓ ଆଗ୍ରହର ଆବାହକ।
   ତେଣୁ ପ୍ରେମ-ପ୍ରତାରଣା, ସ୍ନେହ-ସୌନ୍ଦର୍ଯ୍ୟ ଓ ନିନ୍ଦା-ପ୍ରଶଂସା, ଆବେଗ-ସମୃଦ୍ଧ, ହାସ୍ୟ-ଶୃଙ୍ଗାର, ବାତ୍ସଲ୍ୟ ଓ ବୀଭତ୍ସ ରସର ସଞ୍ଚାରକ।

୩. ସିରୋଟୋନିନ୍ (Serotonine-5HT) - ନିଦ୍ରା, ମୋହ ଓ ଶାନ୍ତିର ପ୍ରବର୍ତ୍ତକ।
   ତେଣୁ ଭୟ-ବିସ୍ମୟ-ଶାନ୍ତ ଅନୁଭବକୁ ପ୍ରକାଶ କରୁଥିବା ଅଦ୍ଭୁତ, ଭୟାନକ ଏବଂ ଶାନ୍ତ ରସର ସ୍ରଷ୍ଟା।

ବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁବିଧ ଆବେଗ ମଧ୍ୟରୁ କ୍ରୋଧ, କରୁଣ, ଭୟ, ଆନନ୍ଦ ଓ ଆସ୍ଥା ହେଉଛନ୍ତି ପଞ୍ଚ ପ୍ରମୁଖ। ଆଉ ପ୍ରତ୍ୟେକ ରସ ଉପରେ ରହିଛି ସ୍ମୃତି-ଅନୁଭୂତି, ଶିକ୍ଷା-ସଂସ୍କୃତି ଓ ବ୍ୟବହାର-ବୈଶିଷ୍ଟ୍ୟର ପ୍ରଭାବ।

ମନନ-ଚିନ୍ତନ-ଆବେଗ ଗୋଟିଏ ଗୋଟିଏ ଶକ୍ତି। ଏହାର ଶାବ୍ଦିକ ରୂପାନ୍ତର ହେଉଛି କବିତା-ଗଳ୍ପ-ନିବଂଧ। ଆଇନଷ୍ଟାଇନଙ୍କ ଆପେକ୍ଷିତ ତତ୍ତ୍ୱ ଅନୁସାରେ ବସ୍ତୁକୁ ଆଲୋକର ବେଗ ପ୍ରଦାନ କଲେ ତାହା ଶକ୍ତି ହୋଇଯିବ ଏବଂ ଶକ୍ତିକୁ ସଂକେନ୍ଦ୍ରିତ କଲେ ତାହା ବସ୍ତୁ ହୋଇଯିବ। ସାରସ୍ୱତ ଜଗତରେ ଏହି ଦୁଇଟି ପ୍ରକ୍ରିୟା ଅନୁଷ୍ଠିତ ହେଉଛି। ଲେଖାଲିପ୍ସୁ ସାଧକ ତୀବ୍ର ଆବେଗକୁ କେନ୍ଦ୍ରିଭୂତ କରି ଥାପି ଦିଅନ୍ତି ଅକ୍ଷରରେ- ସେ ହୋଇଯାଏ ଅକ୍ଷର ବ୍ରହ୍ମ। ଶ୍ରଦ୍ଧାଶୀଳ ପାଠକ ଶବ୍ଦରେ ଲିପିବଦ୍ଧ ସେହି ଶକ୍ତିର ସଂପ୍ରସାରଣ କରି ପାଆନ୍ତି ଆନନ୍ଦ-ରସର ନିର୍ଯ୍ୟାସ-ଭାବର ଭାସ୍କର୍ଯ୍ୟ। ଏହି ରୂପାନ୍ତର ପ୍ରକ୍ରିୟାର ସୂତ୍ରଧର ହେଉଛନ୍ତି ନ୍ୟୁରୋଟ୍ରାନ୍ସମିଟର-ପ୍ରତିଭାର ରୂପକାର-ରସର ଉତ୍ପାଦକ ଓ ଆସ୍ୱାଦକ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dr.duryodhan.das@gmail.com

ଅନୁଭୂତି



# କଳିଙ୍ଗ ଷଣ୍ଢଙ୍କ ହାବୁଡରେ ଦିନେ

ଅଧ୍ୟାପକ ଭାବଗ୍ରାହୀ ବଳ

କଥାଟା କାନକୁ ଟିକେ ଅଖାଡୁଆ ଲାଗିଲେ ବି ଘଟଣାଟି ସତ। ଅବଶ୍ୟ କେହି ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଚାହିଁ ନ ଥାନ୍ତି। ଅନେକ ସମୟରେ ଅପ୍ରତ୍ୟାଶିତ ଭାବରେ ଏମିତି କିଛି ଘଟିଥାଏ। ବିନା ପୂର୍ବ ପ୍ରସ୍ତୁତିରେ ହେଉଥିବାରୁ ଯେ କେହି ହଡ଼ବଡ଼େଇ ଯିବା ସ୍ୱାଭାବିକ। କିନ୍ତୁ ଧୈର୍ଯ୍ୟ ଧରି ପରିସ୍ଥିତିର ସାମ୍ନା କରିବାକୁ ହେବ। ନଚେତ୍, "ମରଣ କାଳେ ନିଦ୍ରା ଗଲେ, ଯମ କି ଛାଡିଦେବ ଭଲେ," ନ୍ୟାୟରେ ଖସି ଯିବାର କିଛି ସହଜ ବାଟ ନାହିଁ। ଇଏ ଗୋଟିଏ ସାଂଘାତିକ ଅବସ୍ଥା। ଏଥିରୁ ମୁକୁଳିବା ମଧ୍ୟ ଏକ ସାଂଘାତିକ ବ୍ୟାପାର। ଯିଏ ଏଭଳି ଘଟଣା ବା ଦୁର୍ଘଟଣାର ମୁହାଁମୁହିଁ ହୋଇଛନ୍ତି ସେମାନଙ୍କ ମୁହଁରୁ ଶୁଣିଲେ ଯାଇ କଥାଟି ବିଶ୍ୱାସଯୋଗ୍ୟ ହେବ, ଆଉ ମନକୁ ପାଇବ। ହଁ ଏମିତି ଏକ ଘଟଣା ମୋ ଜୀବନରେ ଘଟିଥିଲା। ଏବେ ବି ସେ ସମୟର ଚିତ୍ର ମୋ ମନରେ ସ୍ପଷ୍ଟ ଆଙ୍କି ହୋଇ ରହିଛି। ମନେ ପଡ଼ିଲେ ଜଳ ଜଳ କରି ନାଚି ଉଠେ।



ସେ ଥିଲା ୨୩/୨୪ ବର୍ଷ ତଳର କଥା। ଅଧ୍ୟାପନାରୁ ବିରତ ହେବାକୁ ତଥାପି କିଛି ବର୍ଷ ବାକି ଥାଏ। ୪/୫ ଜଣ ଅଧ୍ୟାପକ ବନ୍ଧୁ ମିଶି ଏକ ସମସ୍ୟା ନେଇ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ବାହାରେ ଅପେକ୍ଷାରତ। ସମୟଟି ଥିଲା ବିଜୁବାବୁଙ୍କ ରାଜନୀତିର ଶେଷ ଅଧ୍ୟାୟ। ସେ ମୁଖ୍ୟମନ୍ତ୍ରୀ ଥା'ନ୍ତି। ତେଲ ଦର ପ୍ରତିବାଦରେ ମନ୍ତ୍ରୀ, ନେତା, ଅଫିସର ସବୁ ସରକାରୀ ଗାଡି ଛାଡି ରିକ୍ସା, ସାଇକେଲ, କେହି ଅନ୍ୟର ମଟର ସାଇକେଲରେ ସଚିବାଳୟକୁ ଯିବା ଆସିବା କରୁଥାନ୍ତି। ଜଣେ ଅଧେ କେହି (ସଚିବ) ଘୋଡା ଚଢ଼ି ମଧ୍ୟ ଅଫିସ ଯିବାର ନଜିର ରହିଛି। ମୁଖିଆ ହୋଇଥିବା ହେତୁ ବିଜୁବାବୁ ପ୍ରେରଣାର ଉତ୍ସ ଥିଲେ। ସେ ରିକ୍ସାରେ ନବୀନ ନିବାସରୁ ସଚିବାଳୟ ଯିବା ଆସିବା କରୁଥାନ୍ତି। ଆଗରେ ପଛରେ ବହୁତ କମ୍ ସୁରକ୍ଷା ପୋଲିସ ନେଉଥାନ୍ତି। ସେ ସମୟରେ ସେ ମହିଳା ସଶକ୍ତୀକରଣ ଦିଗରେ ନୂଆ ଦୁଇଟି ଯୋଜନା କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ ମାଡ ତତ୍ତ୍ୱର ଆହ୍ୱାନ ଦେଇଥାନ୍ତି। ପୁରୁଷ ଓ ମହିଳା ଶ୍ରମିକମାନଙ୍କ ପାଇଁ ସମାନ ମଜୁରି ଧାର୍ଯ୍ୟ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି।

ବିଜୁବାବୁ ଯାହା ଉଚିତ ମନେ କରୁଥିଲେ ତାକୁ ସଙ୍ଗେ ସଙ୍ଗେ କାମରେ କରି ଦେଖାଉଥିଲେ। ମହିଳାମାନଙ୍କ ପାଇଁ ତାଙ୍କର ଯଥେଷ୍ଟ ସମ୍ମାନ ଓ ଭଲ ପାଇବା ଥିଲା ବୋଲି ସମସ୍ତଙ୍କୁ ଜଣା ଥିଲା। ବୟସର ଅପରାହ୍ନରେ ମଧ୍ୟ ତାଙ୍କର ଯୁବକର ସାହସ ଓ ଉଦ୍ଦାମତା ଅକ୍ଷୁର୍ଣ୍ଣ ରହିଥିଲା। ନିର୍ବାଚନରେ ପରାଜୟ କିମ୍ବା ବିପୁଳ ଧନହାନି ତାଙ୍କ ଦୃଢ଼ ମନୋବଳକୁ ନଷ୍ଟ କରିପାରି ନ ଥିଲା। ତେଣୁ "ହାତୀ ଥିଲେ ଲକ୍ଷେ ଟଙ୍କା, ମଲେ ଲକ୍ଷେ ଟଙ୍କା" ଭଳି ସେ ରାଜ୍ୟ ତଥା ଦେଶରେ ଜଣେ ତୁଙ୍ଗ ନେତା ଭାବେ ଶାସକ ଓ ବିରୋଧୀ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ।

ଏ ସବୁ ସତ୍ତ୍ୱେ ସେ କ୍ଷଣକୋପୀ ଓ ବଦ୍‌ରାଗୀ ସ୍ୱଭାବର ମଧ୍ୟ ଥିଲେ। ଜଣେ ସାହସୀ ଓ ଗୁଣୀ ବ୍ୟକ୍ତି ତାଙ୍କୁ ସହଜରେ ନିଜର କରିପାରୁଥିଲେ କାରଣ ସେ ସମସ୍ତଙ୍କୁ ସାହସୀ ଓ ଯୋଗ୍ୟ ହେବାକୁ ଉତ୍ସାହିତ କରୁଥିଲେ। ସମ୍ରାଟ ଖାରବେଳ ତାଙ୍କର ଆଦର୍ଶ ଥିଲେ। ହରେକୃଷ୍ଣ ମହତାବଙ୍କୁ ଉତ୍କଳ କେଶରୀ କହିବା ବେଳେ ଲୋକମାନେ ବିଜୁବାବୁଙ୍କୁ କଳିଙ୍ଗ ଷଣ୍ଢ କହିବାକୁ

ଭଲ ପାଉଥିଲେ। ମନ୍ତ୍ରୀ ଓ ଅଫିସରମାନେ ତାଙ୍କୁ ସାମ୍ନା କରିବାକୁ ଦୋ ଦୋ ପାଞ୍ଚ ହେଉଥିଲେ। ବ୍ରହ୍ମା ବିଳି ବିଳେଇଲେ ବେଦ ପରି କେତେବେଳେ କାହାକୁ କ'ଣ କହିଦେବେ ଏ ଭୟ ସମସ୍ତଙ୍କର ରହିଥାଏ।

ମୁଁ କହିବାକୁ ଯାଉଥିବା ଘଟଣାରେ ସେଇ କଳିଙ୍ଗ ଷଣ୍ଢ ଥିଲେ ହିରୋ। ଘଟଣାଟି ଏମିତି ହଠାତ୍ ଆଖି ପିଛୁଳାକେ ଘଟିଯିବ କେହି ଭାବି ନ ଥିଲେ। ସମୟ ଦିନ ୧୦ ରୁ ୧୧ ମଧ୍ୟରେ। ବିଜୁ ବାବୁ (ମୁଖ୍ୟମନ୍ତ୍ରୀ) ନିଜ ବାସଭବନ ନବୀନ ନିବାସରୁ ବାହାରି ରାଜ୍ୟ ସଚିବାଳୟକୁ ଯାଉଥିଲେ। ରିକ୍ସାରେ ବସିଥାଆନ୍ତି। ରିକ୍ସାବାଲା ମଧ୍ୟ ଧୀରେ ସୁସ୍ଥେ ରିକ୍ସା ଚଳାଉଥାଏ। ତାଙ୍କ ପଛେ ପଛେ ପୋଲିସ ଗାଡି ରିକ୍ସା ବେଗରେ ଚାଲୁଥାଏ। ସେଥିପ୍ରତି ବିଜୁବାବୁଙ୍କ ନିଘା ନ ଥାଏ। ଏଜି ଛକ ପ୍ରାୟ ଏକ ଫର୍ଲଙ୍ଗ ଆଗରେ ଥାଏ। ଆମେ ସବୁ ଅଧ୍ୟାପକ ବନ୍ଧୁମାନେ କିଛି ଦୂରରେ ଥାଉ। ଏତିକିବେଳେ ଆଉ ଏକ ରିକ୍ସାରେ ଜଣେ ବୁଢ଼ୀ ମାଉସୀ ଏଜି ଛକରୁ ରାଜଧାନୀ ହସ୍ପିଟାଲ ଆଡକୁ ଯାଉଥାଏ। ବୋଧହୁଏ ରିକ୍ସାବାଲାଟି ମୁଖ୍ୟମନ୍ତ୍ରୀଙ୍କୁ ଚିହ୍ନିଥିଲା। ତାଙ୍କୁ ଦେଖି ଟିକେ ହଡବଡେଇ ଗଲା। ଜଲ୍‌ଦି ଗୋଟିଏ କଡକୁ ନେଉ ନେଉ ରିକ୍ସାଟି କଡେଇ ହୋଇ ପଡିଗଲା। ସେଥିରେ ବସିଥିବା ବୁଢ଼ୀ ମାଉସୀ ସଙ୍ଗେ ସଙ୍ଗେ ତଳେ ପଡିଗଲେ। ଅବଶ୍ୟ ସେତେବେଳେ ମୁଖ୍ୟମନ୍ତ୍ରୀ ଆସୁଥିବାରୁ ଯାନବାହନ ଟିକେ କମ୍ ଥିଲା। କେହି ଜଣେ ହାଁ ହାଁ କରୁ କରୁ ଆମେ ଯାଇ ସେଠାରେ ହାଜର। ଆମେ ପହଞ୍ଚୁ ପହଞ୍ଚୁ ବିଜୁବାବୁ ମଧ୍ୟ ସେଠାରେ ପହଞ୍ଚିଗଲେ। 'ପୁଅର ମାମୁ' ଶବ୍ଦରେ ଆମକୁ ସମ୍ବୋଧନ କରି କହିଲେ, "ମୋ ମାଆ ପଡିଗଲା। ଆଉ ତମେମାନେ ପକେଟରେ ହାତ ପୂରାଇ ଦର୍ଶକ ସାଜିଛ ? ଖାଲି ସେତିକିରେ କଥାଟି ସରିଲା ନାହିଁ। ମୁଁ ବୁଢ଼ୀ ମାଉସୀକୁ ତଳୁ ଉଠାଉ ଉଠାଉ ବିଜୁବାବୁ ମଧ୍ୟ ତାଙ୍କୁ ଉଠିବାରେ ସାହାଯ୍ୟ କଲେ। ଯତ୍ନକରି ମାଉସୀର ଦେହ ଝାଡି ଝୁଡି ଦେଇ ପଚାରିଲେ, "ମା' ତୋର କିଛି ହୋଇନି ତ ?" ତା'ପରେ ରିକ୍ସାବାଲାକୁ ତାଗିଦ୍ କରି ସାବଧାନରେ ଘରେ ପହଞ୍ଚାଇ ଦେବାକୁ କହି ତାଙ୍କୁ କିଛି ଟଙ୍କା ଦେଲେ।

ସେଦିନ ବିଜୁବାବୁଙ୍କ ରାଗିବାଟା ସତସତିକା କି ମିଛିମିଛିକା ଥିଲା ଜାଣିପାରି ନ ଥିଲି। ହେଲେ ତାଙ୍କର ମାତୃଜାତିକୁ ଭଲ ପାଇବା ଓ ସମ୍ମାନ ଦେବା କଥାଟି ବୁଝିବାକୁ ବାକି ନ ଥିଲା। ନ ହେଲେ ଆଦିବାସୀ ମହିଳା ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ସେ ନିଜର ପରାମର୍ଶଦାତ୍ରୀ ଭାବରେ ଗ୍ରହଣ କରି ନ ଥାନ୍ତେ। ତାଙ୍କର ମହାନତା ଆଗରେ ମୋର ମୁଣ୍ଡ ନଇଁଗଲା। ତାଙ୍କ ଯୋଗୁ ଓଡ଼ିଶା ଆଜି ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିପାଇଁ କୁହାଯାଇଛି, "ପରିବର୍ତ୍ତିନୀ ଖଳୁ ସଂସାରେ ମୃତଃ କୋ ବା ନ ଜୟତେ, ସା ଜାତୋ ଏନ ଜାତେଂ ଜାତି ବଂଶଃ ସମୃନ୍ନତିମ୍।" ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ବିଜୁବାବୁଙ୍କ ବିଷୟରେ ଶୁଣିଥିବା ଆଉ ପ୍ରତ୍ୟକ୍ଷରେ ତାଙ୍କୁ ଦେଖି କଳନା କରିବାରେ ଢେର ଫରକ୍।

ରିକ୍ସାରେ ବସିବା ପର୍ଯ୍ୟନ୍ତ ସେ କେବଳ ଆମକୁ ଗାଳି କରି ନ ଥିଲେ, ଅଧିକନ୍ତୁ ସେ ଛଅଫୁଟିଆ ମଣିଷଟି ରାଗି ଆମକୁ ଚାପୁଡା ମାରିବା ପାଇଁ ହାତ ଉଠାଇଥିଲେ। ଅନେକ ସମୟରେ ସେ ଏହିପରି ଆଚରଣ କରି ଥାଆନ୍ତି ବୋଲି ଶୁଣିଲୁ। ତାଙ୍କ ନିକଟରେ ଆମେ ସବୁ ବାମନ ଭଳି ଦିଶୁଥିଲୁ। ମାଉସୀ ରିକ୍ସାରେ ବସିବା ସଂଗେ ସଂଗେ ଆମେ ତାଙ୍କୁ ନମସ୍କାର କରି ଦ୍ରୁତ ପଦକ୍ଷେପରେ ସେ ସ୍ଥାନ ପରିତ୍ୟାଗ କଲୁ। କଥାରେ ଅଛି, "ଯଃ ପଳାୟତି ସଃ ଜୀବତି।" ନଚେତ୍ ଗୋଟେ ଦିଟା କର୍ଣ୍ଣମୂଳିଆ ଖାଇବାରୁ ଆମେ ବଞ୍ଚିତ ହୋଇ ନ ଥାନ୍ତୁ ବୋଧେ। ଗାଈକି ଆଉଁଶି ମନେଇ ହେବ ହେଲେ ମାରଣା ଷଣ୍ଢ ହାବୁଡରେ ପଡିଲେ ଅବସ୍ଥା ଯାହା ହୁଏ ତାହା କେବଳ ଅନୁଭବୀ ବ୍ୟତିରେକେ ବୁଝିବା କଠିନ। ଯାହା ହେଉ ଭାଗ୍ୟ ଭଲ ଥିବାରୁ ଅଳ୍ପକେ ଷଣ୍ଢ ହାବୁଡରୁ ମୁକୁଳିଲୁ। ଚାରିଗୋଡିଆ ଷଣ୍ଢଠାରୁ ଦୁଇଗୋଡିଆ ଷଣ୍ଢ ଯେ କେତେ ଭୟଙ୍କର ତାହା ମୁହାଁମୁହିଁ ହେଲେ ଜାଣିବେ। ଅନୁରୋଧ, ଷଣ୍ଢ ହାବୁଡରେ ପଡିବାକୁ କେବେ ହେଲେ ଦୁଃସାହସ କରିବେ ନାହିଁ।

**ଚାରିଗୋଡିଆ ଷଣ୍ଢଠାରୁ ଦୁଇଗୋଡିଆ ଷଣ୍ଢ ଯେ କେତେ ଭୟଙ୍କର ତାହା ମୁହାଁମୁହିଁ ହେଲେ ଜାଣିବେ।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
bal.bhabagrahi@gmail.com




ପ୍ରବନ୍ଧ

# ମରମରେ ପ୍ରାସ, କଲମରେ ହସ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଏଇ ଜୀବନଟା ବିଷୟରେ ଯଦି କିଛି ଲେଖାଯାଏ ତାହା ଦୁଇ ଧାଡ଼ିରେ ସରିଯିବ; ପୁଣି ଦୁଇ ବସ୍ତା କାଗଜରେ ବି ସରିବ ନାହିଁ। ମୋ ଜୀବନରେ ଏମିତି କିଛି ବିରଳ ଘଟଣା ଘଟିନାହିଁ, ଯାହାକୁ ମୁଁ ଲିପିବଦ୍ଧ କରିବି। ତେବେ କିଛି କିଛି ଘଟିଛି, ଯାହାକୁ ପଢ଼ିଲେ ଆପଣ ଆଶ୍ୱସ୍ତ ହେବେ; ହାଲୁକା ଲାଗିବ। ଏଇ ତ ଆପଣ ଭାବିବେ, 'ଆରେ ଆରେ! ଇଏ କ'ଣ ମୋ କଥା ଲେଖିଛି।' ..... ହଁ, ମୋ କଥା ଆଉ ଆପଣମାନଙ୍କ କଥା ଭିତରେ କେଉଁଠି କେମିତି ଉଣେଇଶ୍-ବିଶ ତଫାତ ଥାଇପାରେ। କିନ୍ତୁ ମୂଳତଃ ପ୍ରାୟ ସମାନ। କାରଣ ଏଇ ତଫାତ୍‌ଗୁଡାକ ପ୍ରାୟ ବ୍ୟକ୍ତିଗତ। ଯିଏ ନିଜକୁ ଯେଉଁ ବାଟରେ ନେବାକୁ ଚାହେଁ, ତା' ବାଟ ତଦ୍ରୂପ ହୋଇଯାଏ।"



ଏହି ଉଦ୍ଧୃତି ହେଉଛି କଲିକତାରେ ପ୍ରାୟତଃ ଜୀବନ ବିତାଇଥିବା ଗ୍ୱାଲିୟର ଘରନାର ଶ୍ରେଷ୍ଠ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକ (୭ ନଭେମ୍ବର ୧୯୩୪- ୧୯ ଜାନୁଆରୀ ୨୦୨୦)ଙ୍କର। ଏହା ତାଙ୍କ ଡାଏରିର ପ୍ରଥମ କେତୋଟି ବାକ୍ୟ।

## ଡାଏରିରୁ ଆତ୍ମଜୀବନୀ

ସାଧାରଣତଃ ଜଣେ ଡାଏରିରୁ ତା'ର ଆତ୍ମଜୀବନୀ ଲେଖିବା ପାଇଁ ନିର୍ଭରଯୋଗ୍ୟ ଉପାଦାନ ପାଇଥାଏ। ସୁନନ୍ଦା ଏକାଧିକ ଡାଏରି ଲେଖିଛନ୍ତି। ତେବେ ଯେଉଁ ଡାଏରିର ପ୍ରଥମ ପୃଷ୍ଠାରେ ଏହା ଲେଖିଛନ୍ତି, ତାର ଅନ୍ୟ ପୃଷ୍ଠାମାନଙ୍କରେ କିଛି ଲେଖାଯାଇ ନ ଥିଲା। ନିଜ ଅନୁଭୂତି ସମ୍ପର୍କରେ। ଜଣାଯାଏ, ଯେ ତାଙ୍କ ଅନ୍ୟ ଡାଏରିମାନଙ୍କରେ କାହାରି କାହାରି ଫୋନ ନମ୍ବର, କେତୋଟି ଛୋଟ ଗୀତ ଇତ୍ୟାଦି ରହିଥିଲା। କିନ୍ତୁ ବ୍ୟକ୍ତିଗତ ଅନୁଭୂତିର ସାମାନ୍ୟ ସୂଚନା ମଧ୍ୟ ନ ଥିଲା।

ଦିବ୍ୟସ୍ରଷ୍ଟା ସୁନନ୍ଦା ଜଣଙ୍କର ଜୀବନର ଯେଉଁ ସାମାନ୍ୟ ବ୍ୟକ୍ତିଗତ ପାର୍ଥକ୍ୟ ପ୍ରସଙ୍ଗ ସୂଚାଇଛନ୍ତି, ତାହା ମହାଭାରତ ପରି ଦୀର୍ଘ ଗ୍ରନ୍ଥ ରଚନା କରିପାରିବ, ଯଦି ଜଣେ ଗଭୀର ଅନ୍ତର୍ଦୃଷ୍ଟି ସହ ବିବେଚନା କରେ। ଏହା ଅନେକ ବ୍ୟକ୍ତିଙ୍କୁ ଆତ୍ମକଥା କହିବାକୁ ପ୍ରେରଣା ଦିଏ। ତେବେ ଏହା ଜଣକର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଅବଶ୍ୟ ଏହା ହୃଦୟଗ୍ରାହୀ ଏବଂ ପାଠକଙ୍କ ଦ୍ୱାରା ଗ୍ରହଣୀୟ ହେବାକୁ ଆଇରିଶ କବି ଓ ନାଟ୍ୟକାର ଓସ୍କାର ୱାଇଲ୍ଡ (୧୮୫୪-୧୯୦୦, ଜନ୍ମ : ଓଫଲିନ)ଙ୍କ ଭାଷା ମନରେ ରଖିବାକୁ ପଡିବ: "ମଣିଷଟିକୁ ମୁଖାଟିଏ ପିନ୍ଧାଇ ଦେଲେ ସେ ସତ କଥା କହେ।" ତେବେ ମୁଖା ଉତାରି ଲେଖିବାକୁ କେତେ ଜଣକ ସତ୍‌ସାହସ ଓ ସାଧୁତା ଅଛି ?

ଏହି ପରିପ୍ରେକ୍ଷୀରେ ଆମ ଭାଷାର କିଛି ହାସ୍ୟ-ସ୍ରଷ୍ଟା ସାହିତ୍ୟିକଙ୍କୁ ଉପସ୍ଥାପନ କରାଯାଇପାରେ। ଆମେରିକୀୟ ସାହିତ୍ୟିକ ଓ ଗ୍ରନ୍ଥାଗାରିକ ଜନ ଭାନ୍‌ପଚେନି (୧୮୪୮-୧୯୨୨, ଜନ୍ମ: ନ୍ୟୁୟର୍କ) ଲେଖିଛନ୍ତି, "ଆଖିରୁ ନିର୍ଗତ ଲୁହଟୋପା ଇନ୍ଦ୍ରଧନୁ ସୃଷ୍ଟି କରିଥାଏ।" କିନ୍ତୁ କିଛି ହାସ୍ୟ ସ୍ରଷ୍ଟା ଅନ୍ତରରେ ଲୁହକୁ ଚାପି ରଖି, ନିଜେ ହସି ଓ ଅନ୍ୟକୁ ହସାଇଥାନ୍ତି, ଯାହାକି ଇନ୍ଦ୍ରଧନୁର ସାତ ରଙ୍ଗର ବର୍ଣ୍ଣାଳିଠାରୁ ଅଧିକ ମନୋରମ ଓ ସାହିତ୍ୟପ୍ରେମୀଙ୍କ ଚିର-ଅଭିଳଷିତ।

ରାଜ କପୁରଙ୍କ ଫିଲ୍ମ 'ମେରା ନାମ ଜୋକର' (୧୯୭୦)ର ନିରଜଙ୍କ ରଚିତ ଓ ମୁକେଶଙ୍କ କଣ୍ଠନାଦରେ ସୁଲଳିତ ଗୀତର ଦୁଇଧାଡି : 'ଅପନେ ପେ ହଁସ କର ଜଗ କୋ ହଁସାୟା, ବନକେ ତମାସା, ମେଲେ ମେ ଆୟା।'

ଅଭିମନ୍ୟୁ ମହାଭାରତର ଗୋଟିଏ ପ୍ରଭାବଶାଳୀ ଚରିତ୍ର। ସୁଭଦ୍ରା ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ରଣକୌଶଳରେ ବିଚକ୍ଷଣ ପୁତ୍ର। ଶ୍ରୀକୃଷ୍ଣ ତାଙ୍କ ମାତୁଳ। ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଦ୍ରୋଣଙ୍କ ଜଟିଳ ଚକ୍ରବ୍ୟୂହ ଏକାକୀ ଭେଦ କରି ସମଗ୍ର କୌରବ ପକ୍ଷକୁ ଚକିତ କରିଦେଲେ। ଶେଷରେ ଅନ୍ୟାୟ ଭାବେ କୌରବ ସପ୍ତରଥୀ ତାଙ୍କୁ ହତ୍ୟା କଲେ, ଚକ୍ରବ୍ୟୂହରୁ ବାହାରି ଆସିବା ପୂର୍ବରୁ।

## ମାତୃଗର୍ଭରେ ଅଭିମନ୍ୟୁ

ଏହି ବିଷୟରେ ପୁରାଣ ଶାସ୍ତ୍ରରେ ଗୋଟିଏ ବର୍ଣ୍ଣନା ରହିଛି। ଅଭିମନ୍ୟୁ ମାତୃଗର୍ଭରେ ଥିବା ବେଳେ ଯୁଦ୍ଧ ବିଷୟରେ ପିତା-ମାତାଙ୍କ କଥୋପକଥନ ଶୁଣି ଜ୍ଞାନପ୍ରାପ୍ତ ହୋଇଥିଲେ। ଦୈବାତ୍ ସେହି ସମୟରେ ଚକ୍ରବ୍ୟୂହରେ ସଫଳ ଭାବେ ପ୍ରବେଶ କରିବା କଥା ଜାଣିପାରିଥିଲେ ମଧ୍ୟ ସେଥିରୁ ବାହାରି ଆସିବା ରହସ୍ୟ ତାଙ୍କ କର୍ଣ୍ଣଗୋଚର ହୋଇ ନ ଥିଲା। କାରଣ ସମ୍ପୂର୍ଣ୍ଣ ଚର୍ଚ୍ଚା ଅର୍ଜୁନ (ଶ୍ରୀକୃଷ୍ଣଙ୍କ ଚକ୍ରାନ୍ତରୁ ?) କରିପାରି ନ ଥିଲେ ପତ୍ନୀଙ୍କ ସହ।

**ବେଳେ ବେଳେ ଆମ ଭିତରେ କେହି କେହି ବ୍ୟକ୍ତିଗତ ଜୀବନରେ ଏଇ ରକମର କଳ୍ପନାକୁ ଏମିତି ବଖାଣୁ ଯେ, ସତ ପରି ଲାଗେ।**

ହୁଏତ କେହି କେହି ଏହାକୁ କପୋଳକଳ୍ପିତ, ଉଦ୍‌ଭଟ କିମ୍ବା ଗାଲୁଆମି ବୋଲି ଅଭିହିତ କରିପାରନ୍ତି। କିନ୍ତୁ ଏହାକୁ ପାସିଫିକ୍ ଲୁଥେରାନ ବିଶ୍ୱବିଦ୍ୟାଳୟର କ୍ରିଷ୍ଟିନା ମୁନ୍‌ଙ୍କ ନେତୃତ୍ୱରେ ଏକ ଗବେଷକ ଦଳ ଏହାକୁ ବିଜ୍ଞାନ ସମ୍ମତ ବୋଲି ଦର୍ଶାଇଛନ୍ତି। (ଦ୍ରଷ୍ଟବ୍ୟ : ନଳିନୀ ରବିନ୍ଦ୍ରନ, 'ଟେଲ୍ ଅଫ୍ ଅଭିମନ୍ୟୁ କୁଡ୍ ବି ଟ୍ରୁ - ମେଲ୍ ଟୁଡେ, ୨.୧.୨୦୧୩)

ଏହା ଆଜିକାଲି ଆମ ସମସ୍ତଙ୍କ କ୍ଷେତ୍ରରେ ଘଟୁଛି କି ନାହିଁ, ଏବଂ ଘଟୁଥିଲେ ମଧ୍ୟ ଆମର ମନେ ରହିଛି କି ନାହିଁ, ତାହା ସ୍ପଷ୍ଟ ଓ ନିର୍ଧାର୍ଯ୍ୟ ନୁହେଁ। ତଥାପି ବେଳେ ବେଳେ ଆମ ଭିତରେ କେହି କେହି ବ୍ୟକ୍ତିଗତ ଜୀବନରେ ଏଇ ରକମର କଳ୍ପନାକୁ ଏମିତି ବଖାଣୁ ଯେ, ସତ ପରି ଲାଗେ। ତେବେ ଏଥିପାଇଁ ଜଣକ ପାଖରେ ସେମିତି ବର୍ଣ୍ଣନା-ଶୈଳୀ ତଥା ବିଶ୍ୱସନୀୟ ଢଙ୍ଗରେ ଉପସ୍ଥାପନ କରିବା ଦକ୍ଷତା ଅନ୍ତର୍ନିହିତ ଥିବା ଆବଶ୍ୟକ।

ଏଠାରେ ଆମେ ଏମିତି ଜଣେ ବ୍ୟକ୍ତିଙ୍କୁ ପରିଚିତ କରାଇବାକୁ ଆଗ୍ରହୀ। ଈଶ୍ୱର ତାଙ୍କୁ କହିଲେ, "ଯାବେ, ଏଠି ବସି ଦାନ୍ତ ନେଫୁଡୁଛୁ କାହିଁକି ? ଯାଆ ପୃଥିବୀରେ ବଡ଼ିଆ ଯୁଦ୍ଧ ହେଉଛି.... ଦେଖିବୁ।" ସେତେବେଳେ ପୃଥିବୀରେ ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ଚାଲିଥାଏ। ଉକ୍ତ ବ୍ୟକ୍ତିଟି ନିଜ ବର୍ଣ୍ଣନା ମାଧ୍ୟମରେ ସୂଚାଇଛନ୍ତି ଯେ, ସେ ଈଶ୍ୱରଙ୍କ ବାକ୍ୟ ଶିରୋଧାର୍ଯ୍ୟ କରି ଘମାଘୋଟ ଯୁଦ୍ଧ ଲାଗିଥିବା ୧.୬.୧୯୧୫ରେ ଭୂମିଷ୍ଠ ହେଲେ।


ମା' ପେଟରେ ଥିବା ବେଳେ ଆଉ ଗୋଟିଏ ଘଟଣା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତାଙ୍କ ବୋଉ ନଅ ମାସର ଗର୍ଭବତୀ ଥିବା ବେଳେ ପରିବାରର କୌଣସି ଗୋଟିଏ ଝିଅର କାନରେ ଫାସିଆ ପିନ୍ଧାଇଥିଲେ। ସେତେବେଳେ ଝିଅଟି ଯନ୍ତ୍ରଣାରେ ଚିତ୍କାର କରୁଥାଏ। ତା'ର ଏହି ବିକଳ କାନ୍ଦଣା ଶୁଣି ନିକଟରେ ଥିବା ଗୋଟିଏ ଦୁଷ୍ଟ ବାଳକ ପାଖରେ ଥିବା ଗୋଟିଏ ପିଢ଼ା ଉଠାଇ ଖୁବ୍ ଜୋରରେ ତାଙ୍କ ମାତାଙ୍କ ପିଠି ଉପରେ ପାହାର କଷିଦେଲା। ଏହାର ପ୍ରଭାବ ଏତେ ଥିଲା ଯେ, ତାଙ୍କ ମାତାଙ୍କ ପ୍ରସବ ବେଦନା ତୀବ୍ର ହେଲା ଓ ଛୁଆଟି ପରେ ପରେ ଜନ୍ମ ହେଲା।

ନିଜ ଜନ୍ମ ବୃତ୍ତାନ୍ତକୁ ଏମିତି ଅଭିନବ, ମନୋରମ ଢଙ୍ଗରେ ପ୍ରକାଶ କରିଥିବା ବ୍ୟକ୍ତିଟି ହେଉଛନ୍ତି ହାସ୍ୟ-ସମ୍ରାଟ ଫତୁରାନନ୍ଦ, ଯାହାଙ୍କ ଆତ୍ମଚରିତ 'ମୋ ଫୁଟା ଡଙ୍ଗାର କାହାଣୀ' ଏକ କାଳଜୟୀ ସୃଷ୍ଟି।

## ନାମକରଣ ଅନ୍ତରାଳେ

ତାଙ୍କର ପିତୃଦତ୍ତ ନାମ ଥିଲା ରାମଚନ୍ଦ୍ର ମିଶ୍ର। କିନ୍ତୁ ପ୍ରତି ଗାଁରେ ପୁଞ୍ଜେ ଦିପୁଞ୍ଜା 'ରାମଚନ୍ଦ୍ର' ନାମଧାରୀ ବ୍ୟକ୍ତି ପାଇବା ସାଧାରଣ। ଏମିତି ଏକ ବହୁଳ ପ୍ରଚଳିତ ନାମରେ ବିଶେଷ ସ୍ୱାତନ୍ତ୍ୟ ନାହିଁ। ତେଣୁ ନୂତନତ୍ୱ ପାଇଁ ଜଣେ ଅନ୍ୟ ଏକ ନାମ ବାଛିପାରେ। କିନ୍ତୁ ଫତୁରାନନ୍ଦଙ୍କ କ୍ଷେତ୍ରରେ ଏହାର କାରଣ ପୂରା ଭିନ୍ନ। ସେ ଗୋଟିଏ ନୂଆ ନାମ ଫତୁରାନନ୍ଦ (ଯାହାକି ଛଦ୍ମନାମ ମନେ ହେଉଥିଲେ ସୁଦ୍ଧା ଏହା ମୂଳ ନାମ ବାସ୍ତବ କ୍ଷେତ୍ରରେ ହୋଇଗଲା ଓ ଜନମାନସରେ ରାମଚନ୍ଦ୍ର ନାମ କୁଆଡେ ଲୁଚିଗଲା) ଯେପରି ବାଛିଲେ, ତାହା ବେଶ ଉପଭୋଗ୍ୟ। ଲେଖକଙ୍କ ନିଜ ଭାଷାରେ ଉଲ୍ଲେଖ ରହିଛି,

"ମେଡିକାଲ ସ୍କୁଲରେ ପଢ଼ିଲା ବେଳେ ସଂଧ୍ୟାବେଳେ କଟକ ଷ୍ଟେସନ ପାଖରେ ଥିବା ଏକ ଇଭିନିଂ କ୍ଲବ୍‌କୁ ମୁଁ ଅନ୍ୟାନ୍ୟ ସାଥୀମାନଙ୍କ ସହ ଯାଉଥିଲି। ଦିନେ ମୋର ଅନ୍ୟ ବନ୍ଧୁମାନେ କ୍ଲବକୁ ଆଗରୁ ଚାଲିଯାଇଥିଲେ। ମୁଁ ପଛରେ ଯାଇ ପହଞ୍ଚିଲି। ସେ କ୍ଲବରେ ଜଣେ ବଙ୍ଗୀୟ ଭଦ୍ରବ୍ୟକ୍ତି ମୁଖାର୍ଜୀ ବାବୁ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ସାଧୁ ପୁରୁଷଙ୍କ ନାମରେ ନାମିତ କରୁଥିଲେ, ଯଥା ବିଶୁଦ୍ଧାନନ୍ଦ, ବିବେକାନନ୍ଦ, ପ୍ରଣବାନନ୍ଦ, ଯୋଗାନନ୍ଦ ଇତ୍ୟାଦି ଇତ୍ୟାଦି। ମୁଁ ପହଞ୍ଚିଲା ବେଳକୁ ତାଙ୍କର ସବୁ 'ନନ୍ଦ' ସରି ଯାଇଥିଲା। ତେଣୁ ସେ ମୋତେ ଦେଖି କହି ଉଠିଲେ, ହେ ଫତୁରାନନ୍ଦ। ଯେତେବେଳେ ଲେଖା ଆରମ୍ଭ କଲି, ସେତେବେଳକୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଆସି ନ ଥାଏ। ଲୋକେ ପଢ଼ି ନାପସନ୍ଦ କରି ମୋତେ ଗାଳିଗୁଲଜ କରିପାରନ୍ତି ବୋଲି ମୋର ଭୟ ମଧ୍ୟ ଥିଲା। ତେଣୁ ଛଦ୍ମ ନାମରେ ଲେଖା ପ୍ରକାଶ କରିବି ବୋଲି ମନସ୍ଥ କଲି। ନାମ ଖୋଜୁ ଖୋଜୁ ଫତୁରାନନ୍ଦ ନାମଟି ମନେ ପଡିଲା। ତାକୁ ହିଁ ଅବଲମ୍ବନ କରି ମୋର ପ୍ରଥମ ଲେଖା 'କବି ଲଢ଼େଇ'ରେ ଫତୁରାନନ୍ଦ ନାମ ଦେଲି। ଆଜି ପର୍ଯ୍ୟନ୍ତ ସେଇ ଫତୁରାନନ୍ଦ ନାମଟିକୁ ଜକଟି ମକଟି ଧରିଛି, ଏପରିକି ମୋର ପଟ୍ଟା, ପାଉତି, ଭୂସମ୍ପତ୍ତି କାଗଜପତ୍ରରେ ଫତୁରାନନ୍ଦ ନାମ ରହିଛି।" (ଦ୍ରଷ୍ଟବ୍ୟ : ଫତୁରାନନ୍ଦଙ୍କ ସହ ଏକ ସାକ୍ଷାତକାର- ଜୀବନରଙ୍ଗ, ୧୯ଶ ବର୍ଷ, ବାର୍ଷିକ ବିଶେଷାଙ୍କ, ୧୯୮୪- ସମ୍ପାଦକ ରଣଧୀର ଦାସ, ପୃଷ୍ଠା-୪୧)। 'ଫତୁରା' ଶବ୍ଦର ଅଭିଧାନିକ ଅର୍ଥ ନିର୍ଦ୍ଧନ ବା ସର୍ବସ୍ୱାନ୍ତ। ଫତୁର୍ ହୋଇ ସୁଦ୍ଧା ଯେ ଆନନ୍ଦ ପାଏ, ସେ ଫତୁରାନନ୍ଦ।




ଫତୁରାନନ୍ଦ ଡାକ୍ତରୀ ପାଠ ପଢ଼ିଲେ। ଦୁର୍ଭାଗ୍ୟବଶତଃ ସେ ଥରକୁ ଥର ଏପରି ଦାରୁଣ ଦୁର୍ଦ୍ଦିନର ସମ୍ମୁଖୀନ ହେଲେ ଯେ, ଏମିତି ଉତ୍ପୀଡ଼ନରେ ଯେ କୌଣସି ବ୍ୟକ୍ତିର ଦୁଃଖକଷ୍ଟର ସୀମା ନ ରହିବା କଥା। କିନ୍ତୁ ତାଙ୍କ ଜୀବନଦର୍ଶନ ଥିଲା ସମ୍ପୂର୍ଣ୍ଣ ଭାବେ ଅସାଧାରଣ। ଆମେ ସମସ୍ତେ ଜାଣିଛୁ ଭୀମଭୋଇଙ୍କ ଗୋଟିଏ ପଦ୍ୟାଂଶ, 'ଏ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ।' କିନ୍ତୁ ହାସ୍ୟରସିକ ଫତୁରାନନ୍ଦ ଏହାକୁ ହସି ଉଡାଇ ଦେଇଛନ୍ତି, "(ଭୀମ ଭୋଇଙ୍କ) ଏହି ବାକ୍ୟଟି ଏକ ଅସଂଗତ କଥା। କବି ତ ନର୍କରେ ପଡ଼ି ରହିବେ, ସେ ଜଗତ ଉଦ୍ଧାରର ଆଶା କରିବେ କିପରି ? ନର୍କରେ ତ ଯମଦୂତଗଣ କେଞ୍ଚା କେଞ୍ଚି, ପିଟାପିଟି, ଉତ୍ତପ୍ତ ତୈଳ କୁଣ୍ଡରେ ନିକ୍ଷେପ ଆଦି ଅତୀବ ଯନ୍ତ୍ରଣାଦାୟକ କର୍ମରେ ଲିପ୍ତ ରହିବେ। ସେଥିରେ କବି ବାପାଲୋ, ମାଆଲୋ, ମରିଗଲା ଲୋ, ଚିତ୍କାର କରୁ କରୁ ସମୟ ଅତିବାହିତ ହୋଇଯିବ। ନିଜେ କିପରି ଯନ୍ତ୍ରଣାରୁ ରକ୍ଷା ପାଇବେ, ସେ ବିଷୟ ତାଙ୍କ ମୁଣ୍ଡର ପ୍ରତି ମିଲିମିଟର ସ୍ଥାନରେ ଖୁନ୍ଦି ହୋଇ ଯାଇଥିବ। 'ଜଗତ ଉଦ୍ଧାର ହେଉ' ବିଷୟଟି ମୁଣ୍ଡରେ କିପରି ପଶିବ, ଆଉ କେଉଁଠି ରହିବ ? ତା' ପାଇଁ ଫାଙ୍କା ସ୍ଥାନ ମିଳିବ କୁଆଡୁ ?" (ଦ୍ରଷ୍ଟବ୍ୟ : ଫମାଲୋଚନା, ଫତୁରାନନ୍ଦ, ପୃ-୨୦, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୨)। ଉଲ୍ଲେଖଯୋଗ୍ୟ ଯେ, ଫତୁରାନନ୍ଦ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ, କମ୍ ବୟସରେ ଦୃଷ୍ଟି ଶକ୍ତି ହରାଇଥିଲେ। ତେଣୁ ଏଇ ସଂସାରରେ ନର୍କ ଭୋଗ ଯଦି ଜଣେ ଜୀବିତାବସ୍ଥାରେ ଭୋଗ କରିବା କଥା ଉଠିବ, ତାହା ଫତୁରାନନ୍ଦଙ୍କ କ୍ଷେତ୍ରରେ ଊଣା ଅଧିକେ ପ୍ରଯୁଜ୍ୟ। କିନ୍ତୁ ତାଙ୍କ ହାସ୍ୟରସାତ୍ମକ ବିମଳ ସାହିତ୍ୟିକ କୃତି ପଢ଼ିଲେ, ନର୍କ ଭୋଗର ସାମାନ୍ୟତମ ସୂଚନା ନ ଥିବା ବିଷୟ, ଯେ କୌଣସି ପାଠକ ଉପଲବ୍ଧ କରିବ। ଏହା ତାଙ୍କର ଏକ ଅତୁଟ ସକାରାତ୍ମକ ଜୀବନ-ଦର୍ଶନର ପ୍ରମାଣ। ବାସ୍ତବିକ ଏମିତି ଏକ ଘୋର ପ୍ରତିକୂଳ ଜୀବନ ସଂଗ୍ରାମରେ ଉତ୍ତୀର୍ଣ୍ଣ ହେବାକୁ, ଜଣକ ପାଖରେ ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସ ଜରୁରୀ। ଫତୁରାନନ୍ଦଙ୍କ ଜୀବନୀ ଏହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ।

**ହାସ୍ୟ ଓ କାରୁଣ୍ୟ**

ଅଧିକାଂଶ ବ୍ୟକ୍ତିଙ୍କ ମନରେ ଗୋଟିଏ ଧାରଣା ଥାଏ ଯେ, ସୁଖ-ଦୁଃଖ, ହସକାନ୍ଦ ମଧ୍ୟରେ ଏକ ଅଭେଦ୍ୟ ପ୍ରାଚୀନ ରହିଛି। କିନ୍ତୁ ଆମେରିକୀୟ ହାସ୍ୟ-ସ୍ରଷ୍ଟା ତଥା ଖବରକାଗଜର ସ୍ତମ୍ଭିକା ଏର୍ମା ବୋମ୍ବେକ (୧୯୨୭-୧୯୯୬) କହିଛନ୍ତି ଯେ ହାସ୍ୟ

ଓ ଆଘାତ, କମେଡି ଓ ଟ୍ରାଜେଡି ଏବଂ ହସ ଓ ଯନ୍ତ୍ରଣା ମଧ୍ୟରେ ଯେଉଁ ବିଭାଜକଟି ରହିଛି ତାହା ଅତି ପତଳା। ଜୀବନକୁ କେମିତି ଆଶାପୂର୍ଣ୍ଣ ଓ ଉଜ୍ଜ୍ୱଳ ରଖିବ, ସେଇ ବିଷୟରେ ସେ ମଧ୍ୟ ଗୋଟିଏ ଉପାୟ ବତାଇଛନ୍ତି। ଧରାଯାଉ ଗୋଟିଏ ହସ୍ପିଟାଲକୁ ଯିବାକୁ ପଡିଲା। ସେଥିରେ ଥିବା ବଗିଚାକୁ ପ୍ରଥମେ ଦେଖ। ଯଦି ସେଥିରେ ମଲା ଗଛ ତମର ଦୃଷ୍ଟିଗୋଚର ହୁଏ, ତେବେ ସେଇ ଡାକ୍ତର ପାଖକୁ କେବେ ହେଲେ ଯାଅ ନାହିଁ।

ସଂଯୋଗବଶତଃ, ଫତୁରାନନ୍ଦ ଡାକ୍ତରି ବୃତ୍ତିରେ ମନ ଧ୍ୟାନ ଆଦୌ ଦେଇ ନ ଥିଲେ ମଧ୍ୟ ସେ ଯେମିତି ହସଖୁସିରେ ସମୟ କଟାଇଥାନ୍ତି ଏବଂ ଅତିଥିମାନଙ୍କୁ ଆଦର ଅଭ୍ୟର୍ଥନା ଦେଇଥାନ୍ତି, ପୁଣି ତାଙ୍କ ଲେଖାରେ ଯେମିତି ହାସ୍ୟରସ ଫୁଟି ଉଠିଥାଏ, ତାହା ବିନା ଔଷଧରେ ରୋଗୀକୁ ଆରୋଗ୍ୟ କରିପାରେ। ଯଦି ଜଣକ ଜୀବନକୁ ଦୁଃଖ ଘୋଟି ଆସିଲା, ସେ ଯଥାଶୀଘ୍ର ଭାବିନେବା ଉଚିତ ଯେ, ଏହି ଦୁଃଖର ଆଗମନ ଭବିଷ୍ୟତର ସୁଖ ପାଇଁ ବିପରୀତ ଢଙ୍ଗରେ ଏକ ନିଶ୍ଚିତ ନିମନ୍ତ୍ରଣ। ହର୍ମାନ ମେଲଭିଲ୍ 'ବମି ଡିକ୍' (ତିମି ଶିକାର) ଉପନ୍ୟାସରେ ଏହାର ବାସ୍ତବ ଚିତ୍ର ଲିପିବଦ୍ଧ କରିଛନ୍ତି। 'ପ୍ରକୃତ ଶାରୀରିକ ଉଷ୍ମତା ଉପଭୋଗ କରିବାକୁ ତମ ଶରୀରର କିଛି ଅଂଶ ଅତ୍ୟଧିକ ଥଣ୍ଡାରେ ରହିବା ଆବଶ୍ୟକ, କାରଣ ଏଇ ଦୁନିଆରେ ଏମିତି କୌଣସି ବିଷୟ ବା ଗୁଣ ନାହିଁ, ଯାହାକି ବିନା ତୁଳନାରେ ଅନୁଭବ କରି ହେବ। ଯଦି ତମେ ନିଜକୁ ନିଜେ ଖୋସାମତ (ପ୍ରାର୍ଥନା) କରୁଛ ଯେ, ତମେ ବେଶ ଖୁସି ଓ ଆରାମରେ ରହିଛ, ତାହା ହେଲେ ତମେ ଆଉ ସୁଖ ଓ ସୁବିଧାରେ ରହିପାରିବ ନାହିଁ ବୋଲି ଧରି ନେବାକୁ ପଡିବ।'

**ସବୁ କଥା ଭିତରେ ହସିବାର ଉପାଦାନ ବାହାର କରି ପାରିବା ପାଇଁ ଗୋଟାଏ ବିଶେଷ ଶକ୍ତି ବା ମନୋବୃତ୍ତିର ପ୍ରୟୋଜନ।**

## କାନ୍ତ କବିଙ୍କ ଜୀବନ

ଓଡ଼ିଆ ସାହିତ୍ୟ ଇତିହାସର ନିକଟ ଅତୀତକୁ ଦୃଷ୍ଟି ଦେଲେ ସାମ୍ନାକୁ ଆସନ୍ତି ବ୍ୟଙ୍ଗାତ୍ମକ ଓ ରମ୍ୟରଚନା ପାଇଁ ଖ୍ୟାତ ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩), ଯିଏକି କାନ୍ତ-କବି ଭାବେ ସାହିତ୍ୟିକ ସମାଜରେ ସୁପରିଚିତ। ଅତି ଭୟଙ୍କର, ଦୁରାରୋଗ୍ୟ ଓ ଅଭିଶପ୍ତ ବ୍ୟାଧି ଭାବେ ସେତେବେଳେ ବିବେଚିତ ବଡ଼ରୋଗ (ଗାଉଁଲି ଭାଷାରେ ବଡ଼ରୋଗ କୁଷ୍ଠ ବ୍ୟାଧି) ଦ୍ୱାରା ପୀଡିତ ଲକ୍ଷ୍ମୀକାନ୍ତଙ୍କ ଅନେକ ଲେଖାରେ ହାସ୍ୟ ରସିକତା ଶୀର୍ଷ ସ୍ଥାନରେ ପହଞ୍ଚିଥିଲା। ଫତୁରାନନ୍ଦ ତାଙ୍କୁ 'ଦଗ୍ଧ କାଞ୍ଚନର କାନ୍ତି' ବୋଲି ଅଭିହିତ କରିଥିଲେ। ୧୯୩୬ରେ କାନ୍ତକବି ଓଡ଼ିଆ ଭାଷାରେ ହାସ୍ୟରସକୁ ସମୃଦ୍ଧ କରିବାକୁ 'ଡଗର' ପତ୍ରିକା ପ୍ରକାଶ କଲେ। ସଂଯୋଗବଶତଃ ତାଙ୍କ ପରି ଫତୁରାନନ୍ଦ ମଧ୍ୟ ଦୁଃଖ ଦୈନ୍ୟ ଯନ୍ତ୍ରଣା ମଧ୍ୟରେ ପେଷି ହୋଇଯାଇଥିଲେ। ଉଲ୍ଲେଖନୀୟ ଯେ ଲକ୍ଷ୍ମୀକାନ୍ତଙ୍କ ଅମର ସ୍ମୃତି 'ଡଗର'କୁ ବଞ୍ଚାଇବାକୁ ନିଜ ଧନ ସମ୍ପତ୍ତିର ଅନେକ ଭାଗ ବ୍ୟୟ କରିବାରେ କୁଣ୍ଠିତ ହୋଇ ନ ଥିଲେ ଫତୁରାନନ୍ଦ।

ହାସ୍ୟ ସୃଷ୍ଟି ଉପରେ କାନ୍ତକବିଙ୍କ ଟିପ୍ପଣୀରେ ଯେଉଁ ମଞ୍ଜକଥାଟି ରହିଛି ତାହାର ଉଦ୍ଧୃତି ହେଉଛି, "ସବୁ କଥା ଭିତରେ ହସିବାର ଉପାଦାନ ବାହାର କରି ପାରିବା ପାଇଁ ଗୋଟାଏ ବିଶେଷ ଶକ୍ତି ବା ମନୋବୃତ୍ତିର ପ୍ରୟୋଜନ। ସମସ୍ତେ ଏହା କରିପାରନ୍ତି ନାହିଁ। ଯେ ଏହା କରିପାରେ, ସେ ଭାଗ୍ୟବାନ। କାରଣ ଏହା କରିପାରିଲେ ଦୁନିଆର ଅନେକ ଦୁଃଖ, ଦୁର୍ଶ୍ଚିନ୍ତା, ଉଦ୍‌ବେଗ, ଆକୁଳତା, ବ୍ୟଥା, ବେଦନା ଉଡାଇ ଦେଇ ଦୁର୍ଭାଗ୍ୟ, ଦୁର୍ବିପାକକୁ ଏଡାଇ ଦେଇ ଜୀବନକୁ ଆରାମଦାୟକ ଉପଭୋଗକ୍ଷମ କରିହୁଏ। ଏପରି ଲୋକଙ୍କୁ ସମସ୍ତେ ପସନ୍ଦ କରନ୍ତି। ତା'ର ଦିଲଦାରିଆ ଖୁସ୍ ମିଜାଜ ଗୋଟିଏ ସଂକ୍ରାମକ ବ୍ୟାଧି ପରି ଆଖପାଖିଆ ଲୋକଙ୍କ, ଏପରିକି ସେଠାକାର ବାୟୁମଣ୍ଡଳକୁ ପୁଲକିତ କରେ। ଏହା ମଧ୍ୟ ସୀମା ଅତିକ୍ରମ କଲେ ସବୁ ରସ ପାଣିଫାଟ ଯିବାର ସମ୍ଭାବନା ଅଛି।" (ଦ୍ରଷ୍ଟବ୍ୟ : ହାସ୍ୟରସ - କାନ୍ତ ସାହିତ୍ୟମାଳା, ୧ମ ଖଣ୍ଡ- ପୃ. ୫୧୮/ ୫୧୯, ଓଡ଼ିଶା ବୁକ୍ ଏମ୍ପୋରିୟମ, କଟକ)। ସଂକ୍ରାମକ ବଡ଼ରୋଗକୁ ଲକ୍ଷ୍ମୀକାନ୍ତ ଢେର ଅଧିକ ସଂକ୍ରାମକ ସୃଷ୍ଟି କରୁଥିବା ହାସ୍ୟବ୍ୟାଧିକୁ ପାଠକ ମହଲରେ, ବ୍ୟକ୍ତ କଲେ। ତେବେ ଲେଖିବାର ପ୍ରାଥମିକ ପ୍ରେରଣା ଲକ୍ଷ୍ମୀକାନ୍ତଙ୍କଠାରୁ ଲାଭ କରିଥିଲେ ମଧ୍ୟ ଏ କ୍ଷେତ୍ରରେ ଫତୁରାନନ୍ଦଙ୍କ କୃତି ତାଙ୍କଠାରୁ ଯେ ଅଧିକ ମୌଳିକ ଓ ମାର୍ଜିତ, ଏହା ସ୍ୱୀକାର କରାଯାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

କବିତା



# ଚଉପଦୀ : ନିଦାଘ

ହରିଶ୍ଚନ୍ଦ୍ର ବେହେରା

ନିଦାଘ ପିଠିରେ ନାଉ ହୋଇ କରି
ଆସିଛି ବସନ୍ତ ଆଜି
କୋଇଲି କଣ୍ଠରୁ ମିଠା ସୁରଟି ତ
କୁଆଡ଼େ ଯାଇଛି ହଜି ।୦।

ମଳୟର ଆଜି ମାଦକତା ନାହିଁ
ନାହିଁ ଆଉ ପୂର୍ବ ରାଗ
ସବୁଠି ଶୁଭୁଛି ଖରାର ଝଞ୍ଜାଣି
କୁହୁଡ଼ିର ଜଳା ଦାଗ
କାଳ ବଇଶାଖୀ ଆସିବା ଆଗରୁ
ବହୁଛି ତତଲା ଝାଞ୍ଜି ।୧।

ରସାଳ କୁଞ୍ଜେ ଦେଉନି ମଳୟ
ସରାଗେ ମଦିରା ଢାଳି
ନଈ ଛାତି ଆଜି ଶୁଖିଲା ପଡ଼ିଛି
ଡହ ଡହ ଖାଲି ବାଲି
ନାଲି ରଙ୍ଗ ଧରି ଖେଳିବେ ଅବିର
ପଳାଶ କିଂଶୁକ ରାଜି ।୨।

ଫିକା ଫିକା ଲାଗେ ବସନ୍ତ ଚାଚେରି
ଫିକା ଚଉଦ ମାଦଳ
ତନୁ ମନ ଆଉ ବଉଳି ଉଠୁନି
ଶୁଖି ଯାଏ ଆମ୍ବ ଡାଳ



ଲୁଚି ଲୁଚି ଆସି ମହୁର ସୋରେଇ
ଭାଙ୍ଗିଦିଏ କେଉଁ ପାଜି। ।୩।

ବଢ଼ି ବଢ଼ି ଯାଏ ବିଶ୍ୱ ତାପନ
ଜଳୁଛି ସାରା ଜଙ୍ଗଲ
ନିରାପଦ ନୀଡ଼ ପୋଡି ଯାଉଅଛି
ପଶୁପକ୍ଷୀ କଳବଳ
ଜନପଦବାସୀ ଉହଳ ବିକଳ
ଶାନ୍ତି ପାଉନି ଖୋଜି। ।୪।

□□

କବିଙ୍କ ଇ-ମେଲ ଠିକଣା:
harishchandrabehera2013@gmail.com

**ପ୍ରବନ୍ଧ**

# ଓଡ଼ିଆ ପିଲାଙ୍କ ସାହିତ୍ୟ ଓ ଶିଶୁବୋଧ



**ଦାଶ ବେନହୁର**

***(ଗତ ଏପ୍ରିଲ୍ ୧୦ ତାରିଖ ଦିନ 'ଓଡିଆ ସାହିତ୍ୟ ଟୁଙ୍ଗି' ପକ୍ଷରୁ ଆୟୋଜିତ ଏକ ଆଭାସୀ ଆଲୋଚନାଚକ୍ରରେ 'ଓଡିଆ ପିଲାଙ୍କ ସାହିତ୍ୟ ଓ ଶିଶୁବୋଧ' ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ ଓଡ଼ିଆ ଶିଶୁ ସାହିତ୍ୟର ଅଗ୍ରଣୀ ସ୍ରଷ୍ଟା ଦାଶ ବେନହୁର। ତାଙ୍କର ଏହି ବକ୍ତବ୍ୟକୁ ଲିପ୍ୟନ୍ତରଣ କରି ପ୍ରବନ୍ଧର ରୂପ ଦେଇଛନ୍ତି ବୈଜୟନ୍ତୀମାଳା ମହାପାତ୍ର।)***

ଶିଶୁ ସାରା ବିଶ୍ୱର। ଶିଶୁବୋଧ କହିଲେ ବିଶ୍ୱବ୍ୟାପୀ ଗୋଟିଏ କଥା। ସେ ଆମ ଦେଶର ପିଲା ହୁଅନ୍ତୁ ବା ଅନ୍ୟ ଦେଶର ସମସ୍ତ ପିଲା, ସମସ୍ତଙ୍କ ଅବବୋଧ ସମାନ। ସମଗ୍ର ବିଶ୍ୱରେ ପ୍ରତ୍ୟେକ ପିଲା ଆରମ୍ଭରୁ ସମାନ ଗୁଣଧାରୀ। ପିଲାମାନେ, ସତ୍ୟବାଦୀ, ସରଳବିଶ୍ୱାସୀ, ସ୍ନେହୀ ଏବଂ ସେମାନଙ୍କ ଭିତରେ କୌଣସି ଖରାପ ଗୁଣ ସୃଷ୍ଟି ନ ହୋଇଥିବା କାରଣରୁ ପବିତ୍ର ଓ ନିର୍ମଳ। ତେଣୁ ସେମାନଙ୍କୁ ଈଶ୍ୱରଙ୍କ ସହ ତୁଳନା କରାଯାଏ। ବିଭିନ୍ନ, ଧର୍ମ, ସଂସ୍କୃତି, ପରମ୍ପରା, ପରିବେଶ ଓ ପରିସ୍ଥିତି ଆଦି ଭିନ୍ନ ହେଲେ ମଧ୍ୟ ଶିଶୁବୋଧ ସର୍ବତ୍ର ସମାନ ବୋଲି ବୁଝିବାକୁ ହେବ। ଅଥଚ ଜନ୍ମ ହେବା ପରେ ପରିବାର, ପରିବେଶ, ପରିସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା ଓ ଚାଲିଚଳଣି ଅନୁସାରେ ସେମାନଙ୍କ ଆଚାର, ବିଚାର ଏବଂ ବ୍ୟବହାର ଭିନ୍ନ ହୋଇଥାଏ।



## ଏକ ରସାଳ ଧାରା

ଏବେ ସେମାନଙ୍କ ସାହିତ୍ୟ ଉପରେ ନଜର ପକାଇବା। ଶିଶୁ ସାହିତ୍ୟ ହେଉଛି ଏକ ରସାଳଧାରା, ଯାହା ମନକୁ ପହିଲେ ଆନନ୍ଦ ଉଲ୍ଲାସରେ ଭରିଦିଏ। ତା' ପଛରେ ଥାଏ ଏକ ପ୍ରଚ୍ଛନ୍ନ ଆଲୋକର ଆଭା। ପୁଣି ପ୍ରତିଟି ସଫଳ ଶିଶୁ ଉପଯୋଗୀ ସାହିତ୍ୟରେ ଉତ୍ତରଣର ଅବଧାରଣା ରହିବା ନିହାତି ଜରୁରୀ। ପିଲାଙ୍କ ସାହିତ୍ୟ ଏମିତି ହେବା ଦରକାର ଯାହା ସେମାନଙ୍କୁ ଆନନ୍ଦ ଅନୁଭବ କରାଇ ପ୍ରେରଣା ମଧ୍ୟ ଯୋଗାଇବ। ସାହିତ୍ୟିକଙ୍କର ନିଜର ଅନୁଭବ ସାର୍ବଜନୀନ ହୋଇ ସଫଳ ସୃଷ୍ଟିର ରୂପ ନିଏ। ସେଭଳି ସାହିତ୍ୟକୁ ହିଁ ସୁସାହିତ୍ୟ ରୂପେ ଗ୍ରହଣ କରାଯାଇପାରେ। ବିଶେଷ କରି ଶିଶୁ ସାହିତ୍ୟ କ୍ଷେତ୍ରରେ ଏହା ଷୋହଳପଣ ସତ୍ୟ। ସେହି ସାହିତ୍ୟିକ ଭଲ ସାହିତ୍ୟିକ ଯାହାଙ୍କ ଲେଖା ଆନନ୍ଦ ପ୍ରଦାନ କରିବା ସହିତ ଉତ୍ତରଣ କରାଇବାରେ ମଧ୍ୟ ସମର୍ଥ ହୋଇଥାଏ।

ସାହିତ୍ୟ ଗଢ଼ିଦିଏ ପୁଣି ଯୋଡ଼ିଦିଏ। ସତ୍ୟ, ଧର୍ମ, ଦୟା, କ୍ଷମା, ପ୍ରେମ, ସେବା, ପରୋପକାର ଭଳି ସ୍ୱର୍ଗୀୟ ଗୁଣଗୁଡ଼ିକର ରୂପରେଖ ସୃଷ୍ଟିକରି ସାହିତ୍ୟ ସମାଜକୁ ସୁନ୍ଦର, ସହଜ, ସରଳ, ସୁସଂହତ ଓ ସଂସ୍କାରିତ କରି ଗଢ଼ିଥାଏ ଓ ଯୋଡ଼ିଥାଏ। ସାହିତ୍ୟ ମନ ସହ ମନର, ବ୍ୟକ୍ତି ସହ ବ୍ୟକ୍ତିର, ପରିବାର ସହ ପରିବାରର, ଦେଶ ସହ ଦେଶର ଅବବୋଧ ମିଶାଇବାରେ ସକ୍ଷମ ହୋଇଥାଏ। ତେଣୁ କୁହାଯାଏ, ସାହିତ୍ୟ ନିର୍ମାଣ କରେ ଓ ସଂଯୋଜନ କରେ।

ପିଲାଙ୍କ ସାହିତ୍ୟର ମୂଳକଥା ବିମଳ ଆନନ୍ଦ। ସଫଳ ଶିଶୁ ସାହିତ୍ୟ ଆନନ୍ଦ ମାଧ୍ୟମରେ ପିଲାଙ୍କ ଆବଶ୍ୟକତାକୁ ପୂରଣ କରିବାର ବାଟ ତିଆରି କରେ। ସେଇବାଟେ ସେ ଶିଖାଏ ଏବଂ ବଢ଼ାଏ।

## ଅମୃତମୟ ଶିଶୁସାହିତ୍ୟ

ପିଲାଙ୍କ ସାହିତ୍ୟ ଅମୃତମୟ। ସଚରାଚର ସେମାନେ ଗୋଟିଏ ଅବବୋଧୀ-ଶ୍ରେଣୀର ହୋଇଥିବାରୁ ବିଶ୍ୱରେ ସମାନତା ଓ ଭ୍ରାତୃଭାବ ସୃଷ୍ଟି ନିମନ୍ତେ ପିଲାଙ୍କ ସାହିତ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭିତରେଇ ଦେଖିଲେ ଜଣାପଡ଼ିବ ଯେ ଆଦିମାତାଙ୍କର ବାତ୍ସଲ୍ୟ ଉଚ୍ଚାରଣ ହିଁ ନାନାବାୟା ଗୀତ ସୃଷ୍ଟି ଦ୍ୱାରା ଦିନେ ସମଗ୍ର ସାହିତ୍ୟର ମୂଳଦୁଆ ପକାଇଥିଲା। ବାତ୍ସଲ୍ୟ ରସ ହିଁ ମୂଳ ରସ। ନାନାବାୟା ଗୀତ ଆମର ଆଦି ସାହିତ୍ୟ। ପ୍ରଥମ ସ୍ରଷ୍ଟା ସେଇ ମାଆ ଯାହାଙ୍କ ମୁହଁରୁ ତାହା ପ୍ରଥମେ ସ୍ଫୁରିତ ହୋଇଥିଲା। ତେଣୁ ମାଆର ମମତା ହେଉଛି ସାହିତ୍ୟର ଆଦିସ୍ରୋତ। ସେ ଦୃଷ୍ଟିରୁ ପିଲାଙ୍କ ସାହିତ୍ୟ ଆଦିସାହିତ୍ୟ। ଅତଏବ ବାତ୍ସଲ୍ୟ ରସକୁ ସାହିତ୍ୟର ଆଦିରସ କହିବାରେ କିଛି ଅସୁବିଧା ନାହିଁ। ଏହି ବାତ୍ସଲ୍ୟରସ ମୌଳିକ ଶିଶୁବୋଧର ମୂଳଭିତ୍ତି। ତେଣୁ ଆମ ସାହିତ୍ୟ ଜଗତରେ ଥିବା ନବରସ ବ୍ୟତିରେକେ ଏ ବାତ୍ସଲ୍ୟ ରସକୁ ଦଶମ ରସର ମାନ୍ୟତା ମିଳିବା ଦରକାର। ତାହା ହିଁ ସକଳ ସାହିତ୍ୟର ମୂଳଦୁଆ।

**ବଡ଼ମାନଙ୍କର ଇଚ୍ଛାକୁ ପିଲାଙ୍କ ଉପରେ ଜୋର୍ ଜବରଦସ୍ତ ଲଦିବା ଫଳରେ ତାହା ମଧ୍ୟ ସେମାନଙ୍କ ମାନସିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଛି।**

ପିଲାଙ୍କ ଚେତନାର ଅଭିବୃଦ୍ଧି ନିମନ୍ତେ ପିଲାଙ୍କ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କ ନିସଙ୍ଗତା, ଏକଲାପଣ ଦୂର କରିବା ନିମନ୍ତେ ସାହିତ୍ୟର ଭୂମିକା ସର୍ବୋପରି। ଆଜିକାଲି ବ୍ୟସ୍ତବହୁଳ ଜୀବନରେ ପିଲାଙ୍କୁ ନିଜ ପିତାମାତା, ଅଭିଭାବକ ପରିପୂର୍ଣ୍ଣ ସମୟ ଦେଇ ପାରୁ ନାହାନ୍ତି। ତେଣୁ ପିଲାମାନେ ଟିଭି, ମୋବାଇଲ୍ ଆଦି ଦ୍ୱାରା ନିଜ ସମୟ ଅତିବାହିତ କରୁଛନ୍ତି। ଟିଭି ବା ମୋବାଇଲ୍ ତାହା ଦେଖାଏ ଯାହା ବୟସ୍କ ସମାଜ ସେଥିରେ ଭରିକରିଥାଏ। ଯଦି ବହୁଳ ପରିମାଣରେ ଉତ୍କୃଷ୍ଟ ଶିଶୁ ସାହିତ୍ୟ ସୃଷ୍ଟି କରାଯାଇ ପିଲାଙ୍କ ମନୋରଞ୍ଜନ ନିମନ୍ତେ ସେସବୁକୁ ବ୍ୟବହାର କରାଯାଇ ପାରନ୍ତା ତେବେ ସାମ୍ପ୍ରତିକ ପରିସ୍ଥିତିରେ ଆମ ପିଲାମାନେ, ଆନନ୍ଦିତ ହୋଇ ଶିକ୍ଷା ସହ ଉତ୍ତମ ସଂସ୍କାର ଓ ଚେତନା ପାଇପାରନ୍ତେ। ପିଲାଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଓ ସାମଗ୍ରିକ ବିକାଶ ନିମନ୍ତେ ବାପା, ମାଆ, ପରିବାର, ସାହିପଡ଼ିଶା, ସମାଜ, ରାଜ୍ୟ, ଦେଶ, ସରକାରଙ୍କ ଦାୟିତ୍ୱ ନିଶ୍ଚିତରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ଭଳି ଦାୟିତ୍ୱସମ୍ପନ୍ନତା ଆସିଲେ ଯାଇ ସାମାଜିକ ମୂଲ୍ୟବୋଧ ସୁରକ୍ଷିତ ରହିବ ଏବଂ ବିଶ୍ୱର ମଙ୍ଗଳ ହେବ। ପିଲାମାନେ ହେଉଛନ୍ତି ମାଟିର ପିଣ୍ଡୁଳା। ଆମେ ସେମାନଙ୍କୁ ଯେମିତି ଗଢ଼ିବା ସେମାନେ ସେମିତି ଆକାର ନେଇ ବଡ଼ ହେବେ। ପିଲାବେଳୁ ଆମେ ସମସ୍ତେ ଦାୟିତ୍ୱବାନ ହୋଇ ସେମାନଙ୍କ ଆବଶ୍ୟକତା ପୂରଣ କରିବା ସର୍ବାଦୌ ବିଧେୟ।

## ପିଲାଙ୍କ ସାହିତ୍ୟରେ ନବଚେତନା

ଓଡ଼ିଆ ସାହିତ୍ୟରେ ଆମ ପିଲାଙ୍କ ଆବଶ୍ୟକତା ନିମନ୍ତେ ଗଳ୍ପ, ଗୀତ, ଉପନ୍ୟାସ, ଭ୍ରମଣ କାହାଣୀ, ଅନୁବାଦ, ଆତ୍ମଜୀବନୀ, ନାଟକ, ବିଜ୍ଞାନକଥା, କାର୍ଟୁନ୍, ବ୍ୟଙ୍ଗ, ଲୋକକଥା ପ୍ରଭୃତି ସଙ୍ଗକୁ ଆଧୁନିକ ସମୟ ସହ ତାଳ ଦେଇ ନବଚେତନାର କଥା ଓ ଡିଜିଟାଲ୍ ? ପାଠାଗାର ଇତ୍ୟାଦିର ମଧ୍ୟ ଆବଶ୍ୟକତା ଅଛି। ବର୍ତ୍ତମାନ ଅଧିକାଂଶ ଶିଶୁପତ୍ରିକା ନିଜର ମୌଳିକତା ହରାଇ ବସିଲେଣି। ସେହି ଶିଶୁ ପତ୍ରିକାମାନଙ୍କରେ ଶିଶୁ-ଉପଯୋଗୀ ସାହିତ୍ୟ ବ୍ୟତୀତ ଅନ୍ୟାନ୍ୟ ଅନେକ ଅନାବଶ୍ୟକ ଲେଖା ମଧ୍ୟ ପ୍ରକାଶ ପାଉଛି, ଯାହା ପିଲାମାନଙ୍କ ନିମନ୍ତେ ସୁଖପାଠ୍ୟ ନ ହୋଇ ପିଲାଙ୍କ ସର୍ଜନଶକ୍ତିରେ ବାଧା ସୃଷ୍ଟି କରୁଛି। ଫଳରେ ପିଲାଏ ଯାହା ଇଚ୍ଛା ତାହା କରୁଛନ୍ତି। ଏଣୁ ଆମେ ସମୟୋଚିତ ସାହିତ୍ୟ ପିଲାଙ୍କୁ ଯୋଗାଇବା ଦରକାର। ବଡ଼ମାନଙ୍କର ଇଚ୍ଛାକୁ ପିଲାଙ୍କ ଉପରେ ଜୋର୍ ଜବରଦସ୍ତ ଲଦିବା ଫଳରେ ତାହା ମଧ୍ୟ ସେମାନଙ୍କ ମାନସିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ବିଶ୍ୱପ୍ରସିଦ୍ଧ ବିଶିଷ୍ଟ ଶିଶୁ ସାହିତ୍ୟିକମାନଙ୍କ ଲେଖା ଅନୁବାଦ କରାଯାଇ ଆମ ପିଲାଙ୍କ ପାଖରେ ପହଞ୍ଚାଇ ଦେବା ଆମର କର୍ତ୍ତବ୍ୟ। ତାହାଦ୍ୱାରା ଆମ ପିଲାଙ୍କର ଅନେକ ଆବଶ୍ୟକତା ବହୁମାତ୍ରାରେ ପୂରଣ ହୋଇପାରିବ। ଏଥି ସହିତ ଆମ ପିଲାଦିନର କାହାଣୀ ମଧ୍ୟ ସେମାନଙ୍କୁ ବୁଝାଇଲେ ତାହା ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ସାହାଯ୍ୟ କରିବ। ତାହା ଦ୍ୱାରା ସାମାଜିକ ମୂଲ୍ୟବୋଧ ସଂରକ୍ଷିତ ହୋଇପାରିବ।


ଜୀବନୀ ଓ ଆତ୍ମଜୀବନୀ ପର୍ଯ୍ୟାୟର ରଚନା ପିଲାମାନଙ୍କ

ପାଇଁ ବେଶ୍ ଉପଯୋଗୀ। ବର୍ତ୍ତମାନର ବିଶିଷ୍ଟ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ଆତ୍ମଜୀବନୀ ମାଧ୍ୟମରେ ମଧ୍ୟ ଆମେ ପିଲାଙ୍କୁ ପ୍ରେରଣା ଦେଇ ପାରିବା। ପିଲାଙ୍କ ନିମନ୍ତେ ବାସ୍ତବ ଛବି ଓ କାର୍ଟୁନ୍‌ର ବି ବହୁଳ ଆବଶ୍ୟକତା ଅଛି। ସେ ଭଳି ଛବି ମାଧ୍ୟମରେ ମନ ଉଲ୍ଲସିତ ହୋଇ ଶିକ୍ଷା ଓ ସୃଜନଶୀଳତା ବୃଦ୍ଧି ପାଇବାର ସମ୍ଭାବନା ଅନେକ। ପ୍ରତ୍ୟେକ ବିଦ୍ୟାଳୟରେ, ଗାଆଁରେ, ସହରରେ ପିଲାଙ୍କ ନିମନ୍ତେ ସ୍ୱତନ୍ତ୍ର ପାଠାଗାର ରହିବା ଉଚିତ ଏବଂ ପିଲାଙ୍କୁ ପାଠାଗାରର ବହି ପଢ଼ିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇଦେବା ଅତ୍ୟନ୍ତ ଜରୁରୀ। ସେ ସକାଶେ ଶ୍ରେଷ୍ଠ ପାଠକ ପୁରସ୍କାର ଏକ ଆବଶ୍ୟକ ପଦକ୍ଷେପ ହୋଇପାରେ।

ଶିଶୁଉପଯୋଗୀ ସିନେମା ଦେଖାଇ ମଧ୍ୟ ମନୋରଞ୍ଜନ ମାଧ୍ୟମରେ ଆମେ ପିଲାଙ୍କ ଆଗ୍ରହ ଓ ସୃଜନ ଶକ୍ତି ବୃଦ୍ଧି କରି ପାରିବା। ବହି ଅପେକ୍ଷା ସିନେମା ମାଧ୍ୟମରେ ପିଲା ବହୁତ କିଛି ଶିକ୍ଷାଲାଭ କରିପାରିବ। ତେଣୁ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଭଲ ଶିଶୁ ସାହିତ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏ ଦିଗକୁ ଗୁରୁତ୍ୱ ଦେବା ଜରୁରୀ।

### ଶିଶୁବୋଧର କ୍ରମ ବିବର୍ତ୍ତନ

ଶିଶୁବୋଧର କ୍ରମ ବିବର୍ତ୍ତନକୁ ଅନୁଧ୍ୟାନ କଲେ ପିଲା ସମୟଟି ବୟସ୍କ ସମୟଠାରୁ ସମ୍ପୂର୍ଣ୍ଣ ଅଲଗା। ଏହା ବହୁଧା ବିଭାଜିତ। ବୟସ କ୍ରମରେ ଜନ୍ମରୁ ଗୋଟିଏ ପିଲାର ରୁଚି କ୍ରମେ ଭିନ୍ନ ହୋଇ ଚାଲିଥାଏ। ତେଣୁ ପିଲାଟିର ରୁଚି ଓ ଆବଶ୍ୟକତା ଅନୁସାରେ ଆମେ ସାହିତ୍ୟ ସୃଷ୍ଟି କରିବା ଦରକାର। ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ ଶିଶୁର ଅବବୋଧ ନିମନ୍ତେ ନାନାବାୟା ଗୀତର ଆବଶ୍ୟକତା ଥାଏ। ସେହି ସାହିତ୍ୟରେ ବାତ୍ସଲ୍ୟ ମମତା ଭରପୂର ଥାଏ। ଏହାକୁ ନାଦ ଓ ରଙ୍ଗର ସାହିତ୍ୟ କୁହାଯାଇପାରେ କାରଣ ଏ ବୟସର ଶିଶୁ କ୍ରମାନୁସାରେ କୌତୂହଳୀ ହେବା ସହ ଦୁନିଆକୁ ଚିହ୍ନିବା ଆରମ୍ଭ କରିଥାଏ। ଏ ବୟସ ସୀମା ମଧ୍ୟରେ ଥିବା ଶିଶୁଙ୍କ ରୁଚି ଅନୁସାରେ ସେପରି ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ। ତାହା ଶିଶୁକୁ ଆନନ୍ଦ ପ୍ରଦାନ କରିବା ସହ ମାନସିକ ଶକ୍ତି ସୁଦୃଢ଼ କରିବାରେ ପ୍ରେରିତ କରିବା ଉଚିତ। ତପ୍ତରେ ତିନିରୁ ପାଞ୍ଚ ବର୍ଷ ଭିତରେ ଶିଶୁ ଆମ ଚତୁପାର୍ଶ୍ୱରେ ଥିବା ବସ୍ତୁକୁ ଜାଣିବାକୁ ଇଚ୍ଛା ପ୍ରକାଶ କରିଥାଏ। ସେହି ବର୍ଷର ପିଲାଙ୍କ ନିମନ୍ତେ ଆମ ଚାରିପଟେ ଥିବା ବସ୍ତୁକୁ ନେଇ ସାହିତ୍ୟ ସୃଷ୍ଟି କରାଯିବା ଆବଶ୍ୟକ। ପାଞ୍ଚରୁ ଆଠ ବର୍ଷର ହେଲାବେଳକୁ ପିଲାଙ୍କ ବିଚାର ଶକ୍ତି ବେଶ୍ ବୃଦ୍ଧି ପାଇଥାଏ। ତେଣୁ ଏହି ଅବସ୍ଥାକୁ ପ୍ରାକ୍ କୈଶୋର ଅବସ୍ଥା ବୋଲି ମଧ୍ୟ କୁହାଯାଏ। ଏହି ବୟସର ଶିଶୁଙ୍କୁ ଭଲ-ମନ୍ଦର ପାର୍ଥକ୍ୟ ଜଣାଇ ଆନନ୍ଦ ପ୍ରଦାନକାରୀ ଓ ନୀତିଶିକ୍ଷାଭିତ୍ତିକ ଶିକ୍ଷଣୀୟ ସାହିତ୍ୟ ଦେବା ଉଚିତ, ଯାହା ସେମାନଙ୍କ ବୋଧଗମ୍ୟ ହୋଇ ଜ୍ଞାନ ବୃଦ୍ଧିରେ ସହାୟକ ହେବ। ଆଠରୁ ବାରବର୍ଷ ମଧ୍ୟରେ ପିଲାମାନଙ୍କ କିଶୋର ଜୀବନ ଆସିଯାଇଥାଏ। ମନରେ ରୋମାଞ୍ଚ ସୃଷ୍ଟି କରିବା ଭଳି ସାହିତ୍ୟ ଏହି ବୟସର ପିଲାଙ୍କ ନିମନ୍ତେ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ଆମ ଭାରତରେ ୧୨ ରୁ ୧୬ ବର୍ଷକୁ ସମ୍ପୂର୍ଣ୍ଣ କୈଶୋର ବା ଆଦ୍ୟ ଯୌବନାବସ୍ଥା କୁହାଯାଏ। ତେଣୁ ସେହି ବୟସର ପିଲାମାନେ ସାହସିକତା ପ୍ରଦର୍ଶନ କରିବାକୁ ଭଲ ପାଆନ୍ତି। ଧର୍ମପଦ, ବାଜି ରାଉତ ଆଦି ସେହି ବୟସରେ କେତେ କ'ଣ କରିଯାଇଛନ୍ତି ତାହା ଇତିହାସ କୁହେ। ତେଣୁ ସେହି ବୟସର ପିଲାମାନଙ୍କ ପାଇଁ ଦୁଃସାହସିକ କାହାଣୀ, ଜୀବନୀ ଏବଂ ପ୍ରେରଣାପ୍ରଦାୟୀ ସାହିତ୍ୟ ସୃଷ୍ଟି କରିବା ବିଶେଷ ଉପକାରୀ। ଏହି କ୍ରମ ଅନୁସାରେ ସାହିତ୍ୟ ସୃଷ୍ଟି କରି ବୟସ ଅନୁପାତରେ ଆମେ ପିଲାମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ପ୍ରୟାସ କରିପାରିବା। ପିଲାଙ୍କ ପାଇଁ ଯେଉଁ ସାହିତ୍ୟ ସୃଷ୍ଟି କରିବା ସେହି ପତ୍ରିକାରେ ପ୍ରତ୍ୟେକ ଲେଖା ସହିତ ତାହା କେତେ ବର୍ଷରୁ କେତେ ବର୍ଷର ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ସେ କଥା ମଧ୍ୟ ଉଲ୍ଲେଖ ହେବା ଆବଶ୍ୟକ। ଫଳରେ ତାହା ସେହି ବୟସର ପିଲାଙ୍କ ଉପଯୋଗୀ ହୋଇ ପାରିବ।



ଏ ସମସ୍ତ ସ୍ତରର ପିଲାଙ୍କ ସାହିତ୍ୟ ରଚନା ଯୁକ୍ତାକ୍ଷରବିହୀନ ତଥା ସରଳ ହେବା ଉଚିତ। ଶିଶୁ ସାହିତ୍ୟରେ ପିଲାଙ୍କ ବୋଧଗମ୍ୟ ନ ହେବା ଭଳି କୌଣସି ପ୍ରକାର କଷ୍ଟ ଶବ୍ଦ ବ୍ୟବହାର କରିବା ଅନୁଚିତ୍। ଏ ସମସ୍ତ ସ୍ତରର ସାହିତ୍ୟ କୌତୂହଳପୂର୍ଣ୍ଣ ହେବା ମଧ୍ୟ ଅତ୍ୟନ୍ତ ଜରୁରୀ। କାରଣ ପିଲାମାନେ ସବୁବେଳେ ଆନନ୍ଦପ୍ରିୟ। ତାଙ୍କୁ ଆନନ୍ଦ ଦେଉଥିବା ସାହିତ୍ୟ ହିଁ ସଫଳ ଶିଶୁ ସାହିତ୍ୟ। ସାହିତ୍ୟ ସର୍ଜନା ବେଳେ ଶିଶୁ ସୁଲଭ ମନୋଭାବ ରଖି ସାହିତ୍ୟିକ ଲେଖିବା ଆବଶ୍ୟକ। ଯେପରି ପିଲାଙ୍କ ମନ ଆନନ୍ଦରେ ପୂରି ଉଠିବ, ସେ ନିଜେ ଲେଖା ଭିତରେ ଅଛି ବୋଲି ଅନୁଭବ କରିବ। ସେ ଭଳି ହେଲେ ପିଲାଟିଏ ଲେଖାଟିକୁ ପଢ଼ିବା ନିମନ୍ତେ ଅଧିକ ଇଚ୍ଛା ପ୍ରକାଶ କରିବ। ପିଲାଙ୍କୁ ଡରେଇବା ବା ହତୋତ୍ସାହିତ କରିବା ଭଳି କୌଣସି ଶିଶୁ ସାହିତ୍ୟ ସୃଷ୍ଟି ହେବା ଅନୁଚିତ୍। ଏହା ଦ୍ୱାରା ଶିଶୁର ଆତ୍ମବିଶ୍ୱାସ କମ୍ ହୋଇଯାଏ ଏବଂ ତାହା ଶିଶୁର ଉନ୍ନତି ବଦଳରେ ଅବନତିର କାରଣ ହୁଏ। ଶିଶୁ ଇଚ୍ଛା କରୁଥିବା ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ ଏବଂ ଶିଶୁ ସାହିତ୍ୟ ସର୍ବଦା ଆଶାବାଦୀ ହେବା ଜରୁରୀ। ଶିଶୁ ସାହିତ୍ୟରେ ନିରାଶାବାଦର ଆଭାସ ସର୍ବଦୌ ଅସମୀଚୀନ। ଏହା ସହିତ ଶିଶୁ ସାହିତ୍ୟରେ ନବରସ ମଧ୍ୟରୁ ପ୍ରେମ ରସ, କରୁଣା ରସ, ହାସ୍ୟ ରସ ଏବଂ ତତ୍ ସହିତ ବାତ୍ସଲ୍ୟ ରସ ରହିବା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ।

> **ଶିଶୁ ସାହିତ୍ୟ ସର୍ବଦା ଆଶାବାଦୀ ହେବା ଜରୁରୀ। ଶିଶୁ ସାହିତ୍ୟରେ ନିରାଶାବାଦର ଆଭାସ ସର୍ବଦୌ ଅସମୀଚୀନ।**

ଯେଉଁ ସାହିତ୍ୟରେ ଆନନ୍ଦ ନାହିଁ କି ଆଲୋକ ନାହିଁ, ତାହା ସବୁ ଶ୍ରେଣୀର ପିଲାଙ୍କ ପାଇଁ ଅନୁପଯୁକ୍ତ।

□□

ଲେଖକଙ୍କ ଇ-ମେଲ ଠିକଣା:
dashbenhur.53@gmail.com

**‘ସାହିତ୍ୟ ଚର୍ଚ୍ଚା’ର ଏକ ଅନବଦ୍ୟ ପ୍ରକାଶନ**

# ଅନ୍ତରଙ୍ଗ ଆଳାପ


**ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର**

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




‘Google Play Books’ ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।

ଗଳ୍ପ

# ଦୁଇଟି ମିନିଗପ



ହରେକୃଷ୍ଣ ସାହୁ

## ହମ୍ପ

କଲେଜ ଛକରେ ସବୁବେଳେ ଭିଡ଼। ରାସ୍ତା ମଝିରେ ଦଳ ଦଳ କଲେଜପିଲା ଠିଆହୋଇ କଥାବାର୍ତ୍ତା କରୁଥାନ୍ତି। ସାଇକେଲଟିମାନ ରଖିଦେଇ ପାନ ଦୋକାନରେ ପାନ ଭାଙ୍ଗୁଥାନ୍ତି ନ ହେଲେ ସିଗାରେଟ୍ ଫୁଙ୍କୁଥାନ୍ତି। ଏଣେ ଗାଡ଼ି ମଟରମାନେ ବାଟ ପାଇବା ପାଇଁ ଅନବରତ ହର୍ଣ୍ଣ ବଜାଇ କାନ ତାବଦା କରି ଦେଉଥାନ୍ତି। ତେବେବି ସହଜରେ ପିଲାମାନେ ରାସ୍ତାରୁ ଘୁଞ୍ଚିଯାଆନ୍ତି ନାହିଁ।

ଏହିଭଳି ପରିସ୍ଥିତିରେ ଦିନେ ଦୁର୍ଘଟଣାଟିଏ ଘଟିଗଲା। ସେଥିରେ କଲେଜ ଛାତ୍ରଟିଏ ମରିଗଲା। ସଙ୍ଗେ ସଙ୍ଗେ ପିଲାମାନେ ଆରମ୍ଭ କରିଦେଲେ ଧର୍ମଘଟ। ସ୍ଲୋଗାନ ଦେଇ ସେମାନେ ବସିଗଲେ ରାସ୍ତା ଉପରେ। ଇଏ ହେଲା ରାସ୍ତାରୋକୋ। ଜିଲ୍ଲାପାଳ ଆସିଲେ। ଏସ୍.ପି. ଆସିଲେ। ପିଲାମାନେ ଦାବିକଲେ କଲେଜ ଛକରେ ହମ୍ପ ହେଉ। ଜିଲ୍ଲାପାଳ ଦାବି ମାନିଗଲେ। ଅଳ୍ପ ସମୟ ଭିତରେ ଠିଆ ହୋଇଗଲା ଦି'ଟା ହମ୍ପ। ଗୋଟେ ଛକର ଏପଟରେ, ଗୋଟେ ଛକର ସେପଟରେ। ପିଲାମାନେ ଗର୍ବରେ ଛାତି ଫୁଲେଇ ବୁଲିଲେ। କାରଣ ତାଙ୍କର ଦାବି ପୂରଣ ହୋଇଛି।

ରାଧୁ ସେଦିନ କଲେଜ ନ ଆସି ଖୁବ୍ ସକାଳୁ ସ୍କୁଟର ନେଇ ଯାଇଥିଲା ମାମୁଘରକୁ। ଫେରୁ ଫେରୁ ରାତି ଏଗାରଟା ହୋଇଗଲା। କଲେଜ୍ ଛକରେ ହମ୍ପ ହେବା କଥା ସିଏ ଜାଣି ନ ଥିଲା। ତେଣୁ ସେ ତା'ର ଚିରାଚରିତ ଗତିରେ ସ୍କୁଟର ଚଲାଇ ଆସୁ ଆସୁ ଅଚାନକ୍ ହମ୍ପ ଉପରେ ଚଢ଼ିଗଲା। ଆଉ ଛିଟିକି ପଡ଼ିଲା ଖଣ୍ଡେ ଦୂରରେ। ମୁଣ୍ଡଟା ଟାଣୁଆ ପିଚୁ ସଡ଼କରେ ବାଡ଼େଇ ହୋଇଯିବାରୁ ସେଇଠି ତା'ର ପ୍ରାଣବାୟୁ ଉଡ଼ିଗଲା।

□□



## ନରମାୟା

ଥରେ ଭଗବାନ ମର୍ତ୍ତ୍ୟମଣ୍ଡଳରେ ଜନ୍ମଗ୍ରହଣ କରି ଲୀଳାଖେଳା କରିବାକୁ ଇଚ୍ଛା କଲେ। ସେଥିପାଇଁ ଉପଯୁକ୍ତ ମାତା ଓ ପିତା ସନ୍ଧାନରେ ନାରଦ ମର୍ତ୍ତ୍ୟକୁ ଆସିଲେ। ପୃଥିବୀର ବିଭିନ୍ନ ସ୍ଥାନ ଭ୍ରମଣ କରି ଶେଷରେ ଭାରତ ଭୂମିରେ ପହଞ୍ଚିଲେ। ଅବଶେଷରେ ଭଗବାନଙ୍କ ପିତାମାତା ହେବାପାଇଁ ଉପଯୁକ୍ତ ଦମ୍ପତିଟିଏ ପାଇଲେ। ସେମାନେ ଚରିତ୍ରବାନ, ଗୁଣବାନ, ଧନବାନ, ଶିକ୍ଷିତ ଓ ମାର୍ଜିତ ମଣିଷ ହିସାବରେ ଗଣାଯାଉଥିଲେ।

ନାରଦ ଅନୁମାନ କରି ଦେଖିଲେ ଯଦି ଭଗବାନ ଏହି ଦମ୍ପତିଙ୍କର ସନ୍ତାନ ହିସାବରେ ଜନ୍ମଗ୍ରହଣ କରନ୍ତି ତେବେ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ଓ ନିଜର ଇଚ୍ଛା ଅନୁଯାୟୀ ସଂସାର ନିମନ୍ତେ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିବ।

ନାରଦ ମର୍ତ୍ତ୍ୟରୁ ସ୍ୱର୍ଗକୁ ଫେରିଯାଇ ଏହି ଶୁଭ ସମ୍ବାଦଟି ଭଗବାନଙ୍କୁ ଶୁଣାଇଲେ।

ଭଗବାନ ତିଥି, ନକ୍ଷତ୍ର ଓ ଶୁଭ ମୁହୂର୍ତ୍ତ ଦେଖି ମର୍ତ୍ତ୍ୟର ସେହି ସୁପୁରୁଷଙ୍କ ଶୁକ୍ର ମାଧ୍ୟମରେ ମାତାଙ୍କ ଗର୍ଭରେ ଅବସ୍ଥାନ କଲେ।

ପ୍ରାୟ ମାସେ ପରେ ସେହି ମହିଳା ଜଣକ ଜାଣିଲେ ଗର୍ଭବତୀ ହୋଇଛନ୍ତି। ତେଣୁ ଚିନ୍ତିତ ହୋଇ ପଡ଼ିଲେ। କାରଣ ସେ ଦମ୍ପତିଟି ଆଉ ଗୋଟିଏ ସନ୍ତାନର ଜନକ ଜନନୀ ହେବାପାଇଁ ଇଚ୍ଛା କରୁ ନ ଥିଲେ। ତେଣୁ ଡାକ୍ତରଖାନାକୁ ଯାଇ ଗର୍ଭପାତ କରାଇଦେଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

ପ୍ରବନ୍ଧ

# ଓଡ଼ିଆ ପଦାବଳୀ ସାହିତ୍ୟରେ ଶାସ୍ତ୍ରୀୟ ଭାଷାର ସ୍ୱରୂପ



ଡ. ହିମାଦ୍ରୀ ତନୟା ମିଶ୍ର

ପଦାବଳୀ ସାହିତ୍ୟ କହିଲେ କେତେଗୁଡ଼ିଏ ପଦର ସମାହାରକୁ ବୁଝାଏ ନାହିଁ। ବିଭିନ୍ନ ଭାରତୀୟ ଭାଷାରେ ଏହା ସାହିତ୍ୟର ଏକ ବିଶିଷ୍ଟ ବିଭାଗ ରୂପେ ବିକାଶ ଲାଭ କରିଅଛି। ଗୀତଗୋବିନ୍ଦର ରଚୟିତା ୧୨ଶ ଶତାବ୍ଦୀର କବି ଜୟଦେବ ପ୍ରଥମ କରି ପଦାବଳୀ ଶବ୍ଦଟି ବ୍ୟବହାର କରିଥିଲେ। ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାକୁ ଉପଜୀବ୍ୟ କରି ରଚିତ ସ୍ୱକୀୟ କାବ୍ୟକୁ ସେ 'ଲଳିତ କୋମଳକାନ୍ତ ପଦାବଳୀ' କହିବା ପରେ ପରବର୍ତ୍ତୀ ବୈଷ୍ଣବ କବିଗଣ କୃଷ୍ଣଙ୍କ ବ୍ରଜଲୀଳାତ୍ମକ ଗାନୋପଯୋଗୀ କବିତାକୁ ପଦାବଳୀ ଆଖ୍ୟା ଦେଲେ। ତେଣୁ ପଦାବଳୀ ସାହିତ୍ୟ ଅନ୍ତର୍ଭୁକ୍ତ ପଦାବଳୀ ଶବ୍ଦଟି ଆଭିଧାନିକ ଅର୍ଥରେ ବ୍ୟବହୃତ ନ ହୋଇ ଏକ ସାଂକେତିକ ଅର୍ଥ ବା ରୂଢ଼ି ଅର୍ଥରେ ବ୍ୟବହୃତ।

ବ୍ରଜପୁରର ଗୋପୀ, ରାଧା, ବ୍ରଜବାଳକ ଓ ଯଶୋଦାଙ୍କ ସହ ଶ୍ରୀକୃଷ୍ଣଙ୍କ ମଧୁର ଲୀଳାକୁ କେନ୍ଦ୍ର କରି ରଚିତ ସଂଗୀତାତ୍ମକ କବିତାମାନ ପଦାବଳୀ ସାହିତ୍ୟ ଭାବେ ସ୍ୱୀକୃତି ଲାଭ କରିଛି। ପଦ୍ୟାବଳୀ ଓ ପଦାବଳୀ ଶବ୍ଦ ଦୁଇଟିରେ ରୂପଗତ ସାମ୍ୟଥିଲେ ହେଁ ଅର୍ଥଗତ ପାର୍ଥକ୍ୟ ରହିଛି। ଯେକୌଣସି ବିଷୟକୁ କେନ୍ଦ୍ରକରି ରଚିତ ପଦ୍ୟ ରଚନାଗୁଡ଼ିକର ସମାହାରକୁ ପଦ୍ୟାବଳୀ କୁହାଯାଏ। କିନ୍ତୁ ପଦାବଳୀ କହିଲେ କେବଳ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ବିଷୟକ ରାଗ, ତାଳ ସମନ୍ୱିତ ଗୀତିଧର୍ମୀ କବିତାକୁ ବୁଝାଏ। ସେ ଦୃଷ୍ଟିରୁ ଦେଖିଲେ ସବୁ ପଦାବଳୀ ପଦ୍ୟାବଳୀର ଅନ୍ତର୍ଭୁକ୍ତ। କିନ୍ତୁ ସବୁ ପଦ୍ୟ ପଦାବଳୀ ନୁହେଁ। ଏହା ଓଡ଼ିଶାର ପାରମ୍ପରିକ ସଂଗୀତ ବା ଚଉପଦୀର ଆଙ୍ଗିକ ଦ୍ୱାରା ପରିଚିହ୍ନିତ। ଏଥିରେ ପ୍ରଥମେ ଘୋଷା ବା ଧ୍ରୁବପଦ ଓ ପରେ ଚାରି-ପାଞ୍ଚଟି ଅନ୍ତରା ପଦ ରହିବା ହେଉଛି ସାଧାରଣ ବିଧି। ଶେଷପଦରେ ପଦକର୍ତ୍ତାଙ୍କ ନାମ ଭଣିତା ଆକାରରେ ଥାଏ। କେତେକ ପଦାବଳୀରେ ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ଭାବ ପ୍ରକାଶିତ ହୋଇଥାଏ।

### ଆଳଙ୍କାରିକ ଛଟା


ରୀତିଯୁଗର ଶେଷ ଭାଗରେ ପଦାବଳୀ ରଚିତ ହୋଇଥିବାରୁ ଆଳଙ୍କାରିକ ଛଟା ପରିଲକ୍ଷିତ ହୁଏ। ଯେଉଁଥିରେ ଆଳଙ୍କାରିକତାର ଆଧିକ୍ୟ ଥାଏ ତା'ର ସାଙ୍ଗୀତିକତା ବ୍ୟାହତ ହୋଇଥାଏ। ଅଳଙ୍କାରର ପ୍ରୟୋଗ ପରିମିତ ଥିଲେ ଗୀତଗୁଡ଼ିକ ଅତିଶୟ ଶ୍ରୁତିମଧୁର ଲାଗେ। ପଦାବଳୀ ସାହିତ୍ୟରେ ସଙ୍ଗୀତର ସ୍ୱରମୂର୍ଚ୍ଛନା ଓ କବିତାର ଭାବମୂର୍ଚ୍ଛନା ଉଭୟ ଉପଲବ୍ଧି ହେଉଥିବାରୁ ଏହା ସଙ୍ଗୀତ ଓ କବିତାର ଏକ ଅପୂର୍ବ ସମନ୍ୱୟ ମନେ ହୁଏ। ବୈଷ୍ଣବ ପଦାବଳୀ ପ୍ରଥମେ ସଂସ୍କୃତ ଭାଷାରେ ରଚିତ ହୋଇ ପରେ ବ୍ରଜବୁଲି ଭାଷାରେ ପ୍ରସାର ଲାଭ କରିଥିଲା। 'ହିଷ୍ଟ୍ରି ଅଫ୍ ବ୍ରଜବୁଲି ଲିଟରେଚର' ଗ୍ରନ୍ଥରେ ସୁକୁମାର ସେନ୍ କହିଛନ୍ତି, ବୌଦ୍ଧଧର୍ମର ପ୍ରଚାର ପାଇଁ ପାଲି ଭାଷା ଯେପରି ମାଧ୍ୟମ ଥିଲା ସେହିପରି ବୈଷ୍ଣବ ଧର୍ମର ପ୍ରଚାର ପାଇଁ ବ୍ରଜବୁଲି ଭାଷାକୁ ତତ୍ତୁଲ୍ୟ ଉପଯୁକ୍ତ ଭାଷା ରୂପେ ଗ୍ରହଣ କରାଯାଇଥିଲା।

**ପଦାବଳୀ ସାହିତ୍ୟରେ ସଙ୍ଗୀତର ସ୍ୱରମୂର୍ଚ୍ଛନା ଓ କବିତାର ଭାବମୂର୍ଚ୍ଛନା ଉଭୟ ଉପଲବ୍ଧି ହେଉଥିବାରୁ ଏହା ସଙ୍ଗୀତ ଓ କବିତାର ଏକ ଅପୂର୍ବ ସମନ୍ୱୟ ମନେ ହୁଏ।**

ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାକୁ କେନ୍ଦ୍ରକରି ରସାଳ ସାହିତ୍ୟ ସୃଷ୍ଟି କରିବା ଦିଗରେ ଓଡ଼ିଶାରେ ଆଦ୍ୟ ପଦକ୍ଷେପ ନେଇଥିବା ପ୍ରମୁଖ କବିମାନଙ୍କ ମଧ୍ୟରେ - ମାଧବୀଦାସୀ, ଭୂପତି ପଣ୍ଡିତ, ଯଦୁପତି, ଚନ୍ଦକବି, ରାୟ ରାମାନନ୍ଦ, ଦାମୋଦର ଦାସ, ଚମ୍ପତି ରାୟ, ମୁରାରି ମିଶ୍ର, ବଳରାମ ଦାସ, ଲୋକନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଓଡ଼ିଆ ସାହିତ୍ୟରେ ପଦାବଳୀ ଶବ୍ଦର ବ୍ୟବହାର କଲେ। ଦକ୍ଷିଣ ଓଡ଼ିଶାର ରାୟରାମାନନ୍ଦ ବ୍ରଜବୁଲି ଭାଷାରେ ପଦାବଳୀ ରଚନା କରି ଓଡ଼ିଆ କବିମାନଙ୍କୁ

ଅନୁପ୍ରାଣିତ କଲେ। ଏହା ପରେ ମାଧବ ଦାସଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ', ଲୋକନାଥଙ୍କର 'ବୃନ୍ଦାବନ ବିହାର', ଭୂପତି ପଣ୍ଡିତଙ୍କର 'ପ୍ରେମ ପଞ୍ଚାମୃତ', କୃଷ୍ଣଲୀଳା ବିଷୟକ ଉତ୍କୃଷ୍ଟ ଗ୍ରନ୍ଥ ପଦାବଳୀ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି। ଏହା ସହିତ ଦାମୋଦର ଦାସଙ୍କ 'ବିରହିଣୀ ଶ୍ରୀରାଧା' ଓ ରାୟ ଚମ୍ପତିଙ୍କର 'ଶ୍ରୀରାଧା ବିରହ' ଆଦି ଓଡ଼ିଆ ପଦାବଳୀ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ।

ରୀତିଯୁଗୀୟ କବିମାନେ ଶ୍ରୀକୃଷ୍ଣଙ୍କ ବ୍ରଜଲୀଳାକୁ କେନ୍ଦ୍ର କରି ବହୁ ପଦାବଳୀ ରଚନା କରିଛନ୍ତି। ଦନାଇ ଦାସଙ୍କ 'ଗୋପୀ ଭାଷା', ଦେବଦୁର୍ଲଭଙ୍କ 'ରହସ୍ୟ ମଞ୍ଜରୀ', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ 'ଯୁଗଳ ରସାମୃତ ଲହରୀ', ଉପେନ୍ଦ୍ର ଭଞ୍ଜଙ୍କ 'କଳା କଉତୁକ', ଭକ୍ତଚରଣଙ୍କ 'ମଥୁରାମଙ୍ଗଳ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', ବ୍ରଜନାଥ ବଡ଼ଜେନାଙ୍କ 'ଶ୍ୟାମ ରାସୋତ୍ସବ' ଏବଂ ନାରାୟଣ ଦେବଙ୍କ 'ବୃନ୍ଦାବନ ଚନ୍ଦ୍ର ବିହାର' ଆଦି ଗ୍ରନ୍ଥ ପଦାବଳୀ ସାହିତ୍ୟର ଦୃଷ୍ଟାନ୍ତ। ରଚନା ଶୈଳୀର ବିଭିନ୍ନତା ଦୃଷ୍ଟିରୁ ଏ ଗୀତିକବିତାଗୁଡ଼ିକ କୋଇଲି, ଚଉତିଶା, ପୋଇ, ପଦିଆ, ବୋଲି, ଚମ୍ପୂ, ଚଉପଦୀ ଆଦି ଭେଦରେ ବିଭକ୍ତ। ବଳରାମ ଦାସଙ୍କ 'ବାରମାସୀ କୋଇଲି', ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଦନେଇ ଦାସଙ୍କ 'ଯଶୋଦା କୋଇଲି', ଅଚ୍ୟୁତାନନ୍ଦଙ୍କ 'ଦୂତୀବୋଧ ଚଉତିଶା', ଦାମୋଦର ଦାସଙ୍କ 'ରସ କେଇଲା ଚଉତିଶା', ଅର୍ଜୁନ ଦାସଙ୍କ 'ମିଳନ ଚଉତିଶା', ବଳରାମ ଦାସଙ୍କ 'କମଳଲୋଚନ ଚଉତିଶା', ଦୀନକୃଷ୍ଣଙ୍କ 'ରାଧା ଦର୍ଶନ ଚଉତିଶା', ଭୂପତି ପଣ୍ଡିତଙ୍କ 'ଉଦ୍ଧବ ଚଉତିଶା', କଣ୍ଣଦାସଙ୍କ 'ନ ପୋଇ ଛ ପୋଇ', ରସାନନ୍ଦଙ୍କ 'କୃଷ୍ଣଲୀଳାତ୍ମକ ଚଉପଦୀ' ଆଦିରେ ପଦାବଳୀ ସାହିତ୍ୟର ବିକାଶ ଲକ୍ଷ୍ୟ କରିହୁଏ। ଏଥି ସହିତ ଓଡ଼ିଆ ପଦାବଳୀ ସାହିତ୍ୟକୁ ଯେଉଁମାନେ ବହୁ ବ୍ୟାପକ କରିଛନ୍ତି




ସେମାନଙ୍କ ମଧ୍ୟରେ ଭକ୍ତକବି ସାଲବେଗ, ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବନମାଳୀ ଗୌରହରି, ଗୌରଚରଣ ପ୍ରମୁଖଙ୍କ ନାମ ସ୍ମରଣୀୟ।

**ଗୋପାଳକୃଷ୍ଣ**

ଗୋପାଳକୃଷ୍ଣଙ୍କ ସମୟ ୧୭୮୫ ଖ୍ରୀଷ୍ଟାବ୍ଦ-୧୮୬୨ ଖ୍ରୀଷ୍ଟାବ୍ଦ। ରାଗାନୁଗାପନ୍ଥୀ ଗୋପାଳକୃଷ୍ଣ ୧୮୧୨ ଖ୍ରୀଷ୍ଟାବ୍ଦରେ ପୁରୁଷାନୁକ୍ରମେ ପାରଳାଖେମୁଣ୍ଡି ରାଜାଙ୍କର ପାଞ୍ଜିଆକରଣ କାର୍ଯ୍ୟରେ ନିଯୁକ୍ତି ପାଇଥିଲେ। ତାଙ୍କ ରଚିତ କବିତାବଳୀ ଓଡ଼ିଆ, ବଙ୍ଗଳା, ବ୍ରଜବୁଲି ଓ ସଂସ୍କୃତର ସେ ପାରଦର୍ଶୀ ଥିବାର ସୂଚନା ଦିଅନ୍ତି। କବି କୀର୍ତ୍ତନ, ପ୍ରାର୍ଥନା, ସ୍ତବ, ସ୍ତୋତ୍ର ପ୍ରଭୃତି ଭକ୍ତିମୂଳକ ସଂଗୀତ ସହ କୋଇଲି, ଦୋଳିଗୀତ ଭଳି ବାତ୍ସଲ୍ୟ ରସାଶ୍ରିତ ସଂଗୀତ ରଚନା କରିଛନ୍ତି। ନବାନୁରାଗ, ପ୍ରେମାନୁରାଗ, ଶ୍ରୀକୃଷ୍ଣଙ୍କ କୈଶୋରାବସ୍ଥା ଓ ରାଧାକୃଷ୍ଣ ଭକ୍ତିମୂଳକ କବିତାମାନ ସେ ଲେଖିଛନ୍ତି। ମଧୁର ଭାବରାଜିକୁ କୋମଳ ଶବ୍ଦାବଳୀ ଓ ଶ୍ରୁତିମଧୁର ରାଗରାଗିଣୀରେ ପ୍ରକାଶ କରି ପଦାବଳୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଉଦାହରଣ ସ୍ୱରୂପ - ଅଭିନବ ପ୍ରେମଦେ (ପ୍ରେମରେ ଏକନିଷ୍ଠ), ଅଗାଧନୀ (ଗଭୀର), ଅଥାନନ୍ତ (ବିସ୍ମରଣଶୀଳ), ଆଟକ (ଅଟକ), ଅକୂତ (ଅଭିଳାଷ), କୁଞ୍ଜ ମୋହିନୀ (ଲତାଗୃହ), କୋଶାଦ୍ୟ (କେଶର ଆଦ୍ୟ), କରକ (ଡାଳିମ୍ବ), ଗୁଞ୍ଜାମାଳିୟା (କାଇଁଚ ମାଳି), ଗର୍ଗର (ଗରା), ଘୋଣାଗ୍ର (ନାକର ଅଗ୍ର), ଘନଜଘନା (ବହଳଜାନୁ), ଚରୁମନ୍ଦତୁନ୍ଦେ (ସୁନ୍ଦର ଶରୀର), ଜୃମ୍ଭା (ଆଳସ୍ୟ), ଜୁଳି (ଖଦ୍ୟୋତ), ଢଳାଚୂଳ (ଛାଞ୍ଚ), ଧ୍ୱାନ୍ତ (ତିମିର), ନୀପଫୁଲ (କଦମ୍ବ), ପୀତାଧଟୀ (ହଳଦିଆ ବସ୍ତ୍ର), ବିତାନ (ମଣ୍ଡପ), ବଧୁଲୀ ଅଧରୀ (ରଙ୍ଗଣୀ ଫୁଲ), ମକରୀ (ଚନ୍ଦନଚିତା), ରସାଳସୀ (ରସବତୀ), ରମ୍ଭ ସଞ୍ଜଣି (ବାଉଁଶ କଣି), ଶର୍ମସଦ୍ମା (ଅଶୁଭ ଗୃହ), ହେମାବଜ ନନ୍ଦନ (ଅତିଥଣ୍ଡା), ଲୁକି (ଲଚକାଳି) ଆଦି ଶବ୍ଦଗୁଡ଼ିକ ଶାସ୍ତ୍ରୀୟ ଓଡ଼ିଆ

ଭାଷାର ସମ୍ଭାର। ରାଗ ଓ ତାଳ ଉପରେ ରଚିତ ତାଙ୍କ କବିତାଗୁଡ଼ିକରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ବହୁରୂପ ବିଭବ ରହିଛି ଯେପରି - ରାଗ - ମୋହନ, ତାଳ - ରୂପକ

'ହୋରି ରଙ୍ଗେ ବିରହି।
ହରି ସଂଗେ ଶ୍ରୀ କିଶୋରୀ
ପବନେ ଚଳି ଚମ୍ପକ ବଲ୍ଲୀ
ତମାଳେ ଢଳିଲା ପରି
ପଶୁପୀବାଳା ଚପଳା ମାଳା
ଘନକୁ ଘେରିଲା ପରି
ହେମାବଜ ବନ ବୟସୀ ଜନ
ମଧୁବ୍ରତ ଗିରିଧାରୀ
ଫଗୁ ଅବିର ବ୍ରଜସୁନ୍ଦର
କଞ୍ଚୁଳୀ ଗଳି ବାହାରି।

X X X X

ରାଗ - ମାଳବ ଗୋଡ଼ା   ତାଳ - ମିଶ୍ର
ଲଭିଲୁ ଏ ଦଶା ବୃଥା ରସାଳସା
କାଲି ଏକା ଆଣି ଯାଇ ପାଣିରେ
କମ୍ପ ସ୍ୱରଭଙ୍ଗ ରୋମାଞ୍ଚ ଉଦ୍‌ବେଗ
ମୋହ ହେଉଛୁ କ୍ଷଣକୁ କ୍ଷଣିରେ।'

## କବିସୂର୍ଯ୍ୟ ବଳଦେବ

କବିସୂର୍ଯ୍ୟଙ୍କ ସମୟ ୧୭୮୯ ଖ୍ରୀଷ୍ଟାବ୍ଦ। ଅଜା ତ୍ରିପୁରାରୀ ହୋତାଙ୍କ ତତ୍ତ୍ୱାବଧାନରେ କବି ସଂସ୍କୃତ କାବ୍ୟ, ଅଳଙ୍କାର, ଦର୍ଶନ, ସ୍ତୁତି ପ୍ରଭୃତିରେ ପାଣ୍ଡିତ୍ୟ ଲାଭ କରିଥିଲେ। ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟଙ୍କଠାରୁ ସେ କବିସୂର୍ଯ୍ୟ ଉପାଧି ପାଇଥିଲେ। ଗଜପତି ମୁକୁନ୍ଦଦେବଙ୍କ ଦ୍ୱାରା କବିସୂର୍ଯ୍ୟ ରାୟଗୁରୁ ମହାପାତ୍ର ଉପାଧି ପାଇଥିଲେ। କବିଙ୍କର ସାର୍ଥକ ସୃଷ୍ଟି ମଧ୍ୟରେ ରହିଛି - ଚନ୍ଦ୍ରକଳା, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ଚୌପଦୀ ଚନ୍ଦ୍ରୋଦୟ, ହାସ୍ୟ କଲ୍ଲୋଳ ଇତ୍ୟାଦି। କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ତାଙ୍କର ଚର୍ଚ୍ଚିତ ପଦାବଳୀ। ନାଟକ ଓ ସଂଗୀତ ଉଭୟ ଦୃଷ୍ଟିରୁ ଏହା ତାଙ୍କର ସାର୍ଥକ ସୃଷ୍ଟି। ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶିଟି ଅକ୍ଷର ନେଇ ସ୍ୱତନ୍ତ୍ର ଭାବରେ କବିତାଗୁଡ଼ିକ ରଚନା କରିଛନ୍ତି। ଶୃଙ୍ଗାର ରସ ଏହାର ମୁଖ୍ୟ ଉପାଦାନ। କରୁଣ ରସର ସାମୟିକ ପ୍ରଭାବ ରହିଛି। ଏହି ଚମ୍ପୂର ଚଉପଦୀଗୁଡ଼ିକ ଓଡ଼ିଶୀ ପଦ୍ଧତିର ଶାସ୍ତ୍ରୀୟ ସଙ୍ଗୀତ। ଏଥିରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ସୁକ୍ଷମ ବ୍ୟବହାର ଚମ୍ପୂର କାବ୍ୟିକ ମର୍ଯ୍ୟାଦା ବୃଦ୍ଧି କରିଛି। ଉଦାହରଣ ସ୍ୱରୂପ - ଖରାପ ତୁ ହେଲୁରେ, ଗଙ୍ଗାରୁ ବିଷଦ ଗଭୀର ତୋ ହୃଦ, ଡାଳିମ୍ବ ମି ଦଶନା, ବଲ୍ଲୀ-ନିଳୟ ବିହାର ଲୋଳା, ତରା ଭରା କିରଣ ବରାବର ଚରଣ ନଖାଂଶୁ ସୁରଗଣ ଶିଖା ଭରଣ ପ୍ରଭୃତି ବହୁ ଅଳଙ୍କାରର ମଧୁର ପ୍ରୟୋଗ ବିଦ୍ୟମାନ। ସଂଗୀତ ଶାସ୍ତ୍ର ନିୟମକୁ ଧରି ରଖି କବିସୂର୍ଯ୍ୟ ସାବେରୀ, ତୋଡ଼ି, ପରଜ, କେଦାର, ଶଙ୍କରାଭରଣ, କାଫି ଆଦି ରାଗ ରହିଛି।

ଓଡ଼ିଆ ଶବ୍ଦମାନଙ୍କୁ ସଂସ୍କୃତ ଶବ୍ଦମାନଙ୍କ ସହ ବ୍ୟବହାର କରି ସେ ଭାଷାକୁ ନୂତନ ଭାବ ଦେଇଛନ୍ତି। ଉଦାହରଣ ସ୍ୱରୂପ - କୁକୁକ୍ଷି (ବଡ଼ପେଟ), ଖେଳାକୋଳା ଖନାକ୍ଷି (କ୍ରୀଡ଼ାରେ ଚଞ୍ଚଳମନା ଖନ ଚଢ଼େଇର ଆଖି ପରି), ରାଇଲା (ମୋହିତ କରିବା), ନାଟପୁଟ (ନୃତ୍ୟ ନିପୁଣ), ଗଗନ କୁସୁମ (ଅସମ୍ଭବ ବସ୍ତୁ), ଘୃତଘଟ (ଘିଅ ମାଠିଆ), ଅବଗାହିଲୁ (ବୁଡ ଦେଲୁ), ଆନୀଳ ଶତପତ୍ରନେତ୍ରା (ସମ୍ପୂର୍ଣ୍ଣ ରୂପେ ନୀଳ), ନୂଆନଟ ପଟଳୀ ମୁକୁଟ (ନୂତନ ନର୍ତ୍ତକମାନଙ୍କ ମଧ୍ୟରେ ଶ୍ରେଷ୍ଠ), ଅମରୀଏ (ଅପସରାମାନେ), ଚଳାପାଙ୍ଗୀ (ଚଞ୍ଚଳ ନେତ୍ରା), ଋମର ଚିକୁରା (ଋମର ପରି ଚିକୁର ଯାହାର), ଚିରାମରା (ପାଟିତୁଣ୍ଡ), ଋମୀକର (ସୁନା), ଋରୁମାରୁତ (ମନୋହର ପବନ), ଝିମୁଟ (ମୁହୂର୍ତ୍ତ), ଝୁମିଝିମି (ଘୁମାଇ ଘୁମାଇ), ପଦାମ୍ବୁଜଧ୍ୟାନ (ପାଦପଦ୍ମ ଧ୍ୟାନ), କୁନ୍ଦକଳି ଦଶନା (କୁନ୍ଦ ଫୁଲ କଢ଼ି ପରି ଦାନ୍ତ), ତନାବି (ଝରକା), ମୃଗମଦ କଳି (କସ୍ତୁରୀ ଚିତା), ଆବ୍ରୁର (ମହତ୍ତ୍ୱ), ପଞ୍ଚବାଣ (କନ୍ଦର୍ପ), କୁରୁବିନ୍ଦ (ପଦ୍ମରାଗ ମଣି), ଲଲାମ (ଲଲାଟ ଭୂଷଣ), ଲାକ୍ଷା (ଅଳତା), ଶମନ ସ୍ୱସ୍ରା (ଯମଙ୍କ ଭଉଣୀ), ସୁତ୍ରାମା (ଇନ୍ଦ୍ର), ଶାଖିବ୍ୟୂହ (ବୃକ୍ଷରାଜି), ରଦାମ୍ବର (ଅଧର) ଏହିପରି ଅନେକ ଶବ୍ଦର ସମ୍ଭାର ରହିଛି। ଏଥିସହିତ ବହୁ ଯାବନିକ ଶବ୍ଦର ପ୍ରୟୋଗ ରହିଛି। ଖିଆଲ (ଆରବୀ), ଦରଦ (ଫରାସୀ), ଆବ୍ରୁର (ଫା),

**କବିସୂର୍ଯ୍ୟ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶିଟି ଅକ୍ଷର ନେଇ ସ୍ୱତନ୍ତ୍ର ଭାବରେ କବିତାଗୁଡ଼ିକ ରଚନା କରିଛନ୍ତି। ଶୃଙ୍ଗାର ରସ ଏହାର ମୁଖ୍ୟ ଉପାଦାନ।**


ହୁକୁମ (ଆ), ଜହର (ଫା), ନିଜର (ଆ), ଫରିଆଦ (ଫା) ପ୍ରଭୃତି ଶବ୍ଦର ସୁନ୍ଦର ସଂଯୋଜନା କବିଙ୍କ ରଚନାବଳୀରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଯଥାର୍ଥ ସ୍ୱରୂପ ପ୍ରକାଶିତ ହୋଇଛି।

ଓଡ଼ିଆ ପଦାବଳୀ ସଙ୍ଗୀତ ଓ କବିତାର ଏକ ସମନ୍ୱିତ ରୂପ। ଶବ୍ଦାବଳୀରେ ବିରଚିତ ସଙ୍ଗୀତ ହେଉଛି କବିତା ଏବଂ ଧ୍ୱନିରେ ବିରଚିତ କବିତା ହେଉଛି ସଙ୍ଗୀତ। ସଙ୍ଗୀତର ସୁଲଳିତ ମଧୁର ଛନ୍ଦ ବ୍ୟତୀତ କବିତା କିମ୍ବା କବିତାର ସରସ ଭାବ ବ୍ୟତୀତ ସଙ୍ଗୀତ ପାଠକ ବା ଶ୍ରୋତାଙ୍କୁ ଆଲୋଡ଼ିତ କରିପାରେ ନାହିଁ। କବିତାର ଭାବ ହେଉଛି ପ୍ରାଣ କିନ୍ତୁ ସଙ୍ଗୀତର କବିତା ହେଉଛି ପ୍ରାଣ ସଦୃଶ, ତେଣୁ ଉଚ୍ଚକୋଟୀର ସଙ୍ଗୀତ ସରସ ଭାବେ ସମ୍ପନ୍ନ ହେବା ଉଚିତ - ଏ କଥା ପଦାବଳୀ ଯୁଗର କବିଗଣ ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତର ଲକ୍ଷଣକୁ ବୁଝି ସଙ୍ଗୀତ ଶିକ୍ଷାକରି କାବ୍ୟ କବିତାମାନ ରଚନା କରି ସେମାନେ ପଦାବଳୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ସେମାନେ ସ୍ୱରଚିତ ପଦାବଳୀରେ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ଭକ୍ତି ଓ ପ୍ରୀତିର ସୁମଧୁର ଭାବକୁ ଉପଜୀବ୍ୟ କରି ତାହାର ଆତ୍ମିକ ବିଭବକୁ ପରିପୁଷ୍ଟ କରିବା ସଙ୍ଗେ ସଙ୍ଗେ ରାଗ, ତାଳ ବାଦ୍ୟ ସମନ୍ୱିତ ସାଙ୍ଗୀତିକ ପ୍ରକାଶଭଙ୍ଗୀ ମାଧ୍ୟମରେ ତାହାର ଆଙ୍ଗିକ ସୌଷ୍ଠବ ବୃଦ୍ଧି କରିପାରିଛନ୍ତି। କବିତାର ସରସ ଭାବ ଓ ସଙ୍ଗୀତର ସ୍ୱର ମାଧୁର୍ଯ୍ୟର ସମନ୍ୱୟରେ ଓଡ଼ିଆ ପଦାବଳୀ ସାହିତ୍ୟ ଯୁଗ ଯୁଗ ଧରି ପାଠକ ତଥା ଶ୍ରୋତାଙ୍କ ଚିତ୍ତହରଣ ପୂର୍ବକ ଜନପ୍ରିୟତା ଅର୍ଜନ କରି ଆସିଅଛି।

**ଓଡ଼ିଆ ପଦାବଳୀ ସଙ୍ଗୀତ ଓ କବିତାର ଏକ ସମନ୍ୱିତ ରୂପ। ଶବ୍ଦାବଳୀରେ ବିରଚିତ ସଙ୍ଗୀତ ହେଉଛି କବିତା ଏବଂ ଧ୍ୱନିରେ ବିରଚିତ କବିତା ହେଉଛି ସଙ୍ଗୀତ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
himadritanaya83@gmail.com




**ମୂଲ୍ୟ : ଟ. ୧୨୦/-**

## ପ୍ରକାଶ ପାଇଲା

# ଅଭୟାନନ୍ଦ ଉବାଚ

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।



କବିତା

# ସ୍ମୃତି ତୁମେ

**ସ୍ୱୟଂଶ୍ରୀ ପଣ୍ଡା**

ସ୍ମୃତି ତୁମେ..ଅଳସ ଆଖିରେ ଆସ
ତପନଙ୍କ ସାଥେ କିରଣ ବିଛାଡ଼ି
ଦୂର ଦିଗ୍ ବଳୟେ ଦିଶ।।

ସ୍ମୃତି ତୁମେ..ବିହଙ୍ଗମ କାକଳୀରେ
ଜୀବନ ସଙ୍ଗୀତ ଗାଉ ଥାଅ ନିତି
ମନ ପକ୍ଷୀ ପଞ୍ଜୁରିରେ।।

ସ୍ମୃତି ତୁମେ..ଝରଣାର କୁଳୁ କୁଳୁ
ପାହାଡ଼କୁ ଚିରି ଅଙ୍କା ବଙ୍କା ପଥେ
ଭିଜାଉଛ କେଉଁ କାଳୁ।।



ସ୍ମୃତି ତୁମେ.. ଝରା ଶେଫାଳିର ବାସ୍ନା
କାକର ଟୋପାର ସିକ୍ତ ଛୁଆଁରେ
ମନେ ଭରିଦିଅ ତୃଷ୍ଣା।।

ସ୍ମୃତି ତୁମେ.. ଅସଜଡ଼ା କେଶରାଜି
ମୁଗ୍ଧ ମଳୟ ଇଶାରାରେ ପୁଣି
ପାଅନି ନିଜକୁ ଖୋଜି ।।

ସ୍ମୃତି ତୁମେ..ଇନ୍ଦ୍ରଧନୁର ରଙ୍ଗ
ଶ୍ରାବଣ ଛିଟାରେ ଆଙ୍କି ହୋଇ ଯାଅ
ବଉଦକୁ କରି ସାଙ୍ଗ ॥

ସ୍ମୃତି ତୁମେ..ଗୋଧୂଳି ବେଳାର ଛାଇ
ନୀଡ଼ ଲେଉଟାଣି କ୍ଳାନ୍ତ ଅପରାହ୍ନେ
ଅଙ୍ଗେ ଯାଅ ଗୋଳି ହୋଇ।।

ସ୍ମୃତି ତୁମେ..ସୁନେଲି ସପନ ପରି
ତନ୍ଦ୍ରା ଅପସାରି ନୟନ ପଲକେ
ସ୍ନିଗ୍ଧତା ଦିଅ ଭରି।।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
swayamsrip@gmail.com


ଗଳ୍ପ



# ସମୁଦ୍ର ତଳର ନିଆଁ

ସାଗରିକା ପାଣିଗ୍ରାହୀ

ଏଇ କୃଷ୍ଣଚୂଡ଼ା, ନାଲି ପଳାଶ ଓ ଫଗୁଣର ଫଗୁ ସବୁ ନିଆଁ ଲଗାଏ ମନ ସମୁଦ୍ରର ଅତଳ ଗଭୀର ସ୍ମୃତି ସଜଳ ଜଳରାଶିରେ। ଉପରକୁ ସିନା ସଂସାରୀ ହୁଏ ମଣିଷଟା, ହେଲେ ସବୁ ମନତଳେ ଥାଏ ପ୍ରଥମ ପ୍ରେମର ନିଆଁ ଚିରୁଡାଏ। ହୋଇପାରେ ମନ ସମୁଦ୍ରରେ ତା'ର ଉପସ୍ଥିତିଟା ନିର୍ଜୀବ। ତାକୁ ସଜୀବ କରିବାକୁ କେତେ ସମୟ ବା ଲାଗେ। ସାଧାରଣ ଘଟଣାଟିଏ ବା ବୈଶାଖର ନୀରବ ନିରୋଳା ଶୀତଳ ଦ୍ୱିପହରର ଆତ୍ମୀୟତା ଟିକକ ଯଥେଷ୍ଟ। ତାରି ସମ୍ମୋହନ ବାଟବଣା କରାଏନି ହେଲେ ମନ ସମୁଦ୍ର ତଳେ ଜାଳିଦିଏ ଡହଡହ ତାତି ଠିକ୍ ପଳାଶକୁ ଖାପ ଖାଇଲା ପରି। ଝାଞ୍ଜିପିଟା ଗରମ ପବନରେ ହଲୁଥିବା କୃଷ୍ଣଚୂଡା ସହ ତାଳ ଦେଇ ଚହଲାଉଥାଏ ହୃଦୟକୁ।



ଅଚାନକ ବାଜିଉଠେ ଫୋନଟା---ହ୍ୟାଲୋ, ମାମା! ଏଠି ଅଚାନକ ମେଘ ଉଠେଇଲାଣି, ମୋର ଫେରିବାରେ ଟିକେ ଡେରି ହେବ, ସେପଟୁ ଭାସିଆସିଲା ଟିକିଏ ଟିକିଏ କଟୁଥିବା ମୌସୁମୀର ସ୍ୱର। ବ୍ୟସ୍ତ ହୋଇପଡିଲେ କାଦମ୍ବିନୀ, ଆରେ ତୁ କେଉଁଠି ଅଛୁ ମା ? ୟୁନିଭର୍ସିଟିରେ ଅଛୁ ତ ? ସେପଟୁ ଫୋନ କଟିଗଲା। ଅଚାନକ ମେଘ ଅଦିନିଆଁ ବର୍ଷା, ବର୍ଷା-ପାଣି ଗଡିଯାଏ ଭରିଯାଏ ନଦୀ। ପୂର୍ଣ୍ଣଗର୍ଭା ହୋଇ ସମୁଦ୍ର ସହ ମିଶିଯାଏ। ପୁଣି ଫୋନ ରିଙ୍ଗ ହେଲା, ସେପଟୁ ପୁଣି ଭାସି ଆସିଲା ମୌସୁମୀର ସ୍ୱର--'ମାମା ! ବ୍ୟସ୍ତ ହେବନି। ଆଇ ଆମ୍ ସେଫ୍। ମୁଁ ସୁମିତ୍ ସହ ଅଛି। କ୍ଲାସ୍ ସରିବା ପରେ ଆମେ କ୍ୟାଣ୍ଟିନ ଗଲୁ। କ୍ୟାଣ୍ଟିନଠାରୁ ବେଶ କିଛି ଦୂରକୁ ଚାଲି ଆସିଥିଲୁ। ହଠାତ୍ ମେଘ ଘୋଟି ଆସିଲା, ପବନର ବେଗ ବି ତୀବ୍ର ହେଲା। ବର୍ଷା ହୋଇପାରେ। ବର୍ଷା ଆଗରୁ ତ ଦୁହେଁ ରାସ୍ତାକଡର ପରିତ୍ୟକ୍ତ ଗୃହର ଭଙ୍ଗା ଆଜବେଷ୍ଟେସ ଛାତ ତଳେ ଆଶ୍ରୟ ନେଇଛୁ। ଅଦିନିଆ ବର୍ଷା, କିଛି ସମୟ ପରେ ଛାଡିଯାଇପାରେ। ତୁମେ ଚିନ୍ତା କରିବନି। ମଜା କଥା କ'ଣ ଜାଣିଛ ମାମା ଏ ଘରଟି ଭଙ୍ଗା ସିନା, ହେଲେ ତୁମର ସେ ସୁନ୍ଦର ଘର ଓ ତା' ତଳେ ଥିବା କଅଁଳା ପିଲାର ପେଣ୍ଟିଙ୍ଗ ସହ ପୂରା ମ୍ୟାଚ କରୁଛି। ଖାଲି ସେ କଅଁଳ ପିଲାଟା ଏଠି ନାହିଁ ସିନା....ହୋ ହୋ ହୋଇ ମୌସମୀ ହସି ଉଠିଲା ବେଳକୁ ପୁଣି ନେଟୱର୍କ ପ୍ରୋବ୍ଲମ୍ ଓ କଟ୍।

ବାସ୍ କାଦମ୍ବିନୀଙ୍କ ମନ ସମୁଦ୍ରରେ କିଏ ଫିଙ୍ଗିଦେଲା ନିଆଁ ଚିରୁଡାଏ ବା ଦିଆସିଲି କାଠିଟିଏ। କହିପାରିଲେନି ସତର୍କ ରହିବୁ। ପୁରୁଷ ମନତଳର ନିଆଁ ଥରେ ନାରୀକୁ ଗ୍ରାସିଗଲେ ସେ ସମାଜ ଆଗରେ ପାଲଟିଯାଏ ନଷ୍ଟଚରିତ୍ରା, ଯଦିଓ ଚରିତ୍ର ନାମକ ଚିଜଟିକୁ ସମସ୍ତେ ଘୋଡେଇ ରଖିଥାନ୍ତି। ଜବକାଚରେ ହାତର ରେଖାଗୁଡିକ ସ୍ପଷ୍ଟ ଦେଖାଯାଉଥିବା ପରି ଯଦି ଏମିତି କିଛି ଯନ୍ତ୍ର ଥାଆନ୍ତା ଯେଉଁଥିରେ ମଣିଷର ମନଟା ସ୍ୱଚ୍ଛ ଓ ସ୍ପଷ୍ଟ ଭାବରେ ଦେଖାଯାଇପାରନ୍ତା ତେବେ ଚରିତ୍ର ବୋଲି ବୋଧହୁଏ କିଛି ରହନ୍ତା ନାହିଁ। ହେଲେ ଏମିତି କିଛି ଯନ୍ତ୍ର ନାହିଁ ତେଣୁ ମନ କାନଭାସ୍‌ରେ କାହାର ଛବି ଲାଖି ରହିଛି ଜାଣିବାର କୌଣସି ଉପାୟ ବି ନାହିଁ। ଏଠି ସମସ୍ତଙ୍କର ଚରିତ୍ର ସ୍ୱଚ୍ଛ ହେବାକୁ ବାଧ୍ୟ। ଅବିବାହିତ ନାରୀ ଓ ପୁରୁଷ ଏକାନ୍ତ ମୁହୂର୍ତ୍ତଗୁଡିକରେ ପରସ୍ପର ପାଖରେ ଅଗ୍ନି ପରୀକ୍ଷା ହିଁ ତ ଦିଅନ୍ତି। ଆଜବେଷ୍ଟେସ ଛାତଥିବା ଘର, ଅଦିନିଆଁ ବର୍ଷା ଠାଏ ଠାଏ ଛାତରୁ ଗଳୁଥିବା ଠପ୍ ଠପ୍ ପାଣିବୁନ୍ଦା, ସମୁଦ୍ରରେ ନିଆଁ ଲାଗିବ, ଜାଳି ଦେବ ସେମାନଙ୍କୁ, ସେ ଦହନର ତାତିରେ ସାରା ଜୀବନ ଜଳିବେ ସେମାନେ। ଉପରକୁ ସଂସାରୀ

ମଣିଷର ଭଦ୍ରମୁଖା ପିନ୍ଧି ହସ ଚେନାଏଁ ଫିଙ୍ଗୁଥିବେ ନିଜ ନିଜ ଆତ୍ମୀୟସ୍ୱଜନମାନଙ୍କୁ।

ଏଇ ମୌସୁମୀର ପିଢିଟା କେତେ ଫ୍ରାଙ୍କ। ଦିନେ ହଠାତ୍ ସୁମିତ୍ ସହ ପରିଚୟ କରେଇ କହିଲା--'ମାମା ! ଏ ପିଏଚ୍.ଡି. ସ୍କଲାର ସୁମିତ୍, ଟାଲେଣ୍ଟେଡ, ତା ପାଇଁ ୟୁନିଭର୍ସିଟିର ପ୍ରଫେସର ପୋଷ୍ଟଟା ଥୁଆ। ସୋସିଆଲ ମିଡିଆରେ ଆମେ ଏବେଠୁ ଇନ୍ ରିଲେସନ ଟେଗ୍ ଦେଇଛୁ। 'ଜୀବନଟା ତାଙ୍କ ପାଇଁ ଫୁଲାଫାଙ୍କିଆ, ବେଲୁନ୍‌ର ଗ୍ୟାସ୍ ଭଳି। ତାଙ୍କ ପାଖରେ ସବୁକିଛି ହାଲୁକା। ଆଜି ରିଲେସନ ତ କାଲି ବ୍ରେକଅପ୍, ସତେ ଯେମିତି ଜୀବନଟା ସରଳ ରେଖାଟିଏ ପରି ଗତି କରେ। ଦିନେ ତାଙ୍କ ମନର ଭୟ ଉକୁଟି ଉଠିଲା କଥାରେ, 'ପୁରୁଷଙ୍କୁ ବିଶ୍ୱାସ ନାଇଁରେ ମାଆ ଜଗିରଖି ଚଳିବୁ। 'ମୌସୁମୀ ଦୁଇ ହାତକୁ ତାଙ୍କ ବେକରେ ଛନ୍ଦିଦେଇ ଗେହ୍ଲେଇ ହେଲା। କିନ୍ତୁ ଦୃଢତାର ସହ କହିଲା,'ମାମା ! ତୁମେ ଏତେ ପ୍ରୋଗେସିଭ ମର୍ଡନ ତଥାପି ଗତାନୁଗତିକ କଥା କୁହ କାହିଁକି ସବୁ ବାପା ମାଆଙ୍କ ପରି ତୁମେ ବି ଏତେ ଇନସିକ୍ୟୁଅର୍ଡ ଫିଲ୍ କର। ଆଜିକାଲି ଲିଭ୍-ଇନ୍-ରିଲେସନସିପ୍ ପରେ ବି ବ୍ରେକ ଅପ୍ କରି ଅନ୍ୟ କେଉଁଠି ସୁଖରେ ଘର ସଂସାର କରୁଛନ୍ତି। ସୁମିତ୍ ପୁରୁଷ ନୁହେଁ, ସେ ସୁପୁରୁଷ, ଖୁବ୍ ଉଚ୍ଚାଭିଳାଷୀ। ସେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ପାର କରି ନିଶ୍ଚୟ ଦିନେ ଶୀର୍ଷରେ ପହଞ୍ଚିବ। ତୁମେ ଏତେ ପ୍ରେସର ନିଅ ନାହିଁ।

ପ୍ରେମିକର ଉଚ୍ଚାଭିଳାଷ ତାକୁ ସାଧାରଣ ସଂସାରୀଟିଏ କରି ଗଢି ତୋଳିପାରେ ନାହିଁ। ହସଖୁସିର ସଂସାର ପରସ୍ପରକୁ ପାଖରେ ପାଇବାର ବ୍ୟାକୁଳତା, ଏସବୁର ପଥରୋଧ କରେ ଏ ଉଚ୍ଚାଭିଳାଷ ଓ ସଫଳତାର ମୋହ। ପ୍ରେମକୁ ପାଣିଚିଆ କରେ। ଯିଏ ସଫଳତାର ମହୁ ଥରେ ଚାଖିଛି ସେ ସେଇ ପଥରେ ଦୌଡୁଥାଏ। ସେଥିପାଇଁ ସେ ପ୍ରେମିକାରୁ ସ୍ତ୍ରୀ ପାଲଟି ଥିବା ନାରୀର ଅଭିମାନ, ବକ୍ରୋକ୍ତି ସବୁକୁ ମାଛିନାହୁଡ ପରି ସହିଯାଏ ପଛକେ, ସେ ପଥରୁ ଓହରିପାରେନା। କାଦମ୍ବିନୀଙ୍କ ତଣ୍ଟି ପାଖରେ କଥାସବୁ ରହିଯାଏ, ପାଟି ଅଠା ଅଠା ଲାଗେ। ସେ ଚୁପ୍ ରହନ୍ତି। ତାଙ୍କୁ ତ ପୁଣି ଆଜିକାଲିର ଯୁଗସହ ତାଳ ଦେଇ ଚାଲିବାକୁ ପଡ଼ିବ।

ନିଜ ହାତଅଙ୍କା ଚିତ୍ରପଟଟିକୁ ଅନେଇଲେ କାଦମ୍ବିନୀ। ପୁରୁଣା, ହେଲେ ସୁନ୍ଦର ରଙ୍ଗଦିଆ ଆଜବେଷ୍ଟସର ଘର ତଳେ କଅଁଳା ଛୁଆଟିଏ। ଚିତ୍ରକୁ ଦେଖି ମୌସୁମୀ ଦିନେ କହିଥିଲା 'ଚିତ୍ରଟି ପୂରା ସିମ୍ବଲିକ ମାମା, ନିଜ ଚରିତ୍ରକୁ ସ୍ୱଚ୍ଛ ପ୍ରମାଣିତ କରିବା ପାଇଁ ଅନେକେ ନିଜ ପିଲାଙ୍କୁ ଏମିତି ପରିତ୍ୟକ୍ତ ଘରେ ଫିଙ୍ଗି ଦିଅନ୍ତି, ତାଙ୍କ ଭାଗ୍ୟ ଭବିଷ୍ୟତର ହିସାବ ରଖୁଛି କିଏ ? କାଦମ୍ବିନୀଙ୍କ ଚରିତ୍ରର ସାର୍ଟିଫିକେଟ ତାଙ୍କ ସ୍ୱାମୀ, ସମରେଶ।ହେଲେ ମନ ଗହନର ଅତଳ ଜଳରାଶିରେ ଜଳେ ନିଆଁ, ନିରୋଳା ମୁହୂର୍ତ୍ତଗୁଡିକରେ ଯେବେ ପଶିଆସେ ତାଙ୍କ କଲେଜ ଜୀବନର ଅନ୍ତରଙ୍ଗ ବଂଧୁ, ରାକେଶ। ସେ କିନ୍ତୁ ନଷ୍ଟ ଚରିତ୍ରା ହୁଅନ୍ତିନି। ଚରିତ୍ରଟି ଯେ କେତେ ସୂକ୍ଷ୍ମ ଚିଜ, ତାହା ସେ ଭଲଭାବରେ ଜାଣିଛନ୍ତି। ତା'ର ଆଇ.ଏ.ଏସ୍. ହେବାର ସ୍ୱପ୍ନ ପୂରା ନ ହେବା ଯାଏଁ ସେ ସଂସାର ନାମକ ଜଞ୍ଜାଳରେ ବାନ୍ଧି ହୋଇପାରିବନି ବୋଲି ରୋକଠୋକ କଥା ରାକେଶର। କାଦମ୍ବିନୀଙ୍କ ବିବାହ ସମରେଶଙ୍କ ସହ ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଛି। ବିବାହ ତିଥି ନିର୍ଦ୍ଦିଷ୍ଟ। ସେ ନିଜେ ହିଁ ରାଜେଶକୁ ସବୁ ଅବଗତ କରାଇ ସେଦିନ ତା' ସହ ବହୁ ଦୂରକୁ ଚାଲିଆସିଥିଲେ।

**ନିଜ ଚରିତ୍ରକୁ ସ୍ୱଚ୍ଛ ପ୍ରମାଣିତ କରିବା ପାଇଁ ଅନେକେ ନିଜ ପିଲାଙ୍କୁ ଏମିତି ପରିତ୍ୟକ୍ତ ଘରେ ଫିଙ୍ଗି ଦିଅନ୍ତି, ତାଙ୍କ ଭାଗ୍ୟ ଭବିଷ୍ୟତର ହିସାବ ରଖୁଛି କିଏ ?**

ଫେରିଲାବେଳେ ଅଚାନକ ମେଘ ଓ ବର୍ଷା ବରକୋଳିଆ ଟୋପା ସବୁ ପଡୁ ପଡୁ ରାସ୍ତାକଡରେ ଥିବା ଆଜବେଷ୍ଟସ ଛାତ ଥିବା ଘରକୁ ରାକେଶକୁ ଟାଣିନେଲେ କାଦମ୍ବିନୀ। ରିଲେରେସ୍ ପରି ବର୍ଷା ବର୍ଷୁଥାଏ। କମିବାର ନା ନାହିଁ। ଚତୁର୍ଦ୍ଦିଗ ଶୂନ୍‌ଶାନ୍ କଳାହାଣ୍ଡିଆ ମେଘର ଆସ୍ତରଣ ପତଳା ଅନ୍ଧାରର ଭ୍ରମ ସୃଷ୍ଟି କରୁଛି। ଘଡଘଡି ବିଜୁଳି ଜାଳୁଛି ନିଆଁ। ସେ ନିଆଁର ଲେଲିହାନ ଶିଖାରେ କାଦମ୍ବିନୀ ହିଁ ରାକେଶକୁ ଝାସଦେବାକୁ ବାଧ୍ୟ କରିଥିଲେ। ତାଙ୍କ ଆଲିଙ୍ଗନରେ ଓଠର ସ୍ପର୍ଶରେ, ଆଉ ଦୁହେଁ ଭୋଗିନେଲେ ଏକାନ୍ତ ମୁହୂର୍ତ୍ତର ନିଷିଦ୍ଧ ଫଳର ସ୍ୱାଦ।

କାଦମ୍ବିନୀ ଅନୁଭବ କଲେ ତାଙ୍କ ଶରୀରରେ ହେଉଥିବା ଅଭାବନୀୟ ପରିବର୍ତ୍ତନକୁ। ସେଇ ମାସରେ ସେ ସମରେଶଙ୍କୁ

ବିବାହ କରି ନିଷ୍କଳଙ୍କ ହୋଇଗଲେ। ସେ ଉଲ୍ଲସିତା, ତାଙ୍କ ପ୍ରେମର ବୀଜ ତାଙ୍କ ଗର୍ଭରେ, ତାକୁ ଅତି ସନ୍ତର୍ପଣରେ ସେ ଦୁନିଆକୁ ଆଣିବେ। କଳ କଳ ନଈପରି ବହିଯାଉଥିବା ତାଙ୍କର କଥାଚାତୁରୀ, ସୌନ୍ଦର୍ଯ୍ୟର ନାଲି ଓଢଣିର ସିଲହଟ୍ ଓ ଉଚ୍ଛୁଳି ପଡୁଥିବା ଯୌବନକୁ ନେଇ ବେଶ୍ ସନ୍ତୁଷ୍ଟ ସମରେଶ। ଲୁଚିଗଲା ତାଙ୍କ ପ୍ରେମିକାପଣର ଦୁଷ୍ଟାମି। ଗହନ ରାତ୍ରିର ଏକାନ୍ତ ମୁହୂର୍ତ୍ତଗୁଡିକରେ କାଦମ୍ବିନୀଙ୍କ ଦେହରେ ପିଙ୍ଗଳାର ଶୋଷକୁ ଆବିଷ୍କାର କରନ୍ତି ସମରେଶ। ସନ୍ଦେହର ଲେଶମାତ୍ର ଚିହ୍ନ ନ ଥିଲା ତାଙ୍କ ବ୍ୟବହାରରେ। ସ୍ୱୀର ପ୍ରେମବୋଳା କଥା, ତା'ର ନିଃସର୍ତ୍ତ ସଙ୍ଗଦାନ ତା'ର ଚରିତ୍ରବତୀ ହେବାର ସାର୍ଟିଫିକେଟ ପାଇଁ ଯଥେଷ୍ଟ। ସମରେଶ ଉଲ୍ଲସିତ ଯେ ଏତେ ଶୀଘ୍ର ତାଙ୍କ ପୌରୁଷର ପରିଚୟ ଦେବାକୁ ଦୁନିଆକୁ ଜଣେଇବା ପାଇଁ କେହିଜଣେ ଆସୁଛି। ସମସ୍ତେ ପ୍ରଶଂସା କରନ୍ତି ତାଙ୍କର ସ୍ମାର୍ଟପଣକୁ। କାହାରି ସାହାଯ୍ୟ ନ ନେଇ ପତିଙ୍କ କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ନ କରି ଏକା ଏକା ଡାକ୍ତରଙ୍କ ପାଖକୁ ଯିବା, ନିଜର ଯତ୍ନ ନିଜେ ନେବା ଓ ଅନଦୃଷ୍ଟିରେ ସମୟ ପୂର୍ବରୁ ଜନ୍ମ ନେଇଥିବା ପିଲାଟିକୁ ବଞ୍ଚେଇ ନିଜର ପାରିବାପଣର ପରିଚୟ ଦେଇଛନ୍ତି। ସେଥିରୁ ଜନ୍ମ ନିଏ ତାଙ୍କର ପେଣ୍ଟିଙ୍ଗ, ମେଘର ମିଳନ ପର୍ବର ସ୍ୱୀକୃତିକୁ ଜାହିର କରେ। ଏକଥା କେବଳ ଜାଣନ୍ତି ଏକା କାଦମ୍ବିନୀ।



ପୁଣି ଘଡଘଡି ଓ ବର୍ଷା ଆନମନା କରୁଛି ତାଙ୍କୁ। ସେଠି ମୌସୁମୀ ଓ ସୁମିତ୍, ସେ ବୁଝେଇ ପାରିବେନି ମୁହଁରେ ଯାଦୁକରି ହସଟିଏ ନେଇ କୃଷ୍ଣଚୂଡାର ଋତୁରେ ଜଳିବାର ସନ୍ତାପକୁ। ବିଜୁଳିର ସମ୍ମୋହନରେ ବାଟବଣା ହୋଇଥିବା ବିଟପୀ ହେବାରୁ ସେ ନିଜକୁ ସିନା ରକ୍ଷା କରିପାରିଛନ୍ତି ହେଲେ ମୌସୁମୀ, ସେ ପୁଣି ମିଛ ପ୍ରେମିକାଟିଏ ପାଲଟି ଯିବ ନାହିଁ ତ? ବ୍ୟସ୍ତ ବିବ୍ରତ କାଦମ୍ବିନୀ ଫୋନ୍ ଲଗାଉଥିଲେ ମୌସୁମୀ ପାଖକୁ, ସେପଟୁ ଉତ୍ତର ଆସୁଥିଲା--ଆପ ଜିସ୍ ନମ୍ବର ପେ କଲ କର ରହେଁ ହେଁ ୱୋ ଅଭି ନେଟୱର୍କ କଭରେଜ କେ ବାହାର ହେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
panigrahisagareeka2@gmail.com



ଶିଶୁ ଗଳ୍ପ



# କୁନିବଣିର ବୁଦ୍ଧି

ପ୍ରେମାନନ୍ଦ ନାୟକ

ଗାଁ' ମୁଣ୍ଡ ଚାକୁଣ୍ଡା ଗଛରେ ରହୁଥିଲେ ଦି'ଟା କାଉ। ମା' କାଉ ଅଣ୍ଡା ଦେଲା। କାଉ ଦି'ଟା ଭାରି ଖୁସି ହୋଇଗଲେ। ଦିନେ କୁନି ବଣିଟିଏ ଆସି କାଉ ବସା ପାଖରେ ବସିଲା। ଏଠି ଜମା ଡରିବାର ନାହିଁ। ନଳୁଆ କେଳାର ଅଠାକାଠି ମୋତେ ଛୁଇଁପାରିବନି। କୁନି ବଣି ମା' କାଉକୁ କହିଲା - ମାଉସୀ, ମୁଁ ତମ ବସା ପାଖରେ ବସାଟିଏ ବାନ୍ଧିବି। ମା' କାଉ କହିଲା - ନାଇଁ, ନାଇଁ, ତୁ ଏଠି ବସା ବାନ୍ଧିଲେ, ମୋ ଅଣ୍ଡା ଉପରେ ନଜର ପକେଇବୁ। ତୋ' ନଜର ପଡ଼ି ମୋ ଅଣ୍ଡାଗୁଡ଼ା ଡାଆଣିଆ ହେଲେ ପଚିଯିବ।



କାଉ କଥା ଶୁଣି କୁନିବଣି ମନଦୁଃଖ କଲା। ଭାବିଲା ଗାଁ' ଭିତର ଗଛଗୁଡ଼ାକୁ ନଳୁଆ କେଳା ନିଇତି ଅଠାକାଠିରେ ଖେଞ୍ଚୁଛି। ଯାଉଚି ଗଛର ସବା ଆଗଡାଳରେ ବସା ବାନ୍ଧିବି। ଏହି ସମୟରେ ସାପଟାଏ ଧୀରେଧୀରେ ଗଛ ଉପରକୁ ଉଠୁଥିଲା। କୁନିବଣି ସାପକୁ ଦେଖିଦେଲା। ମନକୁ ମନ କହିଲା - ଏ ସାପ ନିଶ୍ଚେ କାଉ ମାଉସୀର ଅଣ୍ଡା ଖାଇବାକୁ ଆସୁଚି। ଏକଥା କାଉ ମାଉସୀକୁ କହିଲେ, ସିଏ ମୋ' କଥାକୁ ବିଶ୍ୱାସ କରିବନି। କେମିତି ମୁଁ କାଉ ମାଉସୀକୁ ସାହାଯ୍ୟ କରିବି!


ଆଖି ପିଛୁଳାକେ ସାପଟା କାଉବସା ପାଖରେ ପହଞ୍ଚିଗଲା। କାଉ କା-କା ହବାରୁ ସାପ ଫଣା ଟେକି ଫଁ ଫଁ ହେଲା। କାଉ ଉଡିଯାଇ ଉପର ଡାଳରେ ବସି କା-କା ହେଲା। ସାପ ଦି'ଟା ଅଣ୍ଡା ଗିଳିଦେଇ ଚାଲିଗଲା। କୁନିବଣିକୁ ଭାରି ବାଧିଲା। ମନକୁ ମନ କହିଲା- ସାପ, କାଉ ମାଉସୀର ଅଣ୍ଡା ଖାଇବାକୁ ସବୁଦିନ ଆସିବ! ମୁଁ ଯେମିତି ହଉ କ'ଣ ଗୋଟାଏ କରି ସାପକୁ ପାନେ ଚଖେଇବି।

ସାପଟା ସବୁଦିନ କାଉ ବସାକୁ ଯାଇ ଅଣ୍ଡା ଗିଳିଦେଇ ଚାଲିଯାଏ। କାଉ ଖାଲି କା-କା ହୁଏ, କିଛି କରିପାରେନି। କୁନି ବଣି ନିଜକୁ ସମ୍ଭାଳି ପାରିଲାନି। ଦିନେ ସକାଳୁ ଗାଁ ମଝିକୁ ଉଡ଼ିଗଲା। ଦେଖିଲା, ଜେଜେ ମା' ତା' ନାତୁଣୀ ବେକରୁ ସୁନା ଚେନ୍‌ଟା ଖୋଲି ତଳେ ରଖିଲେ। ତା' ପରେ ତେଲ ମାଲିସ୍ କଲେ। କୁନିବଣି ମୁଣ୍ଡକୁ ଉପାୟଟେ ଆସିଗଲା। ଡେରି ନ କରି ସେ ସୁନା ଚେନ୍‌ଟାକୁ ଥଣ୍ଟରେ ଧରି ଚାକୁଣ୍ଡା ଗଛ ଆଡକୁ ଧୀରେ ଧୀରେ ଉଡିବାକୁ ଲାଗିଲା। ଜେଜେ ମା' ପାଟି କରି କହିଲେ- ଆରେ ମୋ' ନାତୁଣୀର ସୁନା ଚେନ୍‌ଟାକୁ ବଣି ଚଢ଼େଇ ନେଇଗଲା। କିଏ କୋଉଠି ଅଛରେ, ବଣି ଚଢ଼େଇକୁ ଦେଖ ଚେନ୍‌ଟାକୁ କୋଉଠି ନେଇ ପକେଇବ। ଜେଜେ ମା'ଙ୍କ ପାଟି ଶୁଣି ଚାରିଟା ପିଲା ଦୌଡି ଆସିଲେ। ଜେଜେ ମା'ଙ୍କଠୁ ସବୁକଥା ଶୁଣି ଗାଁ ମୁଣ୍ଡ ଆଡକୁ ଦୌଡିଲେ। ଦେଖିଲେ ବଣି ଚଢ଼େଇଟା ସୁନା ଚେନ୍ ଥଣ୍ଟରେ ଧରି ଚାକୁଣ୍ଡା ଗଛରେ

ବସିଲା। ଦେଖ ଦେଖ ସେ କୋଉ ଡାଳରେ ବସୁଛି। ତା'ପରେ ଗଛରେ ଚଢ଼ିଲା। ହେଇ... ହେଇ.... ଦି' ଡାଳ ମଝିରେ ଥିବା ବସା ପାଖରେ ବଣି ଚଢ଼େଇ ବସିଚି। ଏ ମୋତେ କ'ଣ ଅନେଇଚୁ? ଦେଖୁନୁ ବଣି ସେଇ ବସା ଭିତରେ ଚେନ୍‌ଟାକୁ ଗଳେଇ ଦେଲା।

କାଉ ପଚାରିଲା- ଏ ବଣି, ସୁନା ଚେନ୍‌ଟା କୋଉଠୁ ଆଣିଲୁ? ବଣି କହିଲା - ସେ କଥା ପରେ ଜାଣିବ। ଏଠୁ ଚାଲିଯାଅ। କାଉ ଉପର ଡାଳରେ ଯାଇ ବସିଲା। ବଣି ପତ୍ର କନ୍ଦିରେ ଲୁଚି ବସିଲା। ଏହି ସମୟରେ ସାପ ଆସି କାଉ ବସାରେ ମୁହଁ ପୂରେଇଲା।

ଜେଜେ ମା'ଙ୍କ ସୁନା ଚେନ୍‌ଟି ତଳକୁ ଆଣିବା ପାଇଁ ଦି'ଟା ପିଲା ବାଡ଼ି ଧରି ଚାକୁଣ୍ଡା ଗଛକୁ ଚଢ଼ିଲେ। ଆଉ ଦି' ଜଣ ତଳେ ଛିଡ଼ା ହେଲେ। ପିଲା ଦି'ଟା କାଉ ବସା ପାଖରେ ପହଞ୍ଚି ଦେଖିଲେ, ବସାରେ ସାପଟାଏ ଗୁଡେଇ ହେଇ ଶୋଇଚି।



ଡେରି ନ କରି ବାଡ଼ିରେ ସାପକୁ ଖେଞ୍ଚିଲେ। ସାପ ତଳେ ପଡ଼ିଗଲା। ତଳେ ଥିବା ପିଲାମାନେ ବାଡ଼େଇ ବାଡ଼େଇ ସାପକୁ ଛେଚେରା କରିଦେଲେ।

କାଉ କୁନି ବଣି ପାଖକୁ ଯାଇ ଖାଲି କାନ୍ଦିଲା। ମନକୁ ମନ କହିଲା - ତୋ' ବୁଦ୍ଧିକୁ ମାନିଲି। ତୋ' ଛୋଟ ମୁଣ୍ଡରେ ଏତେ ବୁଦ୍ଧି! ତୁ ନ ଥିଲେ ତ ଆଜି ସାପ ମୋର ବଳକା ଅଣ୍ଡାଗୁଡ଼ିକୁ ଗିଳି ଦେଇଥାନ୍ତା।

(୪ ରୁ ୮ ବର୍ଷର ପିଲାଙ୍କ ପାଇଁ)

□□

ଲେଖକଙ୍କ ଇ-ମେଲ ଠିକଣା:
prema.nayak1959@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




ପୁସ୍ତକ ସମୀକ୍ଷା

# ରାତି ପାହିଲେ ସକାଳ

**ଲେଖକ: ଭାସ୍କର ପରିଛା**

**ପ୍ରକାଶକ: ବ୍ଲାକ୍ ଈଗଲ୍ ବୁକ୍ସ**

**ପୃଷ୍ଠା : ୨୨୭, ମୂଲ୍ୟ: ଟ. ୨୮୦/-**

ଲେଖକଙ୍କ ଦ୍ୱାରା ଗୋଟିଏ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ରଚିତ ନିୟମିତ ସ୍ତମ୍ଭର ୫୯ଟି ସୁନିର୍ବାଚିତ ରଚନାକୁ ନେଇ ସଂକଳିତ ହୋଇଛି ପୁସ୍ତକଟି। ଏଥିରେ ସନ୍ନିବେଶିତ ଲେଖାଗୁଡ଼ିକୁ ଆମେ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରିପାରିବା। ପ୍ରଥମତଃ ସେହି ଧରଣର ରଚନା, ଯେଉଁଥିରେ ଚର୍ଚ୍ଚିତ ହୋଇଥିବା ବିଷୟଗୁଡ଼ିକର ଚିରନ୍ତନ ଅବା ଦୀର୍ଘକାଳୀନ ପ୍ରାସଙ୍ଗିକତା ରହିଛି। ଦ୍ୱିତୀୟତଃ, ସେହି ପର୍ଯ୍ୟାୟର ଲେଖା, ଯାହା ତାତ୍କାଳିକ ଘଟଣାବଳୀ ଉପରେ ଆଧାରିତ ଏବଂ ଯାହା ହୁଏତ ସାମ୍ପ୍ରତିକ କାଳ ପାଇଁ ବିଶେଷ ପ୍ରାସଙ୍ଗିକ ନୁହେଁ। ତଥାପି ଉଭୟ ଶ୍ରେଣୀର ଲେଖା ଆମର ପଠନୀୟ। ଏହାର ଯଥାର୍ଥତା ସମ୍ପର୍କରେ ମତ ରଖିବାକୁ ଯାଇ ବହିଟିର ମୁଖବନ୍ଧରେ ଯତୀନ୍ଦ୍ର କୁମାର ନାୟକ ଲେଖିଛନ୍ତି, 'ଅନେକ ଦିନ ତଳେ ଲେଖାଯାଇଥିବା ସ୍ତମ୍ଭଗୁଡ଼ିକୁ ଏକାଠି ପଢ଼ିଲେ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଥିବା ଗଭୀର କିନ୍ତୁ ଅଦୃଶ୍ୟ ସମ୍ପର୍କ ଆଖିରେ ପଡ଼େ ଓ ଇତିହାସକୁ ବୁଝିବା ପାଇଁ ସୁଯୋଗ ଦିଏ।'

ସଂକଳିତ ରଚନା ଗୁଡ଼ିକରେ ବିଷୟବସ୍ତୁ ଜନିତ ବିବିଧତା ସହଜରେ ବାରିହୁଏ। ଲେଖକଙ୍କ ଭାଷାରେ, ଏହି ସଙ୍କଳନରେ ସାମ୍ବାଦିକତା ସମ୍ପର୍କିତ ଲେଖା ଅଛି; ସାହିତ୍ୟ ଅଛି; ଶ୍ରଦ୍ଧାଞ୍ଜଳି ଅଛି; ଶିଳ୍ପ, ବ୍ୟବସାୟ, ତାତ୍କାଳିକ ଘଟଣା, ଶିକ୍ଷା, ସ୍ୱାସ୍ଥ୍ୟ, ଆନ୍ତର୍ଜାତିକ ସ୍ଥିତି, ରାଜନୀତି, ପ୍ରଶାସନ ଓ ଗଣତନ୍ତ୍ର – ଏସବୁ ବିଷୟ ଉପରେ ପ୍ରକାଶିତ ଆଲୋଚନା ମଧ୍ୟ ଅଛି। ଏ ଦୃଷ୍ଟିରୁ ଏହା ସବୁ ବର୍ଗର ପାଠକଙ୍କୁ ସୁହାଇଲା ଭଳି ପ୍ରସ୍ତୁତିଟିଏ।

ଏକ ସଂକଳିତ ରଚନାଗୁଡ଼ିକର ଆଉ ଏକ ଉଲ୍ଲେଖନୀୟ ଦିଗ ହେଲା ଲେଖକଙ୍କର ସ୍ପଷ୍ଟବାଦିତା। ଉଦାହରଣ ସ୍ୱରୂପ,'ବିଚରା ସାମ୍ବାଦିକ' ଶୀର୍ଷକ ଲେଖାଟିରେ ନିଜେ ସାମ୍ବାଦିକତା ବୃତ୍ତିରେ ଥାଇ ମଧ୍ୟ ଲେଖକ ଏହି ପେଶାର ସାମ୍ପ୍ରତିକ ଅବକ୍ଷୟ ସମ୍ପର୍କରେ ନିଜର ଖୋଲା କଥା କହିବାକୁ ପଛାଇନାହାନ୍ତି। ସେ କହିଛନ୍ତି, ସାମ୍ବାଦିକମାନେ ଚାହିଁଲେ ସରକାରଙ୍କୁ ପଲଟେଇ ଦେଇପାରିବେ, କ୍ଷମତାଶାଳୀଙ୍କୁ ମୋଡ଼ି ଦେଇ ପାରିବେ ଓ ସାମ୍ରାଜ୍ୟକୁ ଟଳେଇ ଦେଇପାରିବେ। ହେଲେ କେବେ ସିନା ସାମ୍ବାଦିକମାନେ ଏସବୁ କରୁଥିଲେ ! ଆଜି କ'ଣ ଏସବୁ କରୁଛନ୍ତି ? ଅସୀଠାରୁ ମସି ଶକ୍ତିଶାଳୀ – ଏହି କୋଟେସନ୍ କ'ଣ ଆଜି କାମ ଦେଉଛି ? ସେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ମିଡ଼ିଆରେ ଏବେ ଯେଉଁ ପ୍ରତିଯୋଗିତା ଚାଲିଛି ତା'ର ପ୍ରଥମ ଶିକାର ହେଉଛି ଖବରର ସଠିକତା।

ଆମ ସାମୂହିକ ଜୀବନର କେତୋଟି ପ୍ରଣିଧାନ ଯୋଗ୍ୟ ଦିଗକୁ ନେଇ ପରିଚର୍ଚ୍ଚା ମଧ୍ୟ ଏଥିରେ ସ୍ଥାନ ପାଇଛି; ଯେମିତି 'ହସ ପାଇଁ ଏଲିଜି' ଶୀର୍ଷକ ରଚନାରେ ମଣିଷ ଜୀବନରେ ହସର ଭୂମିକା ବିଷୟରେ ଏକ ମନୋରମ ବିଶ୍ଲେଷଣ ଦେଖିବାକୁ ମିଳେ। ହସ ତାଲିକାରେ ଆମ ରାଜ୍ୟର ସ୍ଥାନ କେଉଁଠି ? ଏହାର ଉତ୍ତର ଦେବାକୁ ଯାଇ ଲେଖକ କହିଛନ୍ତି ଯେ ଆମ ପାଖରେ କୌତୁକ ନାହିଁ। ଆମେ ରଙ୍ଗପ୍ରିୟ ନୋହୁଁ କି ସରସତା ଆମ ମୁହଁରେ ଦେଖାଯାଏ ନାହିଁ। ସେ ଅନୁରୋଧ କରିଛନ୍ତି ଯେ ଯେଉଁମାନେ ଓଡ଼ିଆ ମଧ୍ୟବର୍ଗର ସାନି ଇତିହାସ ଲେଖୁଛନ୍ତି ସେମାନେ ଓଡ଼ିଆଙ୍କ ଏହି ଅ-ହସର କାରଣ ଖୋଜନ୍ତୁ।

ପ୍ରାୟତଃ ଦେଖାଯାଏ ଯେ ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ହେଉଥିବା ଅଧିକାଂଶ ନିୟମିତ ସ୍ତମ୍ଭର ଲେଖାଗୁଡ଼ିକୁ ପରବର୍ତ୍ତୀ ସମୟରେ ପୁସ୍ତକାକାରରେ ପ୍ରକାଶିତ କରାଯାଇଥାଏ। ଏ ଦୃଷ୍ଟିରୁ ଏହି ପର୍ଯ୍ୟାୟର ଅନେକ ବହି ବର୍ତ୍ତମାନ ଉପଲବ୍ଧ। ଆଶା କରାଯାଏ ଯେ ଆଲୋଚିତ ସଂକଳନଟି ଏହି ପ୍ରେକ୍ଷାପଟରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ।

*– ନିହାର ଶତପଥୀ*

# ସାହିତ୍ୟ ସମାଚାର

## ରେଭେନ୍ସା ଓଡ଼ିଆ ବିଭାଗ ପକ୍ଷରୁ ଲୋକରତ୍ନ ସ୍ମାରକୀ ବକ୍ତୃତାମାଳା



ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ସେଭେନ ପିଲାର ଉଇଜଡ଼ମ୍' ଠାରେ ଏପ୍ରିଲ୍ ୨୫ ତାରିଖ ଦିନ 'ଲୋକରତ୍ନ ସ୍ମାରକୀ ବକ୍ତୃତା ମାଳା' ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କୁଞ୍ଜବିହାରୀ ଦାଶଙ୍କ ନାମରେ ନାମିତ ଏହି ସ୍ମାରକୀ ବକ୍ତୃତାମାଳାରେ ବିଶିଷ୍ଟ ଲୋକତତ୍ତ୍ୱବିତ ଆଚାର୍ଯ୍ୟ ଭାବାନନ୍ଦ ଉଦଘାଟକ ଭାବରେ ଯୋଗ ଦେଇ କୁଞ୍ଜବିହାରୀ ଦାଶଙ୍କ ସହ ବିତେଇ ଥିବା ମୁହୂର୍ତ୍ତର ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ଅତିଥି ପ୍ରଫୁଲ୍ଲ କୁମାର ମହାନ୍ତି କୁଞ୍ଜବିହାରୀଙ୍କ ସାହିତ୍ୟର ବିବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ସ୍ମାରକୀ ବକ୍ତବ୍ୟ ପ୍ରଦାନ କରିଥିଲେ ନାଟ୍ୟକାର ତଥା ସମାଲୋଚକ ରମେଶ ପ୍ରସାଦ ପାଣିଗ୍ରାହୀ। ସେ ମୁଖ୍ୟତଃ କୁଞ୍ଜବିହାରୀ ଦାଶଙ୍କ ଉପନ୍ୟାସ 'ଗ୍ରାମାୟଣ'ର ଭିନ୍ନତା ଓ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ବାବାଜୀ ଚରଣ ପଟ୍ଟନାୟକ ଓ ସନ୍ତୋଷ କୁମାର ତ୍ରିପାଠୀ କୁଞ୍ଜବିହାରୀଙ୍କ ଭ୍ରମଣ ସାହିତ୍ୟ ଓ କଥା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସ୍ମାରକୀ ବକ୍ତୃତା ମାଳାର ଆଭିମୁଖ୍ୟ ସମ୍ପର୍କରେ କୁଞ୍ଜବିହାରୀ ସ୍ମୃତି ସଂସଦର ଆବାହକ ଦେବପ୍ରିୟ ଦାଶ ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ବିଶ୍ୱଭାରତୀ ପ୍ରାକ୍ତନୀର ସଭାପତି ମିହିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସଂଯୋଜକ ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା।

## ଜେ.ଏନ୍.ୟୁ.ରେ ସାମ୍ପ୍ରତିକ ହିନ୍ଦୀ-ଓଡିଆ ନାଟକ ସମ୍ପର୍କରେ ଆଲୋଚନାଚକ୍ର



ନୂଆଦିଲ୍ଲୀ ସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ଆଦିକବି ସାରଳା ଦାସ ଚେଆର୍ ଏବଂ ଭୁବନେଶ୍ୱରର ନାଟ୍ୟ ସଂସ୍ଥା 'ଜୀବନରେଖା'ର ମିଳିତ ଉଦ୍ୟମରେ ଏପ୍ରିଲ୍ ୧୦ ତାରିଖରେ 'ସାମ୍ପ୍ରତିକ ହିନ୍ଦୀ-ଓଡିଆ ନାଟକ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଭାଷା କେନ୍ଦ୍ରର ଅଧ୍ୟକ୍ଷ ପ୍ରଫେସର ସୁଧୀର ପ୍ରତାପ ସିଂହ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପ୍ରଫେସର ଉଦୟନାଥ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତତ୍ ସହିତ ସେ ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଓ ଦିଲ୍ଲୀର 'ଅକ୍ଷରା ଥିଏଟର୍ସରେ 'ଜୀବନରେଖା' ଦ୍ୱାରା ଅଭିନୀତ 'ସମୁଦ୍ରରେ ରାଜହଂସୀ' ନାଟକର ବିଶଦ ବିବରଣୀ ପ୍ରଦାନ କରିଥିଲେ।

'ଜୀବନ ରେଖା'ର ସଭାପତି ଶ୍ରୀମତୀ ଚିନ୍ମୟୀ ଷଡ଼ଙ୍ଗୀ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଅଗ୍ରଗତି ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ଓଡ଼ିଶାର ପାରମ୍ପରିକ ନାଟ୍ୟକଳା କଣ୍ଢେଇ ନାଚ ସହ ସାଂପ୍ରତିକ ନାଟକର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ପ୍ରତିଷ୍ଠାନର ଡିନ୍ ପ୍ରଫେସର ଶୋଭା ଶିବଶଙ୍କର ନାଟକର ବିଶେଷତ୍ୱ ବିଶ୍ଳେଷଣ କରିଥିଲେ। ସଭାପତି ପ୍ରଫେସର ସୁଧୀର ପ୍ରତାପ ସିଂହ ସମକାଳୀନ ନାଟକର ସଂଜ୍ଞା, ଓଡ଼ିଆ ନାଟକର ଶ୍ରେଷ୍ଠତ୍ୱ ବର୍ଣ୍ଣନା ସହ ହିନ୍ଦୀ-ଓଡିଆ ନାଟକର ଅନୁବାଦ ଓ ଅନୁସୃଜନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

# ଶେଷ ପୃଷ୍ଠା



# ଅଭ୍ୟୁକ୍ରୋଶନ *

ମଧ୍ୟଇଂରାଜୀ ଶିକ୍ଷା ଉତ୍ତାରୁ ଶିକ୍ଷା ପାଠ୍ୟକ୍ରମରେ ଥିବା ରୋମାନିଆର ଲୋକକଥାଟିଏ ପଢ଼ିଥିଲି; ଦି ଲ୍ୟାଣ୍ଡ୍ ଓ୍ୱିଦାଉଟ୍ ଓଲ୍ଡ୍‌ମ୍ୟାନ୍। ସେହି ଦେଶବାସୀ ସଭିଏଁ ଦୁର୍ଦ୍ଦିନରୁ ଉଦ୍ଧାର ପାଇବାକୁ ଏହା ସମୁଝି ପାରିଥିଲେ ଯେ, ପ୍ରପୁତ୍ର-ପୌତ୍ରଙ୍କୁ ଏକ ସୁରକ୍ଷିତ ପୃଥିବୀ ଦେବାକୁ ହେଲେ ପ୍ରପିତାମହ ତଥା ପ୍ରପିତୃବ୍ୟ ସମଗ୍ରଙ୍କୁ ସମ୍ମାନର ସହ ତାଙ୍କ ଅନୁଭବ ଓ ଅନୁଭୂତି ସହ ବଞ୍ଚେଇ ରଖିବାକୁ ହେବ। ଏଥିରୁ କିଛି ବୁଝିଲେ କି ନାହିଁ! ଯଦି ହଁ ତେବେ ଏବଠୁଁ ଆଗାମୀ ପୀଢ଼ିଙ୍କୁ ସୁଧାରିବାରେ ଲାଗିଯାନ୍ତୁ; ଯଦି ନାହିଁ ତେବେ ଆସନ୍ତୁ, ସୁଧୀ ସମଗ୍ରଙ୍କୁ ଆରମନ୍ତେ ସମଝାଉଛି।

୧୯୨୦ ବେଳର କଥା। ପୃଥିବୀର ପ୍ରଥମ ଜାତୀୟ ଉଦ୍ୟାନ "ୟେଲୋଷ୍ଟୋନ୍ ଜାତୀୟ ଉଦ୍ୟାନ"ରୁ ଇହାବୃକଗଣ ଅନ୍ତର୍ଦ୍ଧାନ ହେବାରେ ଲାଗିଲେ। ଫଳତଃ, ଏଥିଉତ୍ତାରୁ ଘୋଡ଼ଙ୍ଗ ଜାତୀୟ ତୃଣଭୋଜୀ ପ୍ରାଣୀ ସମୂହଙ୍କ ସଂଖ୍ୟା ଓ ଉତ୍ପାତ ବଢ଼ିବାରେ ଲାଗିଲା। ଏହି ଉଦ୍ୟାନ ପରିବେଶର ସମସ୍ତ ସବୁଜ ବୃକ୍ଷଙ୍କ ସଂଖ୍ୟା ସେହି ପରିମାଣରେ ହ୍ରାସ ହେବାରେ ଲାଗିଲା। ଏହି ଉଦ୍ୟାନ ଏକ ମରୁଭୂମି ପ୍ରାୟେକ ହୋଇଗଲା। ୭୦ ବର୍ଷ ପରେ ସେହି ଅଞ୍ଚଳକୁ ପୁନରାଗମନ ହେଲା ଇହାବୃକସମୂହଙ୍କର। ଏମାନଙ୍କର ଉପସ୍ଥିତି ଅନେକ ତୃଣଭୋଜୀଙ୍କ ପାଇଁ କାଳ ହେଲା। ଧିରେଧିରେ ସେମାନଙ୍କ ସଂଖ୍ୟା ହ୍ରାସ ହେଲା।

ଭବିଷ୍ୟତର ସୁରକ୍ଷା ନିମିତ୍ତ ଆମକୁ ଏହି ଭଳି ଇହାବୃକସମୂହଙ୍କୁ ଫେରାଇ ଆଣିବାକୁ ପଡ଼ିବ; କେବଳ ଉଦ୍ୟାନ ନୁହଁ ଆମ ସମାଜରେ ମଧ୍ୟ ଏହିଭଳି ଇହାବୃକସମୂହଙ୍କ ଅନୁପସ୍ଥିତି ଆଜି ଆମର ସାମାଜିକ ଉଦ୍ୟାନକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି ଅଭ୍ୟୁକ୍ରୋଶନରେ ଉତ୍ଫୁଲ୍ଲ ହୋଇ ଉଠୁଥିବା ଅଧିକାଂଶ ସାହିତ୍ୟରଥୀଙ୍କ ଦ୍ୱାରା। ଆମ ସମାଜର ସାହିତ୍ୟ ଉଦ୍ୟାନରେ ଶିଶୁସାହିତ୍ୟ ଲତା, ଗୁଳ୍ମ, ବୃକ୍ଷସମୂହର ଅଭାବ ନିଶ୍ଚିତ ଭାବେ ପରିଲକ୍ଷିତ ହେଉଛି। କାରଣ ଆଉ ଜେ'ବା ଓ ଜେ'ମା ତଥା ଅଜା ଆଇ ସବୁ ଆଉ କୁନାକୁନୀ, ମୁନାମୁନୀ ତଥା ଟୁନାଟୁନୀ ସବୁଙ୍କୁ ଶୁଆସାରୀ ଅବା ଟୁଆଁଟୁଇଁ ପ୍ରଭୃତି କଥାକାହାଣୀ ଶୁଣାଉନାହାନ୍ତି। ଆଉ ଶୁଭୁନାହିଁ ଇଟିକିଲି ମିଟିକିଲି ଓ କାଇଁଚମାଳି କଥା, ଆଉ ଗଙ୍ଗାରାଣୀ ନାଚୁନାହିଁ ଏତିକି ଏତିକି ପାଣିରେ, ଅବୋଲକରା ପଣ୍ଡିତଙ୍କୁ ଜଗି ବସିଛି କମ୍ବଳ ଓ ଛତା ପୋତି, ତେଣେ ବୁଢ଼ୀ ଅସୁରୁଣୀର ଜୀବନ ନାଟିକା ସେଇ ଫଗୁଆରେ ଭଅଁର ସହ ସାତତାଳ ପଙ୍କରେ ବୁଡ଼ି ରହିଛି।

ମୋ ମାଟିର କେତେ କୁନିଝିଅକୁ ସେଇ କଥା ନଶୁଣି ପାରି ଯନ୍ତ୍ରଚାଳିତ ପରଦାକୁ ଟିପାଟିପି କରି ନିଦକୁ ଗଲେଣି। ଚାଲନ୍ତୁନା, ଆମ ସମାଜର ଇହାବୃକସମୂହଙ୍କୁ ଫେରାଇ ଆଣିବା ଆଉ ଉଦ୍ଧାର କରିବା ସାହିତ୍ୟ ଉଦ୍ୟାନକୁ ଧ୍ୱସ୍ତବିଧ୍ୱସ୍ତକାରୀଙ୍କ କବଳରୁ। ସାମ୍ପ୍ରତିକ ପରିସ୍ଥିତିରେ ଆମର ଏହି କୋମଳମତି ଶିଶୁମାନଙ୍କ ପାଇଁ ଆମ ଭାଷା ଓ ସାହିତ୍ୟର ପାଠ, ପୁସ୍ତକ, ପାଠାଗାରର ଆବଶ୍ୟକ ଅଛି। ଆଉ ସର୍ବୋପରି ଆବଶ୍ୟକ ରହିଛି ପରିବାରର ଜ୍ୟେଷ୍ଠମାନଙ୍କର ଯେଉଁମାନେ ସେମାନଙ୍କ ଉର୍ବର ମସ୍ତିଷ୍କରେ ରଖୁଥିଲେ ବିକାଶ, ପ୍ରେରଣା ଓ ସଂସ୍କାରର ଅମୃତବୀଜ।

ଏଠାରେ କହିବା ବାହୁଲ୍ୟ ଯେ, ଚାଣକ୍ୟନୀତି କହେ; ଯଦି ଜଣେ ଶିଶୁକୁ ଉତ୍ତମମାନର ଶିକ୍ଷା ଓ ସଂସ୍କାର ନ ଦିଆଯାଏ ତେବେ ତାହାର ପରିବାର ତଥା ମାତା ଶତ୍ରୁ ଓ ପିତା ବଇରୀତୁଲ୍ୟ ହୁଅନ୍ତି। କାରଣ ଏହି ଭଳି ଶିଶୁର ମାନସିକ ବିକାଶ ହୁଏ ନାହିଁ ଏବଂ ସେ ଭବିଷ୍ୟତରେ ସୁବୋଧ ଗୁଣୀଜନ ମାନଙ୍କ ମଧ୍ୟରେ ଜଣେ ଅବୋଧ ଓ ଅଜ୍ଞାନ ନାଗରିକ ହୋଇ ରହେ ଯେପରିକି ରାଜହଂସମାନଙ୍କ ମଧ୍ୟରେ ଗୋଟିଏ ବତକ। ଏଣୁ ଶିକ୍ଷିତ, ସାହିତ୍ୟିକ ଓ ସମାଜ ସଂସ୍କାରକଗଣ ଏହି ବାର୍ତ୍ତାକୁ ହୃଦୟଙ୍ଗମ କରିବା ହିଁ କାମ୍ୟ।

-ପ୍ରଭୂ

* **ଅଭ୍ୟୁକ୍ରୋଶନ** - ଜେଜେକାର; ଉଚ୍ଚୈଃସ୍ୱରରେ ପ୍ରଶଂସା

ଲେଖକଙ୍କ ଇ-ମେଲ ଠିକଣା:
prasantabhunya@gmail.com


HEALTH
H+ ™
ON TOP
a health lifestyle store
200+
GYM, HEALTH EQUIPMENT & FITNESS ACCESSORIES
300+
ERTFIED ORGANIC GROCERY PRODUCTS
The Best of Health Products & Accessories
Organic Grocery
Massage Chairs
Open Air Gym Equipments
Hospital Furniture
Gym Equipments
Mobility Aids
Hemraj
A unit of Neelams Lifestyle
75, Janpath, Unit-III, (3rd Floor - Lift Facilities), Bhubaneswar-751001
7205842882
/Health on Top
www.healthontop.co.in


Latest Collection
for all Occasion
AMBER
Fashionable Textile Shoppee
BHUBANESWAR
95, JANPATH, UNIT-III ● DISTRICT CENTRE, CHANDRASEKHARPUR
PATRAPADA MAIN ROAD ● LINGIPUR MAIN ROAD
Hemraj
SAREES | SUITING | SHIRTING | READYMADES | TEENS & KIDS WEAR

**Jugaad Corner**

A bit of Jugaad & lots of Love





Jugaad Corner deals with
supplies of raw bases for
art and craft purposes
for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture
all kinds of MDF and pinewood products
that are further used by artists and crafters
all over India for their creative projects.

Our designs are exclusively curated for
home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers
deals with art and craft
finished products and
orders even accepted on
çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers

*Blessed Fingers*





SAHITYA CHARCHA ● May 2023 ● Rs.40

RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.

Editor : Nihar Ranjan Satpathy